ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୮/୨୦୧୯ (୨୦ ପୃଷ୍ଠା) | Bhubaneswar, Friday, February 8/ 2019 | ★★★★★★

୪୫ଶ ଭାଗ ୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-

KP GROUP
Quality Since 1965

Safal
PAN MASALA

ସେହି ମଜାର ପ୍ରତିଶ୍ରୁତି
ଏବେ ଦୁଇଗୁଣରୁ ବି ବେଶି!

0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

KP GROUP
Quality Since 1965
ଛୋଟ ଛୋଟ
କ୍ଷଣଗୁଡ଼ିକର
ନିଆରା ଯାତ୍ରା...
Anokha Swad
20% EXTRA
कमला पसन्द
अनोखा स्वाद
0% TOBACCO
पान मसाला
କମଲା ପସନ୍ଦ
ବୈଧାନିକ ସତର୍କତା: ପାନମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। (NOT FOR MINORS) 0% TOBACCO * NICOTINE NOT ADDED * MAGNESIUM NOT ADDED
Watch at : YouTube

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୮/୨୦୧୯ | Bhubaneswar, Friday, February 8/2019 | ପୃଷ୍ଠା-୧

ମାର୍ଚ୍ଚ ୯ରେ ଆକାଶ ଅମ୍ବାନୀଙ୍କ ବିବାହ

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ପୁତ୍ର ଆକାଶ ଆସନ୍ତା ମାର୍ଚ୍ଚରେ ଶ୍ଳୋକା ମେହେଟ୍ଟାଙ୍କୁ ବିବାହ କରିବାକୁ ଯାଉଛନ୍ତି।

୦୭ ୧୪

ଗୋଲ୍ଡ କପ୍ ଫୁଟ୍‌ବଲକୁ ନେଇ ଉତ୍ସାହିତ ଶ୍ରଦ୍ଧାଞ୍ଜଳି

କଳିଙ୍ଗ ଷ୍ଟାଡିୟମରେ ଗୋଲ୍ଡ କପ୍ ଅନ୍ତର୍ଜାତୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟରେ ଭାରତ କଡ଼ା ଟକ୍କର ଦେବ ବୋଲି ଆଶା ରଖିଛନ୍ତି ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ।

ରେପୋ ରେଟ୍ ୦.୨୫% ହ୍ରାସ

ମୁମ୍ବାଇ,୭।୨

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗୁରୁବାର ଚଳିତ ଆର୍ଥିକ ବର୍ଷ ପାଇଁ ଏହାର ୬ଷ୍ଠ ତଥା ଅନ୍ତିମ ମୁଦ୍ରାନୀତି ଘୋଷଣା କରିଛି। ଦୀର୍ଘ ୧୭ ମାସ ପରେ ରେପୋ ରେଟ୍‌ରେ ୨୫ ବେସିସ୍ ପଏଣ୍ଟ ଅର୍ଥାତ୍ ୦.୨୫% ହ୍ରାସ କରାଯାଇଛି। ୨୦୧୭ ଅଗଷ୍ଟରେ କେନ୍ଦ୍ରୀୟ ବ୍ୟାଙ୍କ ଏହାର ମୁଦ୍ରାନୀତିରେ ରେପୋ ରେଟ ହ୍ରାସ କରିଥିଲା। ଫଳରେ ଏହା ୬.୫ରୁ ୬.୨୫ପ୍ରତିଶତକୁ ହ୍ରାସ ପାଇବ। ଏଥିଯୋଗୁ ସାଧାରଣ ଜନତାଙ୍କୁ ଆଶ୍ୱସ୍ତି ମିଳିବାକୁ ଯାଉଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ମୁଦ୍ରା ନୀତି ସମୀକ୍ଷା କମିଟି(ଏମ୍‌ପିସି)ର ୬ ସଦସ୍ୟଙ୍କ ମଧ୍ୟରୁ ୪ ଜଣ ରେପୋ ରେଟ ହ୍ରାସକୁ ସମର୍ଥନ କରିଥିବା ବେଳେ ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟ ଓ ଚେତନ ଘାଟେ ଏହାକୁ ବିରୋଧ କରିଥିଲେ। ସୂଚନାଥାଉ କି, ଆର୍‌ବିଆଇ ବିଗତ ୩ ଥର ନିଜର ମୁଦ୍ରାନୀତିରେ କୌଣସି ପରିବର୍ତ୍ତନ ଆଣି ନ ଥିଲା। ପୂର୍ବରୁ ଏହା ଦୁଇଥର ୦.୨୫% ହିସାବରେ ରେପୋ ରେଟ ବଢ଼ାଇଥିଲା। ଡିସେମ୍ବର ୨୦୧୮ ମୁଦ୍ରା ନୀତିରେ ରିଜର୍ଭ ବ୍ୟାଙ୍କ ସୁଧ ହାର ଅପରିବର୍ତ୍ତିତ ରଖିଥିଲେ ମଧ୍ୟ ଆଗାମୀ ଦିନରେ କୌଣସି ବିପଦ ଦେଖା ନ ଦେଲେ ସୁଧ ହାର ହ୍ରାସ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ରିଜର୍ଭ ବ୍ୟାଙ୍କର ଗଭର୍ନର ଭାବେ ଶକ୍ତିକାନ୍ତ ଦାସ ଦାୟିତ୍ୱ ନେବା ପରେ ପ୍ରଥମଥର ମୁଦ୍ରା ନୀତି କମିଟି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଚଳିତ ଆର୍ଥିକ ବର୍ଷ ଲାଗି ରିଜର୍ଭ ବ୍ୟାଙ୍କ ଶେଷ ମୁଦ୍ରା ନୀତି ଘୋଷଣା କରିଛି।

ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଗୁରୁବାର ଭାଜପା ଯୁବ ମୋର୍ଚ୍ଚାର ଆନ୍ଦୋଳନକାରୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି।

ପୋଲିସ ଉପରେ ଭାରି ପଡ଼ିଲା ଭାଜପା ଯୁବମୋର୍ଚ୍ଚା ଆନ୍ଦୋଳନ

ଗାନ୍ଧୀମାର୍ଗ ରଣକ୍ଷେତ୍ର: ୭ ଆହତ, ୪ଶହ ଗିରଫ

ଭୁବନେଶ୍ୱର,୭।୨ (ବ୍ୟୁରୋ)

- ବିଧାନସଭା ଘେରାଉବେଳେ ପୋଲିସ-ଆନ୍ଦୋଳନକାରୀ ମୁହାଁମୁହିଁ
- ମାଡ଼ମାରି ଗିରଫ କରାଯାଇଥିବା ଅଭିଯୋଗ
- ପୋଲିସ ଉପରକୁ ପାଣି ପାଉଚ୍, ଟମାଟୋ ଓ ପଥର ମାଡ଼

ଚାଷୀ ଆନ୍ଦୋଳନକୁ ଦମ୍ ଲଗାଇ ପୋଲିସ ବୁଧବାର ଭଣ୍ଡୁର କରିଥିଲା। ଗୁରୁବାର କିନ୍ତୁ ପରିସ୍ଥିତି ଓଲଟିଯାଇଥିଲା। ପୋଲିସ ଉପରେ ଭାରି ପଡ଼ିଗଲା ଭାଜପା ଯୁବ ମୋର୍ଚ୍ଚାର ଆନ୍ଦୋଳନ। ବେକାରି ସମସ୍ୟା ନେଇ ହଜାର ହଜାର ଯୁବମୋର୍ଚ୍ଚା କର୍ମୀ ବିକ୍ଷୋଭ ଶୋଭାଯାତ୍ରାରେ ବିଧାନସଭା ଘେରାଉ କରିବାକୁ ଯାଉଥିବାବେଳେ ବାଟ ଓଗାଳିଥିଲା ପୋଲିସ। ଏତେ ସଂଖ୍ୟକ ଆନ୍ଦୋଳନକାରୀଙ୍କୁ ଅଟକାଇବାରେ ପୋଲିସକୁ ନାକେଦମ୍ ହେବାକୁ ପଡିଥିଲା। ଏପରି ସ୍ଥିତି ଉପୁଜିଥିଲା ଯେ ଦୁଇଘଣ୍ଟା ଧରି ଗାନ୍ଧୀମାର୍ଗ ରଣକ୍ଷେତ୍ର ପାଲଟିଯାଇଥିଲା। ମାଡ଼ମାରି ଗିରଫ କରାଯାଉଥିବା ଅଭିଯୋଗ ଆଣି ଆନ୍ଦୋଳନକାରୀ ପୋଲିସ ଉପରକୁ ଆକ୍ରମଣ ଆରମ୍ଭ କରିଦେଇଥିଲେ। ପ୍ରଥମେ ଧସ୍ତାଧସ୍ତି ଓ ପରେ ପାଣିପାଉଚ୍, ଟମାଟୋ, ପଥର ମାଡ଼ ହୋଇଥିଲା। ଏଥିରେ ୭ଜଣ ଆହତ ହୋଇଥିବା ଜଣାପଡିଛି। ଆହତଙ୍କ ମଧ୍ୟରେ ୪ଜଣ ଆନ୍ଦୋଳନକାରୀ, ଜଣେ ଖବରଦାତା ଓ ଅନ୍ୟ ଦୁଇଜଣ ପୋଲିସ ରହିଛନ୍ତି। ତେବେ ଏହି ଘଟଣାରେ ପୋଲିସ ୪ଶହ ଆନ୍ଦୋଳନକାରୀଙ୍କୁ ଗିରଫ କରିଥିବା ☞ପୃଷ୍ଠା–୬

ବିଧାନସଭାରେ କାମଚଳା ବଜେଟ ଉପସ୍ଥାପନ କଲେ ଅର୍ଥମନ୍ତ୍ରୀ

୪ ମାସ ପାଇଁ ୫୬,୯୨୧ କୋଟି

ଭୁବନେଶ୍ୱର, ୭।୨(ବ୍ୟୁରୋ)

ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଆସନ୍ତା ୪ ମାସ ପାଇଁ ୫୬ ହଜାର ୯୨୧ କୋଟି ଟଙ୍କାର କାମଚଳା ବଜେଟ ପ୍ରସ୍ତୁତ କରିଛନ୍ତି । ଗୁରୁବାର ଅପରାହ୍ନରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଏହି ବଜେଟକୁ ଅନୁମୋଦନ ପାଇଁ ବିଧାନସଭାରେ ଉପସ୍ଥାପନ କରିଛନ୍ତି। ନିର୍ବାଚନକୁ ଦେଖି ରାଜ୍ୟ ସରକାର କୃଷକ, ଯୁବଗୋଷ୍ଠୀ, ମହିଳାମାନଙ୍କୁ ଖୁସି କରାଇବାକୁ ଉଦ୍ୟମ କରିଛନ୍ତି। ଏହାଛଡ଼ା ଖାଦ୍ୟ ନିରାପତ୍ତା, ସାମାଜିକ ନିରାପତ୍ତା, ସ୍ୱାସ୍ଥ୍ୟ, ମହିଳା ସଶକ୍ତୀକରଣ, ଜନଜାତି ବିକାଶ, ଶିକ୍ଷା, କୁଶଳୀ ଓଡ଼ିଶା, କ୍ରୀଡ଼ା, ଜଳସେଚନ ଆଦି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ବଜେଟରେ ପ୍ରାକୃତିକ ବିପର୍ଯ୍ୟୟ ଓ ନିର୍ବାଚନ ପରିଚାଳନା ନିମନ୍ତେ ଶତ ପ୍ରତିଶତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ବାର୍ଷିକ ବ୍ୟୟ ଅଟକଳ ପାଇଁ ମୂଳ ବଜେଟର ପ୍ରାୟ ଶତକଡ଼ା ୪୦ ପ୍ରତିଶତ ବ୍ୟୟବରାଦ କରାଯାଇଛି।

ଟଙ୍କାଟିଏ ଆୟ



- ରାଜ୍ୟର ନିଜସ୍ୱ ଟିକସ
- ଋଣ ଏବଂ ଅଗ୍ରିମ ଆଦାୟ
- ରାଜ୍ୟର ନିଜସ୍ୱ ଅଣ–ଟିକସ
- ଅଂଶଧନ ବାବଦ ଟିକସ
- କେନ୍ଦ୍ରଠାରୁ ମିଳୁଥିବା ଅନୁଦାନ
- ଅନ୍ୟାନ୍ୟ ସୂତ୍ରରୁ ଋଣ
- ପ୍ରୋଭିଡେଣ୍ଟ ଫଣ୍ଡ, ଅନ୍ୟାନ୍ୟ ଫଣ୍ଡ ଏବଂ ଜମା(ନେଟ୍)

ଟଙ୍କାଟିଏ ବ୍ୟୟ



- ଋଣର ସୁଧ ପରିଶୋଧ
- ଋଣ ବାବଦ କିସ୍ତି ପ୍ରଦାନ
- ଋଣ ବିତରଣ(ପ୍ରଶାସନ)
- ଅନ୍ୟାନ୍ୟ ରାଜସ୍ୱ ବ୍ୟୟ
- ପୁଞ୍ଜି କ୍ଷେତ୍ରରେ ବ୍ୟୟ(ଋଣ ବାବଦ ଦେୟ ଫେରସ୍ତ ବ୍ୟତିରେକ)
- ବିପର୍ଯ୍ୟୟ ପ୍ରଶମନ ପାଣ୍ଠି
- ରାଜ୍ୟରୁ ସ୍ଥାନାନ୍ତର ବାବଦ ଦେୟ

ବଜେଟକୁ ନେଇ ବିଭିନ୍ନ ବର୍ଗର ପ୍ରତିକ୍ରିୟା: ପୃ-୫

ବ୍ୟୟ ଅଟକଳ

- ୨୦୧୯-୨୦ ପାଇଁ ୧.୩୨ କୋଟି
- ନିର୍ବାଚନ ପାଇଁ ୯୦ କୋଟି
- ୧୦୦ କୋଟିରେ ହେବ ହାଇକୋର୍ଟ ବେଞ୍ଚ ଭିତ୍ତିଭୂମି
- ୧ ଲକ୍ଷ ୩ ହଜାର କୋଟିରେ ପହଞ୍ଚିବ ରାଜ୍ୟ ଋଣଭାର
- ଖୋଲାବଜାରରୁ ଉଠାଯିବ ୧୪ ହଜାର କୋଟି ଋଣ
- ୮.୫% ଆର୍ଥିକ ଅଭିବୃଦ୍ଧି ଲକ୍ଷ୍ୟ

ଦରମା ବାବଦରେ ୨୫ ହଜାର ୫ ଶହ କୋଟି, ପେନ୍‌ସନ୍ ୧୩ ହଜାର ୩ଶହ କୋଟି, ସୁଧଦେୟ ବାବଦରେ ୬ହଜାର ୫ଶହ କୋଟି ଏବଂ ପୁଞ୍ଜି ପରିଚାଳନା ପାଇଁ ୪ ହଜାର ୮ଶହ ୮୦ କୋଟି ଟଙ୍କାକୁ ମିଶାଇ ମୋଟ ☞ପୃଷ୍ଠା–୬

ପ୍ରତିଶ୍ରୁତି ନୁହେଁ, କାମରେ ବିଶ୍ୱାସ

ବଜେଟ ବିକାଶମୁଖୀ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୨(ବ୍ୟୁରୋ)

ପ୍ରତିଶ୍ରୁତି ନୁହେଁ, ପ୍ରକୃତ କାର୍ଯ୍ୟରେ ବିଶ୍ୱାସ ରଖୁ। ରାଜ୍ୟ ସରକାରଙ୍କ କାମ ହିଁ କଥା କହିଥାଏ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଚଳିତ ବିଧାନସଭା ବଜେଟ ଅଧିବେଶନରେ ୪ ମାସିଆ କାମଚଳା ବଜେଟ ଉପସ୍ଥାପନ ପରେ ମତାମତ ଦେଇ ମୁଖ୍ୟମନ୍ତ୍ରୀ ଏହି କଥା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବଜେଟ କୃଷକ, ଗରିବ, ମହିଳା, ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି) ଏବଂ ଯୁବବର୍ଗ ପାଇଁ କଲ୍ୟାଣକାରୀ। ଭୋଟ୍–ଅନ୍–ଆକାଉଣ୍ଟ ତଥା ଲେଖାନୁଦାନ ହୋଇଥିଲେ ବି ବଜେଟ ବିକାଶମୁଖୀ। ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ପର୍ଯ୍ୟାପ୍ତ ଅର୍ଥ ପ୍ରଦାନ କରାଯାଇଥିବାରୁ ସେ ଖୁସି ବୋଲି କହିଛନ୍ତି। ଆଗତ ବଜେଟରେ କାଳିଆ ଯୋଜନା, କାଳିଆ ସ୍କଲାରଶିପ୍ ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ), ଲୋକପ୍ରିୟ ଆମ ଗାଁ ଆମ ବିକାଶ ଯୋଜନା, ସାମାଜିକ ସୁରକ୍ଷା ଅଧୀନରେ ଆସୁଥିବା ମଧୁବାବୁ ପେନ୍‌ସନ୍ ଯୋଜନା, ଗୃହ ନିର୍ମାଣ, ପାନୀୟ ଜଳ ଏବଂ ସମସ୍ତଙ୍କୁ ବିଜୁଳି ଆଦି କାର୍ଯ୍ୟକ୍ରମରେ ଆବଶ୍ୟକ ବ୍ୟୟବରାଦ କରାଯାଇଛି। ସେହିପରି ମେକ୍ ଇନ୍ ଓଡ଼ିଶାକୁ ତୃଣମୂଳସ୍ତରରେ ସଫଳ ରୂପାୟନ ସହ ରାଜସ୍ୱ ଏବଂ ରୋଜଗାର ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ବଜେଟ ରାଜ୍ୟ ସରକାରଙ୍କୁ ଉନ୍ନତିମୂଳକ କାର୍ଯ୍ୟ କରିବାରେ ସହାୟକ ହେବା ନେଇ ମୁଖ୍ୟମନ୍ତ୍ରୀ ଆଶାବାଦୀ।

ବିଶ୍ୱବ୍ୟାଙ୍କ ମୁଖ୍ୟ ଭାବେ ଡେଭିଡ ମଲ୍ପାସଙ୍କ ନାମ ସୁପାରିସ

୧୨

ଆଜିର ସମ୍ପାଦକୀୟ

ଅସାର ବଜେଟ

ଆଜିର ମନ୍ତବ୍ୟ

ସିରିଆ ରାଷ୍ଟ୍ରପତି ବଶର ଅଲ୍-ଅସାଦ୍ ଆମେରିକାର ଶତ୍ରୁ ନୁହଁନ୍ତି।

– ତୁଲସୀ ଗାବାର୍ଡ, ଆମେରିକା ଡେମୋକ୍ରାଟିକ୍ ପାର୍ଟି ନେତା

କିଛି ତଥ୍ୟ

୧୦ମ ସିଟି ଗ୍ୟାସ୍ ପ୍ରକଳ୍ପ ଡିଷ୍ଟ୍ରିବ୍ୟୁଶନ ରାଉଣ୍ଡରେ ଦେଶରେ ୫୦,୦୦୦ କୋଟି ନିବେଶ ଲକ୍ଷ୍ୟ ରଖାଯାଇଛି।

- ପିଏନ୍‌ଜିଆର୍‌ବି

SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com

NECC NATIONAL EGG CO-ORDINATION COMMITTEE
07.02.2019
Venkobb CHICKEN

Dist	Farm Gate/Kg	With Skin/Kg	Skinless /Kg
BBSR	78	129	139
CTC	79	131	141
DKL	78	129	139
BDK	80	132	142
BLS	81	133	143
ANG	80	132	142

Eggs Retail Price- 50/-Dozen
Issued in the Interest of Consumers
*Conditions Apply

ସ୍କୁଲ ଯାଉଥିବା ସମ୍ପର୍କୀୟ ଭଉଣୀଙ୍କୁ ବଳାତ୍କାର

ଅନୁଗୋଳ ଅଫିସ, ୭।୨

- ଛୁରି ଦେଖାଇ ରାସ୍ତାରୁ ଉଠାଇ ନେଇଥିଲେ ଭାଇ
- ଆଠଗଡ଼ ଜଙ୍ଗଲରେ ଧମକାଇ କରିଥିଲେ ବଳାତ୍କାର
- ଭୁବନେଶ୍ୱର ଷ୍ଟେଶନରୁ ଧରିଲା ଅନୁଗୋଳ ପୋଲିସ

ଅନୁଗୋଳ ଥାନା ଅଞ୍ଚଳର ଏକ ବାଳିକା ବିଦ୍ୟାଳୟକୁ ଯାଉଥିବା ନାବାଳିକା ଭଉଣୀଙ୍କୁ ବୁଧବାର ରାସ୍ତାରୁ ଉଠାଇ ନେଇ ସମ୍ପର୍କୀୟ ଭାଇ ସୁମିତ ସ୍ୱାଇଁ (୨୩) ଓରଫ ସାଗର ଆଠଗଡ଼ ଜଙ୍ଗଲରେ ବଳାତ୍କାର କରିବା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଛୁରି ଦେଖାଇ ବଳାତ୍କାର ପରେ ଭଉଣୀଙ୍କୁ ନେଇ ରାଜ୍ୟ ବାହାରକୁ ଖସି ଯିବାକୁ ଭୁବନେଶ୍ୱର ଷ୍ଟେଶନରେ ଅପେକ୍ଷା କରିଥିବା ଅଭିଯୁକ୍ତ ଭାଇ ସାଗରଙ୍କୁ ଅନୁଗୋଳ ପୋଲିସ ଗିରଫ କରିଛି। ଏ ସଂକ୍ରାନ୍ତରେ ନଂ. ୯୩/୧୯ରେ ଏକ ମାମଲା ରୁଜୁ କରି ପୋଲିସ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଛି। ଗୁରୁବାର ଅଭିଯୁକ୍ତ ସାଗରଙ୍କୁ କୋର୍ଟଚାଲାଣ କରାଯାଇଛି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ବୁଧବାର ପୂର୍ବାହ୍ନରେ ନାବାଳିକା ଭଉଣୀ ସାଙ୍ଗମାନଙ୍କ ସହ ସ୍କୁଲ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ ଭାଇ ସାଗର ଏକ ବାଇକ୍ (ନଂ.ଓଡି୧୯ଜେ–୬୯୧୩)ରେ ଆସି ଭଉଣୀଙ୍କ ବେକରେ ଛୁରି ଲଗାଇ ତାଙ୍କ ସହ ଯିବାକୁ ବାଧ୍ୟ କରିଥିଲେ। ଭୟରେ ଭଉଣୀ ଗାଡ଼ି ପଛରେ ବସିବା ପରେ ସାଗର ଆଠଗଡ଼ ଦେଇ ତାଙ୍କୁ ଭୁବନେଶ୍ୱର ଅଭିମୁଖେ ନେଇଯାଇଥିଲେ। ହେଲେ ରାସ୍ତା ପାର୍ଶ୍ୱରେ ଥିବା ଏକ ଜଙ୍ଗଲ ମଧ୍ୟରେ ଭଉଣୀଙ୍କୁ ବଳାତ୍କାର କରିଥିଲେ। ପରେ ଭଉଣୀଙ୍କୁ ରାଜ୍ୟ ବାହାରକୁ ନେଇଯିବାକୁ ଭୁବନେଶ୍ୱର ଷ୍ଟେଶନରେ ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ପିଛା କରୁଥିବା ଅନୁଗୋଳ ପୋଲିସ ସେଠାରେ ପହଞ୍ଚି ସାଗରଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଉଭୟଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ଅଭିଯୁକ୍ତ ସାଗର ନିଜ ଦୋଷ ସ୍ୱୀକାର କରିବା ସହ ସମ୍ପର୍କୀୟ ଭଉଣୀଙ୍କୁ ପୂର୍ବରୁ ଭଲ ପାଇବା ଓ ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ତିକ୍ତତା ଦେଖାଦେବାରୁ ରାଗରେ ଏପରି କରିଥିବା ପୋଲିସକୁ କହିଥିଲେ। ଅପରପକ୍ଷରେ ସମ୍ପୃକ୍ତା ନାବାଳିକା ଭଉଣୀ ଥାନାରେ ବଳାତ୍କାର ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉଭୟଙ୍କ ଡାକ୍ତରୀ ମାଇନା କରିଥିଲା। ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି। ଅଭିଯୁକ୍ତ ବ୍ୟବହାର କରିଥିବା ବାଇକ୍‌କୁ ମଧ୍ୟ ଜବତ କରାଯାଇଛି।

ବାପା ସମ୍ମୁଖରେ ଝିଅକୁ ଗଣବଳାତ୍କାର

କିଷନଗଞ୍ଜ,୭।୨(ପି.ଟି.)

ବିହାର କିଷନଗଞ୍ଜ ଜିଲାରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ୧୯ ବର୍ଷୀୟା ଯୁବତୀଙ୍କୁ ତାଙ୍କ ବାପାଙ୍କ ଆଖି ସାମନାରେ ୬ ଜଣ ଯୁବକ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତମାନେ ଜୋର ଜବରଦସ୍ତ ଘରେ ପଶି ବାପଝିଅଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇଯାଇଥିଲେ। ସେମାନେ ବାପାଙ୍କୁ ଏକ ଗଛରେ ବାନ୍ଧିଦେଇ ତାଙ୍କ ସମ୍ମୁଖରେ ଝିଅକୁ ବଳାତ୍କାର କରିଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ଏ ସମ୍ପର୍କରେ କାହାକୁ ଜଣାଇଲେ ବାପଝିଅଙ୍କୁ ମାରିଦେବେ ବୋଲି ଅଭିଯୁକ୍ତମାନେ ଧମକ ଦେଇଥିଲେ। ଏସ୍‌ପି ଘଟଣାସ୍ଥଳ ପରିଦର୍ଶନ କରିବା ସହ ପୀଡିତା ଓ ତାଙ୍କ ବାପାଙ୍କୁ ଭେଟିଛନ୍ତି। ଫେରାର ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ଲାଗି ଏସ୍‌ପି କୋଡ଼ିଓ୍ୱାଡି ସମେତ ପାଖ ଥାନାଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି।

ନାବାଳିକାଙ୍କୁ ଅପହରଣ

ବଳାତ୍କାର ଅଭିଯୋଗ, ଜଣେ ଗିରଫ

ଦାରିଙ୍ଗବାଡ଼ି,୭।୨(ଡି.ଏନ.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଜଣେ ନାବଳିକାଙ୍କୁ ପ୍ରଥମେ ଅପହରଣ ଓ ପରେ ବଳାତ୍କାର କରିଥିବା ଅଭିଯୋଗରେ ଦାରିଙ୍ଗବାଡ଼ି ପୋଲିସ ଜଣେ ବିବାହିତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ଇସାକ୍ ପ୍ରଧାନ। ସେ ଗତ ଡିସେମ୍ବରରେ ନାବାଳିକାଙ୍କୁ ଅପହରଣ କରି କେଉଁ ଆଡ଼େ ନେଇଯାଇଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକ ଖୋଜାଖୋଜି କରିବା ପରେ ଡିସେମ୍ବର ୨୨ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ.୧୬୩/୧୮) ରୁଜୁ କରି ତଦନ୍ତ ଚଳାଇବା ସହ ନାବଳିକାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରୁଥିଲା। ତେବେ ଯୁବକ ଜଣକ ନାବଳିକାଙ୍କୁ କେଉଁ ଆଡ଼େ ନେଇ ପଳାଇ ଯାଇଥିଲେ। ବୁଧବାର ସିମନବାଡ଼ି ଅଞ୍ଚଳରେ ଥିବା ଜାଣି ପୋଲିସ ନାବଳିକାଙ୍କୁ ଉଦ୍ଧାର କରିବା ସହ ଯୁବକଙ୍କୁ ଗିରଫ କରିଥିଲା। ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ସହ ନାବଳିକାଙ୍କୁ ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରାଯାଇଥିବା ତଦନ୍ତ କରୁଥିବା ସବ୍‌ଇନ୍ସପେକ୍ଟର ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି।

ପୋଲିସ ସହ ଗୁଳି ବିନିମୟ

୧୦ ମାଓବାଦୀ ନିହତ

ମାଲକାନଗିରି,୭।୨(ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ନିକଟସ୍ଥ ମାଡ଼ ଜଙ୍ଗଲରେ ଗୁରୁବାର ପୋଲିସ ମାଓବାଦୀ ମୁହାଁମୁହିଁ ହୋଇଛନ୍ତି। ଫଳରେ ପୋଲିସ ଗୁଳିରେ ୧୦ ଜଣ ମାଓବାଦୀ ନିହତ ହୋଇଛନ୍ତି। ଏହା ବିଜାପୁର ପୋଲିସ ପାଇଁ ଏକ ବଡ଼ ସଫଳତା ବୋଲି କୁହାଯାଉଛି। ତେବେ ଏହାଦ୍ୱାରା ଲାଲବାହିନୀକୁ ବଡ ଝଟକା ଲାଗିଛି।

ଖବରରୁ ଜଣାପଡିଛି ବିଜାପୁର ଜିଲାର ଭେରମଗଡ଼ ଥାନା ଅନ୍ତର୍ଗତ ମାଡ଼ ଜଙ୍ଗଲ ଅଞ୍ଚଳରେ ମାଓବାଦୀଙ୍କ ଶିବିର ଚାଲିଥିବା ଖବର ପୋଲିସ ପାଖରେ ପହଞ୍ଚିଥିଲା। ପରେ ଏନେଇ ଡିଷ୍ଟ୍ରିକ୍ ରିଜର୍ଭ ଗାର୍ଡ (ଡିଆରଜି) ଓ ସ୍ପେଶାଲ ଟ୍ୟାକ୍ସ ଫୋର୍ସ (ଏସଟିଏଫ) ପକ୍ଷରୁ ମିଳିତ ଅପରେଶନ କରାଯାଇଥିଲା। ପୋଲିସକୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ। ପୋଲିସ ମଧ୍ୟ ଏହାର ଜବାବ ଦେଇଥିଲା। ବହୁ ସମୟ ଧରି ଗୁଳିଚାଳନା ପରେ ଜଙ୍ଗଲ ଦେଇ ମାଓବାଦୀମାନେ ସେଠାରୁ ଖସି ପଳାଇଥିଲେ। ଶେଷରେ ଘଟଣା ସ୍ଥଳ ତଲାସି ବେଳେ ୧୦ ଜଣ ମାଓବାଦୀଙ୍କ ମୃତଦେହ ମିଳିଥିଲା। ସେଠାରୁ ୧୧ଟି ବନ୍ଧୁକ ସହ ଅନ୍ୟାନ୍ୟ ମାଓବାଦୀ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ବିଜାପୁର ଏସପି ମୋହିତ ଗର୍ଗ କହିଛନ୍ତି ଯେ, ପୋଲିସ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି।

ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଗୁରୁବାର ପବନ ବହିବା ସାଙ୍ଗକୁ ପ୍ରବଳ ବର୍ଷା ହେବା ଫଳରେ ତାପମାତ୍ରା ୫ ଡିଗ୍ରୀ କମିଛି। ବର୍ଷ ଯୋଗୁ ସନ୍ଧ୍ୟା ୬ଟାରୁ ରାତି ୮ଟା ୪୫ ମଧ୍ୟରେ ୩୮ଟି ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି।

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ମିରା
ପରିବାରବର୍ଗ

ଗୋପିନାଥ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

classified

automobile

SALE

L&T Pc 71 Komatsu show room condition, 2009 Dec. (Mo): 7978887806. D-10897

Army jeep left hand 4x4wheel drive, diesel Issuz engine with all Army fittings Bhubaneswar. 9437022665. D-65472

HIRE

HAIWA- 10/12 chaka dalabody required monthly Tonej basis. 7008390351, 9348408215. D-10963

real estate

SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

Ready 2BHK/ 3BHK flat, Kalinga Nagar, Bhubaneswar (ORERA Approved) @ 40 lakh, No GST. 7381087905. D-65530

Gharabari boundary plot infront Krupajal Engineering College, Bhubaneswar: 9090899281, 8908805482. D-65461

ORERA registered 1BHK, studio flats @ Narendrakona, Puri. Construction in full swing. Mobile: 9238356740, 9437030740. D-65550

Gharabari boundary plots 200ft. road side, KIIT price- 900/-, 750/- gharabari plots AIIMS- 1250, Raghunathpur- 1700/-. 9040273330. D-10877

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଙ୍ଗାରୁ ବିକ୍ରିହେବ। 9178660666. D-65558

Plot on lowest bduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452. D-65817

Plot 2000 sqft. sale by owner at Arugul IIT Ranipur Mouza. Cont.: 7328861537. D-10863

ଭୁବନେଶ୍ୱର ଜଟଣୀଗେଟ୍ କିଛିଦୂରତାରେ 1200 sqft. 1,80,000/-, BEC କଲେଜ ଠାରେ 1200କୁ 3,00,000/- (outright). 9938177361, 7749026703. D-65354

Bhubaneswar AIIMS Hospital, MOBus stand ନିକଟରେ gharabari plot sale. 8480745797. D-65342

ଭୁବନେଶ୍ୱର Sum Hospital ନିକଟ କାଟେଣୀରେ yellowzone gharabari plot 550/-. 9777553622. D-64777

ନଖରା ତ୍ରିନାଥବଜାରଠାରେ SC ଘରବାରି plot 1200କୁ 3,60,000/- general plot 1200କୁ 5,40,000/- (outright) 9938177361, 7749026703. D-65353

7 guntha ghara-badi converted road side land at Bhatapada, Salepur, located adjacent to (Jagatpur-Kendrapada Highway) for immediate sale. Contact: 07829553888. D-10995

Tamando ବଜାର ପଛପଟେ ଏବଂ Infocity-II ପାଚେରି ପାଖରେ plot ପ୍ଲଟ ମିଳୁଅଛି। 9439864322. D-65356

ଭୁବନେଶ୍ୱର ତମାଣ୍ଡୋ ନିକଟରେ electricity 30' ରୋଡ ଥାଇ sqft. 970/-ରେ ପ୍ଲଟ କିଣନ୍ତୁ। 9776452737. D-65355

Gharabari boundary, 30' road plots available at Hanspal, Pahal, Pathargadia, Gudiapokhari, Sundarpada. 9937927876. D-11000

Patia KIIT ଜଗନ୍ନାଥ ମନ୍ଦିର ନିକଟରେ ବାସୋପଯୋଗୀ ପ୍ଲଟ ପାଚେରି electricity 30' road, registration ସହିତ sqft. 1100/-. 9937374868. D-65357

Cuttack CDA ବିକଳ୍ପ ଭାବରେ କାଠଯୋଡି ବ୍ରିଜ୍ sideରେ ନିଜସ୍ୱ 1200 sqft. landରେ 2BHK ସୁରମ୍ୟ ନିବାସ 23.5 lakhରେ ନିଅନ୍ତୁ। 9861258816. D-10990

2000 sqft. plot (10Nos) at Sankarpur, Vipul garden backside Ghatikia, Bhubaneswar (electricity, supply water, 30ft. road). 7381564227. D-65470

VISAKHAPATNAM: Independent Houses, Apartments, open plots in VUDA approved Gated community with Bank Loan Facility. 9703400096, 27. D-11014

GENERAL

SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65350

TO LET

300 sqft. with showroom for shop near Reliance Fresh, Ruchika Market, Baramunda, Bhubaneswar. Contact: 8763246739. D-58040

3BHK ground floor enough parking for office/ residence at VSS Nagar near Prabhujee School. 7978059473. D-10999

packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-10964

healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-65542

Rejuvenate and Ayurvedic full body massage by smart therapist. 9114402304. D-65543

Roshin ayurvedic massage club fully relaxed by smart lady home service facility available. 9937637219. D-65809

Experience full body massage with us by experts. Enquiry. 06742597822, 7377048581. D-65559

Herbal full body massage with refreshment by well trained therapist. 7381239385, 06742540855. D-65560

New opening ayurvedic full body massage. 7077444583. D-10885

Fantacy newly opening ayurvedic fullbody massage ledies, gents. 7609923705, 7438851534. D-38544

Laser treatment for arthritis, spondilitis, diabetic, foot, Ulcer, paralysis. US qualified Doctor for laser treatment. 7894744308. D-59851

Improving your health, skin care through expert therapist, excellent offer. 9668374480. D-65562

Newly opening ayurvedic body massage smart therapist, Shree herbal. 7750020754. D-65563

Herbal full body massage by smart/ expert therapist. Contact: 8338067247. D-65564

Welcome to Seva care sensational massage by expert therapist- 9937062638. D-65471

ତୃତୀୟ ଜନ୍ମଦିନ ଶୁଭେଚ୍ଛା

(ମିରା)

ସ୍ୱାଗତିକା ମହାରଣା

ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ତୁମ ଚଲାପଥ କୁସୁମିତ କରନ୍ତୁ ଏବଂ ତୁମକୁ ଦୀର୍ଘାୟୁ କରନ୍ତୁ।

ଶୁଭେଚ୍ଛା ସହ
ବାବା, ମମି, ଦାଦା, ଖୁଡୀ, ପିଉସା, ପିଉସୀ, ଜେଜେ, ଅଜା, ଆଈ, ମାମୁ, ମଉସା, ମାଉସୀ, ଭାଇ, ଭଉଣୀ ଏବଂ ପରିବାରର ସମସ୍ତ ସଦସ୍ୟ।

ଧ-୧୦୯୯୨

8th Marriage Anniversary

Kuna & Jhili
Athantar
Best wishes from: Family, Friends & Relatives. D-10994

Marriage Wish

Rajib Lochan (Ganu)
Naranpur, Balipatna, Khurdha
&
Swetalina (Little)
Khajuriapada, Niali, Cuttack
Best wishes from: Family, Friends & Relatives. D-11008

ବିବାହ ଶୁଭେଚ୍ଛା

ରବୀନ୍ଦ୍ର ସହିତ ଦୀପା

ତା. ୦୮।୦୨।୨୦୧୯ ଶୁକ୍ରବାର ଭଗବାନ ତମ ଦୁଇଜଣଙ୍କୁ ଆଶୀର୍ବାଦ କରିବା ସହ ଭଲରେ ରଖନ୍ତୁ। ନବଦମ୍ପତିଙ୍କର ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ପରୀକ୍ଷିତ, ସନ୍ଧ୍ୟା, ଖୁଡୀ, କାଜଲ, ନେହା, ଅନୀମା, ମୋନାଲିସା। ଧ-୧୦୯୯୮

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଘନ କୁହୁଡ଼ି: ୮ ଜିଲାକୁ ସତର୍କକଲା ପାଣିପାଗ ବିଭାଗ

ଭୁବନେଶ୍ୱର, ୭।୨(ବ୍ୟୁରୋ)

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୮ଟି ଜିଲାରେ ଘନ କୁହୁଡି ହେବ। ସେହି ଜିଲାଗୁଡିକ ହେଲା କେନ୍ଦ୍ରାପଡା, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, କଟକ, ଭଦ୍ରକ, ବାଲେଶ୍ୱର ଏବଂ ଯାଜପୁର। ଏହାଛଡା ୮ ଓ ୯ ତାରିଖରେ ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡିଶାର କେତେକ ଜିଲାରେ ହାଲକା ବର୍ଷା ହେବାର ସମ୍ଭାବନା ରହିଛି। ଏପରି କି କେତେକ ସ୍ଥାନରେ କୁଆପଥର ସହ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ବରଗଡ, ସୋନପୁର, ବଲାଙ୍ଗୀର, ନୂଆପଡା, କଳାହାଣ୍ଡି, ନବରଙ୍ଗପୁର ଏବଂ କୋରାପୁଟ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୯ ଓ ୧୦ରେ କନ୍ଧମାଳ, ବୌଦ୍ଧ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ, ଝାରସୁଗୁଡା ଜିଲାର କେତେକ ସ୍ଥାନରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ରାଜ୍ୟରେ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବାରେ ଲାଗିଛି। ପାରଦ ଉପରମୁହାଁ ହୋଇଛି। ଦିନରେ ତାତି ଅସ୍ତବ୍ୟସ୍ତ କଲାଣି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ମାଲକାନଗିରିରେ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୩୪.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ମାଲକାନଗିରି ୩୪.୫, ଅନୁଗୋଳ ୩୪.୧, ସୋନପୁର ୩୪.୨, କଟକ ୩୪ ଏବଂ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଝାରସୁଗୁଡ଼ା ବିମାନ ବନ୍ଦରରେ ଓହ୍ଲାଇବେ ନାହିଁ ମୋଦି

ଝାରସୁଗୁଡ଼ା ଅଫିସ,୭।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଛତିଶଗଡ଼ ରାୟପୁର ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ସେ ଦିଲ୍ଲୀରୁ ବିମାନରେ ଆସି ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ବିମାନ ବନ୍ଦରରେ ଓହ୍ଲାଇବା ପରେ ରାୟପୁର ଗସ୍ତ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ହେଲେ ଏହି ସୂଚୀରେ ଏବେ ପରିବର୍ତ୍ତନ କରାଯାଇଛି। ସେ ଦିଲ୍ଲୀରୁ ବାହାରି ସିଧାସଳଖ ଛତିଶଗଡ଼ ରାୟପୁର ବିମାନବନ୍ଦରରେ ଓହ୍ଲାଇବେ। ଦିଲ୍ଲୀ ଏସ୍‌ପିଜି ନିର୍ଦ୍ଦେଶକଙ୍କ ଅଫିସରୁ ଏହା ସ୍ପଷ୍ଟ କରାଯାଇଛି। ଏ ବାବଦରେ ଝାରସୁଗୁଡ଼ା ଜିଲାପାଳ ଏବଂ ଏସ୍‌ପିଙ୍କୁ ମଧ୍ୟ ଅବଗତ କରାଯାଇଛି। ଫଳରେ ଶୁକ୍ରବାର ମୋଦିଙ୍କୁ ସାକ୍ଷାତ କରିବା ପାଇଁ ଆଶା ରଖିଥିବା ଭାଜପା ନେତା ଏବଂ ସାମାଜିକ ସଙ୍ଗଠନ କର୍ମକର୍ତ୍ତାଙ୍କ ଆଶା ମଉଳି ଯାଇଛି। ଅନ୍ୟପକ୍ଷେ ଭିଏସ୍‌ଏସ୍‌ବିମାନବନ୍ଦର କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ ବିମାନ ଚଳାଚଳ ହୋଇପାରିନାହିଁ। ତେଣୁ ବିମାନ ଚଳାଚଳ ନେଇ ଲୋକଙ୍କ ପାଲଟା ପ୍ରଶ୍ନର ଆଶଙ୍କା କରି ମୋଦିଙ୍କ ଝାରସୁଗୁଡ଼ା ଓହ୍ଲାଇବା କାର୍ଯ୍ୟକ୍ରମ ବାତିଲ କରାଯାଇଛି। ଗତ କିଛିଦିନ ହେବ ଏଠାରେ ଏସ୍‌ପିଜିର ଯାଞ୍ଚ, ରାଜ୍ୟ ପୋଲିସର ସମୀକ୍ଷା, ପ୍ରଶାସନିକ ତଦାରଖ, ବାୟୁସେନା ହେଲିକପ୍ଟର ଏବଂ ବିମାନ ଟେଷ୍ଟ ସରିଥିଲା। ଏସ୍‌ପିଜି ଏବଂ ରାଜ୍ୟ ପୋଲିସ ପକ୍ଷରୁ ହୋଇଥିବା ବହୁ ଆଡ଼ମ୍ବର ଫସର ଫାଟିଛି। ସୂଚନାଯୋଗ୍ୟ, ଶୁକ୍ରବାର ଛତିଶଗଡ଼ ଲରାସ୍ଥିତ ଏନ୍‌ଟିପିସି ତାପଜ ବିଦ୍ୟୁତ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

କଂଗ୍ରେସର ଦେଢ଼ଘଣ୍ଟିଆ ରେଳରୋକୋ

ଗୁରୁବାର କଂଗ୍ରେସ କର୍ମୀମାନେ ରେଳଧାରଣାରେ ବସିଛନ୍ତି।

ଭଦ୍ରକ ଅଫିସ, ୭।୨

ଭଦ୍ରକ ରେଳ ଷ୍ଟେଶନ ଚରମ୍ପାଠାରେ ଫ୍ଲାଏ ଓଭରବ୍ରିଜ ନିର୍ମାଣ ଏବଂ ବିଭିନ୍ନ ଦ୍ରୁତଗାମୀ ଟ୍ରେନ ରହଣି ଦାବିରେ ତାରିଣୀ ଗେଟ୍ ନିକଟରେ ଗୁରୁବାର କଂଗ୍ରେସ ପକ୍ଷରୁ ଦେଢ଼ଘଣ୍ଟିଆ ରେଳରୋକୋ କରାଯାଇଥିଲା। ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ନରେନ ପଲେଇଙ୍କ ନେତୃତ୍ୱରେ ଶତାଧିକ କର୍ମୀ ସକାଳ ୭ ଟାରୁ ସାଢ଼େ ୮ଟା ପର୍ଯ୍ୟନ୍ତ ରେଳରୋକୋ କରିଥିଲେ। ଏହି ସମୟ ମଧ୍ୟରେ କରମଣ୍ଡଳ ଏକ୍ସପ୍ରେସ, ପ୍ୟାସେଞ୍ଜର ଟ୍ରେନ ଓ ୨ଟି ମାଲଗାଡ଼ି ଅଟକି ରହିଥିଲା। ରେଳ ବିଭାଗର ଅଧିକାରୀମାନେ ଆସି ଫ୍ଲାଏଓଭର ବ୍ରିଜ ପାଇଁ ଆସନ୍ତା ୨୮ ତାରିଖରେ ଟେଣ୍ଡର ହେବା ସହିତ ୫ଟି ଏକ୍ସପ୍ରେସ୍ ଟ୍ରେନ ରହଣି ନିମନ୍ତେ ରେଳ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ କଂଗ୍ରେସ କର୍ମୀ ରେଳରୋକୋରୁ ହଟିଥିଲେ।

ଆନ୍ଦୋଳନରୁ ଓହରିଲା ହାବିଲଦାର, କନ୍‌ଷ୍ଟେବଳ, ସିପାହି ମହାସଂଘ

ଭୁବନେଶ୍ୱର, ୭।୨(ବ୍ୟୁରୋ): ଡିଜିପିଙ୍କ ସହ ଆଲୋଚନା ପରେ ଆନ୍ଦୋଳନରୁ ଓହରିଛି ଓଡ଼ିଶା କନଷ୍ଟେବଳ, ହାବିଲ୍‌ଦାର, ସିପାହି ମହାସଂଘ। ୪ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଥିଲା ମହାସଂଘ। ଗୁରୁବାର କଳାବ୍ୟାଜ୍ ପରିଧାନ କରିଥିଲେ। ଶୁକ୍ରବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଆନ୍ଦୋଳନକୁ ସମର୍ଥନ ଦେଇଥିଲା ଓଡ଼ିଶା ପୋଲିସ ସମନ୍ୱୟ ସମିତି। ସେମାନଙ୍କ ଦାବି ନେଇ ମହାସଂଘର ପ୍ରତିନିଧିମାନେ ଭୁବନେଶ୍ୱରସ୍ଥିତ କ୍ୟାମ୍ପ୍ ଅଫିସ୍‌ରେ ଡିଜିପି ଡ. ଆର୍.ପି. ଶର୍ମାଙ୍କୁ ଭେଟି ଆଲୋଚନା କରିଥିଲେ। ମହାସଂଘ ସଭାପତି ସନ୍ତୋଷ ଶତପଥୀ କହିଛନ୍ତି, ସପ୍ତମ ବେତନ ହାରରେ ଦରମା ପ୍ରଦାନ କରିବା, କଣ୍ଟ୍ରାକ୍‌ଟୁଆଲ ଚାକିରି ବନ୍ଦ କରିବା, ଜୀବନ ବୀମା ରାଶି ଓ ଅନ୍ୟ ସରକାରୀ ସହାୟତା ରାଶି ବୃଦ୍ଧି ସଂକ୍ରାନ୍ତରେ ଡିଜିପି ସରକାରଙ୍କ ସହ ଆଲୋଚନା କରି ଶୀଘ୍ର ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେଣୁ ଆନ୍ଦୋଳନକୁ ବନ୍ଦ ରଖାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ମହାସଂଘର ୬୦ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ପୁଣି ଆନ୍ଦୋଳନକୁ ଓହ୍ଲାଇବେ।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ମମତା ମହାନ୍ତି

ମାଘ ଶୁକ୍ଳ ତୃତୀୟା
ବାଲିସାହି, ବାଲିକୁଦା
ମା, ତୋର ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ପ୍ରେରଣା ସର୍ବଦା ଆମ ପାଇଁ ଅବିସ୍ମରଣୀୟ।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ। ଧ-୧୦୯୭୬

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତ ଅଗଣୀ ଚରଣ ମହାନ୍ତି

ଅବସରପ୍ରାପ୍ତ ଶିକ୍ଷକ
କଳ୍ପତରୁ ଭବନ
ଗୌଡ ଗାଁ, ଡମପଡା, ମାର୍ଶାଘାଇ,
କେନ୍ଦ୍ରାପଡ଼ା- ୭୫୪୨୪୪
ଆବିର୍ଭାବ: ୦୮।୦୩।୧୯୯୩
ତିରୋଧାନ: ୨୯।୦୧।୨୦୨୬

ବାପା, ଆପଣଙ୍କ ତ୍ୟାଗ, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ସ୍ନେହ ଓ ଶ୍ରଦ୍ଧା ଆମର ପାଥେୟ ହେଉ। ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପରିବାର ଓ ବନ୍ଧୁବର୍ଗ, ପୁତ୍ର-କାନ୍ତୁ, ଟୁଲୁ, ଟୁକୁନା, ଝୁନା, କନ୍ୟା- ବୁଢୀ, ବିନ୍ଦୁ, ପୁତ୍ରବଧୂ- କାମିନୀ, ମିଲି, ପିଙ୍କି, ନାତି- ବାପୁନ, ସିପୁନ, ହରେକୃଷ୍ଣ, ରାମକୃଷ୍ଣ, ନାତୁଣୀ- ଲିପୁନ, ବଙ୍କୁ, ରିଙ୍କୁ, ମାମାଲି, ନାତୁଣୀବୋହୂ- ରିଙ୍କୁ। ଧ-୧୦୯୯୬

ଅଷ୍ଟମ ଶ୍ରାଦ୍ଧବାର୍ଷିକ

ସ୍ୱର୍ଗତ କୃଷ୍ଣଚନ୍ଦ୍ର ପୁଷ୍ପାଳକ

ଅବସରପ୍ରାପ୍ତ ଅନୁଶାସନ ସଚିବ,
ସ୍ୱରାଷ୍ଟ୍ର ବିଭାଗ
ଦାଣ୍ଡମୁକୁନ୍ଦପୁର, ପିପିଲି
ଆବିର୍ଭାବ: ୦୫।୧୦।୧୯୪୪
ତିରୋଧାନ: ୦୫।୦୨।୨୦୧୧

ଆପଣଙ୍କର ନିଷ୍ଠାପରତା, କର୍ତ୍ତବ୍ୟପରାୟଣତା, ପରୋପକାରିତା ଆମ ଜୀବନର ପାଥେୟ। ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ: ଧର୍ମପତ୍ନୀ, ଭଉଣୀ, ପୁଅ-ବୋହୂ, ଝିଅ-ଜ୍ୱାଇଁ ଓ ନାତିନାତୁଣୀ। ଧ-୧୧୦୦୯

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

ମେଷ

ଆଜି ବୁଧଙ୍କ ସହ ଚନ୍ଦ୍ରଙ୍କ ସଂଯୋଗ ହେତୁ ବିବାଦୀୟ ମନ୍ତବ୍ୟ ଦେଇ ସମାଲୋଚିତ ହୋଇପାରନ୍ତି। ତଥାପି ଏକାଦଶସ୍ଥ ହେତୁ ଆପଣଙ୍କ ଯାତ୍ରା, କାର୍ଯ୍ୟସାଧନ ସାଙ୍ଗକୁ ପାରିବାରିକ ସମସ୍ୟାକୁ ସୁଧାରି ନେବାର ପ୍ରଯତ୍ନ କରିବେ। ଧାର କରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। ଭ୍ରମଣଜନିତ ଅବସାଦ ଦେଖାଦେଇପାରେ।

ବୃଷ

ଆସନ୍ତାକାଲିର ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାମ ସକାଶେ ବ୍ୟସ୍ତତା ଅନୁଭବ କରିପାରନ୍ତି। ଅପେକ୍ଷା କରିଥିବା ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଶିଳ୍ପ, ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ନିକଟ ସମ୍ପର୍କୀୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

ମିଥୁନ

ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରର ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହିନ ପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସାମୟିକ ବାଧାପ୍ରାପ୍ତ ହୋଇପାରେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। କୌଣସି ମୂଲ୍ୟବାନ ଜିନିଷ କିଣିବା ସକାଶେ ଆର୍ଥିକ ଅନଟନ ଲାଗି ରହିବା କାରଣରୁ ବିଚଳିତ ବୋଧ କରିବେ।

କର୍କଟ

ବନ୍ଧୁମାନଙ୍କ ଆଶ୍ୱାସନା କ୍ରମେ ଅର୍ଥ ସମ୍ପର୍କୀୟ ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଅଫିସ୍‌ରୁ ଫେରନ୍ତା ବାଟରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହେବାର ସୂଚନା ରହିଛି। ପାରିବାରିକ ସ୍ତରରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

ସିଂହ

ପରିବାରର ଆବଶ୍ୟକତା ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ଆକସ୍ମିକ ଭାବରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। କଳା, ସାହିତ୍ୟ, ସାମ୍ବାଦିକତା ସାଙ୍ଗକୁ ଶିଳ୍ପ, ବାଣିଜ୍ୟ ଓ ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

କନ୍ୟା

ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ତରବର ନ ହୋଇ କାମ କଲେ ସମସ୍ୟାର ସରଳ ସମାଧାନ ହୋଇଯିବ। ଇଚ୍ଛା ନ ଥିଲେ ମଧ୍ୟ ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟ କରିବାରେ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ ପଡିପାରେ।

ତୁଳା

ପରିବାରରେ କାହା ମନ କାହା ସାଙ୍ଗରେ ନ ମିଶିବ

ଜମ୍ମୁ କଶ୍ମୀରରେ ପ୍ରାୟ ୪୫୦ ଆତଙ୍କବାଦୀ ସକ୍ରିୟ ରହିଛନ୍ତି। କଶ୍ମୀର ଉପତ୍ୟକାର ଉତ୍ତର ଭାଗ ପୀର୍ ପଞ୍ଜାଲ୍‌ରେ ଅଧିକାଂଶ ଆତଙ୍କବାଦୀ ଛପି ରହିଛନ୍ତି। ସୀମାପାର୍ ପାକିସ୍ତାନ ଅଧିକୃତ କଶ୍ମୀରରେ ୧୬ ଆତଙ୍କବାଦୀ କ୍ୟାମ୍ପ୍ ରହିଛି। ପାକିସ୍ତାନ ସେନାଙ୍କ ପୂର୍ଣ୍ଣ ସହଯୋଗରେ କ୍ୟାମ୍ପ୍‌ଗୁଡ଼ିକ ପରିଚାଳିତ ହେଉଛି। ଗୋଇନ୍ଦା ରିପୋର୍ଟ ଅନୁଯାୟୀ, ୧୯୧ ଯୁବକ ଆତଙ୍କବାଦୀଙ୍କ ସହ ହାତ ମିଳାଇଛନ୍ତି। ନର୍ଥନ ଆର୍ମୀ କମାଣ୍ଡର ଲ୍ୟୁଟନାଣ୍ଟ ଜେନେରାଲ ରଣବୀର ସିଂହ ବୁଧବାର ଗଣମାଧ୍ୟମକୁ ଏହା ଜଣାଇଛନ୍ତି।



ହାଇକୋର୍ଟରେ ଆଜି ଶପଥ ନେବେ ଜଷ୍ଟିସ୍ ପ୍ରମଥ ପଟ୍ଟନାୟକ

କଟକ ଅଫିସ, ୭।୨: ହାଇକୋର୍ଟର ବିଚାରପତି ଭାବେ ଶୁକ୍ରବାର ଶପଥ ନେବେ ଜଷ୍ଟିସ ପ୍ରମଥ ପଟ୍ଟନାୟକ। ପୂର୍ବାହ୍ନ ୧୦ଟା ୧୫ ମିନିଟ୍‌ରେ ଜଷ୍ଟିସ ପଟ୍ଟନାୟକଙ୍କୁ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଶପଥ ପାଠ କରାଇବେ। ଏଥିପାଇଁ ହାଇକୋର୍ଟରେ ଏକ ଉତ୍ସବର ଆୟୋଜନ କରାଯାଇଛି। ସୂଚନାଥାଉ କି, ଜଷ୍ଟିସ ପଟ୍ଟନାୟକ ଝାଡ଼ଖଣ୍ଡ ହାଇକୋର୍ଟରୁ ଓଡ଼ିଶା ହାଇକୋର୍ଟକୁ ବଦଳି ହୋଇ ଆସିଛନ୍ତି। ଏହାପୂର୍ବରୁ ସେ ଓଡ଼ିଶା ହାଇକୋର୍ଟରେ ଅତିରିକ୍ତ ବିଚାରପତି ଭାବେ କାର୍ଯ୍ୟ କରିଛନ୍ତି। ୨୦୧୪ ଡିସେମ୍ବର ୨୨ରେ ଝାଡ଼ଖଣ୍ଡ ହାଇକୋର୍ଟକୁ ତାଙ୍କର ବଦଳି ହୋଇଥିଲା।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ପ୍ରକଳ୍ପକୁ ଉଦ୍‌ଘାଟନ କରୁଛନ୍ତି।

■ ପ୍ରଶ୍ନପତ୍ର ଲିକ୍ ରୋକିବାକୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

ଅଧିକାରୀ, କର୍ମଚାରୀଙ୍କୁ ମୋବାଇଲ ଫୋନ୍ ମନା

ଭୁବନେଶ୍ୱର,୭।୨(ବ୍ୟୁରୋ)

ଯୁକ୍ତ୨ ପରୀକ୍ଷା

- କେବଳ ସୁପରିଣ୍ଟେଣ୍ଡେଣ୍ଟ ରଖିପାରିବେ ମୋବାଇଲ
- ସ୍କ୍ୱାଡ୍, ପର୍ଯ୍ୟବେକ୍ଷକଙ୍କ ଉପରେ ବି କଟକଣା

ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ଘଟଣା ରାଜ୍ୟ ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଥିବା ବେଳେ ଏବେ ଏ ଦିଗରେ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଥମେ ମାଟ୍ରିକ୍ ଓ ପରେ ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଆଗାମୀ ଯୁକ୍ତ୨ ପରୀକ୍ଷାକୁ ନେଇ ଏବେଠାରୁ ତତ୍ପରତା ପ୍ରକାଶ ପାଇଛି। ପରୀକ୍ଷା ସୁପରିଚାଳନା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ପ୍ରଶ୍ନପତ୍ର ଯେଭଳି ଲିକ୍ ନ ହେବ, ତାହାକୁ ଦୃଷ୍ଟିରେ ରଖି ପରୀକ୍ଷା ହଲ୍ ଏବଂ ପରୀକ୍ଷା କେନ୍ଦ୍ର କ୍ୟାମ୍ପସ୍‌ରେ ମୋବାଇଲ ଫୋନ୍ ବ୍ୟବହାର ଉପରେ କଟକଣା ଲଗାଯାଇଛି। ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଏପରି କି, ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ କ୍ୟାମ୍ପସ୍‌କୁ ମୋବାଇଲ ଫୋନ୍ କିମ୍ବା କୌଣସି ବୈଦ୍ୟୁତିକ ସାମଗ୍ରୀ ନେଇପାରିବେ ନାହିଁ। ସେହିଭଳି ପରୀକ୍ଷା ଯାଞ୍ଚ କରିବାକୁ ଆସୁଥିବା ସ୍କ୍ୱାଡ୍ ଓ ପର୍ଯ୍ୟବେକ୍ଷକମାନେ ବି ସାଙ୍ଗରେ ମୋବାଇଲ ଫୋନ୍ ଆଣିପାରିବେ ନାହିଁ।

ପରୀକ୍ଷା କେନ୍ଦ୍ରରେ କେବଳ ପରୀକ୍ଷାର୍ଥୀଙ୍କ ଲାଗି ଯେଉଁ ବୈଦ୍ୟୁତିକ ସାମଗ୍ରୀ ଆବଶ୍ୟକ, ତାହାକୁ ନେବାକୁ ଅନୁମତି ମିଳିବ। କର୍ମଚାରୀମାନେ ମୋବାଇଲ ଫୋନ୍ ସହ ନିଜର ସମସ୍ତ ବୈଦ୍ୟୁତିକ ଉପକରଣ ରଖିବା ପାଇଁ ସୁପରିଣ୍ଟେଣ୍ଡେଣ୍ଟ ଏକ ସ୍ୱତନ୍ତ୍ର କୋଠରି ଚୟନ କରିବେ। ପ୍ରଶ୍ନପତ୍ର ପ୍ୟାକେଟ୍ ଖୋଲାଯିବା ସମୟରେ ସରକାରୀ ଅଧିକାରୀ କିମ୍ବା ଶିକ୍ଷକ ମୋବାଇଲ ପାଖରେ ରଖିବେ ନାହିଁ। କେନ୍ଦ୍ର ମଧ୍ୟକୁ ପ୍ରବେଶ ପୂର୍ବରୁ ମୁଖ୍ୟ ଫାଟକ ନିକଟରେ ପରୀକ୍ଷାର୍ଥୀମାନଙ୍କୁ ଭଲ ଭାବେ ଯାଞ୍ଚ କରାଯିବ। ପରୀକ୍ଷା ଆରମ୍ଭ ହେବାର ୩୦ ମିନିଟ୍ ପୂର୍ବରୁ କେନ୍ଦ୍ର ଭିତରକୁ ପ୍ରବେଶ ଲାଗି ଅନୁମତି ଦିଆଯିବ ଏବଂ ୧୫ ମିନିଟ୍ ପୂର୍ବରୁ ପରୀକ୍ଷାର୍ଥୀ ସିଟ୍‌ରେ ବସିପାରିବେ। ପରୀକ୍ଷାର୍ଥୀମାନେ ଯେପରି କୌଣସି ପ୍ରକାର ବହି, ଖାତା ଓ କପି ହଲ୍ ଭିତରକୁ ନେଇପାରିବେ ନାହିଁ, ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯିବ। ସେହିଭଳି ଅଭିଭାବକମାନେ ହଲ୍ ବାହାରେ ଭିଡ଼ ଜମାଇବାକୁ ବାରଣ କରାଯାଇଥିବା ବେଳେ ଯଦି ଆବଶ୍ୟକ ପଡ଼େ ସୁପରିଣ୍ଟେଣ୍ଡେଣ୍ଟ ପୋଲିସର ସହାୟତା ନେଇପାରିବେ। ପରୀକ୍ଷା ପରିଚାଳନା ଆଇନ୍ ୧୯୮୮ ଅନୁଯାୟୀ, ସମସ୍ତ ପଦକ୍ଷେପ ନେବାକୁ ପରିଷଦ ପକ୍ଷରୁ କୁହାଯାଇଛି। ଏହାବ୍ୟତୀତ ପରୀକ୍ଷା ପରିଚାଳନା ଏବଂ ଛାତ୍ରୀଛାତ୍ରଙ୍କ ସୁବିଧାକୁ ମଧ୍ୟ ଦୃଷ୍ଟି ଦିଆଯାଇଛି। କେନ୍ଦ୍ର ପରିସରରେ ଆବଶ୍ୟକ ପାନୀୟଜଳ ସହ ଶୌଚାଳୟ ବ୍ୟବସ୍ଥା କରିବାକୁ କୁହାଯାଇଛି। ଯୁକ୍ତ୨ ପରୀକ୍ଷା ଲାଗି ଚଳିତବର୍ଷ ରାଜ୍ୟରେ ମୋଟ ୧୦୯୧ଟି ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ପରୀକ୍ଷା ପରିଚାଳନା ଲାଗି ୨୦୨ଟି ହବ୍ ହୋଇଛି। ମୋଟ ୩ ଲକ୍ଷ ୬୬ ହଜାର ଛାତ୍ରୀଛାତ୍ର ଏଥର ଯୁକ୍ତ୨ ପରୀକ୍ଷା ଦେବେ।

୬୬ କୋଟି ଟଙ୍କାର ୧୨୯ ପ୍ରକଳ୍ପ ଉଦ୍‌ଘାଟିତ

ଚନ୍ଦ୍ରଗିରି/ରାୟଗଡ଼ (ଗଜପତି), ୭।୨(ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀଙ୍କ ଗଜପତି ଜିଲା ଗସ୍ତ

- ପଦ୍ମସମ୍ଭବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ
- ପର୍ଯ୍ୟଟନର ବିକାଶ ପାଇଁ ସରକାର ସର୍ବଦା ଚେଷ୍ଟିତ

ଗଜପତି ଜିଲା ମୋହନା ବ୍ଲକ ଗସ୍ତରେ ଆସି ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିରାଙ୍ଗ ବୁଦ୍ଧ ମନ୍ଦିର ନିକଟରେ ନିର୍ମିତ ମହାଗୁରୁ ପଦ୍ମ ସମ୍ଭବଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି। ସେହିଠାରୁ ଜିଲାର ୧୨୯ ପ୍ରକଳ୍ପ ଉଦ୍‌ଘାଟନ ସହ ୯୮ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ପ୍ରାୟ ଘ.୧୧.୩୦ମିନିଟରେ ହେଲିକପ୍ଟର ଯୋଗେ ମୋହନା ବ୍ଲକ ଜିରାଙ୍ଗ ପଦ୍ମସମ୍ଭବ ମହାବିହାର ନିକଟରେ ଅବତରଣ କରିଥିଲେ। ସେଠାରୁ ବୁଦ୍ଧମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ପରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିବା ସହ ନୂତନ ପ୍ରକଳ୍ପ ପାଇଁ ଶୁଭ ଦେଇଥିଲେ। ପ୍ରଥମେ ପଦ୍ମସମ୍ଭବ ସାଗର ମଧ୍ୟରେ ଥିବା ମହାଗୁରୁ ପଦ୍ମସମ୍ଭବଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଏହାପରେ ସଭାସ୍ଥଳକୁ ଯାଇ ଅଭିଭାଷଣ ରଖିବା ସହ ସେଠାରୁ ଗଜପତି ଜିଲା ପାଇଁ ୬୬.୬୨କୋଟି ଟଙ୍କାର ୧୨୯ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଉପସ୍ଥିତ ଜନତାଙ୍କ ଉଦ୍ଦେଶ୍ୟରେ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଥିଲେ, ବୌଦ୍ଧଧର୍ମ ସହ ଓଡ଼ିଶାର ସମ୍ପର୍କ ବହୁ ପୁରୁଣା ଏବଂ ଓଡ଼ିଶାରେ ଥିବା ବୌଦ୍ଧ କୀର୍ତ୍ତିରାଜିଗୁଡ଼ିକର ସୁରକ୍ଷା ଓ ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ସରକାର ସବୁବେଳେ ଉଦ୍ୟମ କରିଆସିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଏମ୍‌ପି ଅଚ୍ୟୁତ ସାମନ୍ତ ଯୋଗଦେଇ କହିଥିଲେ, ଗତ ୬୦ବର୍ଷ ଧରି ତିବ୍ବତୀୟମାନେ ନିଜ ଦେଶ ଛାଡ଼ି ବାହାର ଦେଶରେ ଆଶ୍ରୟ ନେଇଥିଲେ ମଧ୍ୟ କେବେହେଲେ ସେମାନଙ୍କ ଖାଦ୍ୟପେୟ, ଧର୍ମ, ଚାଲିଚଳଣ ଓ ବେଶପୋଷାକକୁ ଭୁଲିନାହାନ୍ତି।

ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଥିବା ପ୍ରକଳ୍ପ ମଧ୍ୟରେ ଆର୍.ଉଦୟଗିରି ବ୍ଲକର ୮ ସେତୁ, ମଙ୍ଗରାଜପୁର, ରାଇସିଂ ଏବଂ ବୁରିପଦର ପାଇପ ଜଳଯୋଗାଣ ପ୍ରକଳ୍ପ, ରାମଗିରିରେ ୩୩ କେଭି ସବ୍‌ଷ୍ଟେଶନ, ଗୁଣ୍ଡିମା ଆଦର୍ଶ ବିଦ୍ୟାଳୟର ୧୦୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ, ମୋହନା ବ୍ଲକ ଲେଖାପଦର ଅନ୍ତରବା ରାସ୍ତାର ଖରିଗୁଡା ନାଳ ଏବଂ ମୋହନା-କିରିମା ରାସ୍ତାର ଅଠର ନଳା ଉପରେ ୨ ହାଇଲେଭଲ ସେତୁ। ଆର୍.ଉଦୟଗିରି ଭାଲିଆସାହି ଓ କୁଆଁପଡାରେ ୨ ହାଇଲେଭଲ ସେତୁ ରହିଛି। ସେହିପରି ନୂଆଗଡ ବ୍ଲକର ୫ ମିଶନଶକ୍ତି ଭବନ, ତବରଡା ଓ କେରଡାଙ୍ଗରେ ଅବସର ବିନୋଦନ କେନ୍ଦ୍ର, ମୋହନା ବ୍ଲକର ୪ ଗୋଷ୍ଠୀ ଉନ୍ନୟନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ମଞ୍ଚରେ ତିବ୍ବତୀୟ ଗୁରୁଜୀ ଜିଗ୍‌ମେ ରେମ୍ପୋଛେ, ସାନଗୁରୁଜୀ ଖେମ୍ପୋ ପେମା ଟେମ୍ପଲ, ଟୁଲ୍‌କୁ କୁଂଛପଙ୍କ ସମତ ଅନ୍ୟମାନଙ୍କ ମଧ୍ୟରେ ମୋହନା ବିଧାୟିକା ବାସନ୍ତୀ ମଲ୍ଲିକ, ଅନ୍ତର୍ଯାମୀ ଗମାଙ୍ଗ, କେ. ନାରାୟଣ ରାଓ, ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ, ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ଚନ୍ଦ୍ରଶେଖର ସାହୁ ଓ ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରତ୍ୟେକ ବସ୍ତୁରେ, ପ୍ରତ୍ୟେକ କ୍ଷେତ୍ରରେ, ପ୍ରତିଟି ସଂପର୍କରେ ସତ୍ୟକୁ ପରିପୂର୍ଣ୍ଣ ଛନ୍ଦ ସହ ବିକଶିତ କରିବାକୁ ହେବ। ଏବଂ ଜୀବନର ପ୍ରତିଟି ଗତିବୃତ୍ତି ସୌନ୍ଦର୍ଯ୍ୟ ଓ ସଂଗତିର ପ୍ରକାଶକ ହେବା ଉଚିତ। –ଶ୍ରୀମା

ଅସାର ବଜେଟ

ଆଜିର ଅର୍ଥନୀତି

ଅନ୍ତରୀଣ ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଫେବୃୟାରୀ ପହିଲାରେ ଯେଉଁ ଅନ୍ତରୀଣ ବଜେଟ ଉପସ୍ଥାପନ କରିଛନ୍ତି, ତାହା ବାହାରକୁ ଦେଖିବାକୁ ବେଶ୍ ଭଲ ଓ ଲୋକପ୍ରିୟ ହୋଇଥିଲେ ମଧ୍ୟ ବାସ୍ତବରେ ତାହା ଅତ୍ୟନ୍ତ ଅସାର। ବାହାରକୁ ଦେଖିବାକୁ ଭଲ କାରଣ ତାହା ସମ୍ପୂର୍ଣ୍ଣରୂପେ ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ସବୁ ସ୍ତରର ଲୋକଙ୍କୁ ସନ୍ତୁଷ୍ଟ କଲା ଭଳି କରାଯାଇଛି। ନିର୍ବାଚନର ଅବ୍ୟବହିତ ପୂର୍ବରୁ ଏହି ବଜେଟ ମାଧ୍ୟମରେ ଏନ୍‌ଡିଏ ସରକାରର କେତେକ ଦୋଷତ୍ରୁଟିକୁ ଘୋଡ଼ାଇବା ଓ ସମ୍ମାନ ରକ୍ଷା କରିବା ଲାଗି ଉଦ୍ୟମ କରାଯାଇଛି। ସତ କଥା ହେଲା ସାଧାରଣ ନିର୍ବାଚନର ମାତ୍ର ଦୁଇମାସ ପୂର୍ବରୁ ଯେ କୌଣସି ବି ସରକାର ବଜେଟ ଉପସ୍ଥାପନ କରନ୍ତି, ତାହାକୁ ସେମାନେ ଲୋକପ୍ରିୟ କରିବାକୁ ବାଧ୍ୟ ହୁଅନ୍ତି। ଏନ୍‌ଡିଏ ସରକାର ବା ସେଥିରୁ ବାଦ୍ ଯାଆନ୍ତା କିପରି ? କିନ୍ତୁ ଏ ଅନ୍ତରୀଣ ବଜେଟରେ ଯେଉଁସବୁ ପଦକ୍ଷେପ ଓ ଦୁଃସାହସିକତା ଦେଖିବାକୁ ମିଳିଛି, ତାହା ଆଗରୁ ଦେଖାଯାଇ ନ ଥିଲା। ଏହାକୁ ଅସାର କହିବାର କାରଣ ଏଥିରେ କୃଷକମାନଙ୍କୁ ବାର୍ଷିକ ଯେଉଁ ୬୦୦୦ ଟଙ୍କା ସହାୟତା ଓ ଅସଙ୍ଗଠିତ କ୍ଷେତ୍ରର ଶ୍ରମିକମାନଙ୍କୁ ଯେଉଁ ପେନ୍‌ସନ ଦିଆଯିବା ଲାଗି ପ୍ରତିଶ୍ରୁତି ଦିଆଯାଇଛି, ତାକୁ ଯଦି ନୂଆ ସରକାର ଚାହିଁବେ ତେବେ ତାହା କାର୍ଯ୍ୟକାରୀ ହେବ। କିନ୍ତୁ ତାହା କାର୍ଯ୍ୟକାରୀ ହେବ, ଏହା ଆପାତତଃ ନିଶ୍ଚିତ, କାରଣ ତାହାକୁ କାର୍ଯ୍ୟକାରୀ ନ କରିବା ଏକ ରାଜନୈତିକ ଆତ୍ମଘାତୀ ନିଷ୍ପତ୍ତି ହେବ। ପୁଣି ଏହି ଅନ୍ତରୀଣ ବଜେଟରେ ଅନେକ ବିଭ୍ରାନ୍ତି ସୃଷ୍ଟି କରାଯାଇଛି। ବ୍ୟକ୍ତିଗତ ଆୟକରରେ ଯେଉଁ ପରିବର୍ତ୍ତନ କରାଯାଇଛି, ତାହା ବିଭ୍ରାନ୍ତି ସୃଷ୍ଟି କରୁଛି।

ଏପରି କି ଅନ୍ତରୀଣ ବଜେଟ ଉପସ୍ଥାପନର ସପ୍ତାହେ ପରେ ବି ଗୋୟଲ ଯେଉଁ ଟିକସ ସୁବିଧା ଘୋଷଣା କରିଛନ୍ତି, ତାହା ଟିକସଦାତାମାନଙ୍କ ପାଇଁ ବାସ୍ତବରେ କିଛି ଫରକ ଆଣିବ କି ନା ସେ ନେଇ ସନ୍ଦେହ ଦୂର ହୋଇପାରି ନାହିଁ। ଗୋୟଲ ତାଙ୍କ ବଜେଟ ଅଭିଭାଷଣରେ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକାରୀମାନଙ୍କ ପାଇଁ ପୂର୍ଣ୍ଣ ରିହାତି ଘୋଷଣା କରିଥିଲେ। ଗଣମାଧ୍ୟମ ତାହାର ମୂଳ ତତ୍ତ୍ୱକୁ ନ ଯାଇ ଉକ୍ତ ଘୋଷଣାର ଅର୍ଥ ବୁଝାଇଲେ ଯେ, ବର୍ତ୍ତମାନ ଯେଉଁ ଆୟକର ଛାଡ଼ ସୀମା ଅଢ଼େଇ ଲକ୍ଷ ଟଙ୍କା ରହିଛି, ତାକୁ ଦ୍ୱିଗୁଣିତ କରି ୫ ଲକ୍ଷ ଟଙ୍କା କରାଗଲା। କିନ୍ତୁ ଅର୍ଥ ବିଲ୍‌ରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, ଅଢ଼େଇ ଲକ୍ଷ ଓ ୫ ଲକ୍ଷ ଟଙ୍କା ମଧ୍ୟରେ ସ୍ଲାବ୍ ଯେମିତି ଥିଲା, ସେମିତି ରହିଛି ଏବଂ କେବଳ ଟିକସ ହାର ୫ ପ୍ରତିଶତ ରହିବ। ଗୋଟିଏ ଗୋଷ୍ଠୀ ଲୋକ ଦାବି କରୁଛନ୍ତି ଯେ, ବେତନଭୋଗୀ ଶ୍ରେଣୀ ପାଇଁ ଏହା ଏକ ଉପହାର। କିନ୍ତୁ ବିଶ୍ଳେଷକମାନଙ୍କ କହିବା ଅନୁସାରେ ଏହା ଏକ ରିହାତି ମାତ୍ର, ପୂର୍ଣ୍ଣ ଛାଡ଼ ନୁହେଁ। ଏହା ସେହି ଲୋକମାନଙ୍କୁ ସାହାଯ୍ୟ କରିବ, ଯେଉଁମାନଙ୍କ ବାର୍ଷିକ ମୋଟ ଆୟ ୫ ଲକ୍ଷ ଟଙ୍କାରୁ ଅଧିକ ନୁହେଁ। ପ୍ରସ୍ତାବିତ ପରିବର୍ତ୍ତନରେ ଅନେକ ସଂଶୟ ରହିଥିଲେ ମଧ୍ୟ ସରକାର କିଛି ସ୍ପଷ୍ଟୀକରଣ ନ ଦେଇ ଆରାମରେ ଚୁପ୍‌ଚାପ୍ ବସିଯାଇଛନ୍ତି।

ପିଏମ୍–କିଷାନ ଯୋଜନା ଯଦି କାର୍ଯ୍ୟକାରୀ ହୁଏ, ତେବେ ତାହା ଦେଶରେ ଜମି–ମାଲିକଙ୍କ ମଧ୍ୟରେ ଅନେକ ବିଭାଜନ ସୃଷ୍ଟି କରିବ। ଦୁଇ ହେକ୍ଟରରୁ କମ୍ ଜମି ଥିବା କୃଷକଙ୍କୁ ବାର୍ଷିକ ୬୦୦୦ ଟଙ୍କା ଦିଆଯିବ ବୋଲି ଯେଉଁ ଘୋଷଣା କରାଯାଇଛି, ସେଥିପାଇଁ ଅଧିକ ଜମି ଥିବା ପରିବାରରେ ବାପ–ପୁଅ, ଭାଇ–ଭାଇ ଭିନ୍ନେ ହୋଇ ନଗଦ ଟଙ୍କା ପାଇବା ଲାଗି ନିଜର ଜମି ପରିମାଣ ଦୁଇ ହେକ୍ଟରରୁ କମ୍ ବୋଲି ଦର୍ଶାଇବାକୁ ଉଦ୍ୟମ କରିବେ। ଜମି ଭାଗ ଭାଗ ହେଲେ ତାହାର ଉତ୍ପାଦକତା ଉପରେ ସିଧାସଳଖ ପ୍ରଭାବ ପଡ଼ିବ। ଏହା ମଧ୍ୟ ଗ୍ରାମୀଣ ଭାରତରେ ଅନେକ ସାମାଜିକ ଉତ୍ତେଜନା ଓ ଗଣ୍ଡଗୋଳ ସୃଷ୍ଟି କରିବ। କାରଣ ପରିବାର ଭାଗ ଭାଗ ହୋଇଗଲେ ତାହା ପାରିବାରିକ ବନ୍ଧନକୁ ଶିଥିଳ କରିବ। ଚାଷରେ ମାତ୍ରାଧିକ ଅନିଶ୍ଚୟତାର ସମ୍ମୁଖୀନ ହେଉଥିବା କ୍ଷୁଦ୍ରଚାଷୀମାନେ ନଗଦ ରାଶି ପାଇ ଜମି ପଡ଼ିଆ ରଖିବା କଥା ଚିନ୍ତା କରିପାରନ୍ତି। ପୁନଶ୍ଚ ଯଦି ସେମାନେ ଅନ୍ୟ କିଛି ଅଣ–କୃଷି ବେଉସା ପାଇଯାନ୍ତି ଏବଂ ତା' ସହ ବାର୍ଷିକ ନଗଦ ରାଶି ବି ପାଆନ୍ତି, ତେବେ ମଧ୍ୟ ଜମି ପଡ଼ିଆ ରଖିବା କଥା ବିଚାର କରିପାରନ୍ତି। ତା' ଛଡ଼ା ଯଦି ବି ପରବର୍ତ୍ତୀ ସରକାର ଖୁବ୍ ଦୂରଦୃଷ୍ଟିସମ୍ପନ୍ନ ହୁଅନ୍ତି, ତଥାପି ସେମାନେ ଏ ସମ୍ପର୍କରେ କିଛି କରିବାର ଅବସ୍ଥାରେ ରହି ନ ପାରନ୍ତି। ଆସନ୍ତା ଏପ୍ରିଲରୁ ଆରମ୍ଭ ହେଉଥିବା ଆର୍ଥିକ ବର୍ଷ ଲାଗି ଏ ବଜେଟ ଉଦ୍ଦିଷ୍ଟ, ଯେଉଁ ସମୟ ବେଳକୁ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇସାରିଥିବ ଏବଂ ଏ ସରକାର ବଜେଟ କାର୍ଯ୍ୟକାରୀ କରିବା ଅବସ୍ଥାରେ ନ ଥିବ।

ଚିରନ୍ତନୀ

ଚପଳ ଡୋଳା ହୁଅଇ ଥିର
ନ ଜାଗେ ତହିଁ ଜଳ
ରକତହୀନ ଅଧରୁ ଝାସେ ହାସ
ନୀରବି ଯାଏ ଜୀବନମୟ
ବିପୁଳ କୋଳାହଳ।
ଆସଇ ଘୋଟି ଅସୀମ ଅବକାଶ !
(ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

su | do | ku ସୁ–ଡୋ–କୁ

		E			B			D				3		
	D	4			5			B	2		A		6	
C	B	7							6	3		8	0	
	2					3								4
		8		A			0	E		7	4			
		2	7											8
		B		E	1	A	7		3	4		0	9	
	9	3			2		5				8	C		
	0				A	4			9	1		E		
				B		0				D				
			2		4		B				5			D
9					6	5		3	A		E			
				7							6			
A				8		C	E	7		2			4	1
			B	3					0			5		7

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

6	3	1	C	9	0	D	5	4	8	7	E	B	A	2
5	9	2	A	D	4	7	6	0	1	C	B	3	E	8
0	8	4	E	6	1	B	3	A	2	9	D	C	5	7
A	7	E	5	B	2	8	1	C	3	0	6	4	9	D
B	C	D	3	8	7	E	9	2	A	4	5	6	1	0
C	2	7	6	0	8	3	B	9	5	E	A	1	D	4
9	1	6	D	A	C	4	0	E	B	2	3	7	8	5
4	A	B	9	7	3	5	2	D	C	1	8	E	0	6
8	5	3	1	2	E	A	7	6	4	D	0	9	B	C
D	E	0	B	4	5	C	8	1	9	6	7	2	3	A
7	D	5	8	1	6	9	C	B	E	A	2	0	4	3
2	6	9	0	3	B	1	A	8	7	5	4	D	C	E
E	4	8	7	C	A	0	D	3	6	B	9	5	2	1
3	0	C	2	E	9	6	4	5	D	8	1	A	7	B
1	B	A	4	5	D	2	E	7	0	3	C	8	6	9

ଗତକାଲିର ଉତ୍ତର

ପ୍ରତିମୂର୍ତ୍ତି ସ୍ଥାପନ ପରମ୍ପରା

ଡ. ଛାୟାକାନ୍ତ ଷଡ଼ଙ୍ଗୀ

ପ୍ରତିମୂର୍ତ୍ତି ସ୍ଥାପନ ଓ ବିସ୍ଥାପନକୁ ନେଇ ଭାରତରେ ଅନେକ ସମୟରେ ରାଜନୈତିକ ବାଦବିବାଦର ସୂତ୍ରପାତ ହୋଇଛି। ତ୍ରିପୁରାରେ ସରକାର ପରିବର୍ତ୍ତନ ହେବା ପରେ ଲେଲିନ୍‌ଙ୍କ ପ୍ରତିମୂର୍ତ୍ତି ଭାଙ୍ଗି ଦିଆଗଲା। ପରେ ପରେ ଉତ୍ତରପ୍ରଦେଶ ଓ ତାମିଲନାଡୁରେ ଆମ୍ବେଡକର ଓ ପେରିୟାରଙ୍କ ପ୍ରତିମୂର୍ତ୍ତି ଭଙ୍ଗାଗଲା। ପ୍ରତିକ୍ରିୟାସ୍ୱରୂପ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତି ମଧ୍ୟ ଆକ୍ରମଣର ଶିକାର ହେଲା। ପ୍ରତିମୂର୍ତ୍ତି ଯେଉଁ ଆଦର୍ଶକୁ ପ୍ରତିନିଧିତ୍ୱ କରେ ସେହି ଆଦର୍ଶରେ ବିଶ୍ୱାସ କରୁ ନ ଥିବାବେଳେ ଲୋକେ ସେହି ପ୍ରତିମୂର୍ତ୍ତିକୁ ଭାଙ୍ଗିଦିଅନ୍ତି। ମାତ୍ର ଆମେ ଭୁଲିଯିବା ଉଚିତ ନୁହେଁ ଯେ, ଗଣତନ୍ତ୍ରରେ ବିଭିନ୍ନ ଆଦର୍ଶର ସୁସ୍ଥ ସହାବସ୍ଥାନ ରହିବା ଆବଶ୍ୟକ। ସୁଖର କଥା ବାଲେଶ୍ୱର ଜିଲାର ବସ୍ତା ନିକଟସ୍ଥ ଦାଣ୍ଡି ଗାଁରେ ଭିନ୍ନ ଭିନ୍ନ ଆଦର୍ଶର ପ୍ରବକ୍ତା ଗାନ୍ଧୀ ଓ ଲେଲିନ୍‌ଙ୍କ ପ୍ରତିମୂର୍ତ୍ତି ଗୋଟିଏ ସ୍ଥାନରେ ସ୍ଥାପିତ ହୋଇଛି। ଅନ୍ୟମାନଙ୍କ ସହ ଅସମ୍ମତ ହେବା ପାଇଁ ସମ୍ମତ ହେବା ହେଉଛି ଏକ ସୁସ୍ଥ ଗଣତାନ୍ତ୍ରିକ ମୂଲ୍ୟବୋଧ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଆଜି ଭାରତରେ ଏହି ସୁସ୍ଥ ଗଣତାନ୍ତ୍ରିକ ମୂଲ୍ୟବୋଧ ଭୁଶୁଡ଼ିଯାଉଛି।

ପ୍ରାଚୀନ ଗ୍ରୀସ୍ ଓ ରୋମ୍‌ରେ ପ୍ରଶାସକମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପରମ୍ପରା ଥିଲା। ମାତ୍ର ଇଂରେଜମାନେ ଭାରତକୁ ଶାସନ କରିବା ପୂର୍ବରୁ ଭାରତରେ ଏହି ପରମ୍ପରା ନ ଥିଲା। ଅବଶ୍ୟ ଭାରତରେ ଦେବଦେବୀଙ୍କ ମୂର୍ତ୍ତି ଓ ବୁଦ୍ଧ, ଜୀନ ଭଳି ବିଶିଷ୍ଟ ଧର୍ମପ୍ରଚାରକମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାର ଧାରା ପ୍ରଚଳିତ ଥିଲା। ୧୮୫୮ ମସିହା ପରେ ଭାରତରେ ବ୍ରିଟିଶ ଶାସନ ସମୟରେ ରାଣୀ ଭିକ୍ଟୋରିଆଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଗଲା ପରେ ଭାରତସାରା ବ୍ରିଟିଶ ଶାସକ ଓ ପ୍ରଶାସକମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଗଲା। ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଏହି ଧାରା ତ୍ୱରାନ୍ୱିତ ହୋଇ ଶୀର୍ଷରେ ପହଞ୍ଚିଲା। ରାସ୍ତାକଡ଼ରେ ପ୍ରତିମୂର୍ତ୍ତି ହୋଇ ଛିଡ଼ାହେଲେ ଗାନ୍ଧୀ, ନେହେରୁ, ସୁଭାଷ ବୋଷ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି। ନିକଟରେ ଗୁଜରାଟରେ ସର୍ଦ୍ଦାର ପଟେଲଙ୍କ ଉଚ୍ଚତମ ପ୍ରତିମୂର୍ତ୍ତି ତିନି ହଜାର କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ପ୍ରତିମୂର୍ତ୍ତି ସ୍ଥାପନର ଉଦ୍ଦେଶ୍ୟ ହେଉଛି ସେହି ମହାପୁରୁଷମାନଙ୍କ କୀର୍ତ୍ତି ସମ୍ପର୍କରେ ମନେ ପକାଇଦେଇ ସେମାନଙ୍କ ଆଦର୍ଶରେ ଆଗାମୀ ଯୁବପିଢ଼ିକୁ ଉଦ୍‌ବୁଦ୍ଧ କରିବା। ମାତ୍ର ବିଡ଼ମ୍ବନାର ବିଷୟ ଯେ, ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଅଧିକାଂଶ ଯୁବତୀଯୁବକ ସେହି ପ୍ରତିମୂର୍ତ୍ତିଗୁଡ଼ିକୁ ଚିହ୍ନନ୍ତି ନାହିଁ, ସେମାନଙ୍କ ଆଦର୍ଶରେ ଉଦ୍‌ବୁଦ୍ଧ ହେବା ତ ଦୂରର କଥା।

ଏହି ଲେଖକ କଲେଜ ଅଧ୍ୟକ୍ଷ ଥିବାବେଳର ଏକ ଅନୁଭୂତି– ଅଧ୍ୟାପକମାନଙ୍କ ସାଧାରଣ କକ୍ଷରେ ଟଙ୍ଗା ହୋଇଥିବା ଭାରତର ବିଭିନ୍ନ ବରପୁତ୍ରଙ୍କ ପ୍ରତିକୃତିକୁ ଚିହ୍ନେଇଦେବା ପାଇଁ କେତେଜଣ ଛାତ୍ରଙ୍କୁ କୁହନ୍ତେ ଅଧିକାଂଶ ସେଗୁଡ଼ିକୁ ଚିହ୍ନିତ କରିପାରି ନ ଥିଲେ। ସ୍କୁଲ କଲେଜରେ ଏହି ବରପୁତ୍ରମାନଙ୍କ ସମ୍ପର୍କରେ ପରିଚୟ ଦେବା ପାଇଁ ଓ ସେମାନଙ୍କ ପ୍ରତି ସମ୍ମାନବୋଧ ସୃଷ୍ଟି କରିବା ଲାଗି କୌଣସି ପାଠ୍ୟକ୍ରମ ନାହିଁ। ଯେଉଁ ପାଠ ପଢ଼ିଲେ ଅର୍ଥକରୀ ଚାକିରି ମିଳିବ ସେହି ପାଠ୍ୟକ୍ରମ ଉପରେ ଜୋର ଦିଆଯାଉଛି। ଆମ ମହାପୁରୁଷମାନଙ୍କୁ ରାସ୍ତାଘାଟରେ ପ୍ରତିମୂର୍ତ୍ତି ଭାବରେ ଛିଡ଼ା କରାଇଦେଇ ଓ ବର୍ଷକୁ ଥରେ ସେମାନଙ୍କ ଜନ୍ମଦିନରେ ଫୁଲମାଳଟିଏ ଗଳାରେ ଚଢ଼ାଇଦେଇ ଆମେ ଆତ୍ମସନ୍ତୋଷ ଲାଭ କରୁଛୁ। ପରବର୍ତ୍ତୀ ସମୟରେ ସେହି ପ୍ରତିମୂର୍ତ୍ତିଗୁଡ଼ିକ ପକ୍ଷୀମାନଙ୍କର ବସାଘରରେ ପରିଣତ ହେଉଛି। ଆଜି ସେହି ପ୍ରତିମୂର୍ତ୍ତିଗୁଡ଼ିକୁ ଯୁବପିଢ଼ିକୁ ଉଦ୍‌ବୁଦ୍ଧ କରିବାର ସ୍ମାରକୀ ହୋଇ ରହିନାହିଁ। ହୁଏତ ଏମିତି ଦିନ ଆସିବ ଲୋକେ ଏହି ବରପୁତ୍ରମାନଙ୍କୁ ଚିହ୍ନି ନ ପାରି ସେଗୁଡ଼ିକୁ ବିସ୍ଥାପନ କରିବା ପାଇଁ କିମ୍ବା ଉତ୍ପାଟନ କରି ଫୋପାଡ଼ି ଦେବା ପାଇଁ କୁଣ୍ଠାବୋଧ କରିବେ ନାହିଁ। ଏହି ପ୍ରସଙ୍ଗରେ ମନକୁ ଆସେ ବିଶିଷ୍ଟ କଥାକାର ଆର୍.କେ. ନାରାୟଣନ୍‌ଙ୍କ ଏକ ପ୍ରସିଦ୍ଧ କାହାଣୀ 'ଲଲେ ରୋଡ୍'।

ସ୍ୱାଧୀନତା ପରବର୍ତ୍ତୀ ଭାରତବର୍ଷର କଥା। ମାଲଗୁଡ଼ି ପୌର ପରିଷଦର ଅଧ୍ୟକ୍ଷ ଚାହିଁଲେ ଜନସାଧାରଣଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବେ। ନିଷ୍ପତ୍ତି ନିଆଗଲା ଯେ ସହରରେ ସ୍ଥାପିତ ହୋଇଥିବା ବ୍ରିଟିଶ ଶାସନର ସ୍ମାରକୀ ପ୍ରତିମୂର୍ତ୍ତିଗୁଡ଼ିକୁ ହଟାଇ ଦିଆଯାଇ ସେହି ସ୍ଥାନରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ଓ ରାସ୍ତା ତଥା ପାର୍କଗୁଡ଼ିକୁ ସେମାନଙ୍କ ନାମରେ ନାମିତ କରାଯିବ। ବୈଠକରେ ମହାତ୍ମା ଗାନ୍ଧୀ, ନେତାଜୀ, ନେହେରୁଙ୍କ ଭଳି ବିଶିଷ୍ଟ ଜନନାୟକମାନଙ୍କ ନାମକୁ ଅଧିକାଂଶ ସଦସ୍ୟ ପସନ୍ଦ କରନ୍ତେ ସେମାନଙ୍କ ଦାବିକୁ ସମ୍ମାନ ଜଣାଇ ଶେଷରେ ଚାରିଗୋଟି ବିଭିନ୍ନ ରାସ୍ତାକୁ ଜଣଙ୍କ ନାମରେ ନାମିତ କରାଯାଇ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଗଲା। ଏହି ତଥାକଥିତ ଦେଶପ୍ରେମର ନିଦର୍ଶନ ସୃଷ୍ଟି କଲା ଏକ ବଡ଼ ସମସ୍ୟା। ଯେଉଁଠି ଚିଠି ପହଞ୍ଚିବା କଥା ନୁହେଁ ସେଠି ଚିଠି ପହଞ୍ଚିଲା। ଡାକପିଅନକୁ ଚିଠିର ଠିକ୍ ଠିକଣା ପାଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା। ତା'ସତ୍ତ୍ୱେ ପୌର ପରିଷଦର ଅଧ୍ୟକ୍ଷ ଆଉ କିଛି ଦେଶପ୍ରେମ ଉଦ୍ଦୀପକ କାର୍ଯ୍ୟ କରିବାକୁ ଚାହିଁଲେ। ଲଲେ ଏକ୍ସଟେନ୍‌ଶନ ନାମରେ ଥିଲା ଏକ ଅଞ୍ଚଳ। ତାକୁ ପରିବର୍ତ୍ତନ କରାଯାଇ ଗାନ୍ଧୀନଗର ନାମ ରଖାଗଲା। ଏଣୁ ସେଠି ସ୍ଥାପିତ ହୋଇଥିବା ଫ୍ରେଡ୍‌ରିକ ଲଲେ ନାମଧାରୀ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ଏକ ବିଶାଳ ପ୍ରତିମୂର୍ତ୍ତି ଅପ୍ରାସଙ୍ଗିକ ହୋଇଗଲା। ସେ କିଏ ସେ ସମ୍ପର୍କରେ କେହି କେବେ ଚିନ୍ତା କରି ନ ଥିଲେ। ପ୍ରତିମୂର୍ତ୍ତିର ଚେହେରା ଓ ବେଶଭୂଷାରୁ ଲୋକେ ଅନୁମାନ କରିନେଲେ ଯେ ସେ ଥିଲେ ଜଣେ ଦୁର୍ଦ୍ଧର୍ଷ ଏକଚ୍ଛତ୍ରବାଦୀ ବ୍ରିଟିଶ ଶାସକ। ସେ ଭାରତୀୟମାନଙ୍କୁ ଯୁଦ୍ଧରେ ପରାଜିତ କରି ତାଙ୍କ ବିରୋଧୀମାନଙ୍କୁ ଦମନ କରିଥିଲେ। ଏଣୁ ସମସ୍ତେ କହିଲେ ଏଭଳି ଜଣେ ଦୁର୍ଦ୍ଧର୍ଷ ଅତ୍ୟାଚାରୀ ଶାସକଙ୍କ ପ୍ରତିମୂର୍ତ୍ତି ସ୍ୱାଧୀନ ଭାରତରେ ଅବସ୍ଥାପିତ ହେବା ଅପମାନଜନକ। ଏଣୁ ସେହି ପ୍ରତିମୂର୍ତ୍ତିକୁ ସେଠାରୁ ହଟାଇବା ପାଇଁ ଟେଣ୍ଡର ଆହ୍ୱାନ କରାଗଲା। ପ୍ରତିମୂର୍ତ୍ତିଟି ୨୦ ଫୁଟ୍ ଉଚ୍ଚ ପ୍ରକାଣ୍ଡ ହୋଇଥିବାରୁ ତାକୁ ଉତ୍ପାଟନ କରିବା ଅତ୍ୟନ୍ତ ବ୍ୟୟସାପେକ୍ଷ ହେଲା। ଏଣୁ କେହି ସେହି ଟେଣ୍ଡର ଗ୍ରହଣ କଲେ ନାହିଁ। ଶେଷରେ ନିଜ ଖର୍ଚ୍ଚରେ ଯିଏ ସେହି ପ୍ରତିମୂର୍ତ୍ତିକୁ ଉତ୍ପାଟନ କରିବ, ତାକୁ ତାହା ବିନା ମୂଲ୍ୟରେ ଦିଆଯିବ ବୋଲି ଘୋଷଣା କରାଯାଆନ୍ତେ ଜଣେ ଭଦ୍ରଲୋକ ପ୍ରତିମୂର୍ତ୍ତିରେ ବ୍ୟବହୃତ ହୋଇଥିବା ଧାତୁର ମୂଲ୍ୟକୁ ବିଚାରକରି ତାହା ଲାଭଦାୟକ ହେବ ଭାବି ସେହି ପ୍ରସ୍ତାବରେ ରାଜି ହେଲେ। ପଚାଶ ଜଣ ଶ୍ରମିକଙ୍କ ୧୩ ଦିନର ଅକ୍ଳାନ୍ତ ପରିଶ୍ରମ ପରେ ମୂର୍ତ୍ତିଟି ଉତ୍ପାଟିତ ହେଲା ଓ ବହୁ କଷ୍ଟରେ ଏକ ଶଗଡ଼ରେ ସେହି ଭଦ୍ରବ୍ୟକ୍ତି ତାକୁ ନେଇ କବୀର ଲେନ୍‌ରେ ଥିବା ତାଙ୍କ ଘରେ ରଖିଲେ।

ଏହି ଖବରଟି ଚାରିଆଡେ ପ୍ରଚାରିତ ହେଲା। ସଙ୍ଗେ ସଙ୍ଗେ ଚାରିଆଡୁ ଐତିହାସିକମାନଙ୍କ ପ୍ରତିବାଦର ସୁଅ ଛୁଟିଲା। ସେହି ପ୍ରତିମୂର୍ତ୍ତିକୁ ଯେଉଁ ଏକଚ୍ଛତ୍ରବାଦୀ ଶାସକ ଫ୍ରେଡ୍‌ରିକ ଲଲେଙ୍କର ଭାବି ପୌର ପରିଷଦର ଅଧ୍ୟକ୍ଷ ତାକୁ ଉତ୍ପାଟନ କରାଇଥିଲେ, ତାହା ପ୍ରକୃତରେ ଥିଲା ଏକ ଭିନ୍ନ ଫ୍ରେଡ୍‌ରିକ ଲଲେଙ୍କ ପ୍ରତିମୂର୍ତ୍ତି। ସେ ଥିଲେ ୱାରେନ ହେଷ୍ଟିଙ୍ଗ୍‌ସଙ୍କ ସମୟର ଜଣେ ସାମରିକ ଶାସକ। ସେ ମାଲଗୁଡ଼ି ସହରକୁ ପ୍ରତିଷ୍ଠା କରି ବହୁ ଜନହିତକର କାର୍ଯ୍ୟ କରିଥିଲେ ଓ ମାଲଗୁଡ଼ିବାସୀଙ୍କ ମଙ୍ଗଳ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ସେ ହିଁ ଦିନେ କହିଥିଲେ, ଇଂରେଜମାନେ ଭାରତକୁ ଛାଡ଼ି ଚାଲିଯିବା ଉଚିତ। ଏହି ତଥ୍ୟ ପ୍ରକାଶ ପାଇବା ପରେ ପୌରାଧ୍ୟକ୍ଷ ବିବ୍ରତ ହୋଇପଡ଼ିଲେ। ପ୍ରତିମୂର୍ତ୍ତିକୁ ପୁନଃ ସ୍ଥାପନ କରିବା ପାଇଁ ସରକାରୀ ନିର୍ଦ୍ଦେଶ ଆସିଲା। ମାତ୍ର ବହୁ ଅର୍ଥ ବ୍ୟୟରେ ପ୍ରତିମୂର୍ତ୍ତି ଉତ୍ପାଟନ କରାଇଥିବା ଭଦ୍ରବ୍ୟକ୍ତି ତାକୁ ଫେରାଇଦେବା ପାଇଁ ରାଜି ହେଲେ ନାହିଁ। ଶେଷରେ ଅଧ୍ୟକ୍ଷ ଅନନ୍ୟୋପାୟ ହୋଇ ପ୍ରତିମୂର୍ତ୍ତି ସଂରକ୍ଷିତ ଥିବା କବୀର ଲେନ୍‌ରେ ସେହି ଭଦ୍ରଲୋକଙ୍କ ଘରଟିକୁ କିଣିନେଲେ ଓ ତାକୁ ଏକ ଜାତୀୟ ପାର୍କ ଭା

ଦୁର୍ନୀତି ମାମଲାରେ ୭ ବର୍ଷ ଜେଲଦଣ୍ଡରେ ଦଣ୍ଡିତ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫ୍‌ଙ୍କୁ ଅସୁସ୍ଥତା କାରଣରୁ ଲାହୋରର ଏକ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ୬ଦିନ ଚିକିତ୍ସିତ ହେବା ପରେ ତାଙ୍କୁ ପୁନର୍ବାର କୋଟ ଲଖପତ ଜେଲ୍‌କୁ ପଠାଇ ଦିଆଯାଇଛି।

ବଜେଟକୁ ନେଇ ବିଭିନ୍ନ ବର୍ଗର ପ୍ରତିକ୍ରିୟା

ନିର୍ବାଚନ ବୈତରଣୀ ପାର୍ ହେବାକୁ ଅନାବଶ୍ୟକ ତଥ୍ୟ ଦେଉଛନ୍ତି

ବଜେଟ ଉପସ୍ଥାପନା କରିବାବେଳେ ଯେଉଁ ତଥ୍ୟ ଦେଉଛନ୍ତି ତାହା ସତ୍ୟ ଉପରେ ଆଧାରିତ ହେବା କଥା। କିନ୍ତୁ ସରକାରଙ୍କ ତଥ୍ୟ ସତ୍ୟ ଉପରେ ଆଧାରିତ ନୁହେଁ। ସେଥିପାଇଁ ପ୍ରତିବାଦ କରି କକ୍ଷତ୍ୟାଗ କରିଛୁ। ଅର୍ଥମନ୍ତ୍ରୀଙ୍କ ବକ୍ତବ୍ୟରୁ ଯାହା ଜଣାପଡୁଛି ଏହା କାମଚଳା ବଜେଟ ହେଲେ ତା'ଭିତରେ ମଧ୍ୟ ସେ ରାଜନୀତି କରିବାକୁ ଚେଷ୍ଟା କରୁଛନ୍ତି। ନିର୍ବାଚନ ବୈତରଣୀ ପାର ହେବାକୁ ଅନାବଶ୍ୟକ ତଥ୍ୟ ଉପସ୍ଥାପନ କରୁଛନ୍ତି। ନିର୍ବାଚନକୁ ଆଖିଆଗରେ ରଖି ସରକାର ବକ୍ତବ୍ୟ ଦେଉଛନ୍ତି, ହେଲେ ଓଡ଼ିଶାର ବିକାଶ କଥା କହୁନାହାନ୍ତି। ରାଜ୍ୟର ବିକାଶ କରିବା ପାଇଁ ମଧ୍ୟ ତଥ୍ୟ ଦେଉ ନାହାନ୍ତି।

– ନରସିଂହ ମଶ୍ର, ବିରୋଧୀ ଦଳ ନେତା

ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବାକୁ ଉଦ୍ଦିଷ୍ଟ

ଏହି ବଜେଟ୍‌ରେ କିଛି ନୂଆ ଯୋଜନା ନାହିଁ। ଏଥିରେ ରାଜ୍ୟର ବାସ୍ତବ ଚିତ୍ର ଉପସ୍ଥାପନ କରାଯିବା ପରିବର୍ତ୍ତେ ଭୁଲ ତଥ୍ୟ ଦିଆଯାଇ ନିର୍ବାଚନ ବୈତରଣୀ ପାରହେବାକୁ ଚେଷ୍ଟା କରାଯାଇଛି। ରାଜ୍ୟ ସରକାର ନିଜ ପାଖରେ ଅର୍ଥ ନ ଥାଇ କାଳିଆ, ପିଠା, ଭଳି ବହୁ ଯୋଜନା କାର୍ଯ୍ୟକାରୀ କରିସାରିଛନ୍ତି। ତାହାସହିତ ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ଦେବାରେ ବିଫଳ ହୋଇଥିବା ସରକାର ବିଜୁ ଯୁବ ବାହିନୀ ନାମରେ ଏକ ସଂଗଠନ ଗଠନ କରି ସେଥିରେ ସରକାରୀ ଅର୍ଥର ଅପଚୟ କରିବା ଆରମ୍ଭ କରିଛନ୍ତି। ଏଥିରେ ସାମିଲ ହେଉଥିବା ଯୁବଗୋଷ୍ଠୀଙ୍କର ଭବିଷ୍ୟତ କ'ଣ ତାହା କେହି ଜାଣନ୍ତି ନାହିଁ। ମୋଟ ୫୬,୯୨୧ କୋଟି ଟଙ୍କାର ଲେଖାନୁଦାନ ବିଧାନସଭାରେ ଆଗତ କରାଯାଇଥିବାବେଳେ ସେଥିରେ କର୍ମଚାରୀଙ୍କ ଦରମା ବାବଦରେ ୨୫,୫୦୦ କୋଟି ଏବଂ ପେନ୍‌ସନ, ଭତ୍ତା ବାବଦରେ ୧୩,୩୩୦ କୋଟି ଟଙ୍କା ରହିଛି। ତେଣୁ ମୋଟ ବ୍ୟୟ ବରାଦର ପାଖାପାଖି ଅର୍ଦ୍ଧେକ କେବଳ ଦରମା ଓ ପେନ୍‌ସନରେ ଯିବ। ତାହାସହିତ ଋଣ ପରିଶୋଧ ବାବଦରେ ୬,୫୦୦ କୋଟି ଟଙ୍କା ଦିଆଯିବ। ଏହା କେବଳ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବାକୁ ଉଦ୍ଦିଷ୍ଟ ବୋଲି କହିଛନ୍ତି।

– ନିରଞ୍ଜନ ପଟ୍ଟନାୟକ, ପିସିସି ସଭାପତି

ଯୁବକ ଓ ଚାଷୀଙ୍କୁ ପ୍ରତାରିତ କରାଯାଇଛି

ଏହା ଏକ ନୈରାଶ୍ୟଜନକ ବଜେଟ। ନିର୍ବାଚନକୁ ଆଖିଆଗରେ ରଖି ଆଗରୁ ସରକାର କରିଥିବା ଯୋଜନାଗୁଡିକ ପାଇଁ ଅଧିକ ଅର୍ଥ ବରାଦ କରିଛନ୍ତି। ବଜେଟରେ ଉଭୟ ଯୁବଗୋଷ୍ଠୀ ଏବଂ ଚାଷୀଙ୍କୁ ଅଣଦେଖା କରାଯାଇଛି। ଯୁବକମାନଙ୍କ ପାଇଁ ସ୍ଥାୟୀ ସମାଧାନ ନ କରି ସେମାନଙ୍କୁ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରାଇବା ଠିକ୍ ନୁହେଁ।

– ଅଳି ପଟ୍ଟନାୟକ, ସିପିଏମ୍ ନେତା

ରାଜ୍ୟର ଦୀର୍ଘମିଆଦୀ ଲାଭକୁ ଅଣଦେଖା

ବଜେଟରେ ରାଜ୍ୟର ଦୀର୍ଘମିଆଦୀ ଲାଭକୁ ଅଣଦେଖା କରାଯାଇଛି। ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଏହି କ୍ଷେତ୍ରକୁ ଅଣଦେଖା କରାଯାଉଥିବାରୁ ଏହା ଦୀର୍ଘମିଆଦୀ ଭିତ୍ତିରେ ରାଜ୍ୟ ପାଇଁ ଭଲ ନୁହେଁ।

– ଅମରେନ୍ଦ୍ର ଦାସ, ଆସିଷ୍ଟାଣ୍ଟ ପ୍ରଫେସର, ନାଇଜର

ବିକାଶ ଦିଗରେ ସହାୟକ

ଗ୍ରାମୀଣ କ୍ଷେତ୍ରର ବିକାଶକୁ ନଜରରେ ରଖି ବିଭିନ୍ନ ପଦକ୍ଷେପ ନିଆଯାଇଛି। ସେହିଭଳି ଭିତ୍ତିଭୂମି ସହ ଅନ୍ୟାନ୍ୟ କ୍ଷେତ୍ରକୁ ବ୍ୟୟ ବରାଦ ରହିଥିବାରୁ ଏହା ରାଜ୍ୟର ଭବିଷ୍ୟତର ବିକାଶ ଲାଗି ସହାୟକ ହେବ।

– ନିଶିଥ ନନ୍ଦ, ବ୍ୟବସାୟୀ

ଉପରକୁ ଚିକ୍କଣ ଭିତରେ କିଛିନାହିଁ

ବଜେଟରେ ସେମିତି କିଛି ହେଲେ ନାହିଁ, ଯେଉଁଥିରେ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ହୋଇପାରିବ। ପକେଟ୍‌ରେ ଟଙ୍କା ନାହିଁ ହେଲେ ପୁଅ ବାହାଘର ପାଇଁ ମନ ଭଳି ନିର୍ବାଚନକୁ ଦୃଷ୍ଟିରେ ରଖି ବଜେଟ କରାଯାଇଛି। ଏଥିରେ ବେକାର ଯୁବପିଢ଼ିଙ୍କ ପାଇଁ କିଛି ନାହିଁ। ସୁରଟରେ ୧୦ଲକ୍ଷ ଯୁବକ ରହି କାମ କରୁଛନ୍ତି। ପିଠା, କାଳିଆ ଆଦି ଯୋଜନାରୁ କ'ଣ ମିଳିବ। ଏହା ବିଜେଡିର ପ୍ରଚାର ପାଇଁ ଉଦ୍ଦିଷ୍ଟ।

– ନାରାୟଣ ରେଡ୍ଡି, ସିପିଆଇ ନେତା

ବେକାରିଙ୍କୁ ଅର୍ଥମନ୍ତ୍ରୀ ନିରାଶ କରିଛନ୍ତି

୨୦୧୯-୨୦ ପାଇଁ ରାଜ୍ୟ ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଆଗତ ବଜେଟ ଯଦିଓ ପରମ୍ପରା ଓ ଦ୍ୱିତୀୟ ଶୃଙ୍ଖଳାକୁ ବଜାୟ ରଖିଛି ହେଲେ ଉତ୍କଟ ବେକାରି ସମସ୍ୟା ଉପରେ ଏଥିରେ ଗୁରୁତ୍ୱାରୋପ କରାଯାଇ ନାହିଁ। ବଜେଟର ନିରବତା ୪୦ଲକ୍ଷ ବେକାର ଯୁବତୀ ଯୁବକଙ୍କୁ ହତାଶ କରିଛି।

– ରବି ବେହେରା, ସମାଜବାଦୀ ପାର୍ଟି ନେତା

କୃଷି, କୃଷକର ଉନ୍ନତି ଉପରେ ଧ୍ୟାନ

ରାଜ୍ୟ ସରକାର ଅନ୍ତରୀଣ ବଜେଟ ଉପସ୍ଥାପନ କରିଛନ୍ତି। ବିଶେଷତଃ କୃଷି, କୃଷକର ଉନ୍ନତି ଓ ମହିଳା ସଶକ୍ତିକରଣ ଉପରେ ଧ୍ୟାନ ଦେଇଛନ୍ତି। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ। ପୁରାତନ ପରମ୍ପରା ବଜାୟ ରଖି ଗଣତନ୍ତ୍ରକୁ ସମ୍ମାନ ପ୍ରଦାନ କରିଥିବା ବଜେଟରୁ ଅନୁମେୟ। ନିର୍ବାଚନୀ ବର୍ଷରେ ଯେତିକି ପ୍ରତିଶ୍ରୁତି ଦେଇଛନ୍ତି ଓ ବଜେଟ ବରାଦି ଅର୍ଥର ସଦୁପଯୋଗ ହେବା ଦରକାର। ଟିକସ କ୍ଷେତ୍ର ପ୍ରତି ବିଶେଷ ଧ୍ୟାନ ଦେଇ ଦରଦାମ ସ୍ଥିର ରଖିବା ସରକାରଙ୍କ ଆଭିମୁଖ୍ୟ ହେବା ଉଚିତ।

– ରଜନୀକାନ୍ତ ମହାପାତ୍ର, ସଭାପତି, ପୁରୀ ଟ୍ୟାକ୍ସ ବାର୍ ଆସୋସିଏଶନ

ଆଖିଦୃଶିଆ ବଜେଟ ନୁହେଁ

ରାଜ୍ୟ ସରକାର ୪ମାସିଆ କାମଚଳା ବଜେଟ ଉପସ୍ଥାପନ କରିଛନ୍ତି। ଏହା ଆଖିଦୃଶିଆ ବଜେଟ ନୁହେଁ। ନିର୍ବାଚନ ବୈତରଣୀ ପାର ହେବା ଲାଗି ସରକାର ଏଭଳି ବଜେଟ କରିଛନ୍ତି। ସାଧାରଣ ବର୍ଗର ଲୋକଙ୍କ ବିକାଶ ଲାଗି ସେଭଳି କୌଣସି ଯୋଜନା ନାହିଁ। ନିର୍ବାଚନକୁ ଆଖି ଆଗରେ ରଖି ସରକାର ଗୋଟିଏ ପରେ ଗୋଟିଏ ଯୋଜନା କରି ଚାଲିଛନ୍ତି। ଏହା ରାଜ୍ୟର ଆର୍ଥିକ ସ୍ଥିତିକୁ ଦୋହଲାଇ ଦେବ। କେନ୍ଦ୍ରର ବଜେଟକୁ ଦେଖି ପ୍ରତିଯୋଗିତାମୂଳକ ବଜେଟ କରାଯାଇଛି। ଏହା ରାଜ୍ୟର ବିକାଶ ଲାଗି ନୁହଁ, ବିନାଶ ପାଇଁ ଉଦ୍ଦିଷ୍ଟ।

– ସୂର୍ଯ୍ୟ ନାରାୟଣ ରଥ, ସାମାଜିକ କର୍ମୀ, ପୁରୀ

ସଙ୍କୁଚିତ ବଜେଟ

ରାଜ୍ୟ ବଜେଟରେ ପୂର୍ବ ପ୍ରଚଳିତ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଛି। ବଜେଟରେ ସାମାଜିକ କ୍ଷେତ୍ରକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ୨୦୧୯-୨୦ରେ ନାମାଙ୍କନ ଅଭିବୃଦ୍ଧି ୧୧.୧୧ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି। କିନ୍ତୁ ବଜେଟର ଆକାର ୧୦.୪ ପ୍ରତିଶତକୁ ବୃଦ୍ଧି କରାଯାଇଛି। ମୋ' ମତରେ ଏହା ଏକ ସଙ୍କୁଚିତ ବଜେଟ।

– ସନ୍ତୋଷ ମହାପାତ୍ର, ସ୍ତମ୍ଭକାର, କଟକ

ବଜେଟ ପ୍ରତିଶ୍ରୁତିମୂଳକ

ଓଡ଼ିଶା ସରକାରଙ୍କର ଏହା ଏକ ଲେଖାନୁଦାନ ରୂପୀ କାମଚଳା ବଜେଟ। ନିର୍ବାଚନ ବର୍ଷରେ କାମଚଳା ବଜେଟରେ ବିଶେଷ କିଛି ଦିଶା ନିର୍ଦ୍ଦେଶ ନ ଥାଏ। କାରଣ ନୂତନ ସରକାରଙ୍କ ଉପରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବାର ଦାୟିତ୍ୱ ଛାଡ଼ି ଦିଆଯାଏ। ତଥାପି ଏହି କାମଚଳା ବଜେଟକୁ ଓଡ଼ିଶା ସରକାର ନିର୍ବାଚନ ଅଭିମୁଖୀ କରିବାକୁ ସବୁମତେ ଉଦ୍ୟମ କରିଛନ୍ତି।

– ଡା. ରବି ରଞ୍ଜନ ସାହୁ, ସଭାପତି, କଟକ ଜିଲା ଉତ୍କଳ ସମ୍ମିଳନୀ

ଋଣ ବୋଝ ବଢ଼ିପାରେ

ଚଳିତ ବର୍ଷ ବଜେଟରେ ବିଭିନ୍ନ ଯୋଜନା ଖର୍ଚ୍ଚ ବାବଦକୁ ଅତିରିକ୍ତ ପ୍ରାୟ ୧୦% ଦିଆଯାଇଛି। କୃଷି ସମେତ ବିଭିନ୍ନ କ୍ଷେତ୍ରର ଉନ୍ନତୀକରଣ ଲାଗି ବ୍ୟୟବରାଦ ଭଲ କଥା, ମାତ୍ର ରାଜ୍ୟ ଉପରେ ଯେଭଳି ଭାବେ ଅଧିକ ଋଣ ଭାର ନ ପଡ଼ିବ ତାକୁ ମଧ୍ୟ ବିଚାର କରିବାକୁ ହେବ।

– ରମେଶ ମହାପାତ୍ର, ସଭାପତି, ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ

ନୈରାଶ୍ୟଜନକ ବଜେଟ

ବଜେଟ ନୈରାଶ୍ୟଜନକ ହୋଇଛି। ଏଥିରେ କିଛି ନୂତନତ୍ୱ ନାହିଁ। ବଜେଟ କାମଚଳା ହୋଇଛି। କୃଷକଙ୍କ ଲାଗି ଉତ୍ପାଦିତ ଶସ୍ୟ ତଥା ବଜାର ବ୍ୟବସ୍ଥା ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଧ୍ୟାନ ଦେବାର ଥିଲା। ବଜେଟ ଆସ୍ତୁରି ଭଲ ହୋଇପାରିଥାନ୍ତା। ଯୋଜନା ବାବଦକୁ କେବଳ ବ୍ୟୟବରାଦ ହୋଇଛି ଯାହାର ନୂତନତ୍ୱ ନାହିଁ। ବଜେଟରେ ସେମିତି କିଛି ବଡ ଘୋଷଣା ହୋଇନାହିଁ।

– ସୁଧାକର ପଣ୍ଡା, ସଭାପତି, ଓଡ଼ିଶା ବ୍ୟବସାୟୀ ମହାସଂଘ

ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଅଣଦେଖା

ଆଗକୁ ନିର୍ବାଚନ ଆସୁଥିବାରୁ ବଜେଟରେ ଏହା ପ୍ରତିଫଳିତ ହୋଇଛି। ଲୋକଙ୍କୁ ସ୍ୱୟଂସମ୍ପୂର୍ଣ୍ଣ କରାଇବା ଲାଗି ବିଭିନ୍ନ ପଦକ୍ଷେପ ଉପରେ ଯୋଜନା ଆସିବା କଥା, ଯାହା ହୋଇନାହିଁ। ଦକ୍ଷତା ବିକାଶ ଏବଂ ଏମ୍‌ଏସ୍‌ଏମ୍‌ଇକୁ ଅଣଦେଖା କରାଯାଇଛି। ଏହା ନିଯୁକ୍ତି ସୃଷ୍ଟିରେ ସହାୟକ ହେଉଥିବାରୁ ବଜେଟରେ ଏ ନେଇ ବିଚାର କରିବାର ଥିଲା।

– ସାତ୍ତ୍ୱିକ ସ୍ୱାଇଁ, ମହାସଚିବ, ଓସ୍‌ମେ

ବିରୋଧୀ ହାଞ୍ଚାକୁ ପ୍ରତିହତ କରିବନି

ନିର୍ବାଚନ ବର୍ଷରେ ଚାଷୀ କାର୍ଡ ଖେଳିଛନ୍ତି କେନ୍ଦ୍ର ଓ ରାଜ୍ୟ ସରକାର। ତେବେ କାଳିଆ, ଆହାର ଯୋଜନା କାର୍ଯ୍ୟକ୍ରମ ଅର୍ଥନୈତିକ ପ୍ରଗତି ଆଣିପାରିବ ନାହିଁ। ସରକାରୀ ଓ ଅନୁଦାନପ୍ରାପ୍ତ ସ୍କୁଲ କଲେଜକୁ ଅନୁଦାନ ହ୍ରାସ କରି ଆଦର୍ଶ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପ୍ରତିଷ୍ଠା ଶିକ୍ଷାର ବିକାଶ କରିବାରେ ବିଫଳ ହେବ।

– ପ୍ରେମାନନ୍ଦ ମହାରଣା, ବିଭାଗୀୟ ମୁଖ୍ୟ ଅର୍ଥନୀତି ବିଭାଗ ଶରତ ପାଇକରାୟ ମହାବିଦ୍ୟାଳୟ, ଅରଗୁଳ ଖୋର୍ଦ୍ଧା

DADLS-271

ବିଶିଷ୍ଟ ସଂଗ୍ରାମୀ ତଥା ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ
ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୮ ଫେବୃଆରୀ, ୨୦୧୯

ସାଧାରଣ ସଭା
ସମୟ – ସଂଧ୍ୟା ୬ ଘଟିକା ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଡ. ନୃସିଂହ ଚରଣ ସାହୁ , ମାନ୍ୟବର ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ

ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ମହେଶ ସାହୁ, ମାନ୍ୟବର ବିଧାୟକ ତଥା ଅନୁଗୁଳ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ
– ଶ୍ରୀଯୁକ୍ତ ରଜନୀକାନ୍ତ ସିଂହ, ମାନ୍ୟବର ବିଧାୟକ
– ଶ୍ରୀଯୁକ୍ତ ବ୍ରଜ କିଶୋର ପ୍ରଧାନ, ମାନ୍ୟବର ବିଧାୟକ

ମୁଖ୍ୟ ବକ୍ତା – ଶ୍ରୀଯୁକ୍ତ ପ୍ରଦୋଷ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ

ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ ।

ସଭା ପରେ ପ୍ରଦୀପ ପଲାଇ, ମୋନାଲିସା ପଣ୍ଡା, ଇପସିତା ପଣ୍ଡା, ଅଲିଭା ରଥ, ହୃଦାନନ୍ଦ, ବେଣୁମାଧବ, ନିହାରିକା ଏବଂ ଅମ୍ରିତାୟନୀଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯିବ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ଲକ୍ଷ୍ମୀଧର ମହାନ୍ତି
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0577/1819

DSPL-388

ODISHA
Scenic • Serene • Sublime

15th Dhauli-Kalinga Mahotsav 2019
8th to 10th February
6:30 pm to 9:00 pm
at Foothills of Dhauli
Bhubaneswar

PROGRAMME HIGHLIGHTS

8 February 2019 (Friday)

Gitamahatmyam	Anitha Guha & group, Chennai; Gauri Diwakar & group, New Delhi; Janardhan Raj Urs & group, Bengaluru & Aruna Mohanty & group, Bhubaneswar
Mayurbhanji Chhau Dance (Paika Bidroha)	Mayur Art Centre, Bhubaneswar

9 February 2019 (Saturday)

Musical Orchestra (Mahodadhi)	Dhaneswar Swain & group, Vadya Vanee, Bhubaneswar
Odissi Dance	Ratikanta Mohapatra & group, Srjan, Bhubaneswar
Thang-Ta	Rajen Mangang, Manipuri Thang ta Cultural Association, Imphal

10 February 2019 (Sunday)

Odissi Dance	Madhulita Mohapatra & group, Nrityantara Academy of Performing Arts, Bengaluru
Kathak Dance	Rani Khanam, New Delhi
Contemporary Dance (Kalaripayttu)	Sreejith T. R & group, Kerala
Make in Odisha	Orissa Dance Academy, Bhubaneswar; Cornucopia Creations, Bengaluru & Md. Saiful Haque, Moksha, Cuttack.

N. B : Above programmes are subject to last minute changes.

www.odishatourism.gov.in
Organised by Orissa Dance Academy
In association with ART VISION
BHARATI Live telecast in DD Bharati and Live streaming in www.webcast.gov.in

37001/13/0084/1819

କେନ୍ଦ୍ରରେ ମହାମେଣ୍ଟ ସରକାର ଗଠନ ହେଲେ ଦ୍ୱନ୍ଦ୍ୱ ଓ ଅରାଜକତା ସୃଷ୍ଟି ହେବ ବୋଲି ଭାଜପା ନେତାଙ୍କ ଦାବିକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା ଖଣ୍ଡନ କରିଛନ୍ତି। ୧୯୯୬-୯୭ରେ ତାଙ୍କ ନେତୃତ୍ୱରେ ମେଣ୍ଟ ସରକାରର ଅନୁଭୂତିରୁ ଏହା ପ୍ରମାଣିତ ହୋଇଛି ବୋଲି ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ଅଧ୍ୟକ୍ଷ ଦେବେଗୌଡ଼ା କହିଛନ୍ତି।

ରାଉରକେଲା ନାବାଳିକା ରାଜସ୍ଥାନରୁ ଉଦ୍ଧାର

ନୂଆଦିଲ୍ଲୀ,୭।୨

ଅପହରଣ ପରେ ୪ ଲକ୍ଷରେ ବିକ୍ରି କରାଯାଇଥିଲା

ରାଉରକେଲାର ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଛି। ଫଳରେ ସେ ୯ ମାସର ଗର୍ଭବତୀ ହୋଇଛନ୍ତି। ଦିଲ୍ଲୀ ମହିଳା କମିଶନ (ଡିସିଡବ୍ଲ୍ୟୁ) ତାଙ୍କୁ ରାଜସ୍ଥାନରୁ ଉଦ୍ଧାର କରିଛି। ପୀଡ଼ିତାଙ୍କୁ ରାଜସ୍ଥାନ ପୋଲିସ ରାଉରକେଲାକୁ ଆଣିବା ପରେ ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି)କୁ ତାଙ୍କୁ ହସ୍ତାନ୍ତର କରାଯାଇଛି।

୨୦୧୭ ଡିସେମ୍ବରରୁ ନାବାଳିକା ଜଣକ ରାଉରକେଲାରୁ ନିଖୋଜ ହୋଇଯାଇଥିଲେ। ବାପାଙ୍କ ଅନୁପସ୍ଥିତିରେ ୨ଜଣ ସମ୍ପର୍କୀୟ ତାଙ୍କୁ ଘରୁ ନେଇ ଜଣେ ୪୦ ବର୍ଷୀୟଙ୍କଠାରେ ୪ ଲକ୍ଷ ଟଙ୍କାରେ ବିକ୍ରି କରିଦେଇଥିଲେ। ସେ ତାଙ୍କୁ ବାରମ୍ବାର ବଳାତ୍କାର କରିଥିବା ପୀଡ଼ିତା କହିଛନ୍ତି। ଅନ୍ୟପଟେ ନିଖୋଜ ଝିଅଙ୍କୁ ବିବାହିତ ଓ ଗର୍ଭବତୀ ଅବସ୍ଥାରେ ଦେଖି ତାଙ୍କ ବାପା ଆଚମ୍ବିତ ହୋଇଛନ୍ତି। ଝିଅକୁ ଅପହରଣ ପରେ ବିବାହ ପାଇଁ ୪ ଲକ୍ଷ ଟଙ୍କା କାରବାର ହୋଇଥିବା ସେ ଗଣମାଧ୍ୟମକୁ ଜଣାଇଛନ୍ତି। ଝିଅ ନିଖୋଜ ଥିବା ନେଇ ପରିବାର ପକ୍ଷରୁ ସେ ଥାନାରେ ରିପୋର୍ଟ ଦେଇଥିଲେ। ହେଲେ ପୋଲିସ ଝିଅର ଖୋଜଖବର ପାଇ ନ ଥିଲା। ଫଳରେ ସେ ପୀଡ଼ିତାଙ୍କ ବାପା ଦିଲ୍ଲୀ ମହିଳା କମିଶନଙ୍କଠାରେ ଅଭିଯୋଗ କରିଥିଲେ।

ଦିନସାରା ଅଚଳ, ବଜେଟ ବେଳେ ସ୍ୱାଭାବିକ

ଭୁବନେଶ୍ୱର,୭।୨(ବ୍ୟୁରୋ)

ବିଧାନସଭା ଅଧିବେଶନର ଚତୁର୍ଥଦିନ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ଦ୍ୱାରା ବଜେଟ ଆଗତ କରାଯାଇଛି। ଗୁରୁବାର ଦ୍ୱିତୀୟାର୍ଦ୍ଧରେ ଏହି ବଜେଟ ଆଗତ କରାଯାଇଥିଲା। ବଜେଟ ଉପସ୍ଥାପନ ସମୟରେ ହିଁ ଗୃହରେ ଅଚଳାବସ୍ଥା ନ ଥିଲା। ହେଲେ ପ୍ରଥମାର୍ଦ୍ଧ ଏବଂ ଅପରାହ୍ନରେ ବିରୋଧୀଙ୍କ ହଙ୍ଗାମା ଯୋଗୁଁ ଏହା ସମ୍ପୂର୍ଣ୍ଣ ଧୋଇ ହୋଇଯାଇଥିଲା। ପୂର୍ବାହ୍ନ ୧୦ଟା ୩୦ରେ କାର୍ଯ୍ୟ ଆରମ୍ଭ ମାତ୍ରେ କଂଗ୍ରେସ ସଭ୍ୟ ଗୃହର ମଧ୍ୟଭାଗକୁ ଚାଲିଆସି ସ୍ଲୋଗାନ ଦେଇଥିଲେ। ଅନୁରୂପ ଭାବେ ଭାଜପା ସଦସ୍ୟମାନେ ମଧ୍ୟ ହୋହଲ୍ଲା କରିଥିଲେ। ବାଚସ୍ପତି ପ୍ରଦୀପ ଅମାତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଆଗକୁ ବଢାଇବାକୁ ଚେଷ୍ଟା କରିଥିଲେ। ହେଲେ ତାହା ସମ୍ଭବ ହୋଇ ନ ଥିଲା। ଶେଷରେ ଗୃହ ୧୧ଟା ୩୦ ପର୍ଯ୍ୟନ୍ତ ମୁଲତବୀ ହୋଇଥିଲା। ପୁନଶ୍ଚ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଶାସକ ଦଳ ମୁଖ୍ୟ ସଚେତକ ଅମର ଶତପଥୀ ଚାଷୀ ପ୍ରସଙ୍ଗରେ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ କହିବାକୁ ଆରମ୍ଭ କରିଥିଲେ। ତାଙ୍କ ବକ୍ତବ୍ୟକୁ ବିରୋଧୀମାନେ ଧ୍ୟାନ ଦେଇ ନ ଥିଲେ। ପୁନର୍ବାର ଗୃହର ମଧ୍ୟଭାଗକୁ ଚାଲିଆସି ହୋହଲ୍ଲା କରିଥିଲେ। ଏହାପରେ ବାଧ୍ୟହୋଇ ବାଚସ୍ପତି ଗୃହକୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମୁଲତବୀ କରିଥିଲେ। ଅପରାହ୍ନରେ ମଧ୍ୟ ଦିନର ପ୍ରଥମାର୍ଦ୍ଧ ପରି ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରି ନ ଥିଲା। ମାତ୍ର ୩ ମିନିଟ୍ ଚାଲିବା ପରେ ଗୃହକୁ ଅପରାହ୍ନ ୫ଟା ୩୦ ଯାଏ ମୁଲତବୀ କରାଯାଇଥିଲା।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଘରେ ନ ଥାଇ ତୋରାଣି ଲୁଣ
ପରଘରେ ଖୋଜେ ତିନି ତିଅଣ ।

ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କ ଠାରେ କୌଣସି ପ୍ରକାରର ଲାଳସା ଭାବନା ଶୋଭାପାଇ ନ ଥାଏ। ଦିନକୁ ଦି'ଓଳି ଦି'ମୁଠା ଖାଇବାକୁ ପାଉ ନ ଥିବା ଦୀନହୀନ ଦରିଦ୍ର ବ୍ୟକ୍ତି ପରଘରେ ନାନା ରକମର ସ୍ୱାଦିଷ୍ଟ ବ୍ୟଞ୍ଜନ ଖୋଜିବା ନିହାତି ହାସ୍ୟାସ୍ପଦ ମନେହୋଇଥାଏ। ଏପରିସ୍ଥଳେ ଅଭାବୀ ବ୍ୟକ୍ତିର ସ୍ୱାଦିଷ୍ଟ ଭୋଜନ କରିବା ନେଇ ମନରେ ରହିଥିବା ଲାଳସା ଭାବନା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଘଇତା ଅଯୋଗ୍ୟ ପଣେ
ମାଇପ ଶୋଇଛି ଚାକୁଣ୍ଡା ବଣେ ।

ସ୍ୱାମୀ ହେଉଛି ସ୍ତ୍ରୀର ବଳ ଓ ଆଶା ଭରସା। କିନ୍ତୁ ଗୃହକର୍ତ୍ତା ବା ସ୍ୱାମୀ ଅଯୋଗ୍ୟ ହେଲେ ସ୍ତ୍ରୀର ଦୁଃଖକଷ୍ଟ ଦ୍ୱିଗୁଣିତ ହୋଇଯାଏ। ଫଳରେ ଘର ଚଳେଇବା ପାଇଁ ସେ ପରର ଆଶ୍ରା ନେଇଥାଏ। ପରଲୋକ ଯାହା କୁହେ ସେ ସେଇ ଅନୁସାରେ ଚଳିଥାଏ ଓ ସେଥିରେ ସାଲିସ କରିନେବା ଛଡ଼ା ଆଉ କିଛି ଚାରା ରହି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ବିଦ୍ୟୁତ୍ କର୍ମଚାରୀ ମହାସଂଘ ସହ ମନ୍ତ୍ରୀଙ୍କ ଆଲୋଚନା

ଭୁବନେଶ୍ୱର,୭।୨(ବ୍ୟୁରୋ)

ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂହ ଓ ବିଭାଗୀୟ ସଚିବ ହେମନ୍ତ ଶର୍ମାଙ୍କୁ ଗୁରୁବାର ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ କର୍ମକର୍ତ୍ତା ଭେଟିଛନ୍ତି। ବିଦ୍ୟୁତ୍ କର୍ମଚାରୀଙ୍କ ସମସ୍ୟାର ସମାଧାନ, ଦୁର୍ଘଟଣାରେ ମୃତାହତଙ୍କ ପରିବାରକୁ ସ୍ୱତନ୍ତ୍ର ପ୍ୟାକେଜ୍ ଓ ଥଇଥାନ ନେଇ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟର ସବୁ ବିଭାଗରେ ଦୁର୍ଘଟଣାଜନିତ ମୃତ୍ୟୁରେ ସ୍ୱତନ୍ତ୍ର ଆର୍ଥିକ ସହାୟତା ସହିତ ଥଇଥାନ ବ୍ୟବସ୍ଥା ରହିଥିବାବେଳେ ବିପଦପୂର୍ଣ୍ଣ ଭାବେ କାର୍ଯ୍ୟ କରୁଥିବା ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ପାଇଁ ଆର୍ଥିକ ସହାୟତା କିମ୍ବା ଥଇଥାନ ନୀତି ନାହିଁ। ଶ୍ରମିକଙ୍କୁ ଠିକା ସଂସ୍ଥାଦ୍ୱାରା ନିଯୁକ୍ତି ଦିଆଯାଇ ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ କରାଯାଇ ଶୋଷଣ କରାଯାଉଥିବା ଅଭିଯୋଗ କରାଯାଇଛି। ସେହି ଶ୍ରମିକମାନଙ୍କୁ ପର୍ଯ୍ୟାୟକ୍ରମେ ଚୁକ୍ତିଭିତ୍ତିକ ସରକାରୀ ନିଯୁକ୍ତି ପରିଧିକୁ ଆଣିବା ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ ଦିଆଯାଇଥିବା ପ୍ରସ୍ତାବକୁ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରାଯିବ। ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିବା ଲାଗି ସରକାର ପଦକ୍ଷେପ ନେବାକୁ ଚେଷ୍ଟା କରାଯାଉଥିବା ଜଣାପଡିଛି। ସଂଘ ସଭାପତି ସୁବାସ ସିଂହଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମନ୍ତ୍ରୀ ଓ ସଚିବଙ୍କୁ ଭେଟିଥିଲା।

ପ୍ରଥମ ପୃଷ୍ଠାରୁ

୪ ମାସ ପାଇଁ

ପ୍ରଶାସନିକବ୍ୟୟ୪୮ହଜାର୧୭୦କୋଟିଟଙ୍କାହେବବୋଲିଆକଳନକରାଯାଇଛି।

୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୧ ଲକ୍ଷ ୩୨ ହଜାର ୬୬୦ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତ କରାଯାଇଛି। ଏଥିରେ ପୁଞ୍ଜି ଖର୍ଚ୍ଚ ୨୩ ହଜାର ୭ ଶହ ୮୪ କୋଟି ଟଙ୍କା ଆକଳନ କରାଯାଇଛି, ଯାହାକି ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୪.୪%। ଆସନ୍ତା ଆର୍ଥିକ ବର୍ଷରେ ୧ ଲକ୍ଷ ୧୦ ହଜାର ୭୧୦ କୋଟି ଟଙ୍କା ରାଜସ୍ୱ ପାଇବା ନେଇ ଆକଳନ କରାଯାଇଥିବାବେଳେ ୧ ଲକ୍ଷ ୨ ହଜାର ୨୨୭ କୋଟି ବ୍ୟୟବରାଦ କରାଯାଇଛି। ୮ ହଜାର ୪୩୩ କୋଟି ଟଙ୍କା ରାଜସ୍ୱ ବଳକା ହେବ ବୋଲି ଆକଳନ କରାଯାଇଛି, ଯାହାକି ଜିଡିପିର ୧.୬%। ତେବେ ୨୦୧୯-୨୦ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟ ୧୬ ହଜାର ୧୯୩ କୋଟି ଅର୍ଥାତ୍ ରାଜ୍ୟର ମୋଟ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର ୩% ହେବ ବୋଲି ଅନୁମାନ କରାଯାଇଛି। ଲେଖା ଅନୁଦାନ (ଭୋଟ ଅନ୍ ଆକାଉଣ୍ଟ) ସମ୍ପର୍କରେ ସୂଚନା ଦେଇ ଅର୍ଥମନ୍ତ୍ରୀ କହିଛନ୍ତି ଯେ, ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୪ ମାସିଆ (ଏପ୍ରିଲରୁ ଜୁଲାଇ) କାମଚଳା ବଜେଟ କରାଯାଇଛି। ୨୦୧୮-୧୯ରେ ଜାତୀୟ ଅଭିବୃଦ୍ଧି ହାର ୮.୩୫% ହେବ ବୋଲି ଆକଳନ କରାଯାଇଛି। ଗତ ୬ ବର୍ଷର ଜାତୀୟ ଆର୍ଥିକ ଅଭିବୃଦ୍ଧି ହାର ହାରାହାରି ୭.୧% ରହିଥିବାବେଳେ ଓଡ଼ିଶାର ଅଭିବୃଦ୍ଧି ହାର ୮%ଠାରୁ ଅଧିକ ରହିଛି। ବିଶ୍ୱ ଓ ଜାତୀୟ ଅର୍ଥନୀତି ଅଭିବୃଦ୍ଧି ହାର ଏହି ଧାରା ଅବ୍ୟାହତ ରହିଲେ ଆସନ୍ତା ଆର୍ଥିକ ବର୍ଷରେ ରାଜ୍ୟର ଅଭିବୃଦ୍ଧି ହାର ୮ରୁ ୮.୫ ପ୍ରତିଶତକୁ ବୃଦ୍ଧି ହେବ ବୋଲି ଅନୁମାନ କରାଯାଇଛି। ଆସନ୍ତା ବଜେଟରେ କାଳିଆ ଯୋଜନାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୫ଟି କୃଷି ଋତୁ ପାଇଁ ପରିବାର ପିଛା ୨୫ ହଜାର ଟଙ୍କାର ଅନୁଦାନ ଦେବାକୁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୧୦ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯିବ। ୨୦୧୯-୨୦ ଆର୍ଥିକ ବର୍ଷରେ ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ୭୦ ହଜାର କୋଟି ଖର୍ଚ୍ଚ ହେବ। ଏଥିରେ ସରକାରୀ କ୍ଷେତ୍ର ଓ ସରକାରୀ ଉଦ୍ୟୋଗ ପାଇଁ ଯଥାକ୍ରମେ ୬୬ ହଜାର କୋଟି ଓ ୪ ହଜାର କୋଟି ଟଙ୍କା ବ୍ୟୟ ହେବ। ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୨ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଜ୍ୟ ଅର୍ଥରୁ ପୌର ସଂସ୍ଥା ଏବଂ ଉନ୍ନୟନ କର୍ତ୍ତୃପକ୍ଷଗୁଡ଼ିକୁ ୬ହଜାର ୪୯୦ କୋଟି ଟଙ୍କା ପ୍ରଦାନ କରାଯିବ।

ଗତ ୧୮ ବର୍ଷରେ ଓଡ଼ିଶା ବଳକା ରାଜ୍ୟ ଭାବରେ ପରିଣତ ହୋଇଛି। ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାରେ ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଅତିରିକ୍ତ ହିତାଧିକାରୀଙ୍କୁ କିଲୋ ପିଛା ୧ ଟଙ୍କାରେ ଚାଉଳ ଯୋଗାଇବା ପାଇଁ ବଜେଟରେ ୧ ହଜାର ୨୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ହରିଶ୍ଚନ୍ଦ୍ର ଯୋଜନାରେ ଶେଷକୃତ୍ୟ ସମ୍ପନ୍ନ ପାଇଁ ଗ୍ରାମାଞ୍ଚଳ ସକାଶେ ୨ ହଜାର ଏବଂ ସହରାଞ୍ଚଳ ଲାଗି ୩ ହଜାର ଟଙ୍କା ଲେଖାଏ ଦିଆଯାଉଛି। ମମତା ଯୋଜନା ମାଧ୍ୟମରେ ୩୫.୬୯ ଲକ୍ଷ ଗର୍ଭବତୀ ଓ ପ୍ରସୂତି ମା'ଙ୍କ ପାଇଁ ୧ ହଜାର ୬୫୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମର ବିଭିନ୍ନ ପ୍ରକଳ୍ପ ପାଇଁ ୧ ହଜାର ୫୫୪କୋଟି ଟଙ୍କା ବ୍ୟୟ ମଞ୍ଜୁର କରାଯାଇଛି।

ବିଧାନସଭାରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ବଜେଟ ଉପସ୍ଥାପନ କରୁଛନ୍ତି।

୨୦୧୮-୧୯ ଆର୍ଥିକ ବର୍ଷରେ ୧ ଲକ୍ଷ ୨୦ ହଜାର ୧୨୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସେଥିରୁ ୧ ଲକ୍ଷ ୧ ହଜାର ୮୮୩ କୋଟି ଟଙ୍କାର ରାଜସ୍ୱ ଆଦାୟ ହେବାବେଳେ ବ୍ୟୟ ୯୧ ହଜାର ୩୨୮ କୋଟି ଟଙ୍କା ହେବ। ୧୦ ହଜାର ୫ ଶହ ୫୫ କୋଟି ରାଜସ୍ୱ ବଳକା ହେବ। ବିତ୍ତୀୟ ନିଅଣ୍ଟ ୧୩ ହଜାର ୯୩୫ କୋଟି ଟଙ୍କା ମଧ୍ୟରେ ସୀମିତ ରହିବ ବୋଲି ଆକଳନ କରାଯାଇଛି।

ବଢୁଛି ଋଣ ଭାର

ରାଜ୍ୟରେ ୨୦୧୮ ଡିସେମ୍ବର ସୁଦ୍ଧା ୭୯ ହଜାର ୭୮୯ କୋଟି ଟଙ୍କା ଋଣ ଭାର ରହିଛି, ଯାହାକି ଜିଏସ୍‌ଡିପିର ୧୪.୪ % । ୨୦୧୮-୧୯ ଆର୍ଥିକ ବର୍ଷରେ ଋଣ ଭାର ୮୭୬୫୦ କୋଟି ଅର୍ଥାତ୍ ଜିଏସଡିପିର ୧୮%ରେ ପହଞ୍ଚିବ। ତେବେ ୨୦୧୯-୨୦ ମାର୍ଚ୍ଚ ଶେଷ ସୁଦ୍ଧା ଋଣ ଭାର ୧ ଲକ୍ଷ ୩ ହଜାର ୮୪୩ କୋଟି ଅର୍ଥାତ୍ ଜିଏସଡିପିର ୧୯.୨ % ହେବ ବୋଲି ଅନୁମାନ କରାଯାଇଛି। ବିଭିନ୍ନ ଖର୍ଚ୍ଚ ତୁଲାଇବା ପାଇଁ ରାଜ୍ୟ ସରକାର ଖୋଲା ବଜାରରୁ ୪ ହଜାର ୫୦୦ କୋଟି ଟଙ୍କାର ଋଣ ଉଠାଇଛନ୍ତି। ୨୦୧୯-୨୦ରେ ୧୪ ହଜାର ୬୭୫ କୋଟି ଟଙ୍କାର ଖୋଲା ବଜାରରୁ ଋଣ ଉଠାଇବାକୁ ସରକାର ଯୋଜନା କରିଛନ୍ତି। ନିର୍ବାଚନ ପରିଚାଳନା ପାଇଁ ୯୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବାବେଳେ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ଅନୁମତି ମିଳିଲେ ଭିତ୍ତିଭୂମି ନିର୍ମାଣ ପାଇଁ ୧୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଓଡ଼ିଶା ଆପତକାଳୀନ ପାଣ୍ଠିରୁ କାଳିଆ ଯୋଜନା ପାଇଁ ୭୩୫ କୋଟି ଟଙ୍କା ନେବାକୁ ସରକାର ନିଷ୍ପତ୍ତି କରିଛନ୍ତି। ଆସନ୍ତା ବଜେଟରେ ଏଥିପାଇଁ ବ୍ୟୟବରାଦ କରାଯାଇଛି। ଜିଏସ୍‌ଡିପିର ୨୫% ଯାଏ ଋଣ କରାଯାଇ ପାରିବ । ଏବେ ଋଣ ନିୟନ୍ତ୍ରଣ ମଧ୍ୟରେ ରହିଛି ବୋଲି ଅର୍ଥ ବିଭାଗ ସଚିବ ତୁହିନକାନ୍ତ ପାଣ୍ଡେ କହିଛନ୍ତି।

କେଉଁ ଯୋଜନା ପାଇଁ କେତେ

ଯୋଜନା	ବ୍ୟୟବରାଦ (କୋଟିରେ)
କାଳିଆ ଯୋଜନା	୪୪୬୧
କୃଷି ଋଣ ସୁଧ ରିହାତି	୮୦୦
ଆମ ଗାଁ: ଆମ ବିକାଶ-ପିଠା	୪୦୦
ଗ୍ରାମୀଣ ଜଳ ଯୋଗାଣ-ବସୁଧା	୨୯୩୫
ମଧୁବାବୁ ପେନ୍‌ସନ ଯୋଜନା	୨୧୨୦
ମିଶନ ଶକ୍ତି	୩୦୧
ମମତା	୩୦୫
ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା	୮୬୪
ଗୋପବନ୍ଧୁ ଗ୍ରାମୀଣ ଯୋଜନା	୫୦୦
ବିଜୁ ଯୁବ ବାହିନୀ	୧୦୫
ପାର୍ବତୀଗିରି ଉଠାଜଳ ସେଚନ	୧୭୭୭
ଜଳକ୍ଷେତ୍ର ଭିତ୍ତିଭୂମି ଉନ୍ନୟନ	୧୪୬୬୫
ସଡ଼କ ଉନ୍ନୟନ	୧୩୦୦
ଏକ ଟଙ୍କିଆ ଚାଉଳ	୧୦୨୮
ଏସ୍‌ସି/ଏସ୍‌ଟି ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ	୯୫୯
୩୩/୧୧ କେଭି ସବ୍‌ଷ୍ଟେଶନ୍	୫୩୩
ବିଜୁ ସେତୁ ଯୋଜନା	୫୦୦
ରେଳପ୍ରକଳ୍ପ ଉନ୍ନତୀକରଣ	୪୧୦
ଉନ୍ନତି	୪୦୧
ଆଡ଼ିବନ୍ଧ ନିର୍ମାଣ	୩୫୭
ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା	୩୫୦
ଓଡ଼ିଶା ଆଦର୍ଶ ବିଦ୍ୟାଳୟ	୩୦୦
ବିହନ ଓ ସାର ପାଇଁ କର୍ପସ ପାଣ୍ଠି	୨୬୦
ଭୂତଳ ଜଳ ଉତ୍ତୋଳନ	୨୫୦
ଏସ୍‌ସି/ଏସ୍‌ଟି ଛାତ୍ରାବାସ ନିର୍ମାଣ	୨୨୭
କେନାଲ ପ୍ରଣାଳୀର ସୁବ୍ୟବସ୍ଥିତ କାର୍ଯ୍ୟକ୍ରମ	୧୦
ରାଜ୍ୟ ରାଜପଥ ଉନ୍ନୟନ ପ୍ରକଳ୍ପ	୨୦୦
ରାଜ୍ୟ ରାଜଧାନୀ ଅଞ୍ଚଳ ବିଦ୍ୟୁତୀକରଣ	୧୯୦
ଆଇପିଆର୍ ଅନ୍ତର୍ଗତ ପ୍ରୋତ୍ସାହନ	୧୮୮

ଗାନ୍ଧୀମାର୍ଗ ରଣକ୍ଷେତ୍ର...

ଜଣାପଡିଛି। ରାଜ୍ୟରେ ବେକାରି ସମସ୍ୟା ବଢୁଛି। ରାଜ୍ୟ ସରକାର ଯୁବକମାନଙ୍କୁ ରୋଜଗାର ଦେଇ ପାରୁ ନ ଥିବାରୁ ସେମାନେ ଦାଦନ ଖଟିବାକୁ ଯାଉଛନ୍ତି। ଏପରି ଅଭିଯୋଗ ଆଣି ଯୁବମୋର୍ଚ୍ଚା ବିଧାନସଭା ଘେରାଉ ଡାକରା ଦେଇଥିଲା। ଗୁରୁବାର ରାମ ମନ୍ଦିର ଛକ ନିକଟ ଭାଜପା ରାଜ୍ୟ କାର୍ଯ୍ୟାଳୟରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଯୁବକ ଶୋଭାଯାତ୍ରାରେ ମାଷ୍ଟରକ୍ୟାଣ୍ଟିନ ଅଭିମୁଖେ ଆସିଥିଲେ। ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଟଙ୍କଧର ତ୍ରିପାଠୀ ଓ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୌରଭ ଚୌଧୁରୀଙ୍କ ନେତୃତ୍ୱରେ ସେମାନେ ଗାନ୍ଧୀମାର୍ଗରେ ପହଞ୍ଚିବାକ୍ଷଣି ପୋଲିସ ଅଟକାଇଥିଲା। କିନ୍ତୁ କର୍ଡନ ଭାଙ୍ଗି ସେମାନେ ବିଧାନସଭା ଅଭିମୁଖେ ଯିବାକୁ ଉଦ୍ୟମ କରିବାରୁ ପୋଲିସ ସହ ମୁହାଁମୁହିଁ ହୋଇଥିଲେ। କମ୍ ଫୋର୍ସ ଥିବାରୁ ଧସ୍ତାଧସ୍ତି ଭିତରେ ଆନ୍ଦୋଳନକାରୀ ପ୍ରଥମ ବ୍ୟାରିକେଡ୍ ଭାଙ୍ଗି ଆଗକୁ ମାଡ଼ି ଚାଲିଥିଲେ। ଆନ୍ଦୋଳନକାରୀ ଦୁଇ ଗ୍ରୁପ୍ ହୋଇ ୧୨୦ ବାଟାଲିୟନ ଓ ରବୀନ୍ଦ୍ର ମଣ୍ଡପ ପଟୁ ବିଧାନସଭା ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। କିଛି ସମୟ ପରେ ଅଧିକ ଫୋର୍ସ ପହଞ୍ଚିବାରୁ ପରିସ୍ଥିତି ଜଟିଳ ରୂପ ନେଇଥିଲା।

ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଟଙ୍କଧର କହିଛନ୍ତି, ୨୦୦୯ରୁ ବର୍ତ୍ତମାନ ସୁଧା ପାଖାପାଖି ୨୨ଲକ୍ଷ ଯୁବକ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ନାମ ପଞ୍ଜୀକୃତ କରିଛନ୍ତି। ମାତ୍ର ୨୬ ହଜାର ଯୁବକଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି। ଆନ୍ଦୋଳନକାରୀଙ୍କୁ ପୋଲିସ ଯେପରି ମାଡ଼ ମାରି ଗିରଫ କଲା ତାହାର ଜବାବ ଆଗାମୀ ନିର୍ବାଚନରେ ଯୁବ ସମାଜ ହିଁ ଦେବେ ବୋଲି ସେ କହିଛନ୍ତି। ଯୁବମୋର୍ଚ୍ଚାର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୌରଭ କହିଛନ୍ତି, ଆମ ସ୍ୱରକୁ କେହି ଅଟକାଇ ପାରିବେ ନାହିଁ। ଶୋଇଥିବା ମୁଖ୍ୟମନ୍ତ୍ରୀ ଗାଦିରୁ ନ ହଟିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ଯୁବମୋର୍ଚ୍ଚାର ବିକ୍ଷୋଭ ଆଇନ ସମ୍ମତ ନ ଥିଲା। ୧୪୪ ଧାରା ଅଞ୍ଚଳରେ ପଶିବାକୁ ଉଦ୍ୟମ କରିବାରୁ ୪ଶହରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ଗିରଫ କରାଯାଇଛି।

+PILES CLINIC+
Near Budheswari Temple, ମହ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar,

ଆସନ୍ତା ସାଧାରଣ ନିର୍ବାଚନରେ ମକ୍କଲ ନୀଧି ମୈୟମ୍ (ଏମ୍‌ଏନ୍‌ଏମ୍) ତାମିଲନାଡୁର ସମସ୍ତ ୩୯ ଆସନରେ ଲଢ଼ିବ । କିନ୍ତୁ କୌଣସି ଦ୍ରାବିଡୀୟ ଦଳ ସହ ମେଣ୍ଟ କରାଯିବ ନାହିଁ ବୋଲି ଅଭିନେତାରୁ ରାଜନେତା ସାଜିଥିବା ଏମ୍‌ଏନ୍‌ଏମ୍ ଅଧ୍ୟକ୍ଷ କମଲ ହାସନ ଗୁରୁବାର ସ୍ପଷ୍ଟ କରିଛନ୍ତି ।

ଥାନାରେ ହାଜର ହେଲେନି ଗୋଲକ

ଛତ୍ରପୁର,୭।୨(ଡି.ଏନ.ଏ.)

ଗଞ୍ଜାମ ଜିଲା ଛତ୍ରପୁର ଏନ୍‌ଏସିର ବହୁଚର୍ଚ୍ଚିତ ବିଜେଡି କାଉନ୍‌ସିଲର ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲାରେ ରାଜ୍ୟ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ଗୁରୁବାର ଥାନାରେ ହାଜର ହେବାକୁ ନୋଟିସ ହୋଇଥିଲା । ଅସୁସ୍ଥତା କାରଣ ଦର୍ଶାଇ ସେ ଛତ୍ରପୁର ଥାନାରେ ହାଜର ହୋଇନାହାନ୍ତି । ଗୁରୁବାର ଅପରାହ୍ନରେ ଗୋଲକଙ୍କ ଓକିଲ ପାର୍ଥ ସାରଥି ନାୟକ ଓ ଗୌରୀ କୁମାର ରଥ ଛତ୍ରପୁର ଥାନାରେ ଆସି ଏ ସମ୍ପର୍କିତ ଏକ ଚିଠି ଏସ୍‌ଡିପିଓ ରମେଶ ଚନ୍ଦ୍ର ସେଠୀଙ୍କୁ ଦେଇଥିଲେ । ଥାନାରେ ହାଜର ହେବାକୁ ଏକ ମାସ ସମୟ ଦେବାକୁ ଗୋଲକଙ୍କ ପକ୍ଷରୁ ଉକ୍ତ ଚିଠି ଜରିଆରେ ପୋଲିସକୁ ଅନୁରୋଧ କରାଯାଇଛି । ଚିଠି ସହ ଏକ ଘରୋଇ ହସ୍ପିଟାଲର ଜଣେ ଡାକ୍ତରଙ୍କ ପ୍ରେସ୍‌କ୍ରିପସନର ନକଲ ମଧ୍ୟ ଥାନା ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟଙ୍କ ଉପସ୍ଥିତିରେ ଏସଡିପିଓଙ୍କୁ ଦିଆଯାଇଛି ।

ବିଜେଡି କାଉନସିଲର ହତ୍ୟା ମାମଲା

ଲକ୍ଷ୍ମୀଦତ୍ତଙ୍କୁ ତାଙ୍କ ଘର ଆଗରେ ୨୦୧୭ ସେପ୍ଟେମ୍ବର ୧୬ରେ ଖଣ୍ଡାରେ ହାଣି ହତ୍ୟା କରାଯାଇଥିଲା । ଏହି ମାମଲାରେ ଛତ୍ରପୁର ପୋଲିସର ନୋଟିସ ଅନୁଯାୟୀ ୨୦୧୭ ନଭେମ୍ବର ୧ରେ ମଧ୍ୟ ଗୋଲକ ଥାନାରେ ହାଜର ହୋଇଥିଲେ । ତାଙ୍କୁ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପଚରାଉଚୁରା କରାଯାଇଥିଲା । ଗୁରୁବାର ଗୋଲକ ଓ ଆସନ୍ତା ୯ ତାରିଖରେ ଭାଜପା ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଛତ୍ରପୁର ଥାନାରେ ହାଜର ହେବାକୁ ଗତ ୨୮ ତାରିଖରେ ପୋଲିସ ପକ୍ଷରୁ ନୋଟିସ ଜାରି କରାଯାଇଥିଲା । ତେବେ ଥାନାରେ ହାଜର ହେବା ପାଇଁ ଭୃଗୁଙ୍କୁ ପ୍ରଥମଥର ପାଇଁ ଛତ୍ରପୁର ପୋଲିସ ନୋଟିସ ଜାରି କରିଛି । ସୂଚନାଯୋଗ୍ୟ, ହତ୍ୟା ମାମଲାରେ ଏ ପର୍ଯ୍ୟନ୍ତ ୧୯ ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ଜାମିନରେ ମୁକୁଳିଛନ୍ତି ।

ସଡ଼କ ଦୁର୍ଘଟଣାରେ ୨ ମୃତ

ଖଲ୍ଲିକୋଟ,୭।୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ମାଣିପୁର ଗ୍ରାମ ନିକଟ ରାସ୍ତାରେ ଗୁରୁବାର ଅପରାହ୍ନରେ ଏକ ଟାଟା ଏସଇ ସହ ବାଇକ୍ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି । ମୃତକମାନେ ହେଲେ ଧକାବାଲି ଗ୍ରାମର ମୁନା ଦାସ ଓ ଅମର ଦାସ । ଗୁରୁତର ମର୍ଦ୍ଦରାଜପୁର ଗ୍ରାମର ଶାନ୍ତି ଦାସ (୪୫)ଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ମୁନା, ଅମର ଓ ଶାନ୍ତି ଗୋଟିଏ ବାଇକରେ ମାଣିକପୁର ରାସ୍ତା ଦେଇ ଯାଉଥିଲେ । ବିପରୀତ ଦିଗରୁ ଆସୁଥିବା ଏକ ଟାଟା ଏସଇର ଚକା ଫାଟିଯିବାରୁ ଭାରସାମ୍ୟ ହରାଇ ବାଇକ୍‌ସହ ଧକ୍କା ହୋଇଥିଲା । ଘଟଣାସ୍ଥଳରେ ମୁନାଙ୍କର ମୃତ୍ୟୁ ଘଟିଥିଲା । ଗୁରୁତର ଅମର ଓ ଶାନ୍ତିଙ୍କୁ ଖଲ୍ଲିକୋଟ ଡାକ୍ତରଖାନାକୁ ନିଆ ଯାଇଥିଲା । ସେଠାରେ ଅମରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।

ମାର୍ଚ୍ଚରେ ଆକାଶ, ଶ୍ଳୋକାଙ୍କ ବିବାହ



ମୁମ୍ବାଇ:

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଅଧ୍ୟକ୍ଷ ତଥା ବିଶିଷ୍ଟ ଶିଳ୍ପପତି ମୁକେଶ ଏବଂ ନୀତା ଅମ୍ବାନୀଙ୍କ ପୁତ୍ର ଆକାଶ ଅମ୍ବାନୀ ଶ୍ଳୋକା ମେହେଟାଙ୍କୁ ଆସନ୍ତା ମାର୍ଚ୍ଚରେ ବିବାହ କରିବାକୁ ଯାଉଛନ୍ତି । ଶ୍ଳୋକା ହେଉଛନ୍ତି ପ୍ରସିଦ୍ଧ ହୀରା ବ୍ୟବସାୟୀ ରସେଲ୍ ଏବଂ ମୋନା ମେହେଟାଙ୍କ କନ୍ୟା । ମାର୍ଚ୍ଚ ୯ରେ ହେଉଥିବା ଏହି ବିବାହ କାର୍ଯ୍ୟକ୍ରମ ୩ଦିନ ଧରି ଅନୁଷ୍ଠିତ ହେବ । ୨୦୧୮ରେ ଅଜୟ ଏବଂ ସ୍ୱାତୀ ପିରାମଲ୍‌ଙ୍କ ପୁତ୍ର ଆନନ୍ଦ ପିରାମଲ୍‌ଙ୍କୁ ମୁକେଶଙ୍କ କନ୍ୟା ଈଶା ବିବାହ କରିଥିଲେ । ତେବେ ଚଳିତବର୍ଷ ମାର୍ଚ୍ଚରେ ଆକାଶଙ୍କୁ ବିଭାଦେବା ଲାଗି ଅମ୍ବାନୀ ପରିବାର ପୂରାଦମ୍‌ରେ ପ୍ରସ୍ତୁତ ରହିଛି ।

୨୦୧୮ରେ ଆକାଶ ଓ ଶ୍ଳୋକାଙ୍କର ନିର୍ବନ୍ଧ ହୋଇଥିଲା । ଏଥିପାଇଁ ଅମ୍ବାନୀ ଏବଂ ମେହେଟା ପରିବାର ଏକ ଏନ୍‌ଗେଜ୍‌ମେଣ୍ଟ ପାର୍ଟିର ଆୟୋଜନ କରିଥିଲେ । ଏହାପରେ ଈଶା ଓ ଆନନ୍ଦଙ୍କ ନିର୍ବନ୍ଧ ହୋଇଥିଲା । ଡିସେମ୍ବର ୧୨ରେ ମୁମ୍ବାଇର ଆଣ୍ଟିଲିଆଠାରେ ଦୁହିଁଙ୍କ ମଧ୍ୟରେ ହାତଗଣ୍ଠି ପଡ଼ିଥିଲା । ଏହା ପୂର୍ବରୁ ଉଦୟପୁରଠାରେ ପ୍ରାକ୍-ପରିଣୟ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

ପୂର୍ବ ତଟ ରେଳପଥ
ଭଡ଼ା ସୂତ୍ରରେ ଟ୍ରକ୍

ଟେଣ୍ଡର ନଂ. MCSW-TruckHiring-18-19-17

କାର୍ଯ୍ୟର ନାମ : 02 (ଦୁଇ) ବର୍ଷ ସମୟାବଧି ନିମନ୍ତେ ଅନ୍ୟ କାରଖାନା, କୋଚିଂ ଡ଼ିପୋ ଗୁଡ଼ିକରୁ ସାମଗ୍ରୀ ଗୁଡ଼ିକୁ ସ୍ଥାନାନ୍ତର କରିବା ଓ କାରଖାନା ପରିସର ମଧ୍ୟରେ ଅଧିକ ପରିମାଣର ସାମଗ୍ରୀ ପରିବହନ (ଦିନ ରାତି) କରିବା ନିମନ୍ତେ 10 ଟନ୍ କ୍ଷମତା ବିଶିଷ୍ଟ ଟ୍ରକ୍ ଭଡ଼ା ସୂତ୍ରରେ ନେବା ।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : ₹ 16,04,280.00, EMD (ଟଙ୍କାରେ): ₹ 32,100.00, ଟେଣ୍ଡର କାଗଜପତ୍ରର ମୂଲ୍ୟ (ଟଙ୍କାରେ) : ₹ 2,000.00, କାର୍ଯ୍ୟ ସମାପ୍ତିର ଅବଧି : 24 ମାସ ।

ବିକ୍ରୀ ଆରମ୍ଭ ହେବା ତାରିଖ : ତା 19.02.2019 ରିଖ, **ଟେଣ୍ଡର ବନ୍ଦ ହେବାର ଅନ୍ତିମ ତାରିଖ ଓ ସମୟ :** ତା 05.03.2019 ରିଖ 1500 ଘଟିକା ।

ଏହି ଟେଣ୍ଡର ସମ୍ପର୍କରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ।

ଡ଼େପୁଟି ଚିଫ୍ ମେକାନିକାଲ୍ ଇଞ୍ଜିନିୟର, ରେଳ ଭବନ ମରାମତି କାରଖାନା,ମଞ୍ଚେଶ୍ୱର

PR-462/J/18-19

ଭାରତୀୟ ବିମାନପତ୍ତନ ପ୍ରାଧିକରଣ
AIRPORTS AUTHORITY OF INDIA
ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି

ଟେଣ୍ଡର ଆଇଡି ୨୦୧୯-ଏଏଆଇ-୨୨୩୨୪-୧

ଭାରତୀୟ ବିମାନବନ୍ଦର ପ୍ରାଧିକରଣ "ବି.ପି.ଆଇ. ବିମାନ ବନ୍ଦର, ଭୁବନେଶ୍ୱରଠାରେ ପାସେଞ୍ଜର ବୋର୍ଡିଂ ବ୍ରିଜ୍ ସୁବିଧା ବ୍ୟବହାର କରି ଟର୍ମିନାଲ୍ ଟି୧ ଏବଂ ଟର୍ମିନାଲ୍ ଟି୨ ମଧ୍ୟରେ ସମନ୍ୱିତ ପରିଚାଳନା ନିମନ୍ତେ ଲିଙ୍କ୍ ବିଲ୍ଡିଂର ନିର୍ମାଣ ଏବଂ ଟର୍ମିନାଲ୍ ଟି-୨ର ସମ୍ପ୍ରସାରଣ/ନବୀକରଣ କାର୍ଯ୍ୟ। ଏସ୍‌ଏଚ୍.: ଟର୍ମିନାଲ୍ ଟି-୨ର ସବ୍-ଷ୍ଟେଶନ୍‌ର ସମ୍ପ୍ରସାରଣ" କାର୍ଯ୍ୟ ପାଇଁ ଇ-ଟେଣ୍ଡରିଂ ପୋର୍ଟାଲ୍ ମାଧ୍ୟମରେ ସାମଗ୍ରୀ ମୂଲ୍ୟ ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ଅଟକଳ ମୂଲ୍ୟ: ₹୨,୧୭,୮୫,୬୧୯.୦୦ (ଦୁଇକୋଟି ସତର ଲକ୍ଷ ପଞ୍ଚାଅଶୀ ହଜାର ଛଅଶହ ଉଣେଇଶ ଟଙ୍କା ମାତ୍ର) (ଜିଏସ୍‌ଟିକୁ ଛାଡ଼ି), ସମାପ୍ତି ଅବଧି: ୦୬ (ଛଅ) ମାସ। ବିଡ୍ କାଗଜପତ୍ର ଦାଖଲର ଶେଷ ତାରିଖ ଓ ସମୟ ହେଉଛି ତା୧୮।୦୨।୨୦୧୯ରିଖ ୧୮.୦୦ ଘଟିକା ପର୍ଯ୍ୟନ୍ତ। ସବିସ୍ତୃତ ସୂଚନା ପାଇଁ ସିପିପି ଇ-ସଂଗ୍ରହଣ ପୋର୍ଟାଲ୍ https://etenders.gov.in/eprocure/app କିମ୍ବା www.aai.aero ପରିଦର୍ଶନ କରନ୍ତୁ । ପରବର୍ତ୍ତୀ ସ୍ପଷ୍ଟୀକରଣ/ଶୁଦ୍ଧିପତ୍ର, ଯଦି ଥାଏ, କେବଳ ଇ-ସଂଗ୍ରହଣ ପୋର୍ଟାଲ୍ https://etenders.gov.in/eprocure/app ମାଧ୍ୟମରେ ଜାରି କରାଯିବ।

ପୂର୍ବ ତଟ ରେଳପଥ
ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅନ୍ତର୍ଗତ 54 (ଚଉବନ) ଗୋଟି 'E' ବର୍ଗର ଷ୍ଟେସନ ରେ ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ (STBA) ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି

ସଂ.SDCM/KUR/STBA/Phase-VIII ତାରିଖ : 28.01.2019

ପୂର୍ବ ତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ରୋଡ଼ ମଣ୍ଡଳର ନିମ୍ନଲିଖିତ 54 (ଚଉବନ) ଗୋଟି 'E' ବର୍ଗର ଷ୍ଟେସନ ରେ କମ୍ପ୍ୟୁଟରୀକୃତ ଅଣସଂରକ୍ଷିତ ଟିକଟ ପ୍ରଣାଳୀ (UTS) ମାଧ୍ୟମରେ ସମ୍ପୂର୍ଣ୍ଣ କମିଶନ ଭିତ୍ତିରେ ଅଣସଂରକ୍ଷିତ ଟିକଟ ବିକ୍ରୟ ପାଇଁ ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟ (STBA) ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଆବଶ୍ୟକୀୟ ସର୍ତ୍ତ ପୂରଣ କରୁଥିବା ଆଗ୍ରହୀ ବ୍ୟକ୍ତିବିଶେଷମାନେ ନିର୍ଦ୍ଧାରିତ ଫର୍ମାଟ୍‌ରେ ସିନିୟର ଡ଼ିଭିଜନାଲ କମର୍ସିଆଲ ମ୍ୟାନେଜର, ଖୋର୍ଦ୍ଧା ରୋଡ଼ ଙ୍କ ନିକଟରେ ଆବେଦନ କରି ପାରିବେ ।

ଷ୍ଟେସନ ଗୁଡ଼ିକର ନାମ : (1) ଚାରବାଟିଆ, (2) କାଇପଦର ରୋଡ଼, (3) ଝାଡୁପୁଡ଼ି, (4) ବାରୁଭା, (5) ସୁଜ୍ଞାଦେବୀ, (6) ବୀରପୁରୁଷୋତ୍ତମପୁର, (7) ଖୋର୍ଦ୍ଧା ଟାଉନ, (8) ବେଗୁନିଆ, (9) ବସନ୍ତପୁର, (10) ଶଗଡ଼ପଟା, (11) ବଡ଼ବନ୍ଧ, (12) ଗୋରଖନାଥ, (13) ମାଳତୀପାଟପୁର, (14) ରଘୁନାଥପୁର, (15) କନ୍ଦରପୁର, (16) କପିଳାସ ରୋଡ଼, (17) ହରିଚନ୍ଦନପୁର, (18) ଗଞ୍ଜାମ, (19) ରମ୍ପା, (20) ହୁମ୍ମା, (21) ବୈରୀ, (22) ହରିଦାସପୁର, (23) ଜେନାପୁର, (24) ନିଉ ଗଡ଼ମଧୁପୁର, (25) ଜଖପୁରା, (26) ରେତଙ୍ଗ, (27) ରାହାମା, (28) ଜଗନ୍ନାଥପୁର, (29) ବୁଢ଼ାପଙ୍କ, (30) କେନ୍ଦୁଆପଦା, (31) ଘଣ୍ଟିଖାଲ-ନିଧିପୁର, (32) ରାଧାକିଶୋରପୁର, (33) ରାଜଆଠଗଡ଼, (34) କେନ୍ଦ୍ରାପଡ଼ା ରୋଡ଼, (35) ନରଣପୁର, (36) ସୁକିନ୍ଦା ରୋଡ଼, (37) ବୈତରଣୀ ରୋଡ଼, (38) ସୋଲରୀ, (39) କୁହୁଡ଼ି, (40) ଗଙ୍ଗାଧରପୁର, (41) ଚିଲିକା, (42) ଗୋଆଲଡିହ, (43) ମଞ୍ଜୁରି ରୋଡ଼, (44) ଯୋରନ୍ଦା ରୋଡ଼, (45) ମେରାମଣ୍ଡଳି, (46) ଟମକା, (47) ବରୀଠେଙ୍ଗଡ଼, (48) ତାପଙ୍କ, (49) ନରାଜ ମାଥାପୁର, (50) ରାଜସୁନାଖଳା, (51) ଶାଳଗାଁ, (52) ପର୍ଜନପୁର, (53) ମନ୍ଦସା ରୋଡ଼, (54) ନୟାଗଡ଼ ଟାଉନ ।

ଷ୍ଟେସନ ଟିକଟ ବୁକିଂ ଏଜେଣ୍ଟଙ୍କୁ ପ୍ରଦାନଯୋଗ୍ୟ କମିଶନ ନିମ୍ନାନୁଯାୟୀ ହେବ :
ମାସିକ ଟିକଟ ବିକ୍ରୟ ପରିମାଣ ଏବଂ ପ୍ରାପ୍ୟ କମିଶନ : • ₹ 1 ରୁ ₹ 15,000/- ପର୍ଯ୍ୟନ୍ତ : 15% (ସର୍ବନିମ୍ନ ₹ 500/-) • ₹ 15,001 ରୁ ₹ 50,000/- ପର୍ଯ୍ୟନ୍ତ : 12%, • ₹ 50,001 ରୁ ₹ 1,00,000/- ପର୍ଯ୍ୟନ୍ତ : 9%, • ₹ 1,00,001 ଏବଂ ଏହା ଠାରୁ ଅଧିକ : 4%

ଅମାନତ ଜମା ରାଶି (EMD): ₹ 2,000/-(ଟଙ୍କା ଦୁଇ ହଜାର ମାତ୍ର) ।

କିପରି ଆବେଦନ କରିବେ : ପ୍ରାର୍ଥୀମାନେ ସାଦା କାଗଜରେ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼, ପୋଷ୍ଟ : ଜଟଣୀ, ଜିଲ୍ଲା : ଖୋର୍ଦ୍ଧା, ପିନ୍ - 752050ଙ୍କ ଠିକଣାରେ ଉପରୋକ୍ତ 54 (ଚଉବନ) ଗୋଟି "E" ବର୍ଗ ଷ୍ଟେସନ ଗୁଡ଼ିକ ନିମନ୍ତେ ଆବାସ ଦୃଷ୍ଟିକୋଣରୁ ଯେଉଁ ଷ୍ଟେସନ ପାଇଁ ଯୋଗ୍ୟ ହେଉଥିବେ, ସେହି ଷ୍ଟେସନ ପାଇଁ ଆବେଦନ କରିପାରିବେ ଏବଂ ଆବେଦନପତ୍ର ଗୁଡ଼ିକୁ ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟରେ ରଖା ଯାଇଥିବା ବାକ୍ସରେ ପକାଇବା ଉଚିତ । ଡାକ ସେବା କିମ୍ବା କୌଣସି ଅନ୍ୟ ସେବା ମାଧ୍ୟମରେ ଆସିଥିବା ଆବେଦନପତ୍ର ଗ୍ରହଣ କରାଯିବ ନାହିଁ ।

ଫର୍ମାଟ୍ ଅନୁଯାୟୀ ଉପଯୁକ୍ତ ଭାବେ ପୂରଣ କରାଯାଇଥିବା ଆବେଦନପତ୍ର ଗୁଡ଼ିକ ଏହି କାର୍ଯ୍ୟାଳୟରେ ତା.12.03.2019 ରିଖ 1100 ଘଟିକା ସୁଦ୍ଧା କିମ୍ବା ତା' ପୂର୍ବରୁ ପହଞ୍ଚିବା ଆବଶ୍ୟକ । ଯଦି ଅନ୍ତିମ ଦିବସ ଅର୍ଥାତ୍ ତା.12.03.2019 ରିଖ ଦିନ ଛୁଟି ଦିବସ ହୋଇଥାଏ କିମ୍ବା ଘୋଷିତ ହୁଏ, ତେବେ ଆବେଦନପତ୍ର ଗୁଡ଼ିକ ପରବର୍ତ୍ତୀ କାର୍ଯ୍ୟ ଦିବସର ସେହି ସମୟ ମଧ୍ୟରେ ଗ୍ରହଣ କରାଯିବ ।

ଦରଖାସ୍ତ ବାକ୍ସ ଖୋଲାଯିବାର ତାରିଖ ଓ ସମୟ : ତା.12.03.2019 ରିଖ 1130 ଘଟିକା

ସବିଶେଷ ବିବରଣୀ, ନିୟମ ଏବଂ ସର୍ତ୍ତାବଳୀ ତଥା ଦରଖାସ୍ତ ଫର୍ମାଟ୍ ୱେବ୍‌ସାଇଟ୍ www.eastcoastrail.indianrailways.gov.in ରେ ଉପଲବ୍ଧ ହେବ ।

PR-460/J/18-19 ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ (ସମନ୍ୱୟ), ଖୋର୍ଦ୍ଧା ରୋଡ଼

No. 1592-O

GOVERNMENT OF ODISHA
OFFICE OF THE EXECUTIVE ENGINEER, RURAL WORKS DIVISION-II, CUTTACK
Email ID- cuttackrw2nd@yahoo.co.in
Telephone / Fax No. (0671)-2445119

e-procurement Notice for BUILDING works

Bid Identification No. EECTC-II- 08 of 2018-19 dt. 01.02.2019

1.	Number of the work	07 (Seven) No. of Building Works
2.	Estimated Cost. (Approx)	Rs. 38.82 to 41.34 lakh
3.	Period of completion	02 (Two) calendar Months
4.	Date & time of sale & receipt of bid document online	From: 11.02.2019 at 11:00 AM To: 25.02.2019 at 4:00 PM
5.	Date & time of opening of bids	26.02.2019 at 11:30 PM
6.	Name and address of Inviting Officer	Executive Engineer, R. W. Division-II, Cuttack, Nayabazar, Cuttack-753004

Further details can be seen from the State Govt. portal https://tendersorissa.gov.in

Sd./- Executive Engineer
R.W. Division-II, Cuttack

25095/11/0014/1819

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
କ୍ଷେତ୍ର-୩, ଅଞ୍ଚଳ-୧, ଭୁବନେଶ୍ୱର, ଖୋର୍ଦ୍ଧା

ଦଖଲ ନୋଟିସ୍
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ. ୩) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ନିୟମ ୩ ସହିତ ଧାରା ୧୩(୧୨) ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଏହି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଋଣ ପଇଠ କରିବାରେ ବିଫଳ ହୋଇଛନ୍ତି ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ (୪) ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଦଖଲ କରିଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି, ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।

ଶାଖା / ଆକାଉଣ୍ଟ ନଂ. / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା	ଦଖଲ ନିଆଯାଇଥିବା ବନ୍ଧକ ସମ୍ପତ୍ତି ଗୁଡିକର ବିବରଣୀ	ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ପରିମାଣ	ଡିମାଣ୍ଡ ନୋଟିସ୍ /ଦଖଲ ତାରିଖ
ଛଣଗିରି ଶାଖା/ଆକାଉଣ୍ଟ ନଂ.:୩୦୭୦୬୩୬୯୦୭୫ (ଏଟିଏଲ୍)/ ଋଣଗ୍ରହୀତା: ଶ୍ରୀ ଉପେନ୍ଦ୍ର କୁମାର ବିଶ୍ୱାଳ, ପିତା: ୪ ଲିଙ୍ଗରାଜ ବିଶ୍ୱାଳ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ସୁରେନ୍ଦ୍ର ନାଥ ବିଶ୍ୱାଳ, ୨) ଶ୍ରୀ ନରେନ୍ଦ୍ର ବିଶ୍ୱାଳ, ଉଭୟଙ୍କ ପିତା: ୪ ଲିଙ୍ଗରାଜ ବିଶ୍ୱାଳ, ସମସ୍ତଙ୍କ ଠିକଣା ସା.: ଛିମା, ପୋ.: ଶଗଡଭଙ୍ଗା, ଥାନା: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା	୪ ଲିଙ୍ଗରାଜ ବିଶ୍ୱାଳଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଛିମା, ଥାନା/ତହସିଲ: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୨୫୬, ୧) ପ୍ଲଟ୍ ନଂ.: ୩୭୫, କ୍ଷେତ୍ର: ଏକର.୦.୦୫୦ଡିସିମିଲି, ୨) ପ୍ଲଟ୍ ନଂ.: ୯୯୦, କ୍ଷେତ୍ର: ଏକର୦.୨୪୪ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ସରକାରୀ ଜମି, ପଶ୍ଚିମ: ସୁରେନ୍ଦ୍ର ବେହେରା, ଉତ୍ତର: ସରକାରୀ ଜମି, ଦକ୍ଷିଣ: ସୁରେନ୍ଦ୍ର ଦାସ	୩୧.୦୧.୨୦୧୯ ସୁଦ୍ଧା ଟ.୧୧,୯୯,୭୩୧/- + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ

ଲୋକ ସଭା ନିର୍ବାଚନ ପୂର୍ବରୁ ଜେଏନ୍‌ୟୁର ପୂର୍ବତନ ସଭାପତି କନ୍ହେୟା କୁମାରଙ୍କ ବିରୋଧରେ ଦେଶଦ୍ରୋହ ମାମଲା ନେଇ ଦିଲ୍ଲୀ ପୋଲିସର ଚାର୍ଜଶିଟ୍ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହାର ଆଇନଗତ ତର୍ଜମା ହେବା ଦରକାର ।
- ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

ହିମପାତରେ ବୁହାହୋଇ ହସ୍ପିଟାଲ ଗଲେ ପ୍ରସୂତି

ଶ୍ରୀନଗର,୭।୨–ଗମନାଗମନ ଅସୁବିଧା ଯୋଗୁ ଦେଶର ବିଭିନ୍ନ ସ୍ଥାନରେ ରୋଗୀ ବୁହାହୋଇ ହସ୍ପିଟାଲକୁ ଯିବା ସାଧାରଣ ଘଟଣା । ଜମ୍ମୁ-କଶ୍ମୀରର ବାରାମୂଲ୍ଲା ଜିଲାର ଶୀରିରେ ଏଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ନାମ୍‌ବଲାନ୍ ଗ୍ରାମର ଜଣେ ପ୍ରସୂତିଙ୍କୁ ଗୁରୁବାର ଷ୍ଟ୍ରେଚରରେ ୭ କି.ମି. ବୋହି ହସ୍ପିଟାଲକୁ ନିଆଯାଇଛି । କାରଣ ପ୍ରବଳ ହିମପାତ ଯୋଗୁ ଉକ୍ତ ଗାଁକୁ ଆମ୍ବୁଲାନ୍ସ ପହଞ୍ଚିପାରି ନ ଥିଲା । ଗ୍ରାମବାସୀ ଗର୍ଭବତୀଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବୋହି ନେଉଥିବା ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଉପତ୍ୟକାର ପାହାଡ଼ିଆ ଅଞ୍ଚଳରେ ହିମପାତ ସାଧାରଣ ଲୋକଙ୍କ ଜୀବନକୁ କିପରି ପ୍ରଭାବିତ କରିଛି ତା'ର ନିଛକ ଛବି ଏଥିରୁ ପ୍ରତିଫଳିତ ହୋଇଛି ।

୩୬ ହଜାରରେ ହେବ ଆଇଏଏସ୍ ଅଧିକାରୀଙ୍କ ପୁଅ ବାହାଘର

ବିଶାଖାପାଟନାମ୍,୭।୨–ଆଜିକାଲି ମଧ୍ୟବିତ୍ତ ପରିବାରଗୁଡ଼ିକରେ ମଧ୍ୟ ବ୍ୟୟବହୁଳ ବିବାହ ଦେଖିବାକୁ ମିଳୁଛି । କିନ୍ତୁ ଆନ୍ଧ୍ରପ୍ରଦେଶର ଜଣେ ଆଇଏଏସ୍ ଅଧିକାରୀ ନିଜ ପୁଅ ବାହାଘର ପାଇଁ ୩୬,୦୦୦ ଟଙ୍କା ଖର୍ଚ୍ଚ କରି ଉଦାହରଣ ସୃଷ୍ଟି କରିବାକୁ ଯାଉଛନ୍ତି । ବିଶାଖାପାଟନାମ୍ ମେଟ୍ରୋପଲିଟାନ୍ ଅଞ୍ଚଳ ବିକାଶ କର୍ତ୍ତୃପକ୍ଷ କମିଶନର ପାଟନାଲା ବସନ୍ତ କୁମାରଙ୍କ ପୁଅ ବାହାଘର ଆସନ୍ତା ୧୦ରେ ହେବ । ଏଥିପାଇଁ ଖର୍ଚ୍ଚ ହେବାକୁ ଥିବା ୩୬,୦୦୦କୁ ଉଭୟ ପୁଅ ଓ ଝିଅ ଘର ସମାନ ଭାବେ ଖର୍ଚ୍ଚ କରିବେ । ଦୁଇପକ୍ଷ ୧୮,୦୦୦ ଟଙ୍କା ଲେଖାଏ ବହନ କରି ବିବାହ ପାଇଁ ଭୋଜି ଓ ଅତିଥି ସତ୍କାର ଆଦି କରିବେ । ରାଜ୍ୟପାଳ ଇଏସ୍‌ଏଲ୍ ନରସିଂହା ଏହି ନବଦମ୍ପତିଙ୍କୁ ଆଶୀର୍ବାଦ ଦେବାକୁ ଯିବେ । ବସନ୍ତ କୁମାର ୨୦୧୭ରେ ଝିଅ ବାହାଘର କରିଥିଲେ, ଯେଉଁଥିପାଇଁ ତାଙ୍କୁ ୧୬,୧୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା ।

୧୫,୦୦୦ ଗଛ ଲଗାଇବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୭।୨–ଦିଲ୍ଲୀ ହାଇକୋର୍ଟ ଗୁରୁବାର ୨ ଜଣ ବ୍ୟକ୍ତି ଓ ୩ କମ୍ପାନୀଙ୍କୁ ୩,୦୦୦ ଲେଖାଏ ବୃକ୍ଷରୋପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ୨ଜି ଦୁର୍ନୀତି ମାମଲାରେ କୋର୍ଟ ଏମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ହାଇକୋର୍ଟ ଏମାନଙ୍କୁ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ । ୨ ବ୍ୟକ୍ତି ଓ ୩ କମ୍ପାନୀ ଜବାବ ଦାଖଲ ପାଇଁ ହାଇକୋର୍ଟଙ୍କୁ ଅଧିକ ସମୟ ମାଗିଥିଲେ । ଜଷ୍ଟିସ୍ ନାଜ୍‌ମି ୱଜିରି ଏହାର ଶୁଣାଣି କରି ସ୍ୱାନ ଟେଲିକମ୍ ପ୍ରା. ଲିଃର ପ୍ରମୋଟର ଶାହିଦ୍ ବାଲୱା, କୁସେଗାଓଁ ଫ୍ରୁଟ୍ସ ଆଣ୍ଡ ଭେଜିଟେବଲ୍ସ ପ୍ରା.ଲିଃ. ନିର୍ଦ୍ଦେଶକ ରାଜୀବ ଅଗରୱାଲଙ୍କ ସମେତ ଡାଇନାମିକ୍ ରିୟଲିଟି, ଡିବି ରିୟଲିଟି ଲିମିଟେଡ୍ ଏବଂ ନୀହାର କନ୍‌ଷ୍ଟ୍ରକ୍‌ଶନ ପ୍ରା.ଲିଃ.କୁ ଜବାବ ଦାଖଲ ପାଇଁ ଶେଷ ସୁଯୋଗ ଦେଇଛନ୍ତି । ଇଡି ପକ୍ଷରୁ ଦାଏର ଏହି ମନିଲଣ୍ଡରିଂ ମାମଲାରେ ପୂର୍ବତନ ଟେଲିକମ୍ ମନ୍ତ୍ରୀ ଏ. ରାଜା ଏବଂ ଡିଏମ୍‌କେ ଏମ୍‌ପି କାନିମୋଝି ୨୦୧୭ ଡିସେମ୍ବର ୨୧ରେ ତଳକୋର୍ଟରେ ଖଲାସ ହୋଇଥିଲେ । ଅବଶିଷ୍ଟ ୫ ଅଭିଯୁକ୍ତ ଆସନ୍ତା ୧୫ରେ ଦକ୍ଷିଣ ଦିଲ୍ଲୀରେ ୩ ହଜାର ଲେଖାଏ ବୃକ୍ଷରୋପଣ କରିବା ପାଇଁ ବନ ଅଧିକାରୀଙ୍କ ନିକଟରେ ହାଜର ହେବେ । ମାର୍ଚ୍ଚ ୨୬ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ ।

ସଂକ୍ଷେପରେ

ଗଡ଼କରୀଙ୍କୁ ସୋନିଆଙ୍କ ପ୍ରଶଂସା

ନୂଆଦିଲ୍ଲୀ,୭।୨(ପି.ଟି.)-କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ କାର୍ଯ୍ୟକୁ ଉପା ଅଧକ୍ଷା ସୋନିଆ ଗାନ୍ଧୀ ଲୋକ ସଭାରେ ଉଚ୍ଚ ପ୍ରଶଂସା କରିଛନ୍ତି । ଦେଶର ଭିତ୍ତିଭୂମି ବିକାଶରେ ଗଡକରୀ ଚମତ୍କାର କରିଛନ୍ତି ବୋଲି ଲୋକ ସଭା ପ୍ରଶ୍ନକାଳରେ ସୋନିଆ କହିଥିଲେ । ସଡକ ପରିବହନ ମନ୍ତ୍ରଣାଳୟ ସମ୍ପର୍କିତ ଦୁଇଟି ପ୍ରଶ୍ନର ଉତ୍ତର ଗଡକରୀ ରଖିବା ପରେ ସୋନିଆ ଟେବୁଲ ବାଡେଇ ଏହାକୁ ସ୍ୱାଗତ କରିଥିଲେ ।

'ମୂଳପୋଛ ହେବ ଆଇଏସ୍'

ୱାଶିଂଟନ,୭।୨(ପି.ଟି.)-ଆତଙ୍କବାଦୀ ସଙ୍ଗଠନ ଆଇଏସ୍ ଖଲିଫାଙ୍କ ଅସ୍ତିତ୍ୱ ନାଶ ହୋଇଛି । ଆମେରିକା ସେନା ନେତୃତ୍ୱାଧୀନ

ସିରିଆନ୍ ଡେମୋକ୍ରାଟିକ୍ ସୁରକ୍ଷା ବଳଙ୍କ ମିଳିତ ଅପରେଶନ ଆଇଏସ୍ ଆତଙ୍କବାଦୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି । ସିରିଆ ଓ ଇରାକ୍‌ର ଅଧିକାଂଶ ଅଞ୍ଚଳ ଆଇଏସ୍ ଦଖଲରୁ ମୁକ୍ତ ହୋଇଛି । ମାତ୍ର ୧ ପ୍ରତିଶତ ସ୍ଥାନରେ ଆତଙ୍କବାଦୀଙ୍କ ଉପସ୍ଥିତି ରହିଛି । କେଇ ସପ୍ତାହ ମଧ୍ୟରେ ସେମାନେ ମୂଳପୋଛ ହୋଇଯିବେ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସ୍ପଷ୍ଟ କରିଛନ୍ତି ।

'କଂଗ୍ରେସ କ୍ଷମତାକୁ ଆସିଲେ ରଦ୍ଦହେବ ତିନି ତଲାକ୍ ଆଇନ'

ନୂଆଦିଲ୍ଲୀ,୭।୨(ପି.ଟି.)-ଆଗାମୀ ଲୋକ ସଭା ନିର୍ବାଚନ ଜିତି କଂଗ୍ରେସ କ୍ଷମତାକୁ ଆସିଲେ ତିନି ତଲାକ୍ ଆଇନକୁ ରଦ୍ଦ କରିବ ବୋଲି ଦଳର ମହିଳା ଶାଖା ସଭାନେତ୍ରୀ ସୁସ୍ମିତା ଦେବ କହିଛନ୍ତି । କଂଗ୍ରେସ ସଂଖ୍ୟାଲଘୁ ବିଭାଗ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଦେବ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତିନି ତଲାକ୍ ଆଇନ ମାଧ୍ୟମରେ ମୁସଲମାନ ପୁରୁଷ ଓ ମହିଳାଙ୍କ ମଧ୍ୟରେ ବିବାଦୀୟ ବାତାବରଣ ସୃଷ୍ଟି କରିଛନ୍ତି । ମୁସଲମାନ ପୁରୁଷଙ୍କୁ ଜେଲ୍ ପଠାଇବା ଲାଗି ମୋଦି ସରକାର ଏହାକୁ ଅସ୍ତ୍ର କରିଥିବା ସେ ଅଭିଯୋଗ କରିଛନ୍ତି । ସାରା ଦେଶରୁ ମୁସଲମାନ ମହିଳାମାନେ ଉକ୍ତ ଆଇନ ବିରୋଧରେ କୋଟି କୋଟି ପତ୍ର ଲେଖିବା ସହ ଦସ୍ତଖତ ସଂଗ୍ରହ ଅଭିଯାନ ଚଳାଇଥିବାରୁ ସେ ଏହାର ପ୍ରଶଂସା କରିଛନ୍ତି । ଅନ୍ୟପକ୍ଷରେ କଂଗ୍ରେସର ଭ୍ରଷ୍ଟ ମାନସିକତା ଲାଗି ମୁସଲମାନ ମହିଳା ଏବଂ ଦେଶବାସୀ ଉକ୍ତ ଦଳକୁ କ୍ଷମା ଦେବେ ନାହିଁ ବୋଲି ଭାଜପା କହିଛି । କଂଗ୍ରେସ ତୁଷ୍ଟୀକରଣ ନୀତି ଆପଣାଇଥିବା ଭାଜପା ମୁଖପାତ୍ର ସମ୍ବିତ ପାତ୍ର ଅଭିଯୋଗ କରିଛନ୍ତି ।

ଇତିହାସର ଆଇନାରେ

ଫେବୃୟାରୀ ୮ର ପ୍ରମୁଖ ଘଟଣା

୧୯୭୪ ଫେବୃୟାରୀ ୮ରେ ଆମେରିକାର ସ୍ପେସ୍ ଷ୍ଟେଶନ୍ ସ୍କାଇଲାବ୍‌ରୁ ପୃଥିବୀକୁ ଫେରି ଆସିଥିଲେ ଚତୁର୍ଥ କ୍ରିଉ ସଦସ୍ୟ । ସେ ମହାକାଶରେ ୮୪ ଦିନ ବିତାଇଥିଲେ । ୧୯୭୩ ନଭେମ୍ବର ୧୬ରେ ଫ୍ଲୋରିଡାର କେନେଡି ସ୍ପେସ୍ ସେଣ୍ଟରରୁ ମହାକାଶଚାରୀଙ୍କୁ ନେଇ ଏହା ଲଞ୍ଚ୍ କରିଥିଲା ।

୨୦୧୪ ଫେବୃୟାରୀ ୮ରେ ସୌଦି ଆରବର ମଦିନାରେ ଅଗ୍ନିକାଣ୍ଡ ଯୋଗୁ ୧୫ ତୀର୍ଥଯାତ୍ରୀ ପ୍ରାଣ ହରାଇବା ସହିତ ୧୩୦ ଆହତ ହୋଇଥିଲେ । ମଦିନା ହେଉଛି ସୌଦି ଆରବର ଅଲ୍-ମଦିନା ରିଜିୟନ୍‌ର ପ୍ରଶାସନିକ ମୁଖ୍ୟ କାର୍ଯ୍ୟାଳୟ ।

■ ପୋଲିସ ବାବୁଙ୍କ ମେଡାଲ ଫେରାଇନେବ କେନ୍ଦ୍ର

କାର୍ଯ୍ୟାନୁଷ୍ଠାନ ନାଁରେ ପ୍ରତିଶୋଧ

ନୂଆଦିଲ୍ଲୀ,୭।୨

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀଙ୍କ ସହ ଧାରଣାରେ ବସିବା ପୋଲିସ ବାବୁଙ୍କୁ ମହଙ୍ଗା ପଡ଼ିଛି । ୫ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀଙ୍କଠାରୁ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ମେଡାଲ ଫେରାଇ ନେବାକୁ ନିଷ୍ପତ୍ତି ନେଇଛି । କେନ୍ଦ୍ର ସରକାର ଏହାକୁ ୫ ବରିଷ୍ଠ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବୋଲି କହୁଥିବାବେଳେ ଟିଏମ୍‌ସି ପ୍ରତିଶୋଧ ବୋଲି ଅଭିହିତ କରିଛି ।

ସାରଦା ଓ ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ଦୁର୍ନୀତିର ଜେରା ପାଇଁ କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କ ବାସଭବନକୁ ରବିବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଟିମ୍ ଯାଇଥିଲା । ଏହାକୁ ନେଇ ବିବାଦ ହେବା ପରେ ମମତା ମେଟ୍ରୋ ଚ୍ୟାନେଲରେ ଧାରଣାରେ ବସିଥିଲେ । ତାଙ୍କ ସହ କେତେଜଣ ବରିଷ୍ଠ ପୋଲିସ ଅଧିକାରୀ ଧାରଣାସ୍ଥଳରେ ବସିଯାଇଥିଲେ । ୭୧ ଘଣ୍ଟା ପରେ ମଙ୍ଗଳବାର ଧାରଣା ପ୍ରତ୍ୟାହୃତ ହୋଇଥିଲା । ହେଲେ ଏହି ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିନାହିଁ । କାରଣ କେନ୍ଦ୍ର ସରକାର ସେହି ପୋଲିସ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଯାଉଛନ୍ତି । ପୋଲିସ କମିଶନର ରାଜୀବ କୁମାରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛି । ଏହାବାଦ୍ କେନ୍ଦ୍ରର ରାଡାରରେ ଥିବା ଅନ୍ୟ ଅଧିକାରୀମାନେ ହେଲେ ପଶ୍ଚିମବଙ୍ଗ ପୋଲିସ ମହାନିର୍ଦ୍ଦେଶକ ବୀରେନ୍ଦ୍ର କୁମାର, ଏଡିଜି-ସୁରକ୍ଷା ବିନୀତ କୁମାର ଗୋୟଲ, ଏଡିଜି-ଆଇନଶୃଙ୍ଖଳା ଅନୁଜ ଶର୍ମା, ପୋଲିସ କମିଶନର (ବିଧାନନଗର) ଜ୍ଞାନବନ୍ତ ସିଂ ଏବଂ କୋଲକାତାର ଅତିରିକ୍ତ ପୋଲିସ କମିଶନର ସୁପ୍ରତିମ ସରକାର । ଭଲ କାମ ପାଇଁ ଏମାନଙ୍କୁ ବିଭିନ୍ନ ସମୟରେ

ମମତାଙ୍କ ସହ ଧାରଣାରେ ବସିଥିଲେ ୫ ଆଇପିଏସ୍ ଅଧିକାରୀ

କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ପଦକ ଓ ପୁରସ୍କାରଗୁଡ଼ିକୁ ସରକାର ଭୁଲକାର୍ଯ୍ୟ (ବିଶୃଙ୍ଖଳିତ ଆଚରଣ) ଲାଗି ଫେରାଇ ନେବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ଅଧିକାରୀମାନେ ସର୍ବଭାରତୀୟ ସେବା ନିୟମ, ୧୯୬୮ ଉଲ୍ଲଂଘନ କରିଥିବା ଦର୍ଶାଇ କାର୍ଯ୍ୟାନୁଷ୍ଠାନ ନେବାକୁ ପଶ୍ଚିମବଙ୍ଗ ସରକାରଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି । ରାଜୀବ କୁମାରଙ୍କ ଘରେ ସିବିଆଇ ଅଧିକାରୀମାନେ ପହଞ୍ଚିବା ପରେ ସୃଷ୍ଟି ହୋଇଥିବା ବିବାଦକୁ ନେଇ ରାଜ୍ୟପାଳ କେଶରୀନାଥ ତ୍ରିପାଠୀ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଏକ ରିପୋର୍ଟ ଦେଇଥିଲେ । ଉକ୍ତ ରିପୋର୍ଟ ଆଧାରରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା କୁହାଯାଉଛି ।

ବେଲ୍‌ଜିଅମ୍ ରାଜଧାନୀ ବ୍ରସେଲ୍ସସ୍ଥିତ ୟୁରୋପୀୟ ସଂଘ ମୁଖ୍ୟାଳୟରେ ଇୟୁ ଅଧକ୍ଷ ଜିନ୍-କ୍ଲାଉଡେ ଜଙ୍କର ବ୍ରିଟେନ ପ୍ରଧାନମନ୍ତ୍ରୀ ଥେରେସା ମେ'ଙ୍କ ସହ ହାତ ମିଳାଉଛନ୍ତି ।

ଇଡି ପ୍ରଶ୍ନବ୍ୟୂହରେ ରବର୍ଟ

ନୂଆଦିଲ୍ଲୀ,୭।୨(ପି.ଟି.)

କାର୍ତ୍ତିଙ୍କୁ ବି ଜେରା

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦୁଇଟି ମନି ଲଣ୍ଡରିଂ ମାମଲାରେ ଗୁରୁବାର ରବର୍ଟ ଭଦ୍ରା ଏବଂ କାର୍ତ୍ତି ଚିଦାମ୍ବରମ୍‌ଙ୍କୁ ଜେରା କରିଛି । କଳାଧନକୁ ଧଳା କରିବା ଲାଗି ବେଆଇନ ଭାବେ ବିଦେଶରେ ସମ୍ପତ୍ତି କିଣିବା ଅଭିଯୋଗରେ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ଭିଣୋଇ ରବର୍ଟଙ୍କୁ ଦ୍ୱିତୀୟ ଦିନ ପାଇଁ ପ୍ରଶ୍ନବ୍ୟୂହରେ ଘେରାଯାଇଥିବା ବେଳେ ଆଇଏନଏକ୍ସ ମିଡିଆ ମାମଲାରେ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ପୁଅ କାର୍ତ୍ତିଙ୍କୁ ଜେରା ହୋଇଛି । ବୁଧବାର ରବର୍ଟଙ୍କୁ ସାଢ଼େ ୫ ଘଣ୍ଟା ଜେରା କରାଯାଇଥିଲା । ଫେରାର ଅସ୍ତ୍ର ବ୍ୟବସାୟୀ ସଞ୍ଜୟ ଭଣ୍ଡାରୀଙ୍କ ସମ୍ପର୍କୀୟ ସୁମିତ ଚଢ଼ାଙ୍କ ସହ ରବର୍ଟଙ୍କ ମେଲ୍ ଆଦାନପ୍ରଦାନ ସମ୍ପର୍କରେ ଇଡି ଅଧିକାରୀମାନେ ଗୁରୁବାର ତାଙ୍କୁ ଗୁଡ଼େଇଗୁଡ଼େଇ ପ୍ରଶ୍ନ କରିଛନ୍ତି । ଲଣ୍ଡନରେ ରବର୍ଟଙ୍କ ମାଲିକାନାରେ ୧.୯ ନିୟୁତ ପାଉଣ୍ଡ ମୂଲ୍ୟର ଅଘୋଷିତ ସମ୍ପତ୍ତି ରହିଛି । ରବର୍ଟଙ୍କ ଘନିଷ୍ଠ ସହଯୋଗୀ ମନୋଜ ଆରୋରାଙ୍କ ବିରୋଧରେ ମଧ୍ୟ ମନି ଲଣ୍ଡରିଂ ମାମଲା ଦାଏର ହୋଇଛି ।

ରବର୍ଟ ଭଦ୍ରା | କାର୍ତ୍ତି ଚିଦାମ୍ବରମ୍

ପ୍ରଥମେ କାର୍ତ୍ତିଙ୍କୁ ଆଇଏନ୍‌ଏକ୍ସ ମିଡିଆ ମାମଲାରେ ଇଡି ଜେରା କରିଥିଲା । ୨୦୧୭ ମେ'ରେ ଇଡି ମନି ଲଣ୍ଡରିଂ ପ୍ରତିକାର ଆଇନରେ କାର୍ତ୍ତିଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରିଥିଲା । ଏହି ମାମଲାରେ ପୂର୍ବରୁ ଚିଦାମ୍ବରମ୍‌ଙ୍କୁ ମଧ୍ୟ ଜେରା କରାଯାଇଥିଲା ।

ମହାମେଣ୍ଟକୁ ମହାଅପମିଶ୍ରଣ କହିଲେ ମୋଦି

ନୂଆଦିଲ୍ଲୀ,୭।୨(ପି.ଟି.)

ଧନ୍ୟବାଦ ପ୍ରସ୍ତାବ ଆଲୋଚନା

ବିରୋଧୀ ଦଳଗୁଡ଼ିକର ପ୍ରସ୍ତାବିତ ମହାମେଣ୍ଟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପରିହାସ କରି 'ମହାଅପମିଶ୍ରଣ' ବୋଲି କହିବା ସହ ଦେଶର ସୁସ୍ଥ ଗଣତନ୍ତ୍ର ଏହାକୁ ପ୍ରତ୍ୟାଖ୍ୟାନ କରିଦେବ ବୋଲି ମତ ଦେଇଛନ୍ତି । ଲୋକ

ସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଗୁରୁବାର ଧନ୍ୟବାଦ ପ୍ରସ୍ତାବର ଉତ୍ତର ରଖିବା ଅବସରରେ ମୋଦି ତାଙ୍କ ସରକାରର ୫୫ ମାସ ଏବଂ କଂଗ୍ରେସ ଶାସନର ୫୫ ବର୍ଷର କାର୍ଯ୍ୟ ମଧ୍ୟରେ ତୁଳନା କରିଥିଲେ । ସାଧାରଣ ନିର୍ବାଚନ ପୂର୍ବରୁ ଲୋକ ସଭାରେ ଏହା ସମ୍ଭବତଃ ମୋଦିଙ୍କ ଶେଷ ଭାଷଣ ହୋଇଥିବାବେଳେ ସେ କଂଗ୍ରେସ ଉପରେ ଜୋରଦାର ବର୍ଷିଥିଲେ । ପ୍ରଧାନମନ୍ତ୍ରୀ ୧୦୦ ମିନିଟର ଉତ୍ତର ରଖିବା ପରେ ଧନ୍ୟବାଦ ପ୍ରସ୍ତାବ ବାଚନିକ ଭୋଟରେ ଗୃହୀତ ହୋଇଥିଲା ।

ପ୍ରଧାନମନ୍ତ୍ରୀ କହିଥିଲେ, ତାଙ୍କ ସରକାର ଦୁର୍ନୀତିକୁ ଲଗାମ ଦେବାରେ ଯଥେଷ୍ଟ ସଫଳ ହୋଇଛି । ଯେଉଁମାନେ ବର୍ଷ ବର୍ଷ ଧରି ଦେଶକୁ ଲୁଟିଚାଲିଥିଲେ ସେମାନେ ଭୟଭୀତ ହୋଇଛନ୍ତି । ତେବେ ଅନେକ ବିରୋଧୀ ନେତା ଜାମିନରେ ଥିବାରୁ ଦୁର୍ନୀତି ପୁନର୍ବାର ମୁଣ୍ଡ ଟେକିବା ସେ ଆଶଙ୍କା କରୁଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ କଂଗ୍ରେସ ସରକାର ସମୟର କମନୱେଲ୍ଥ ଗେମ୍ ଦୁର୍ନୀତି, ଅଗୁସ୍ତା ୱେଷ୍ଟଲ୍ୟାଣ୍ଡ କଥା ଉଠାଇଥିଲେ ।

ମାର୍ଚ୍ଚ ପୂର୍ବରୁ କଂଗ୍ରେସ ପ୍ରାର୍ଥୀ ତାଲିକା

ନୂଆଦିଲ୍ଲୀ,୭।୨(ପି.ଟି.)–ଆସନ୍ତା ଲୋକ ସଭା ନିର୍ବାଚନ ପାଇଁ ମାର୍ଚ୍ଚ ପୂର୍ବରୁ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରିବା ପାଇଁ ଦଳର ପଦାଧିକାରୀମାନଙ୍କୁ ଗୁରୁବାର କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ସେ ଦୁଇ ନବନିଯୁକ୍ତ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା (ଉତ୍ତରପ୍ରଦେଶ ପୂର୍ବ) ଓ ଜ୍ୟୋତିରାଦିତ୍ୟ ସିନ୍ଧିଆ (ଉତ୍ତରପ୍ରଦେଶ ପଶ୍ଚିମ)ଙ୍କୁ ରାଜ୍ୟରେ ଦଳୀୟ ସଙ୍ଗଠନ ସୁଦୃଢ଼ କରିବାକୁ ପରାମର୍ଶ ଦେଇଛନ୍ତି । ଏଆଇସିସି ମୁଖ୍ୟାଳୟରେ ସନ୍ଧ୍ୟାରେ ବିଭିନ୍ନ ରାଜ୍ୟର ସାଧାରଣ ସମ୍ପାଦକଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ପ୍ରିୟଙ୍କା ପ୍ରଥମଥର ପାଇଁ ଯୋଗଦେଇଥିଲେ । ୨-୩ ଥର ନିର୍ବାଚନ ହାରିଥିବା ପ୍ରାର୍ଥୀଙ୍କ ଅପେକ୍ଷା ନୂଆମୁହଁକୁ ପ୍ରାଥମିକତା ଦେବା ଲାଗି ରାହୁଲ ନିର୍ଦ୍ଦେଶ ଦେଇଛନ୍ତି ।

'ମାଲ୍ୟାଙ୍କ ସହ ତଲୱାରଙ୍କ ସମ୍ପର୍କ'

ନୂଆଦିଲ୍ଲୀ,୭।୨(ପି.ଟି.)

ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ସହ ଏକ ମନିଲଣ୍ଡରିଂ ମାମଲାରେ କର୍ପୋରେଟ ଲବିଷ୍ଟ ଦୀପକ ତଲୱାରଙ୍କ ସମ୍ପର୍କ ରହିଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦିଲ୍ଲୀ କୋର୍ଟଙ୍କୁ ଜଣାଇଛନ୍ତି । ସ୍ୱତନ୍ତ୍ର ଜଜ୍ ଏସ୍.ଏସ୍. ମାନ୍ ଇଡିର ଅନୁରୋଧ କ୍ରମେ ତଲୱାରଙ୍କ ରିମାଣ୍ଡ ଅବଧି ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ବଢ଼ାଇଛନ୍ତି । ବିଦେଶରେ ଥିବା ତଲୱାରଙ୍କ ପୁଅ ସହ ତାଙ୍କୁ ମୁହାଁମୁହିଁ କରିବାକୁ ଇଡି ଚାହୁଁଛି ।

ଆମେରିକା ସହାୟତାରେ ସୁରକ୍ଷିତ ହେବ

ପ୍ରଧାନମନ୍ତ୍ରୀଙ୍କ ବିମାନଯାତ୍ରା

ୱାଶିଂଟନ, ୭।୨

ଆକାଶମାର୍ଗରେ ଆମେରିକା ରାଷ୍ଟ୍ରପତିଙ୍କ ସୁରକ୍



ଧନ ସଞ୍ଚୟ, ବାହାରର ସଫଳତା, ପ୍ରଚାର, ବିଳାସ ଏହି ଚାରୋଟିକୁ ମୁଁ ବରାବର ଘୃଣା କରି ଆସିଛି।
- ଆଲବର୍ଟ ଆଇନଷ୍ଟାଇନ

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଶ୍ରୀ ଶନିଶ୍ଚର ମହାଗ୍ରହ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବାର୍ଷିକୋତ୍ସବ ଓ ବିଶ୍ୱଶାନ୍ତି ଯଜ୍ଞ, ଶନିବିହାର, ବାଣୀବିହାର ମୁଖ୍ୟଫାଟକ ସମ୍ମୁଖ, ମନ୍ଦିର ପରିସର, ସକାଳ ୭ଟା।
- ଓଡ଼ିଶା ସଂସ୍କୃତ, ହିନ୍ଦୀ, ପିଇଟି ଅନ-ଏମ୍ପଲୟଡ୍ ଆସୋସିଏଶନ ପକ୍ଷରୁ ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା।
- ସେଣ୍ଟ ଜାଭିୟର ହାଇସ୍କୁଲ ପକ୍ଷରୁ ବିଜ୍ଞାନ ମେଳା, ସ୍କୁଲ ପରିସର, କେନାଲ ରୋଡ, ସନ୍ତୋଷୀ ବିହାର, ଲକ୍ଷ୍ମୀସାଗର, ପୂର୍ବାହ୍ନ ୧୦ଟା।
- ଓୟୁଏଟି ପକ୍ଷରୁ ନ୍ୟାଶନାଲ ଏକାଡେମିକ ଡିପୋଜିଟୋରି ଉଦ୍‌ଘାଟନ କାର୍ଯ୍ୟକ୍ରମ, ପୂର୍ବାହ୍ନ ୧୦ଟା ୩୦।
- ନିଖିଳ ଓଡ଼ିଶା ଜଳସମ୍ପଦ ବ୍ରଟଓଭର ୱାର୍କଚାର୍ଜଡ କର୍ମଚାରୀ ସଂଘ ପକ୍ଷରୁ ଧାରଣା,ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ଶିକ୍ଷକ କୁମାର ଚନ୍ଦ୍ର ଜେନାଙ୍କ ସ୍ମୃତିଚାରଣ ସଭା, ୟୁନିଟ-୩, ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୧୧ଟା।
- ଚତୁଃରାଷ୍ଟ୍ରୀୟ ଅନ୍ତର୍ଜାତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟ ସମ୍ପର୍କିତ କାର୍ଯ୍ୟକ୍ରମ, କଳିଙ୍ଗ ଷ୍ଟାଡିୟମ, ଅପରାହ୍ନ ୧ଟା।
- ଇଣ୍ଡିଆନ ଆରୋଜ ଓ ଚେନ୍ନାଇ ସିଟି ମଧ୍ୟରେ ଆଇ-ଲିଗ୍ ଫୁଟବଲ ମ୍ୟାଚ, କଳିଙ୍ଗ ଷ୍ଟାଡିୟମ, ଅପରାହ୍ନ ୨ଟା।
- 'ଆଦିବାସୀ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୨ଟା।
- କ୍ୟାପିଟାଲ ହାଇସ୍କୁଲ ପକ୍ଷରୁ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍କୁଲ ପରିସର, ୟୁନିଟ୍ ୩, ଅପରାହ୍ନ ୩ଟା ୩୦।
- ପ୍ଲାଟିନମ ଜୁବୁଲି ବକ୍ତୃତା କାର୍ଯ୍ୟକ୍ରମ, ଏମ୍‌କେସିଜି ଅଡିଟୋରିୟମ, ଉତ୍କଳ ୟୁନିଭରସିଟି, ସନ୍ଧ୍ୟା ୬ଟା।
- ପୁଞ୍ଜିଲଗାଣକାରୀଙ୍କ ସଚେତନତା କାର୍ଯ୍ୟକ୍ରମ, ସିଏମ୍‌ଏ ଭବନ, ନୀଳକଣ୍ଠ ନଗର, ନୟାପଲ୍ଲୀ, ସନ୍ଧ୍ୟା ୬ଟା ୩୦।
- ଧଉଳି-କଳିଙ୍ଗ ମହୋତ୍ସବ ଉଦ୍‌ଘାଟନ, ଧଉଳି ପାଦଦେଶ, ସନ୍ଧ୍ୟା ୬ଟା ୩୦।

କଟକ

- ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଜଷ୍ଟିସ ପ୍ରମଥ ପଟ୍ଟନାୟକଙ୍କ ଶପଥ ଗ୍ରହଣ ଉତ୍ସବ, ନୂଆ ସମ୍ମିଳନୀ କକ୍ଷ, ହାଇକୋର୍ଟ ପରିସର, ପୂର୍ବାହ୍ନ ୧୦ଟା ୧୫ ।
- ଭାରତ ସ୍କାଉଟ୍‌ସ ଓ ଗାଇଡ୍‌ସର ଜିଲାସ୍ତରୀୟ ମେଳାର ଉଦ୍‌ଯାପନୀ ଦିବସ, ଓଡ଼ିଶା ପୋଲିସ ହାଇସ୍କୁଲ, ତୁଳସୀପୁର, ପୂର୍ବାହ୍ନ ୧୧ଟା ।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଦ୍ୱିମାସିକ ଭାଷା-ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

ଖୋର୍ଦ୍ଧା

- ଖୋର୍ଦ୍ଧା ଜିଲା ସାହିତ୍ୟ ସମାଜ ପକ୍ଷରୁ ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ଗୀତା ଭବନ, ଅପରାହ୍ନ ୨ଟା।
- ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ, ଜିଲା ସଂସ୍କୃତି ଭବନ, ଅପରାହ୍ନ ୩ଟା।

ବାଲକାଟୀ

- ପଞ୍ଚକୁଣ୍ଡୀୟ ବଗଳା ମହାଯଜ୍ଞ, ଚଉଷଠୀ ଯୋଗିନୀ ପୀଠ, ହୀରାପୁର, ସକାଳ ୮ଟାରୁ ଆରମ୍ଭ।

ବାଲିଅନ୍ତା

- ସତ୍ୟଭାମାପୁର ସରକାରୀ ନୋଡାଲ ହାଇସ୍କୁଲର ୫୨ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସତ୍ୟଭାମାପୁର, ଅପରାହ୍ନ ୨ଟା।

ସାକ୍ଷୀଗୋପାଳ

- ଶ୍ରୀ ନୀଳକଣ୍ଠ ଓ ସୋମନାଥ ଦେବଙ୍କ ଶକ୍ତି ଓ ଲିଙ୍ଗ ପୁନଃ ପ୍ରତିଷ୍ଠା ମହାଯଜ୍ଞ, ନୂଆଗାଁ, ସାକ୍ଷୀଗୋପାଳ, ସକାଳ ୯ ଟା।

ମଦକୁ ବିରୋଧ କରି ଜେଲ ଗଲେ ଆନ୍ଦୋଳନକାରୀ

ଭୁବନେଶ୍ୱର,୭।୨ (ବ୍ୟୁରୋ)

ମଦକୁ ବିରୋଧ କରି ରାଜଧାନୀରେ ଆନ୍ଦୋଳନ କରିବା ମହଙ୍ଗା ପଡିଛି। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ କଟକ ଓ ପୁରୀରୁ ଶୋଭାଯାତ୍ରାରେ ଆସିଥିବା ଆନ୍ଦୋଳନକାରୀମାନେ ଗୁରୁବାର ନବୀନ ନିବାସକୁ ପଶିବାକୁ ଉଦ୍ୟମ କରିବା ସହ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଉଭୟ ସ୍ଥାନରେ ଆନ୍ଦୋଳନକାରୀଙ୍କୁ ପୋଲିସ ଉଠାଇ ନେଇଥିବାବେଳେ ଶହୀଦନଗର ଥାନା ପୋଲିସ ୧୨ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନାମରେ ଆଇପିସି ଦଫା ୧୪୩, ୨୪୮, ୩୨୩, ୩୯୪, ୨୮୩, ୩୩୨, ୩୫୩, ୫୦୬, ୧୪୭, ୧୪୯ରେ ମାମଲା ନଂ. ୭୨/୧୯ ରୁଜୁ କରିଛି। ରାତିରେ ପୋଲିସ ସେମାନଙ୍କୁ ୟୁନିଟ୍-୨ସ୍ଥିତ ମାଜିଷ୍ଟ୍ରେଟ୍‌ଙ୍କ ବାସଭବନରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସମ୍ପୃକ୍ତ ଆନ୍ଦୋଳନକାରୀଙ୍କୁ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଛି। ତେବେ ପୋଲିସର ଗିରଫଦାରୀକୁ ନେଇ ନିଶା ନିବାରଣ ଅଭିଯାନ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ମିଳିଥିବା ସୂଚନାନୁସାରେ, ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ମହିଳା ଓ ପୁରୁଷ ମଙ୍ଗଳବାରଠାରୁ କଟକ ରେଳ ଷ୍ଟେଶନରୁ ଭୁବନେଶ୍ୱର ଅଭିମୁଖେ ଶୋଭାଯାତ୍ରାରେ ବାହାରିଥିଲେ। ସେହିପରି ପୁରୀରୁ ମଧ୍ୟ ଆଉ ଏକ ଶୋଭାଯାତ୍ରା ବାହାରିଥିଲା। ବିଭିନ୍ନ ସ୍ଥାନରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଗୁରୁବାର ଆନ୍ଦୋଳନକାରୀମାନେ ଭୁବନେଶ୍ୱରରେ ପହଞ୍ଚିଯାଇଥିଲେ। କଟକରୁ ଆସିଥିବା ଆନ୍ଦୋଳନକାରୀମାନେ ସତ୍‌ସଙ୍ଗ ବିହାର ସମ୍ମୁଖ ଜାତୀୟ ରାଜପଥକୁ ଅବରୋଧ କରି ପ୍ରତିବାଦ ଜଣାଇଥିବାବେଳେ ପୁରୀର ଆନ୍ଦୋଳନକାରୀମାନେ ନବୀନ ନିବାସକୁ ପଶିବାକୁ ଉଦ୍ୟମ କରିଥିଲେ। ତେବେ ସତ୍‌ସଙ୍ଗ ବିହାର ସମ୍ମୁଖରେ ଜାତୀୟ ରାଜପଥ ଅବରୋଧବେଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ୪୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ରାସ୍ତା ଉପରେ ଶୋଇ ରହିବାରୁ ଦୀର୍ଘ ସମୟ ଧରି ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିଲା। ରସୁଲଗଡ଼ ପାର୍ଶ୍ୱରୁ ସତ୍‌ସଙ୍ଗ ସଂଘ ପର୍ଯ୍ୟନ୍ତ ଶହଶହ ଗାଡି ଅଟକି ରହିଥିଲା। ପୋଲିସ ଆନ୍ଦୋଳନକାରୀଙ୍କୁ ଉଠାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ମଦ ବନ୍ଦ କରା ନ ଗଲେ ରାଜରାସ୍ତାରୁ ଓହ୍ଲାଇବୁ ନାହିଁ ବୋଲି ଆନ୍ଦୋଳନକାରୀମାନେ ଅଡିବସିଥିଲେ। ଶେଷରେ ପୋଲିସ ଜବରଦସ୍ତ ଆନ୍ଦୋଳନକାରୀଙ୍କୁ ଉଠାଇ ନେବା ସହ ରାସ୍ତାରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ସେହିଭଳି ପୁରୀପଟୁ ଆସିଥିବା ମହିଳା ଆନ୍ଦୋଳନକାରୀମାନେ ନବୀନ ନିବାସ ଭିତରକୁ ପଶିବାକୁ ଉଦ୍ୟମ କରୁଥିବାବେଳେ ସେଠାରେ ପୋଲିସ ଅଟକାଇବାରୁ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୋଲିସ ସେମାନଙ୍କୁ କାବୁ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ମଧ୍ୟ ନାକେଦମ୍ ହେବାକୁ ପଡିଥିଲା। ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ବେଆଇନ ଭାବେ ରାସ୍ତାକୁ ଅବରୋଧ କରିବା ସହ ଅନ୍ୟ କେତେକ ଅଭିଯୋଗରେ ମିଳିତ ନିଶା ନିବାରଣ ଅଭିଯାନର ୧୨ଜଣଙ୍କୁ ଗିରଫ କରାଯାଇଥିଲା।

ମଦ ବନ୍ଦ ଦାବିରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରାକୁ ପୋଲିସ ଲୋୟର ପିଏମ୍‌ଜିରେ ଅଟକାଉଛି ଏବଂ ସତସଙ୍ଗ ବିହାର ସମ୍ମୁଖ ଜାତୀୟ ରାଜପଥକୁ ଆନ୍ଦୋଳନକାରୀ ଅବରୋଧ କରିଛନ୍ତି।

ରାଜଧାନୀରେ ତେଜିଲା ମଦ ବିରୋଧୀ ତାତି

- ଆଇନ ଉଲ୍ଲଂଘନ ଅଭିଯୋଗରେ ୧୨ଜଣ ଗିରଫ ହୋଇଥିଲେ
- କଟକ, ପୁରୀରୁ ଆସିଥିଲା ମଦ ବିରୋଧୀ ଶୋଭାଯାତ୍ରା
- ନବୀନ ନିବାସକୁ ପଶିବାକୁ ଉଦ୍ୟମ କରିଥିଲେ
- ୧୬ନଂ. ଜାତୀୟ ରାଜପଥରେ ଶୋଇ ରହିଥିଲେ

ମହାପ୍ରଭୁଙ୍କୁ ଦର୍ଶନ କଲେ ଗଜପତି ମହାରାଜା

■ ନୀଳାଦ୍ରିବିହାର ମ୍ୟୁଜିୟମ୍ କାମ ଅନୁଧ୍ୟାନ କଲେ

ପୁରୀ ଅଫିସ, ୭।୨

ଗଜପତି ମହାରାଜା ଦିବ୍ୟସିଂହ ଦେବ ଗୁରୁବାର ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଏଥିସହ ବେଢ଼ା ପରିସର ଅନ୍ୟାନ୍ୟ ମନ୍ଦିରକୁ ଯାଇ ଦର୍ଶନ କରିବା ସହ ନୀଳାଦ୍ରିବିହାର ମ୍ୟୁଜିୟମ୍ କାମ ଅନୁଧ୍ୟାନ କରିଛନ୍ତି।

ଗଜପତି ମହାରାଜା ଦିବ୍ୟସିଂହ ଦେବ ମହାରାଣୀ ଲୀଳାବତି ପାଟ୍ଟମହାଦେଈ, କନ୍ୟା, ଜ୍ୱାଇଁ ଏବଂ ନାତିଙ୍କ ସହ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାରରେ ପହଞ୍ଚିଥିଲେ। ସେମାନଙ୍କ ସହ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ ରହିଥିଲେ। ପ୍ରଥମେ ବଟ ଗଣେଶଙ୍କୁ ଦର୍ଶନ କରିଥିଲେ। ଏହାପରେ ବଟମଙ୍ଗଳା, ପଞ୍ଚମହାଦେବଙ୍କୁ ଦର୍ଶନ କରି ପଣ୍ଡା ଦ୍ୱାର ଦେଇ ନାଟମଣ୍ଡପକୁ ପ୍ରବେଶ କରିଥିଲେ। କନ୍ୟା, ଜ୍ୱାଇଁ ଏବଂ ନାତି ଭିତରକାଠ ନିକଟରେ ଦର୍ଶନ କରୁଥିବା ବେଳେ ଗଜପତି ଓ ମହାରାଣୀ ଗର୍ଭଗୃହକୁ ଯାଇଥିଲେ। ତିନି ଠାକୁରଙ୍କୁ ଦର୍ଶନ କରି ପ୍ରଣାମି ଦେଇ ରତ୍ନସିଂହାସନ ପ୍ରଦକ୍ଷିଣ କରିଥିଲେ। ଭଣ୍ଡାର ମେକାପଙ୍କଠାରୁ ପାଇଥିବା ପ୍ରସାଦ ମାଳ ଏବଂ ଲାଗି ଚନ୍ଦନକୁ ରାଜଗୁରୁ ଗଜପତି ମହାରାଜା ଏବଂ ମହାରାଣୀଙ୍କୁ ପ୍ରଦାନ କରିଥିଲେ। ସେମାନେ ବେହରଣ ଦ୍ୱାର ଦେଇ ବାହାରି ଆଦି ନୃସିଂହଙ୍କୁ ଦର୍ଶନ କରିଥିଲେ। ମୁକ୍ତିମଣ୍ଡପ, ବିମଳା, କାନପତା ହନୁମାନ ମନ୍ଦିରକୁ ଯାଇଥିଲେ। କାନପତା ହନୁମାନଙ୍କୁ ଦର୍ଶନ କରିସାରି ଗଜପତି ମହାରାଜା ନୀଳାଦ୍ରିବିହାର ମ୍ୟୁଜିୟମ୍‌କୁ ଯାଇ ସେଠାରେ ଚାଲିଥିବା ନବୀକରଣ କାମ ଅନୁଧ୍ୟାନ କରିଥିଲେ। ଶ୍ରୀମନ୍ଦିରର ଯନ୍ତ୍ରୀ ଆଶିଷ ସୁବୁଦ୍ଧି କାମ ସମ୍ପର୍କରେ ଗଜପତିଙ୍କୁ ଅବଗତ କରାଇଥିଲେ। ପରେ ଭୁବନେଶ୍ୱରୀ, ସରସ୍ୱତୀ, ମହାଲକ୍ଷ୍ମୀ, ନବଗ୍ରହ ଏବଂ ପାଟ ଅଗଣାରେ ନୀଳଚକ୍ରଙ୍କୁ ଦର୍ଶନ କରିଥିଲେ। ଶେଷରେ ସତ୍ୟନାରାୟଣ, ବଟ ଗଣେଶଙ୍କୁ ଦର୍ଶନ କରି ଦକ୍ଷିଣ ଦ୍ୱାର ଦେଇ ଫେରିଥିଲେ।

ଗଜପତି ମହାରାଜା ଦିବ୍ୟସିଂହ ଦେବ ଓ ମହାରାଣୀ ଲୀଳାବତି ପାଟ୍ଟମହାଦେଈ ଶ୍ରୀମନ୍ଦିରରୁ ଦର୍ଶନ ସାରି ଫେରୁଛନ୍ତି।

■ ଇଗ୍‌ନାଇଟ୍ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ

'ସନ୍‌ସେଟ୍ ଇୟର୍ସ' ଶ୍ରେଷ୍ଠ ଫିଲ୍ମ

ଭୁବନେଶ୍ୱର,୭।୨(ବ୍ୟୁରୋ)

ଇଗ୍‌ନାଇଟ୍ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବର ଦ୍ୱିତୀୟ ସଂସ୍କରଣ ଗୁରୁବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଆୟୋଜିତ ହୋଇଯାଇଛି। ପ୍ରଡକ୍ସନ ହାଉସ୍ 'ସ୍ପର୍ଶ' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଚଳିତବର୍ଷ 'ସାମାଜିକ ସମସ୍ୟା' ଉପରେ ପର୍ଯ୍ୟବସିତ ଥିଲା। ସମାରୋହରେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସମ୍ପଦ ମହାପାତ୍ର, ସନ୍ଦୀପ ସାହୁ ଓ ଜାତୀୟ ପୁରସ୍କାରପ୍ରାପ୍ତ ଯୁବ ଫିଲ୍ମ ନିର୍ମାତା ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଯୋଗଦେଇଥିଲେ।

ଏହି ଅବସରରେ ଅତିଥିମାନେ ଫିଲ୍ମ ସହ ସାମାଜିକ ଦିଗକୁ କିଭଳି ଯୋଡ଼ାଯାଇପାରିବ, ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ଜଣେ ଫିଲ୍ମ ନିର୍ମାତା ଭାବେ ସମାଜରେ ପରିବର୍ତ୍ତନ ଆଣିବା ଏକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ। ଫିଲ୍ମ ମାଧ୍ୟମରେ ଏହାକୁ ପ୍ରଦର୍ଶନ କରାଗଲେ, ତାହା ସମାଜ ଉପରେ ସିଧାସଳଖ ପ୍ରଭାବ ପକାଇବା ସହ ଲୋକଙ୍କୁ ସଚେତନ କରାଇବ ବୋଲି ସେମାନେ କହିଥିଲେ। ଚଳିତବର୍ଷ ମଣିପୁରୀ ଫିଲ୍ମ ନିର୍ମାତା କାଇଶା ପିଫୋଜିଙ୍କ ଫିଲ୍ମ 'ସନ୍‌ସେଟ୍ ଇୟର୍ସ' ପ୍ରଥମ ପୁରସ୍କାର ଲାଭ କରିଥିଲା। ଯୁବ ଭାରତର ବୃଦ୍ଧି ପାଉଥିବା ଲୋକସଂଖ୍ୟା ଉପରେ ଆଧାରିତ ଏହି ଫିଲ୍ମକୁ ପୁରସ୍କାର ରାଶିସ୍ୱରୂପ ୨୦ ହଜାର ଟଙ୍କା ମିଳିଥିଲା। ସେହିଭଳି ଫିଲ୍ମ ନିର୍ମାତା ଅଭିଷେକ ସ୍ୱାଇଁଙ୍କ ଫିଲ୍ମ 'ଫିୟୁ ମାଇଲ୍ସ ଆଓ୍ୱେ' ପ୍ରଥମ ରନର୍ସଅପ୍ ହେବା ସହ ୧୦ ହଜାର ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଥିଲା। ଦ୍ୱିତୀୟ ରନର୍ସଅପ୍ ହୋଇଥିବା ବିବେକ ପଣ୍ଡାଙ୍କ ଫିଲ୍ମ 'ମୁକ୍ତି' ୧୦ ହଜାର ଟଙ୍କାର ପୁରସ୍କାର ରାଶି ପାଇଥିଲା।

ପୋଖରୀରେ ବୁଡ଼ି ନାବାଳିକା ମୃତ

କଣାସ, ୭।୨(ସ୍ୱ.ପ୍ର.)

କଣାସ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତର କାତପଡା ଗ୍ରାମର ସୋମନାଥ ସାହୁଙ୍କ ଝିଅ ବର୍ଷାରାଣୀ(୧୭) ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ବର୍ଷାରାଣୀ ଲୁଗା ସଫାକରିବାକୁ ନିକଟସ୍ଥ ପୋଖରୀକୁ ଯାଇଥିଲେ। ଗୋଡଖସିଯିବାରୁ ସେ ପାଣିରେ ବୁଡ଼ିଯାଇଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ନ ଆସିବାରୁ ପରିବାରଲୋକେ ଖୋଜାଖୋଜି କରିବା ପରେ ପୋଖରୀ ତୁଠରେ ବାଲ୍‌ଟି ଥୁଆହୋଇଥିବା ଦେଖିବାକୁ ପାଇଥିଲେ। ସନ୍ଦେହରେ ସେମାନେ ପୋଖରୀରେ ବହୁ ସମୟ ଧରି ଖୋଜାଖୋଜି ପରେ ଅଚେତ ଅବସ୍ଥାରେ ବର୍ଷାରାଣୀଙ୍କୁ ଉଦ୍ଧାର କରିଥିଲେ। ଚିକିତ୍ସାପାଇଁ ଡେଲାଙ୍ଗ ଡାକ୍ତରଖାନାକୁ ୧୦୮ଯୋଗେ ନେଇଥିବାବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

୯ରୁ ଗୋଲ୍ଡେନ୍ ଟ୍ରାଏଙ୍ଗଲ୍ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ

ଭୁବନେଶ୍ୱର,୭।୨(ବ୍ୟୁରୋ)

ଗୋଲ୍ଡେନ୍ ଟ୍ରାଏଙ୍ଗଲ୍ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବର ୪ର୍ଥ ସଂସ୍କରଣ ଆସନ୍ତା ୯ ତାରିଖଠାରୁ ଭୁବନେଶ୍ୱରରେ ଆୟୋଜନ ହେବ। ଗୀତଗୋବିନ୍ଦ ସଦନଠାରେ ଆୟୋଜନ ହେବାକୁ ଥିବା ଏହି ୪ଦିନିଆ ଚଳଚ୍ଚିତ୍ର ମହୋତ୍ସବରେ ପ୍ରାୟ ୫୬ଟି ଜାତୀୟ, ଅନ୍ତର୍ଜାତୀୟ ଓ ଆଞ୍ଚଳିକ ସିନେମା ପ୍ରଦର୍ଶନ ହେବ। ଏକାଧିକ ବିଦେଶୀ ଫିଲ୍ମ ଏଥର ମହୋତ୍ସବରେ ସାମିଲ ହୋଇଥିବା ବେଳେ ଶ୍ରେଷ୍ଠ ବିବେଚିତ ଫିଚର ଓ କ୍ଷୁଦ୍ର ଚଳଚ୍ଚିତ୍ର ମଧ୍ୟ ପ୍ରଦର୍ଶନ ହେବ। ରୁଷିଆ, କିର୍ଜିକସ୍ତାନ, ଇରାନ୍, ଜର୍ଜିଆ, ମାଳଦ୍ୱୀପ, ଇଷ୍ଟୋନିଆ, ଲାଟିଭିଆ, ଆର୍ମେନିଆ ଓ ବାଂଲାଦେଶ ସହ ଓଡ଼ିଆ, ହିନ୍ଦୀ, ତାମିଲ, ମାଲାୟାଲମ୍, ବଙ୍ଗଳା, ମରାଠୀ ଆଦି ଭାଷାର ଚଳଚ୍ଚିତ୍ର ମଧ୍ୟ ରହିଛି।

ମହୋତ୍ସବର ପ୍ରଥମ ଦିବସରେ ମୋଟ ୧୯ଟି ଚଳଚ୍ଚିତ୍ର ପ୍ରଦର୍ଶନ ହେବ। ପୂର୍ବାହ୍ନରୁ ରାତି ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଫିଲ୍ମ ପ୍ରଦର୍ଶନ କରାଯିବ। ଏହା ମଧ୍ୟରେ କିର୍ଜିକସ୍ତାନର ଚଳଚ୍ଚିତ୍ର 'ଦ ଡ୍ରପ୍', 'ଲିଟଲ୍ ମାନାସୀ', ଜର୍ଜିଆର '୮ ମିନିଟ୍‌ସ', ଇରାନ୍‌ର 'ଦ ଡୋମ୍ ଅଫ୍ ୟୁନିଭର୍ସ', ରୁଷିଆର 'ଦ ବେଷ୍ଟ୍ ସିଟି ଅଫ୍ ଦ ଆର୍ଥ' ଆଦି ଚଳଚ୍ଚିତ୍ର ରହିଛି। ୯ ତାରିଖ ସନ୍ଧ୍ୟାରେ ହେବାକୁ ଥିବା ଉଦ୍‌ଘାଟନୀ ସମାରୋହରେ ପ୍ରମୁଖ ବ୍ୟକ୍ତିବିଶେଷ ଅତିଥି ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ମହୋତ୍ସବରେ ଓଡ଼ିଆ ଫିଲ୍ମ 'ଆଉ ଏକ ସତ୍ୟ' ଓ 'ଭକୁଆ' ପ୍ରଦର୍ଶନ ହେବ ବୋଲି ମହୋତ୍ସବ ସଭାପତି ପ୍ରିୟରଞ୍ଜନ ସାହୁ ସୂଚନା ଦେଇଛନ୍ତି। ଗୁରୁବାର ସ୍ଥାନୀୟ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି।

ଫାଶୀ ଦଣ୍ଡାଦେଶ ଉପରେ ଶୁଣାଣି ଶେଷ, ରାୟ ସଂରକ୍ଷିତ

କଟକ ଅଫିସ, ୭।୨

ଗୋଟିଏ ପରିବାରର ୩ ଜଣଙ୍କୁ ହତ୍ୟା ମାମଲା

ଗୁଣିଗାରେଡି ସନ୍ଦେହରେ ଗୋଟିଏ ପରିବାରର ୩ ଜଣଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। କୋରାପୁଟ ଜିଲା ପୁଟାସିଂହ ଥାନା ଅନ୍ତର୍ଗତ କିଟୁଙ୍ଗ ଗ୍ରାମରେ ୨୦୧୬ ସେପ୍ଟେମ୍ବର ୯ରେ ଏହି ଲୋମଟାଙ୍କୁରା ଘଟଣା ଘଟିଥିଲା। ସ୍ଥାନୀୟ ପୋଲିସ ଜଣେ ନାବାଳକଙ୍କ ସମେତ ୧୦ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ନିମ୍ନ ଅଦାଲତ ଅଭିଯୁକ୍ତ ନାବାଳକଙ୍କୁ ବାଦ୍ ଦେଇ ୯ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ସେମାନଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିଲେ। ଏହି ରାୟ ବିରୋଧରେ ଅଭିଯୁକ୍ତମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଚାରପତି ଜଷ୍ଟିସ ଏସ୍.କେ. ମିଶ୍ର ଓ ବିଚାରପତି ଜେ.ପି. ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ଚାଲିଥିଲା। ଗୁରୁବାର ମାମଲାର ଶୁଣାଣି ଶେଷ ହୋଇଥିବାବେଳେ ଖଣ୍ଡପୀଠ ତାଙ୍କ ରାୟକୁ ସଂରକ୍ଷିତ ରଖିଛନ୍ତି।

ସୂଚନାଥାଉ କି, ଅଭିଯୁକ୍ତମାନେ ହାଇକୋର୍ଟଙ



ତୁମେ ନିଜେ ସତ୍ ହୋଇଗଲେ ଆଉ କିଛି ହେଉ ବା ନହେଉ, ତୁମର ଏତିକି ସନ୍ତୋଷ ହେଲା ଯେ, ପୃଥିବୀର ଅସତ୍ ଲୋକଙ୍କ ସଂଖ୍ୟା ଗୋଟିଏ କମିଗଲା।
- କାର୍ଲାଇଲ

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com

ଅଭିଜିତ

ଅଙ୍କିତା

ଲକ୍ଷ୍ମୀପ୍ରିୟା

ରୋଜାଲିନ

ଶୁଭପ୍ରିୟା

ଅମିତ

ସୋନାଲି

ଚିନ୍ତାମଣି

ଆଶିଷ

ସାନୁ

ଅଭିଷେକ

ସିଏସ୍‌ଆର୍ କାର୍ଯ୍ୟକ୍ରମରେ ଅବହେଳା କରୁଛନ୍ତି କମ୍ପାନୀ

ଭୁବନେଶ୍ୱର,୭।୨(ବ୍ୟୁରୋ)

ସାମାଜିକ ବିକାଶକୁ ତ୍ୱରାନିତ କରିବାରେ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧର ଯଥେଷ୍ଟ ଭୂମିକା ରହିଛି। କେବଳ ସମସ୍ୟା ସମାଧାନ କରିବା ନୁହେଁ, ବରଂ ସାମାଜିକ ବିକାଶ ପାଇଁ ଆବଶ୍ୟକୀୟ ଭିତ୍ତିପ୍ରସ୍ତର ନିର୍ମାଣ କରିବା ଉପରେ କମ୍ପାନୀଗୁଡ଼ିକ ଗୁରୁତ୍ୱ ଦେବା ଉଚିତ ବୋଲି ନାଲ୍‌କୋ ଫାଉଣ୍ଡେଶନ ସିଓଓ ସୁବାସ ଚନ୍ଦ୍ର ରାୟ କହିଛନ୍ତି। ଗୁରୁବାର ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମିଡିଆ ଷ୍ଟଡିଜ୍ ଆନୁକୂଲ୍ୟରେ ଆୟୋଜିତ 'କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଓ ସାମାଜିକ ବିକାଶ' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ସେ ଏହା କହିଛନ୍ତି। ପୁରୀକୁ ଭାରତର ଏକ ସ୍ୱଚ୍ଛ ଓ ଆଇକନିକ୍ ସହରର ଆଖ୍ୟା ଦେବା କ୍ଷେତ୍ରରେ ନାଲ୍‌କୋର ପ୍ରମୁଖ ଭୂମିକା ରହିଛି। ସେହିପରି ମୋବାଇଲ୍ ହେଲ୍‌ଥ ୟୁନିଟ୍ ମାଧ୍ୟମରେ କମ୍ପାନୀ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଥିବା ବେଳେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଓ ଶିକ୍ଷାକୁ ସୁଦୃଢ଼ କରିବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ରାୟ କହିଥିଲେ।

କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଆଇନାର ସମ୍ପାଦିକା ସ୍ନେହା ମିଶ୍ର ଯୋଗଦେଇଥିଲେ। ସେ କହିଥିଲେ, କମ୍ପାନୀ ଅଧିନିୟମ-୨୦୧୩ ଅଧୀନ ଅନୁଚ୍ଛେଦ-୭ ଅନୁସାରେ, ଯେଉଁ କମ୍ପାନୀ ବାର୍ଷିକ ୫୦୦ କୋଟିର କାରବାର କରୁଥିବେ, ସେହି ଲାଭର ଦୁଇ ପ୍ରତିଶତ ସାମାଜିକ ବିକାଶ ନିମନ୍ତେ ଖର୍ଚ୍ଚ କରିବା ନିୟମ ରହିଛି। ମାତ୍ର ଅନେକ କମ୍ପାନୀ ଏହାର ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ଓଡ଼ିଶା ସରକାର କମ୍ପାନୀଗୁଡ଼ିକର ସିଏସ୍‌ଆର୍ କାର୍ଯ୍ୟକ୍ରମକୁ ଜଗିବା ପାଇଁ ଅନ୍‌ଲାଇନ୍ ତଦାରଖ ବ୍ୟବସ୍ଥା କରିଥିଲେ ବି ଏହାର ସୁଫଳ ଏ ପର୍ଯ୍ୟନ୍ତ ମିଳିନି। ଅନନ୍ତ ଇଞ୍ଜିନିୟରିଂ ୱାର୍କସ୍‌ର ମୁଖ୍ୟ ଭ୍ରମରବର ସ୍ୱାଇଁ ଯୋଗଦେଇ ସାମାଜିକ ବିକାଶ ନିମନ୍ତେ ଗ୍ରାମୀଣ ଉଦ୍ୟୋଗର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ। ଡ. ଗାୟତ୍ରୀ ପଟ୍ଟନାୟକ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଅଧ୍ୟାପକ ରଘୁନାଥ ମଣ୍ଡଳ ଧନ୍ୟବାଦ ଦେଇଥିଲେ।

ଆଇଏଜିଇଏସ୍‌ର ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର,୭।୨(ବ୍ୟୁରୋ)

ଇଣ୍ଡିଆନ୍ ଆସୋସିଏଶନ ଅଫ୍ ଗ୍ୟାଷ୍ଟ୍ରୋଇନ୍‌ଟେନ୍‌ଷ୍ଟିନାଲ୍ ଏଣ୍ଡୋସର୍ଜନ୍ସ(ଆଇଏଜିଇଏସ୍)ର ୧୬ଶ ବାର୍ଷିକ ସମ୍ମିଳନୀ ଗୁରୁବାର ଭୁବନେଶ୍ୱରଠାରେ ଆୟୋଜିତ ହୋଇଯାଇଛି। ଏଥିରେ ସମଗ୍ର ବିଶ୍ୱରୁ ୧୫୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧିଙ୍କ ସହ ଅନ୍ତର୍ଜାତୀୟ ସ୍ତରୀୟ ଫାକଲ୍ଟି ଯୋଗଦେଇଥିଲେ। ଇଏଲ୍‌ଏଫ୍‌ଏ ଦ୍ୱାରା ସମର୍ଥନପ୍ରାପ୍ତ ଏହି ସମ୍ମିଳନୀକୁ ଆୟୋଜନ କରିବାରେ ଆଇଏଜିଇଏସ୍-୨୦୧୯ର ସମ୍ମିଳନୀ ସଚିବ ଡ. ଶ୍ରୀଜୟ ପଟ୍ଟନାୟକ ଓ ଅଧ୍ୟକ୍ଷ ଡ. ସି.ଆର୍. ଦାସ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଡ. ପଟ୍ଟନାୟକ କହିଥିଲେ, ପ୍ରଥମ ଥର ପାଇଁ ଭୁବନେଶ୍ୱରରେ ଆଇଏଜିଇଏସ୍ ଜାତୀୟ କଂଗ୍ରେସ ସମ୍ମିଳନୀର ଆୟୋଜନ କରାଯାଇଛି। ଆଇଏଜିଇଏସ୍ ଏଭଳି ଏକ ଅନୁଷ୍ଠାନ, ଯାହା ଭାରତ ଏବଂ ଭାରତ ବାହାରେ ଏଣ୍ଡୋସ୍କୋପିକ୍ ସର୍ଜରିର ଅତ୍ୟାଧୁନିକତାକୁ ବିସ୍ତାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଯୋଗୁ ଏହା ରୋଗୀଙ୍କ ଚିକିତ୍ସାରେ ଅଭୂତପୂର୍ବ ପରିବର୍ତ୍ତନ ଆଣିପାରିଛି। ଚଳିତବର୍ଷ ସମ୍ମିଳନୀର ବିଷୟବସ୍ତୁ 'ନୂତନ ଦିଗଗୁଡ଼ିକର ସମ୍ପ୍ରସାରଣ ଏବଂ ନୂତନ ଆହ୍ୱାନଗୁଡ଼ିକର ସାକ୍ଷାତ' ରହିଥିବା ବେଳେ ଏହି ଅବସରରେ ଉପସ୍ଥିତ ଦେଶ ବିଦେଶର ପ୍ରତିନିଧିମାନେ ଏ ସମ୍ପର୍କରେ ନିଜ ମତ ରଖିଥିଲେ। ଆଗାମୀ ଦିନରେ ଲାପାରୋସ୍କୋପିକ୍ ସର୍ଜରିରେ ବିକାଶ ପ୍ରତି ସେମାନଙ୍କ ଅବଦାନ ସମ୍ପର୍କରେ କହିଥିଲେ।

ODISHA LIFT IRRIGATION CORPORATION LIMITED

(A Government of Odisha Undertaking)

OFFICE OF THE EXECUTIVE ENGINEER, L.I. DIVISION, BHUBANESWAR

e-Mail: eeolicdivn.bbsr@ymail.com Tel. 0674-2391847

e-Procurement Notice

Bid Identification No. 845 / 2018-19 Dt. 02.02.2019

No. CAD-1385: The Executive Engineer, Lift Irrigation Division, Bhubaneswar on behalf of ODISHA LIFT IRRIGATION CORPORATION LIMITED, BHUBANESWAR invites Percentage Rate bids in online mode for installation of Medium Deep Tube Wells including supply of materials in complete shape from reputed Contractors/Firms with valid license within the State issued by P.W.D./R.W.S.S./P.H.E.D./Irrigation/M.I. Dept. having their Mud Rotary/ Combination Rig and in the profession of Ground Water Exploration , Drilling and Installation of Medium Deep Tube Wells (Approximate up to 100 Mtr Depth) . The proof of registration & experience from the appropriate authority shall be enclosed along with the Bid.

Details of Works :-

PKg No.	Name of the Dist.	Name of Work	Estimated Cost (in Rs.)	EMD to be deposited (in Rs.)	Cost of tender paper (in Rs.)	Class of Contractor	Completion Period
1	2	3	4	5	6	7	8
1	Khordha/ Puri	Drilling and installation of 10 Nos of 200 mm dia Medium Deep Tube Well at different locations	1905643	19056	6000	Civil D & C	90 days

1. Date & time of publishing:- 8.02.2019 at 10.00 A.M.
2. Date of seeking clarification:- 08.02.2019 to 15.02.2019 (10 AM to 5 PM)
3. Closing date and time :- 18.02.2019 at 5.00 P.M.
4. Opening date & time:- 19.02.2019 at 04.00P.M.

The details of tender are available in the Government tender web site i.e. www.tendersorissa.gov.in. and other related documents are available in the DTCN for bidding. Any Addendum/ corrigendum/ Cancellation of tender will be available in the said website

32155/11/0036/1819 **Executive Engineer, L.I. Division, Bhubaneswar**

OFFICE OF THE SUPERINTENDING ENGINEER (AGRIL.), CENTRAL ZONE, BHUBANESWAR, ODISHA

Phone No. - (0674) - 2571075, Fax No. - (0674) - 2571075,
E-mail ID - secz.dag@gov.in

Govt. of Odisha "e" procurement Notice

Bid Identification No. : S.E. (A), C/Z - 05/2018-19

No.155-L: The Superintending Engineer (Agril.), Central Zone, Satya Nagar, Bhubaneswar, Odisha on behalf of Governor of Odisha, invites percentage rate bids in single cover system in ONLINE MODE only, for "Purchase of Blinds " as detailed below.

Name of the Item: - Purchase of Blinds .

1. Estimated cost (Approx). : Rs. 20,00,000.00 (Excluding G.S.T)
2. Bid Cost: Rs. 6720.00 Mentioned in Column - 05
3. Period of completion : 30 Days Mentioned against Column - 08
4. No. of works (Tender): 1 no.
5. Class of Bidder : Manufacturer / Authorized Dealer/ Authorized Supplier in Column - 07.
6. Date & Time of availability of bid document in the portal: 11.02.2019 at 10.00 A.M. To 25.02.2019 up to 5.00 P.M.
7. Last date / Time for receipt of bids in the portal: 25.02.2019 at 5.00 PM
8. Date of submission of documents : 12.02.2019 at 11.00 A.M. To 26.02.2019 up to 4.00 P.M (working days only)
9. Date & time of opening of online bids : 27.02.2019 at 11.00 AM & onwards
10. Name and address of the officer inviting Bid : Superintending Engineer (Agril.), Central Zone, Satya Nagar, Bhubaneswar, Odisha

Further details can be seen from the e-procurement portal http:// tendersodisha.gov.in

A. All the volumes / documents shall be uploaded in the portal by the Procurement Officer Administrator and published by Procurement Officer Publisher (Officer Inviting tender)
B. The Tender documents published by the Tender inviting Officer (Procurement Officer Publisher) in the website "http://tendersodisha.gov.in" will appear in the Latest.
C. The Bidders have to participate in ONLINE bidding only. Further details can be seen from the website "http://tendersodisha.gov.in". Any addendum / corrigendum / cancellation of tender can also be seen in the said website.

Sd /- P.K. Mohapatra
Superintending Engineer (Agril.)
Central Zone, Bhubaneswar

01032/11/0015/1819

OFFICE OF THE PRINCIPAL : UTKAL SANGEET MAHAVIDYALAYA, BHUBANESWAR

No. 210/USM **Dated : 07.02.2019**

CORRIGENDUM

No. 46-RR: The following correction in inviting Advertisement No. 186/USM, Dated : 05.02.2018 made as follows :
"Qualification for Assistant Guest Lecturer in Odissi Pakhwaj for Odissi Vocal Department at Sl. No. 01 is Degree in Odissi Pakhwaj instead of Degree in Odissi Vocal and the empanelment of Assistant Guest Lecturer is for academic session 2018-19 instead of 2019-20".

03011/11/0008/1819 **Sd./- Principal**

No. 1238-B

GOVERNMENT OF ODISHA
OFFICE OF THE EXECUTIVE ENGINEER
GANJAM [R&B] DIVISION NO.I BERHAMPUR

Phone/Fax : (0680) 2233683,
e-mail : eernb1_bam@yahoo.com

"e" Procurement Notice

Bid Identification No. EE R&B Divn.No.I Bam. 94 /2018-19
Lr.No. 1112 dtd. 06.02.2019

Name of work	:	Building work.
No.of works	:	1 (One) No.
Estimated Cost	:	Approximately Rs.36.65 lakh
Period of completion.	:	Three Calender months.
Date and time of Availability of bid document in the portal.	:	From 10.00 hours of 13.02.2019 to 16.00 hours of 22.02.2019
Last date / time for receipt of bids in the portal	:	Upto 16.00 hours of 22.02.2019.
Name & address of the Officer Inviting Bid	:	Executive Engineer, Ganjam (R&B) Division No.I, Berhampur.

Further details can be seen from the e-Procurement portal https://tendersodisha.gov.in

Sd/- Executive Engineer
34109/11/0033/1819 **Ganjam(R&B)Division No.I, Berhampur**

No. 1235-B

GOVERNMENT OF ODISHA
EXECUTIVE ENGINEER, BOUDH (R&B) DIVISION, BOUDH

E-mail - eeboudhrb@gmail.com

INVITATION FOR BIDS (IFB)
"e" procurement Notice

Letter No. 323 dtd. 06.02.2019

Bid Identification No. EE(R and B)-BDH 21/2018-19

1	Name of the work	:	01 (One) Nos of External Electrification work (Single cover)
2	Estimated Cost		Rs.8.00 lakhs
3	Period of Completion		1 (One) Calendar month.
4	Date & Time of availability of Bid documents in the portal		From 12.02.2019, 10.00 AM to 21.02.2019, 5.00 PM
5	Last date/time for seeking of Tender Clarification		20.02.2019 up to 5.00 P.M
6	Last date / time for receipt of bids in the portal		up to 5.00 P.M. of dated 21.02.2019,
7	Date & time of opening of tender /Bid		22.02.2019 at 11.30 A.M
8	Name and address of the O.I.T.		Executive Engineer, Boudh (R&B) Division.

Further details corrigendum (s) can be seen from the website http://tendersorissa.gov.in

34134/11/0033/1819 **Sd/- Executive Engineer, Boudh (R&B) Division, Boudh**

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, RAYAGADA

DISTRICT PROGRAMME MANAGEMENT UNIT
NATIONAL HEALTH MISSION

E-mail: dpmunrhmrayagada@gmail.com, Phone: 06856-235357

No.: 1028/NHM/2019 **Date: 6.2.18**

TENDER CALL NOTICE

No.: 864-E: Sealed tenders are invited from the reigstered contractors (D & C Class) of P.W.D./Water Resources/R.D./PHD Govt. of Orissa/C.P.W.D. Contractors for the following works to be eventually drawn up in P.W.D. P1 forms in conformity with the Detailed Tender Call Notice.

Sl. No.	Name of the Work	Approximate Estimated Cost (Rs.)	Cost of Tender Paper (Non-refundable) (In Rs.)	E.M.D. Required @ 1% (In Rs.)	Time for Completion
1	2	3	4	5	6
1	New Construction of Operation Theatre at AH-Ambadola	20,56,669.00	6000.00	20600.00	Six Calendar Months

The tender document can be obtained from O/o. CDM & PHO, Rayagada on payment of the cost of the tender paper (Non-refundable) in shape of DD drawn in favour of CDM & PHO, Rayagada payabale at any Nationalized Bank at Rayagada during office horus (10 A.M. to 5 P.M.) from 6.2.2019 to 18.02.2019 on working day only. The tender paper duly signed by the contractor should be accompanied with the attested copies of valid contract licnese, GST Clearance Certificate, PAN Card and requistie EMD or N.S.C./P.O.T.D./ Kissan Vikash Patra/P.O.S.B. Account/TDR or any Nationalized Bank duly pledge in favour of Chief District Medical & Public Health Officer, Rayagada. The tender paper without required amount of E.M.D. will not be considered and transfer or adjustment of E.M.D. is also not permissible. The bid document will be selling and recieved from Dt.6.02.2019 to 18.02.2019 till 05.00 P.M. at Office of Chief District Medical & Public Health Office, Rayagada through Regd. Post/Speed Post/Courier or the same can be dropped in the tender box at O/o. CDM & PHO, Rayagada. The envelope containing the bid documents must be super scribed as "BID FOR THE CIVIL WORK UNDER NHM FOR CONSTRUCTION OF OPERATION THEATRE AT AH-AMBADOLA, MUNIGUDA, RAYAGADA". The tender will be opened on Dt.19.02.2019 at 05.00 P.M. at the Office Chamber of CDM & PHO cum District Mission Director, Rayagada in presence of the tenderers or their authorised representatives. The tenderer are required to furnish an affidavit about the authenticity of the tender documents along with the tender paper. The tender without the above documents and EMD will be rejected. The decision of the tender committee is final and binding. The successful tenderers are required to execute an agreement in P1 format and submit the work programme on receipt of the work order. The authority reserves the right to reject any or all tenders without assigning any reason thereof.

Sd./- Dr. Siba Prasad Padhi
Chief District Medical & Public Health Officer
cum District Mission Director, Rayagada

10035/11/0031/1819

ପୂର୍ତ୍ତ ବିଭାଗ ଓଡ଼ିଶା ସରକାର
ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ (ରାସ୍ତା ଓ କୋଠାବାଡି) ବିଭାଜନ, ଅନୁଗୋଳ

ବିଜ୍ଞପ୍ତି

ନଂ. 1372 ଅନୁଗୋଳ ତା. ୨୪ ଫେବୃୟାରୀ, ୨୦୧୯

No.-1233-B ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗମନାଗମନର ବିକାଶପାଇଁ ଏବଂ ଅନୁଗୋଳ ଜିଲାବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଜିଲାର ଅନୁଗୋଳ କଳମଣ୍ଡିଠାରେ ରାସ୍ତାର ପ୍ରଶସ୍ତୀକରଣ କରିବା ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଉପରୋକ୍ତ ରାସ୍ତାର ପ୍ରଶସ୍ତୀକରଣ ନିମନ୍ତେ ଛେଣ୍ଡିପଦା ତହସିଲ ଅନ୍ତର୍ଗତ ୨(ଦୁଇ) ଗୋଟି ମୌଜା, ଯଥାକ୍ରମେ ନତଡାର ୦.୪୪୦ଏକର ଏବଂ ଆମ୍ବପାଳର ୦.୭୪୫ ଏକର ଜମିର ଆବଶ୍ୟକତା ରହିଛି। ଉକ୍ତ ୦.୪୪୦ ଏକର ଓ ୦.୭୪୫ ଏକର ବେସରକାରୀ ଜମିର ସବିଶେଷ ବିବରଣୀ ଯାହାକି ସବ୍ ରେଜିଷ୍ଟ୍ରାର, ଛେଣ୍ଡିପଦାଠାରୁ ପ୍ରାପ୍ତ ହୋଇଛି, ତାହା ନିମ୍ନରେ ପ୍ରଦତ୍ତ କରାଗଲା। ଉକ୍ତ ବେସରକାରୀ ଜମିକୁ ରାଜସ୍ୱ ଓ ପ୍ରଶମନ ବିଭାଗ, ଓଡ଼ିଶା ସରକାରଙ୍କ ପତ୍ରସଂଖ୍ୟା ୧୦୨୪୧ ତା.୩୧।୦୩।୨୦୧୪ ପ୍ରଦତ୍ତ ପ୍ରଣାଳୀ ଅନୁଯାୟୀ ପୂର୍ତ୍ତ ବିଭାଗ , ଓଡ଼ିଶା ସରକାରଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠାବାଡି) ବିଭାଜନ, ଅନୁଗୋଳ ଜମି ମାଲିକଙ୍କ ଠାରୁ ସିଧାସଳଖ କ୍ରୟ କରିବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ବିଷୟରେ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ଉକ୍ତ ଜମି ମାଲିକ କିମ୍ବା ତାଙ୍କର ଉତ୍ତରାଧିକାରୀ ସହ ସବିଶେଷ ଆଲୋଚନା କରିବା ସହ ବ୍ୟକ୍ତିଗତ ନୋଟିସ୍ ଜାରି କରାଯାଉଛି।

ପୁନଶ୍ଚ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶିତ କୌଣସି ଜମି ସମ୍ବନ୍ଧରେ କୌଣସି ବ୍ୟକ୍ତିର ଆଗ୍ରହ ରହିଥାଏ, ତେବେ ସେ ଏହି ବିଜ୍ଞପ୍ତି ଜାରି ହେବାର ୧୫(ପନ୍ଦର) ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନଲିଖିତ ଠିକଣାରେ ଜଣାଇ ପାରିବେ। ତତ୍ ସମ୍ବନ୍ଧୀୟ ସବିଶେଷ ତଥ୍ୟ ଜାଣିବାକୁ ଚାହୁଁଥିଲେ ମଧ୍ୟ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ କରାଗଲା।

ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ କୋଠାବାଡି ବିଭାଜନ କାର୍ଯ୍ୟାଳୟ, ଅନୁଗୋଳ
ସହକାରୀ ନିର୍ବାହୀ ଯନ୍ତ୍ରୀ, ଅନୁଗୋଳ (ଗୃହ) ଉପବିଭାଜନ, ଅନୁଗୋଳ

ସ୍ୱା./- ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ
ନିର୍ବାହୀ ଯନ୍ତ୍ରୀଙ୍କ (ରାସ୍ତା ଓ କୋଠାବାଡି) ବିଭାଜନ, ଅନୁଗୋଳ

ଜିଲା-ଅନୁଗୋଳ, ଥାନା- ନିଶା, ତହସିଲ୍- ଛେଣ୍ଡିପଦା, ମୌଜା- ନତଡା

କ୍ର. ନଂ	ଖାତା ନଂ	ପ୍ଲଟ୍ ନଂ	କିସମ	ପ୍ରଜାଙ୍କ ନାମ, ବାସସ୍ଥାନ ଠିକଣା	ପ୍ଲଟ୍‌ର ମୋଟ ରକବା (ଏକରରେ)	ପ୍ରକଳ୍ପ ପାଇଁ ଆବଶ୍ୟକୀୟ ରକବା (ଏକରରେ)
୧	୭୫	୩୨୭୫	ଶାରଦ-୧	କୁଳମଣି ପ୍ରଧାନ, ପି- ଭଜନ/ଦୁଷ୍ମନ୍ତ ପ୍ରଧାନ, ପି- ମଦନ ପ୍ରଧାନ	୦.୦୭	୦.୦୭
୨	୭୫	୩୨୬୪	ଶାରଦ-୩	କୁଳମଣି ପ୍ରଧାନ, ପି- ଭଜନ/ଦୁଷ୍ମନ୍ତ ପ୍ରଧାନ, ପି- ମଦନ ପ୍ରଧାନ	୦.୦୩	୦.୦୩
୩	୭୫	୩୨୬୬/୧	ଶାରଦ-୧	କୁଳମଣି ପ୍ରଧାନ, ପି- ଭଜନ/ଦୁଷ୍ମନ୍ତ ପ୍ରଧାନ, ପି- ମଦନ ପ୍ରଧାନ	୦.୦୧	୦.୦୧
୪	୪୪୬/୮୧୬	୩୨୬୫		ଚକ୍ରଧର ମାଝି, ପି- ନରସିଂହ	୦.୦୫	୦.୦୫
୫	୪୪୬/୮୧୬	୩୬୬୭/୧	ଶାରଦ-୩	ଚକ୍ରଧର ମାଝି, ପି- ନରସିଂହ	୦.୦୨	୦.୦୨
୬	୧୦୦	୩୨୬୦/୧	ଶାରଦ-୩	ବଡଚନ୍ଦ୍ର ପ୍ରଧାନ, ପି- ପାଣ୍ଡୁ	୦.୦୩	୦.୦୩
୭	୪୪୬/୮୪୧	୩୨୬୨/୧	ଶାରଦ-୩	ଭିକାରି ନାୟକ, ପି- ଟଙ୍କଧର	୦.୦୪	୦.୦୦୫
୮	୧୬୯	୩୨୫୪/୧	ଶାରଦ-୩	ଧନିଆ ପ୍ରଧାନ, ପି- ବୁଟୁ	୦.୦୫	୦.୦୨୫
୯	୩୧୨	୩୨୫୬	ଶାରଦ-୩	ମଦନ ପ୍ରଧାନ, ପି- ଧର୍ମୁ	୦.୦୩	୦.୦୩
୧୦	୩୧୨	୩୨୫୯	ଶାରଦ-୩	ମଦନ ପ୍ରଧାନ, ପି- ଧର୍ମୁ	୦.୦୪	୦.୦୪
୧୧	୭୫	୩୨୫୫	ଶାରଦ-୩	କୁଳମଣି ପ୍ରଧାନ, ପି- ଭଜନ/ଦୁଷ୍ମନ୍ତ ପ୍ରଧାନ, ପି- ମଦନ ପ୍ରଧାନ	୦.୦୩	୦.୦୩
୧୨	୧୩୭	୩୨୬୩	ଶାରଦ-୩	ଜିବନ ପ୍ରଧାନ, ପି- ଜଗବନ୍ଧୁ	୦.୦୩	୦.୦୩
୧୩	୩୩୭	୩୨୬୮/୧	ଶାରଦ-୩	ମୁଲିଆ ପ୍ରଧାନ, ପି- ପାଣ୍ଡୁ	୦.୦୪	୦.୦୦୫
୧୪	୨୯୩	୩୨୫୭/୧	ଶାରଦ-୩	ଭଜନ ପ୍ରଧାନ, ପି- ଧର୍ମୁ	୦.୦୩	୦.୦୩
୧୫	୧୦୪	୩୨୫୮/୧	ଶାରଦ-୩	ସନାତନ୍ଦ୍ର ପ୍ରଧାନ, ପି-ବୃନ୍ଦାବନ	୦.୦୪	୦.୦୦୫
୧୬	୪୪୬/୧୪୭	୩୩୨୫/୧	ଶାରଦ-୩	ନରହରି ବିଶ୍ୱାଳ, ପି- ହୃଷିକେଶ	୦.୦୩	୦.୦୩
					ମୋଟ :	୦.୪୪୦

ଜିଲା-ଅନୁଗୋଳ, ଥାନା- ନିଶା, ତହସିଲ୍- ଛେଣ୍ଡିପଦା, ମୌଜା- ଆମ୍ବପାଳ

କ୍ର. ନଂ	ଖାତା ନଂ	ପ୍ଲଟ୍ ନଂ	କିସମ	ପ୍ରଜାଙ୍କ ନାମ, ବାସସ୍ଥାନ ଠିକଣା	ପ୍ଲଟ୍‌ର ମୋଟ ରକବା (ଏକରରେ)	ପ୍ରକଳ୍ପ ପାଇଁ ଆବଶ୍ୟକୀୟ ରକବା (ଏକରରେ)
୧	୧୫୩	୧୨୦୨/୧	ଶାରଦ-୨	ବଛିଆ ବାରିକ, ପି- ବୈର ସେଠୀ	୧.୯୭	୦.୪୪
୨	୧୭୯	୧୧୮୬/୨୫୫୫	ଶାରଦ-୨	ମଳା ସେଠୀ, ପି-ବୈର ସେଠୀ	୦.୦୪	୦.୦୪
୩	୨୭୪/୬୬	୧୨୦୧/୧	ଶାରଦ-୨	ସୂର୍ଯ୍ୟ କୁମାରୀ ସାହୁ, ସ୍ୱା- ଜୟକୁମାର ସାହୁ	୦.୩୮	୦.୦୦୫
୪	୨୭୪/୫୩୧	୧୨୦୫	ଶାରଦ-୨	ଦିନେଶ ସାହୁ, ପି- କୁମୁଦ ସାହୁ	୦.୦୬୫	୦.୦୬୫
୫	୨୭୪/୫୨୭	୧୨୦୫/୩୦୭୬	ଶାରଦ-୨	ସୁଧାକର ସାହୁ, ପି- ଅର୍ଜୁନ	୦.୦୬୫	୦.୦୬୫
୬	୨୭୪/୨୦୧	୧୨୦୪	ଘରବାରି	ସୁଶାନ୍ତ କୁମାର ସାହୁ, ପି- ସର୍ବେଶ୍ୱର	୦.୧୩	୦.୧୩
					ମୋଟ :	୦.୭୪୫

34074/11/0037/1819

କି ବ୍ୟକ୍ତି, କି ରାଷ୍ଟ୍ର ପ୍ରତ୍ୟେକ ନିଜ ଗୋଡ଼ରେ ଠିଆ ହେବା ନିମନ୍ତେ ଶିକ୍ଷା ଲାଭ କରିବା ଉଚିତ।
- ସ୍ୱାମୀ ବିବେକାନନ୍ଦ

ସଂକ୍ଷେପରେ

ଲୁଟ୍ ମୋବାଇଲ ଜବତ, ଦୁଇ ଗିରଫ

ଭୁବନେଶ୍ୱର, ୭।୨(ବ୍ୟୁରୋ): ଚନ୍ଦ୍ରଶେଖରପୁର ଅଞ୍ଚଳରେ ଦିନକୁ ଦିନ ବଢ଼ି ଚାଲିଛି ଲୁଟ୍। ଗୁରୁବାର ଚନ୍ଦ୍ରଶେଖରପୁର ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଏକ ଲୁଟ୍ ମୋବାଇଲ୍ ଫୋନ୍ ଓ ବ୍ୟାଗ୍ ଜବତ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଶହୀଦନଗର ଥାନା ଅନ୍ତର୍ଗତ ପଣ୍ଡାପାର୍କ ବସ୍ତି ଅଞ୍ଚଳର ବାପି ନାୟକ ଓ ଶୈଳଶ୍ରୀ ବିହାର ଜଗନ୍ନାଥ ମନ୍ଦିର ନିକଟରେ ରହିଥିବା ସନ୍ଦୀପ କୁମାର ସାହୁ। ପୋଲିସ ସୂଚନା ମୁତାବକ, ନୀଳାଦ୍ରିବିହାର ସେକ୍ଟର-୧ ଅଞ୍ଚଳର ଅନିତା ଦାସ ଗତ ୪ ତାରିଖ ସନ୍ଧ୍ୟାରେ ଘରକୁ ଫେରୁଥିବାବେଳେ ବାପି ଓ ସନ୍ଦୀପ ତାଙ୍କଠାରୁ ବ୍ୟାଗ ଓ ମୋବାଇଲ ଫୋନ ଲୁଟିନେଇ ପଳାଇଥିଲେ। ଘଟଣା ସଂକ୍ରାନ୍ତରେ ଅଭିଯୋଗ ପରେ ପୋଲିସ ତଦନ୍ତ କରିଥିଲା।

ଦାଦାବଟି ମାଗି ଦୁଇ ଗିରଫ

ଭୁବନେଶ୍ୱର, ୭।୨(ବ୍ୟୁରୋ): ଦାଦାବଟି ମାଗିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଗୁରୁବାର ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ରଙ୍ଗମାଟିଆ ଅଞ୍ଚଳର ଦୀପକ କୁମାର ସେଠୀ ଏବଂ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ସରୋଜ କୁମାର ଜେନା। ସୂଚନା ମୁତାବକ, ଚନ୍ଦ୍ରଶେଖରପୁର ଅଞ୍ଚଳରେ ରହୁଥିବା ଅଭିଷେକ ରଥଙ୍କୁ ଏହି ଦୁଇ ଅଭିଯୁକ୍ତ ୫ ହଜାର ଟଙ୍କା ଦାଦାବଟି ମାଗିବା ସହ ଅନେକ ସମୟରେ ହଇରାଣ କରୁଥିଲେ। ତାଙ୍କୁ ରାସ୍ତାଘାଟରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ମଧ୍ୟ କରୁଥିଲେ। ଏ ନେଇ ଅଭିଷେକ ଗତ ସୋମବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏହି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଠକେଇ ଅଭିଯୋଗରେ ଯୁବକ ଗିରଫ

ପୁରୁଣା ଭୁବନେଶ୍ୱର,୭।୨(ଡି.ଏନ୍.ଏ.): ଠକେଇ ଅଭିଯୋଗରେ ଶ୍ରୀଲିଙ୍ଗରାଜ ଥାନା ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପଟିଆ ଅଞ୍ଚଳରେ ରହୁଥିବା ସୁଜିତ୍ କୁମାର ମହାପାତ୍ର। ପୋଲିସ ସୂଚନା ଅନୁଯାୟୀ, ସୁଜିତ୍ ଲିଙ୍ଗରାଜ ଥାନା ଅଧୀନ କେଦାରଗୌରୀ ଅଞ୍ଚଳର ନିର୍ମଳ କୁମାର ମହାନ୍ତିଙ୍କ ଏକ ଟାଟା ଏସିଇ ଗାଡିକୁ ୫୦ହଜାର ଟଙ୍କା ଆଡଭାନ୍ସ ଦେଇ ନେଇଥିଲେ। ଗାଡି ମୂଲ୍ୟ ୩ ଲକ୍ଷ ୭୦ହଜାର ଟଙ୍କା ସ୍ଥିର ହୋଇଥିଲା। ଏହି ଟଙ୍କା ସେ କିସ୍ତିରେ ଶୁଝିବାକୁ କହି ନେଇଥିଲେ। ପରେ ୩ଟି ଚେକ୍ ଦେଇଥିଲେ ମଧ୍ୟ ତାହା ବାଉନ୍ସ ହୋଇଥିଲା। ଏ ନେଇ ଗାଡି ମାଲିକ ନିର୍ମଳଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ସୁଜିତଙ୍କୁ ଗିରଫ କରିଥିଲା।

ବିଦ୍ୟାଳୟ ବାର୍ଷିକ ଉତ୍ସବ

ବାଲିପାଟଣା,୭।୨(ଡି.ଏନ୍.ଏ.): ବାଲିପାଟଣା ମଣ୍ଡଳ ଶିକ୍ଷା ଅଧିକାରୀ ଅଧୀନ ବିଶ୍ୱନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳାନା ପରିଷଦ ସଭାପତି ଦିଲ୍ଲୀପ ଜେନାଙ୍କ ପୌରୋହିତ୍ୟରେ ସରକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ଅଜୟ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନ୍ୟତମ ଅତିଥିଭାବେ ଏବିଓ ପ୍ରତାପ ପ୍ରଧାନ ଯୋଗଦେଇଥିଲେବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁ ବିବରଣୀ ପାଠ କରିଥିଲେ। ସଂଘମିତ୍ରା ପରିଡ଼ା ଅତିଥି ପରିଚୟ, ପ୍ରଭାସିନୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ସୁଜାତା ରାଉତ ଓ ନୟନା କୁମାରୀ ଜେନା ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ନ୍ୟାୟ ପାଇଁ ବାଲେଶ୍ୱରରୁ ନବୀନ ନିବାସ

- ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଦିଆଗଲାନି ସୁଯୋଗ
- ସ୍ଥାନୀୟ ପୋଲିସ ବିରୋଧରେ ଆଣିଲେ ଅଭିଯୋଗ
- ଅଭିଯୁକ୍ତ ଦେଉଛନ୍ତି ହତ୍ୟା ଧମକ

ଭୁବନେଶ୍ୱର,୭।୨ (ବ୍ୟୁରୋ)

ଶାଶୁଘର ଲୋକଙ୍କ ନିର୍ଯାତନାର ଶିକାର ହୋଇ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ହେଲେ ଗୁରୁତ୍ୱ ଦେଲାନି ବାଲେଶ୍ୱର ଜିଲାର ସିଂଲା ଥାନା ପୋଲିସ। ଅଭିଯୁକ୍ତମାନେ ହତ୍ୟା ଧମକ ଦେବାରୁ ଶେଷରେ ନିର୍ଯାତିତା ମହିଳା ଭୟରେ ଛୋଟ ପୁଅକୁ ଧରି ଗୁରୁବାର ଅପରାହ୍ନ ୩ଟାରେ ନବୀନ ନିବାସରେ ପହଞ୍ଚିଥିଲେ। ସେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅଭିଯୋଗ ଜଣାଇବାକୁ ଚାହିଁଥିଲେ ମଧ୍ୟ ସୁରକ୍ଷାକର୍ମୀମାନେ ସୁଯୋଗ ଦେଇ ନ ଥିଲେ। ଶେଷରେ ସୁରକ୍ଷା କର୍ମୀମାନେ ଅଭିଯୋଗ ରଖି ପଦକ୍ଷେପ ଗ୍ରହଣ କରାଯିବ ବୋଲି ତାଙ୍କୁ ପ୍ରତିଶ୍ରୁତି ଦେବା ପରେ ମହିଳାଜଣକ ନବୀନ ନିବାସ ଛାଡିଥିଲେ। ମହିଳା ଜଣକ ବାଲେଶ୍ୱର ଜିଲା ସିଂଲା ଥାନା ପୋଲିସ ବିରୋଧରେ ଅଭିଯୋଗ ଆଣିବା ସହ ନ୍ୟାୟ ଓ ସୁରକ୍ଷା ନିବେଦନ କରିଛନ୍ତି।

ନିର୍ଯାତିତା ମହିଳା ଜଣକ ହେଉଛନ୍ତି ବାଲେଶ୍ୱର ସିଂଲା ଥାନା ଅଞ୍ଚଳର ଶୁଭଶ୍ମିତା ଦେ। ତାଙ୍କ ଅଭିଯୋଗ ଅନୁଯାୟୀ, ୨୦୧୨ରେ ଜଳେଶ୍ୱର ଥାନା ଅନ୍ତର୍ଗତ ରାଜପୁର ଅଞ୍ଚଳର ହରିପଦ ଦେଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ।

ପୁଅ ଓ ଭଉଣୀଙ୍କ ସହ ଶୁଭଶ୍ମିତା ।

ବିବାହ ପୂର୍ବରୁ ବର ଘରକୁ ଦାବି ମୁତାବକ ସମସ୍ତ ଯୌତୁକ ଦିଆଯାଇଥିଲା। ହେଲେ ବିବାହ ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ଶୁଭଶ୍ମିତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ଏହାପରେ ହରିପଦ ଶୁଭଶ୍ମିତାକୁ ପୁଣେ ନେଇଯାଇଥିଲେ। ସେଠାରେ ମଧ୍ୟ ସେ ଶୁଭଶ୍ମିତାଙ୍କୁ ମାଡ଼ ମାରିବା ସହ ନାନା ନିର୍ଯାତନା ଦେଇଥିଲେ। ସେ ଗର୍ଭବତୀ ଥିବା ସମୟରେ ସ୍ୱାମୀ ହରିପଦ ତାଙ୍କୁ ବାପ ଘରେ ଛାଡି ଦେଇଥିଲେ। ଏ ସଂକ୍ରାନ୍ତରେ ୨୦୧୫ରେ ଶୁଭଶ୍ମିତା ସ୍ଥାନୀୟ ସିଂଲା ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ-୧୦୯ ଦଫା ୪୯୮(ଏ),୩୨୩,୫୦୬ ଓ ୩୪ ଲଗାଇ ଚୁପ୍ ବସିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନ କରିବାରୁ ସେ ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଅଭିଯୋଗ କରିଥିଲେ। କୋର୍ଟ ଶୁଭଶ୍ମିତାଙ୍କ ସ୍ୱାମୀଙ୍କୁ ବାରମ୍ବାର ନୋଟିସ୍ କରିଥିଲେ ମଧ୍ୟ ସେ ହାଜର ହୋଇ ନ ଥିଲେ। ଶେଷରେ କୋର୍ଟ ସ୍ୱାମୀ ହରିପଦଙ୍କ ନାମରେ ୱାରେଣ୍ଟ ଜାରି କରିଥିଲେ। ହରିପଦ ଖୁଲମଖୁଲା ବୁଲୁଥିବାବେଳେ ପୋଲିସ ତାଙ୍କୁ ଗିରଫ କରୁ ନ ଥିବାରୁ ସେ ଶୁଭଶ୍ମିତା ଓ ତାଙ୍କ ପୁଅକୁ ମାରିଦେବାବକୁ ଧମକ ଦେଉଥିବା ଅଭିଯୋଗରେ ଦର୍ଶାଇଛନ୍ତି।

ଏନେଇ ବାଲେଶ୍ୱର ସିଂଲା ଥାନା ଅଧିକାରୀ ବିମଳ କୁମାର ନାୟକ କହିଛନ୍ତି, ଆମେ ତାଙ୍କ ସ୍ୱାମୀଙ୍କୁ ଧରିବା ପାଇଁ ଦୁଇଥର ଗୁଜରାଟ ଯାଇ ଚଢାଉ କରିଛୁ। ସେ ଧରା ଦେଉନାହାନ୍ତି। ମୋବାଇଲ୍ ଫୋନ୍ ଟ୍ରାକିଂ କରାଯାଇଥିଲେ ମଧ୍ୟ ଲୋକେସନ ଭିନ୍ନ ଭିନ୍ନ ସହରରେ ରହୁଛି। ଫଳରେ ତାଙ୍କୁ ଗିରଫ କରିବା କଷ୍ଟକର ହେଉଛି।

ଉତ୍କଳିକା ପକ୍ଷରୁ କର୍ପୋରେଟ ଫେୟାର

ଭୁବନେଶ୍ୱର,୭।୨

ଉତ୍କଳିକା ପକ୍ଷରୁ ସ୍ଥାନୀୟ ରେଡ୍‌କ୍ରସ୍ ଭବନ ପରିସରରେ କର୍ପୋରେଟ ଫେୟାର ଆରମ୍ଭ ହୋଇଛି। ଏହା ଚଳିତ ମାସ ୩୧ ତାରିଖ ଯାଏ ଚାଲିବ। ଏହାକୁ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ କୁମାର ପୁଷ୍ଟି, ବିଭାଗର ଯୁଗ୍ମ ସଚିବ ଅଞ୍ଜନା ପଣ୍ଡା, କୁଟୀର ଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବସନ୍ତ କୁମାର ଦାଶ, ଉତ୍କଳିକା ଏମ୍‌ଡି ସତ୍ୟରଞ୍ଜନ ଦାସ, ସଚିବ ଆରତୀ ସାହୁ ଏବଂ ପ୍ରବନ୍ଧକ ସ୍ୱୟଂପ୍ରଭା ମୁଦୁଲି ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ରାଜ୍ୟର ହସ୍ତଶିଳ୍ପ ଏବଂ ହସ୍ତତନ୍ତ କାରିଗରଙ୍କ ବିଭିନ୍ନ ସାମଗ୍ରୀ ଏଠାରେ ପ୍ରଦର୍ଶନ ତଥା ବିକ୍ରି ହେଉଛି। ଗ୍ରାହକଙ୍କ ଚାହିଦାକୁ ଧ୍ୟାନରେ ରଖି ବିଭିନ୍ନ ସାମଗ୍ରୀ ଏଠାରେ ଉପଲବ୍ଧ ହେଉଛି। ଏହା ମଧ୍ୟରେ ତାରକସି, ଡୋକ୍ରା ନିର୍ମିତ ଘର ସାଜସଜ୍ଜା ସାମଗ୍ରୀ, ଅଳଙ୍କାର ସହ ଟସର, ବୋମକାଇ, ନୂଆପାଟଣା ବାନ୍ଧ ଶାଢି, ଷ୍ଟୋଲ୍, ବିଛଣା ଚାଦର ଏବଂ ଡ୍ରେସ୍ ମ୍ୟାଟେରିଆଲ ଉପଲବ୍ଧ। ଏଠାରେ ହସ୍ତତନ୍ତ ସାମଗ୍ରୀ ଉପରେ ୧୦% ସହ ୨୦% ରିହାତି, ହସ୍ତଶିଳ୍ପ ସାମଗ୍ରୀ ଉପରେ ୧୦% ରିହାତି ସୁବିଧା ଗ୍ରାହକମାନେ ପାଇପାରିବେ।

ଆନ୍ଦୋଳନ ସ୍ଥଗିତ ରଖିଲା ଗୃହରକ୍ଷୀ ସଂଘ

ଭୁବନେଶ୍ୱର, ୭।୨(ବ୍ୟୁରୋ)

୪ଦଫା ଦାବି ନେଇ ଓଡ଼ିଶା ଗୃହରକ୍ଷୀ ସମାଜ କଲ୍ୟାଣ ସଂଘ ପକ୍ଷରୁ ଆସନ୍ତା ୮ ତାରିଖରେ କାର୍ଯ୍ୟବନ୍ଦ ଆନ୍ଦୋଳନର ଡାକରା ଦିଆଯାଇଥିଲା। ହେଲେ ଏହା ପୂର୍ବରୁ ଭୁବନେଶ୍ୱର ଡିସିପିଙ୍କ ସହ ସଂଘର ସଭାପତି ଶରତଚନ୍ଦ୍ର ମିଶ୍ର ଓ ଅନ୍ୟମାନେ ଆଲୋଚନା କରିଥିଲେ। ସଂଘର ଦାବି ପୂରଣ ପାଇଁ ଡିସିପି ୪ଦିନ ସମୟ ନେଇଛନ୍ତି। ଏହି ୪ଦିନ ମଧ୍ୟରେ ଗୃହରକ୍ଷୀଙ୍କ ଦାବିଗୁଡିକ ଉପରେ ପର୍ଯ୍ୟାଲୋଚନା କରିବା ପରେ ନିଷ୍ପତ୍ତି ନେବେ। ଯଦି ଡିସିପି ସଂଘର ଦାବି ପୂରଣ ନ କରନ୍ତି ତେବେ ସଂଘ ପୂର୍ବଭଳି କାର୍ଯ୍ୟବନ୍ଦ ଆନ୍ଦୋଳନ କରିବ। ରାଜ୍ୟରେ ଥିବା ୧୭ହଜାର ୭୬୫ ଗୃହରକ୍ଷୀ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହେବେ ବୋଲି ସଂଘର ସଭାପତି କହିଛନ୍ତି। ଟ୍ରାଫିକ, ପିସିଆର, ରେସିଡେନ୍ସ ଡ୍ୟୁଟି, ଭିଆଇପି ଡ୍ୟୁଟି, ଆନ୍ତର୍ଜାତିକ ଖେଳ ଭଳି କାର୍ଯ୍ୟରେ ହୋମ୍‌ଗାର୍ଡମାନେ ସାମିଲ ହେଉଛନ୍ତି। କିନ୍ତୁ ସେମାନଙ୍କ କାର୍ଯ୍ୟ ଅନୁଯାୟୀ ଉପଯୁକ୍ତ ପାରିଶ୍ରମିକ ମିଳୁନାହିଁ। ଏ ବିଷୟରେ ସରକାରଙ୍କୁ ଏବଂ ଉପରିସ୍ଥ ଅଧିକାରୀଙ୍କୁ ସଂଘ ମାଧ୍ୟମରେ ଆଲୋଚନା କରାଯାଇଥିଲା। ଆଲୋଚନାରେ ସରକାର ସେମାନଙ୍କ ଦାବିପୂରଣ ପାଇଁ ପ୍ରତିଶ୍ରୁତି ଦେଇ ପରେ ଅଧିକାରୀମାନେ ଭୁଲି ଯାଉଛନ୍ତି ବୋଲି ସଂଘ ଅଭିଯୋଗ କରିଛି।

- ୫୦ରୁ ୩ ହସ୍ତଶିଳ୍ପ ଶିଳ୍ପୀଙ୍କୁ ମିଳୁଛି କଳାକାର ଭତ୍ତା

କାରିଗର ଭତ୍ତା ପାଇଁ ଦାବିକଲା ଓଡ଼ିଶା ଶିଳ୍ପୀ ମହାସଂଘ

ଭୁବନେଶ୍ୱର,୭।୨(ବ୍ୟୁରୋ)

ପିଠା ଶିବିରରେ ରାଜ୍ୟର କଳାକାର ମାନଙ୍କୁ ଏକକାଳୀନ ଦୁଇମାସର ପେନ୍‌ସନ ୨୪୦୦ ଟଙ୍କା ମିଳିଛି। ହେଲେ ବାରମ୍ବାର ଦାବି ସତ୍ତ୍ୱେ ସାମାଜିକ ସୁରକ୍ଷା ଯୋଜନାରେ ରାଜ୍ୟର କାରିଗରଙ୍କୁ ଏହି ସୁବିଧା ମିଳୁନି। ଅନ୍ୟପକ୍ଷରେ କଳାକାରଙ୍କ ତାଲିକାରେ ପଟଚିତ୍ର, ତାଳପତ୍ର ଓ ପଥର ଖୋଦେଇ କାରିଗରଙ୍କୁ ରାଜ୍ୟ ସଂସ୍କୃତି ବିଭାଗ ସାମିଲ କରି ମାସିକ ୧୨୦୦ ଟଙ୍କା ଭତ୍ତା ପ୍ରଦାନ କରିଛି। ଏହାଦ୍ୱାରା ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୫୦ ପ୍ରକାର ହସ୍ତଶିଳ୍ପ ମଧ୍ୟରୁ ବଳକା ହସ୍ତଶିଳ୍ପ କାରିଗର ଏହି ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ରାଜ୍ୟର ସମସ୍ତ ହସ୍ତକଳା ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନରେ ଆସୁଥିବା ବେଳେ ମାତ୍ର ୩ ବିଭାଗର ଶିଳ୍ପୀଙ୍କୁ ମାସିକ ଆର୍ଥିକ ସହାୟତା ମିଳୁଥିବାରୁ ବାଦ ପଡ଼ିଥିବା ହସ୍ତଶିଳ୍ପୀଙ୍କ ଅସନ୍ତୋଷ ପ୍ରକାଶ ପାଇଛି।

ରାଜ୍ୟର ଶହେରୁ ଊର୍ଦ୍ଧ୍ୱ ବିଶିଷ୍ଟ ଶିଳ୍ପୀଙ୍କୁ ଶିଳ୍ପୀଗୁରୁ, ଜାତୀୟ ପୁରସ୍କାର, ରାଜ୍ୟ ପୁରସ୍କାର ଓ ଲଳିତ କଳା ଏକାଡେମୀ ପୁରସ୍କାର ମିଳିଥିବା ବେଳେ ହସ୍ତତନ୍ତ କ୍ଷେତ୍ରରେ ସନ୍ଥ କବୀର ଭଳି ଜାତୀୟ ପୁରସ୍କାର ପାଇଥିବା ୩୦ରୁ ଊର୍ଦ୍ଧ୍ୱ ବୁଣାକାର ରହିଛନ୍ତି। ରାଜ୍ୟରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ କାରିଗର ରହିଛନ୍ତି, ଯେଉଁମାନଙ୍କୁ ଆଜି ରାଜ୍ୟ ସରକାର ଭୁଲିଯାଇଥିବା ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ବରିଷ୍ଠ ଶିଳ୍ପୀ ଭାସ୍କର ମହାରଣା କହିଛନ୍ତି। କଳାକାରଙ୍କ ଭଳି ୪୦ବର୍ଷର ମହିଳା ଏବଂ ୫୦ବର୍ଷର ପୁରୁଷ ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ମାସିକ ୧୫୦୦ ଟଙ୍କା ସହାୟତା ପ୍ରଦାନ କରିବାକୁ ମହାସଂଘ ଦାବି କରିଛି।

ସର୍ବସମ୍ମୁଖରେ ଯୁବକଙ୍କୁ ମାଡ଼ମାରି ଅପହରଣ

ପୋଲିସ ସାଜିଲା ଦେଖଣାହାରୀ

ଭୁବନେଶ୍ୱର,୭।୨ (ବ୍ୟୁରୋ)

ଖାରବେଳନଗର ଥାନା ଅନ୍ତର୍ଗତ ଶ୍ରୀୟା ହଲ୍ ନିକଟରୁ ଜଣେ ଯୁବକଙ୍କୁ ଅପହରଣ କରି ନିଆଯାଇଛି। ଗୁରୁବାର ଅପରାହ୍ନ ପ୍ରାୟ ୫ଟାରେ ସର୍ବସମ୍ମୁଖରେ ଏହି ଘଟଣା ଘଟିଛି। ଜଣେ ଯୁବକଙ୍କୁ ଅନ୍ୟ ଦୁଇଜଣ ମାଡ଼ ମାରି ଶାର୍ଟ କଲର ଧରି ଟାଣି ଟାଣି ନେବା ପରେ ବାଇକ୍‌ରେ ନେଇଯାଇଥିବା ଜଣାପଡିଛି। ସ୍ଥାନୀୟ ଲୋକେ ଯୁବକଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିବାବେଳେ ସେଠାରେ ଉପସ୍ଥିତ କେତେଜଣ ପୋଲିସ ଦେଖଣାହାରୀ ସାଜିଥିଲେ। ଘଟଣା ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି। ମାତ୍ର ଏହି ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ମାତ ଖାଉଥିବା ଯୁବକଙ୍କ ବାପା ଚ୍ରଲି ଚଲାନ୍ତି। ଯୁବକ ଜଣଙ୍କ ଉକ୍ତ ଫିଲ୍ମ ହଲ୍ ଆଗରେ ଟିକେଟ ବ୍ଲାକ୍ କରନ୍ତି। ତେଣୁ ଟଙ୍କା ନେଣ ଦେଣ କିମ୍ବା ଅନ୍ୟ କିଛି କାରଣ ପାଇଁ ତାଙ୍କୁ ଅପହରଣ କରାଯାଇଥିବା ଲୋକେ ସନ୍ଦେହ କରୁଛନ୍ତି।

ମିଲାଞ୍ଜି ଏକଜିବିଶନ ସେଲ୍ ଆଜିଠାରୁ

ଭୁବନେଶ୍ୱର,୭।୨



ମିଲାଞ୍ଜି ପକ୍ଷରୁ ଡିଜାଇନର ଏକଜିବିଶନ ତଥା ସେଲ୍ ଚଳିତ ମାସ ୮ ଏବଂ ୯ ତାରିଖରେ ଭୁବନେଶ୍ୱରର ହୋଟେଲ ପାଲ୍ ହାଇଟ୍ସଠାରେ ଅନୁଷ୍ଠିତ ହେବ। ସୁଲଭ ମୂଲ୍ୟରେ ଗ୍ରାହକଙ୍କୁ ବିଭିନ୍ନ ଷ୍ଟାଇଲ ଉତ୍ପାଦ ଯୋଗାଣ ଲକ୍ଷ୍ୟରେ ଚଳିତ ଥର ଏହାକୁ ଭିନ୍ନ ଟ୍ରେଣ୍ଡରେ ଆୟୋଜନ କରାଯାଉଥିବା ମିଲାଞ୍ଜି ପକ୍ଷରୁ ସୂଚନା ରହିଛି। ଏଠାରେ ଫ୍ୟାଶନ, ଲାଇଫ୍ ଷ୍ଟାଇଲ ସହ ଅନ୍ୟ ସାମଗ୍ରୀ ଗ୍ରାହକ ଲାଭ କରିପାରିବେ। ସେହିଭଳି ବିଶ୍ୱ ସ୍ତରର ସର୍ବୋତ୍ତମ ଫ୍ୟାଶନ କଲେକ୍ସନ ଏଠାରେ ଉପଲବ୍ଧ ହେବ। ଡିଜାଇନର ଜୁଏଲେରି, ଗିଫ୍ଟ ସାମଗ୍ରୀ, ହୋମ୍‌ଡେକୋର ସାମଗ୍ରୀର ସମ୍ଭାର ଏଥିରେ ସାମିଲ ରହିବ। ୫୦ରୁ ଊର୍ଦ୍ଧ୍ୱ ଡିଜାଇନର ସେମାନଙ୍କ ନୂଆ କଲେକ୍ସନ ସବୁକୁ ପ୍ରଦର୍ଶନ ସହ ବିକ୍ରି କରିବେ। ପ୍ରମୁଖ ଡିଜାଇନରଙ୍କ ମଧ୍ୟରେ ମୁମ୍ବାଇର ସଞ୍ଜୀ କ୍ରିଏସନ, ତପସୁମ, ନୂଆଦିଲ୍ଲୀର ଅମଙ୍କିତା,ଖୁସି ରହିଛନ୍ତି । ହ୍ୟାଣ୍ଡ ଏମ୍ବ୍ରଡରି ମଧ୍ୟରେ କଲିକତାର ମଦାସସା, ବେରିଜ ଏବଂ ନୀତଜୀ ରହିଛି।

ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣା, ୪ଗିରଫ

ବାଲିଅନ୍ତା,୭।୨ଡି.ଏନ୍.ଏ.)

ବାଲିଅନ୍ତା ଥାନା ପ୍ରତାପରୁଦ୍ରପୁରର ଜଣେ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ହୋଇଥିବା ଘଟଣାରେ ପୋଲିସ ଗୁରୁବାର ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ସଦର ଥାନା ଅଧୀନ କଳାପଡାର ଶୁଭାଂଶୁ ପରିଡା, ବାଲିଅନ୍ତା ଥାନା ଭିଙ୍ଗାରପୁର ଧୀରେନ୍ଦ୍ର ଜେନା, କଟକ ଲାଲବାଗ ଥାନାର ସାହାବାଜ ବଜାରର ମାନସ କୁମାର ଚନ୍ଦ୍ର। ଏମାନଙ୍କଠାରୁ ପୋଲିସ ୫ଟି ମୋବାଇଲ ଫୋନ, ୩ଟି ସୁନାଚେନ, ୧ଟି ସୁନାଲକେଟ, ନଗଦ ୧୩ହଜାର ୩୦୦ଟଙ୍କା ଓ ୪ଟି ବାଇକ୍ ଜବତ କରିଛି।

ଜବତ ହୋଇଥିବା ସାମଗ୍ରୀ।

ସୂଚନାଯୋଗ୍ୟ, ଫେବୃୟାରୀ ୨ତାରିଖରେ ନୂଆସାହି ଅଞ୍ଚଳର ଫାଇନାନ୍ସ କର୍ମଚାରୀ ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କୁ ୨ଅଭିଯୁକ୍ତ ମାଡ଼ମାରି ୬୬ହଜାର ଟଙ୍କା ଲୁଟି ନେଇଥିଲେ। ପରେ ପ୍ରକାଶ ବାଲିଅନ୍ତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩୩/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ପୋଲିସ ବୁଧବାର ରାତିରେ ନହରକଣ୍ଟାର ଏକ ଭଡାଘରେ ଚଢ଼ାଉ କରି ଲୁଟରେ ସମ୍ପୃକ୍ତ ୨ଅଭିଯୁକ୍ତ ସମେତ ତାଙ୍କର ୨ସହଯୋଗୀଙ୍କୁ ଗିରଫ କରିଥିଲା। ଲୁଟ୍ ଟଙ୍କାକୁ ଅଭିଯୁକ୍ତମାନେ ଭାଗ ବାଣ୍ଟି ଖର୍ଚ୍ଚ କରିଦେଇଥିବାବେଳେ କେବଳ ଲୁଟ ବ୍ୟବହୃତ କଟୁରି, କାତି ଓ ସ୍କୁଡାଇଭରକୁ ଜବତ କରିଛି। ଏହି ଗ୍ୟାଙ୍ଗର ଶୁଭାଂଶୁ ମୁଖ୍ୟ ଥିବାବେଳେ ଏମାନଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଥିବା ବାଲିଅନ୍ତା ଥାନା ଆଇଆଇସି ମନୋଜ ସ୍ୱାଇଁ କହିଛନ୍ତି। ଏହି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ଭୀରୁ ବ୍ୟକ୍ତି। ରାଫାଲ ଯୁଦ୍ଧବିମାନ ଓ ଜାତୀୟ ସୁରକ୍ଷା ନେଇ ୫ ମିନିଟ ମୁହାଁମୁହିଁ ବିତର୍କ କରିବା ପାଇଁ ମୋଦିଙ୍କ ସାହସ ନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଟାର୍ଗେଟ କରିଛନ୍ତି। ନୂଆଦିଲ୍ଲୀରେ କଂଗ୍ରେସର ସଂଖ୍ୟାଲଘୁ ସେଲ୍‌କୁ ସମ୍ବୋଧିତ କରି ରାହୁଲ ଗୁରୁବାର ମୋଦି ସରକାରଙ୍କୁ ଚାଇନା ନୀତି ସମେତ ବିଭିନ୍ନ ପ୍ରସଙ୍ଗରେ ସମାଲୋଚନା କରିଛନ୍ତି।

ସୁବର୍ଣ୍ଣରେଖା: ପନ୍ତେଇଠାରେ ହାଇଲେଭଲ ବ୍ରିଜ୍

ଭୁବନେଶ୍ୱର,୭।୨(ବ୍ୟୁରୋ)

- ୧.୬୪୨ କି.ମି. ଦୀର୍ଘ ବ୍ରିଜ୍ ପାଇଁ ୧୯୦ କୋଟି
- ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ସ୍ଥାନୀୟ ଜନପ୍ରତିନିଧି

ଉତ୍ତର ବାଲେଶ୍ୱର ସହ ପଶ୍ଚିମବଙ୍ଗ ସୀମା ପର୍ଯ୍ୟନ୍ତ ସଡ଼କପଥରେ ସଂଯୋଗୀକରଣ ପାଇଁ ସୁବର୍ଣ୍ଣରେଖା ନଦୀର ପନ୍ତେଇଠାରେ ଏକ ହାଇଲେଭଲ ବ୍ରିଜ୍ ନିର୍ମିତ ହେବ। ରାଜ୍ୟ ସରକାର ଏହି ବ୍ରିଜ୍ ନିର୍ମାଣ ନିମନ୍ତେ ନିଷ୍ପତ୍ତି ନେବା ସହିତ ଟେଣ୍ଡର ଆହ୍ୱାନ କରିଛନ୍ତି। ୧.୬୪୨କିଲୋମିଟର ଦୈର୍ଘ୍ୟବିଶିଷ୍ଟ ଏହି ବ୍ରିଜ୍ ନିର୍ମାଣ ପାଇଁ ୧୯୦ କୋଟି ଟଙ୍କା ଖର୍ଚ୍ଚହେବ। ୧୬ ନଂ ଜାତୀୟ ରାଜପଥର ହଳଦୀପଡ଼ାଠାରୁ ୩୬ କିଲୋମିଟର ଦୂରବର୍ତ୍ତୀ ପନ୍ତେଇଠାରେ ଏହି ହାଇଲେଭଲ ବ୍ରିଜ୍ ନିର୍ମିତ ହେଲେ ଚନ୍ଦନେଶ୍ୱରଠାରୁ ବାଲେଶ୍ୱରର ଦୂରତ୍ୱ ପ୍ରାୟ ୨୦ କିଲୋମିଟର ହ୍ରାସ ପାଇବ। ଏଥିସହିତ ତାଳସାରୀ, ଉଦୟପୁର, ବାଲିଆପାଳର ଡଗରା ବେଳାଭୂମି, ଚନ୍ଦନେଶ୍ୱର ଓ ଭୂଷଣ୍ଡେଶ୍ୱର ଶୈବପୀଠ ଓ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦରକୁ ସଡ଼କ ପଥରେ ଯୋଗାଯୋଗ ସହଜ ହେବ। ସ୍ଥାନୀୟ ଅଞ୍ଚଳରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଯାତାୟାତରେ କୌଣସି ଅସୁବିଧା ହେବ ନାହିଁ।

ପ୍ରକାଶ ଯେ, ୨୦୧୬ ସୁଲପଟାଠାରେ ପଞ୍ଚୁପଡ଼ା ବ୍ରିଜ୍ ନିର୍ମାଣ ସମୟରେ ଶିଳ୍ପମନ୍ତ୍ରୀ ଅନନ୍ତ ଦାସଙ୍କ ସମେତ ଏମ୍‌ପି ରବୀନ୍ଦ୍ର ଜେନା, ବିଧାୟକ ନିତ୍ୟାନନ୍ଦ ସାହୁ ଏବଂ ବିଧାୟକ ଜୀବନପ୍ରଦୀପ ଦାସ ପ୍ରମୁଖ ସୁବର୍ଣ୍ଣରେଖା ଉପରେ ହାଇଲେଭଲ ବ୍ରିଜ୍ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେ। ଏହାକୁ ରାଜ୍ୟ ସରକାର ବର୍ତ୍ତମାନ ସମୟରେ ମଞ୍ଜୁର କରିଥିବାରୁ ଜିଲାବାସୀଙ୍କ ପକ୍ଷରୁ ସମସ୍ତ ଜନପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସ୍ୱାୟତ୍ତ ସଂସ୍ଥାଗୁଡ଼ିକରେ ବ୍ୟାପକ ଅନିୟମିତତା

ଭୁବନେଶ୍ୱର,୭।୨(ବ୍ୟୁରୋ)

ସ୍ଥାନୀୟ ପାଣ୍ଠି ସମୀକ୍ଷା ନିର୍ଦ୍ଦେଶାଳୟର ପ୍ରତିବେଦନ ଉପସ୍ଥାପିତ

୨୦୧୬-୧୭ ଆର୍ଥିକ ବର୍ଷ ଶେଷରେ ପଞ୍ଚାୟତ ସମିତି ଏବଂ ଗ୍ରାମ ପଞ୍ଚାୟତଗୁଡିକୁ ଦିଆଯାଇଥିବା ୨୩୭.୧୮ କୋଟି ଟଙ୍କା ବିତରଣ ନ ହୋଇ ରହିଥିଲା। ସେହି ଆର୍ଥିକ ବର୍ଷରେ ୩୧୩ଟି ପଞ୍ଚାୟତ ସମିତିରେ ବିଭିନ୍ନ ଯୋଜନା ବାବଦକୁ ୩୦୬୨.୨୦ କୋଟି ଟଙ୍କା ବିନିଯୋଗ ହୋଇ ନ ଥିଲା। ସେହିପରି ୨୦୧୬-୧୭ ଆର୍ଥିକ ବର୍ଷରେ ବିଭିନ୍ନ କାର୍ଯ୍ୟର ବିନିଯୋଗ ପ୍ରମାଣପତ୍ର ଦାଖଲର ପରିମାଣ ମାତ୍ର ୧୭.୨୪% ରହିଥିଲା। ବିଧାନସଭା ବଜେଟ ଅଧିବେଶନର ଚତୁର୍ଥ ଦିନରେ ସ୍ଥାନୀୟ ପାଣ୍ଠି ସମୀକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ୨୦୧୭-୧୮ ବର୍ଷ ପାଇଁ ଉପସ୍ଥାପିତ ହୋଇଥିବା ବାର୍ଷିକ ପ୍ରତିବେଦନରେ ଏହା ଉଲ୍ଲେଖ କରାଯାଇଛି।

୨୦୧୭ ମାର୍ଚ୍ଚ ୩୧ ସୁଦ୍ଧା ୧୧୩.୫୬ କୋଟି ଟଙ୍କାର ସରକାରୀ ଦେୟ ତହବିଲ୍‌ରେ ପୈଠ ହୋଇ ନ ଥିଲା। ୨୦୧୬-୧୭ ଆର୍ଥିକ ବର୍ଷରେ ୮୯ଟି ପଞ୍ଚାୟତ ସମିତିରେ ୮୧.୦୬ ଲକ୍ଷ ଟଙ୍କା ହେରଫର ହୋଇଥିଲା। ସମୀକ୍ଷା ସମୟରେ ୭୧ଟି ପଞ୍ଚାୟତ ସମିତିରେ ବିତରଣ ହୋଇଥିବା ବାର୍ଦ୍ଧକ୍ୟ ଭତ୍ତାର ପରିମାଣ ଅପେକ୍ଷା ମାତ୍ରାଧିକ ବ୍ୟୟ ଦର୍ଶାଇ ୨୯.୦୯ ଲକ୍ଷ ଟଙ୍କା ହେରଫର ହୋଇଥିବା ଜଣାପଡିଛି। ୪୮୧୫ ଗ୍ରାମପଞ୍ଚାୟତର ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଠିକ୍ ଯୋଜନା ଏବଂ ଉପଯୁକ୍ତ ପର୍ଯ୍ୟବେକ୍ଷଣ ଅଭାବରୁ ପ୍ରାୟ ୪୦ ପ୍ରତିଶତ ଅର୍ଥ ବିନିଯୋଗ ହୋଇପାରି ନ ଥିଲା। ୧୦୬ଟି ପୌରସଂସ୍ଥାରେ ୨୦୧୬-୧୭ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧୫୬୬.୦୧ କୋଟି ଟଙ୍କାର ୫୦ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇପାରିନାହିଁ। ବିନାଟେଣ୍ଡରରେ ଏବଂ ସାଧାରଣ ନିୟମ ପାଳନ କରା ନ ଯାଇ ୩ଟି ନଗରାଞ୍ଚଳ ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥାରେ ୧.୪୯ କୋଟି ଟଙ୍କାର ବିଦ୍ୟୁତ ସରଞ୍ଜାମ ଅନିୟମିତ ଭାବେ କ୍ରୟ କରାଯାଇଛି। ୪୧ଟି ପୌରସଂସ୍ଥାରେ ସରକାରୀ ଆଦେଶକୁ ବେଖାତିର କରି ମଞ୍ଜୁରି ଭାବେ ୨୨.୩୯ କୋଟି ଦିଆଯାଇଛି। ସେହିପରି ପୌରସଂସ୍ଥାଗୁଡ଼ିକରେ ୧୫୯ଟି ଯାନବାହନ ଅବ୍ୟବହୃତ ହୋଇ ପଡି ରହିଛି, ଯାହାର ମୂଲ୍ୟ ପ୍ରାୟ ୧୫.୩୬ କୋଟି ଟଙ୍କା ହେବ।

ଅଦାଲତରେ ମାମଲା ବେଶି, ବିଚାରପତି କମ୍

ଭୁବନେଶ୍ୱର,୭।୨(ବ୍ୟୁରୋ): ରାଜ୍ୟ ନ୍ୟାୟପାଳିକାର ସମୁଦାୟ ବିଚାରପତି ପଦବୀ ମଧ୍ୟରୁ ଜିଲା ଜଜ୍ ବର୍ଗରେ ୮, ବରିଷ୍ଠ ସିଭିଲ୍ ଜଜ୍ ବର୍ଗରେ ୭ ଏବଂ ସିଭିଲ୍ ଜଜ୍ ବର୍ଗରେ ବର୍ତ୍ତମାନ ସୁଦ୍ଧା ୪୧ ପଦବୀ ଖାଲି ପଡିଛି। ଏହାକୁ ପୂରଣ କରିବା ଲାଗି ପଦକ୍ଷେପ ନିଆଯାଉଥିବା ଆଇନ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି। କଂଗ୍ରେସ ବିଧାୟକ ଚନ୍ଦ୍ରଶେଖର ମାଝିଙ୍କ ପ୍ରଶ୍ନର ଉତ୍ତରରେ ପ୍ରତାପ କହିଛନ୍ତି, ସର୍ବମୋଟ ୩,୦୫,୬୫୨ ଦେୱାନୀ ମାମଲା ଏବଂ ୧୦,୧୧,୪୬୫ଟି ଫୌଜଦାରି ମାମଲା ବିଚାରାଧୀନ ରହିଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧ଲକ୍ଷ ୩ହଜାର ୨୯୭ ଏବଂ ମାଲକାନଗିରିରେ ସର୍ବନିମ୍ନ ୫ହଜର ୮୮୪ଟି ଫୌଜିଦାରି ମାମଲା ବିଚାରାଧୀନ ରହିଛି। ଅନ୍ୟପଟେ ଖୋର୍ଦ୍ଧା ଜିଲାର ସର୍ବାଧିକ ୪୫,୧୧୯ ଓ ମାଲକାନଗିରିରେ ସର୍ବନିମ୍ନ ୩୪୦ଟି ଦେୱାନୀ ମାମଲା ଥିବା ମନ୍ତ୍ରୀ ଉତ୍ତର ରଖିଛନ୍ତି।

ମନ୍ତ୍ରୀଙ୍କ ନାମରେ ଦୁର୍ନୀତି ଅଭିଯୋଗ ଆଣିଲା କଂଗ୍ରେସ

ଭୁବନେଶ୍ୱର, ୭।୨(ବ୍ୟୁରୋ): ବରପଦା ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ବିଏସ୍‌ଇଟି)ରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା କଂଗ୍ରେସ ଅଭିଯୋଗ କରିଛି। ଉକ୍ତ ସଂସ୍ଥାର କେଳେଙ୍କାରୀକୁ ବରିଷ୍ଠ ମନ୍ତ୍ରୀ ପ୍ରଫୁଲ ସାମଲ ଏବଂ ତାଙ୍କ ପୁଅ ପ୍ରୋତ୍ସାହିତ କରିଥିବା ଜନସାଧାରଣରେ ଚର୍ଚ୍ଚା ହେଉଛି ବୋଲି କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି।

ବିଶ୍ୱବ୍ୟାଙ୍କ ମୁଖ୍ୟ ଭାବେ ଡେଭିଡ ମଲ୍ପାସଙ୍କ ନାମ ସୁପାରିସ

ୱାଶିଂଟନ,୭-୨: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱ ବ୍ୟାଙ୍କର ପରବର୍ତ୍ତୀ ଅଧ୍ୟକ୍ଷ ଭାବେ ଅର୍ଥ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଡେଭିଡ ମଲ୍ପାସଙ୍କ ନାମକୁ ସୁପାରିସ କରିଛନ୍ତି। ବିଶ୍ୱ ବ୍ୟାଙ୍କ ସମୂହର ନିର୍ଦ୍ଦେଶକମାନେ ତାଙ୍କ ସପକ୍ଷରେ ମତ ଦେଲେ ସେ ବିଦାୟୀ ଅଧ୍ୟକ୍ଷ ଜିମ୍ ୟୋଙ୍ଗ କିମ୍‌ଙ୍କ ସ୍ଥାନରେ ସ୍ଥଳାଭିଷିକ୍ତ ହେବେ। ସୂଚନାଥାଉ କି, ମଲ୍ପାସଙ୍କ ନାମ ସୁପାରିସ କରିବା ଏକ ଔପଚାରିକତା ମାତ୍ର। କାରଣ ଆମେରିକା ସର୍ବବୃହତ ଶେୟାରଧାରକ ଭାବେ ଏହାର ଅଧ୍ୟକ୍ଷ ବାଛି ଥାଏ। ବିଶ୍ୱ ବ୍ୟାଙ୍କର ଅଧ୍ୟକ୍ଷ ଭାବେ ମାଲ୍ପାସଙ୍କୁ ଟ୍ରମ୍ପ ଏକ ସ୍ୱତନ୍ତ୍ର ବ୍ୟକ୍ତି ବୋଲି ଅଭିହିତ କରି ଏହି ପଦ ଲାଗି ସେ ଯୋଗ୍ୟତମ ବୋଲି ଦର୍ଶାଇଛନ୍ତି। ସୂଚନାଥାଉ କି, ଟ୍ରମ୍ପ ପ୍ରଶାସନରେ ଅର୍ଥ ମନ୍ତ୍ରଣାଳୟର ଅନ୍ତରାଷ୍ଟ୍ରୀୟ ବ୍ୟାପାର ଅନୁ ସଚିବ ଭାବେ ୬୨ ବର୍ଷୀୟ ମଲ୍ପାସ ଅନ୍ତରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ଏବଂ ବିଶ୍ୱ ବ୍ୟାଙ୍କ କାମ ସମ୍ଭାଳିଥାନ୍ତି। ଜଣେ ବିଶ୍ୱସ୍ତରୀୟ ଅର୍ଥନୀତିଜ୍ଞ ଭାବେ ସେ ବେଶ୍ ଜଣାଶୁଣା। ଅର୍ଥନୀତି, ଆର୍ଥିକ ବ୍ୟାପାର, ସରକାର ଓ ବିଦେଶ ନୀତିରେ ତାଙ୍କର ୪୦ ବର୍ଷର ଅଭିଜ୍ଞତା ରହିଛି। ୨୦୧୬ ରାଷ୍ଟ୍ରପତି ନିର୍ବାଚନ ବେଳେ ମଲ୍ପାସ ରାଷ୍ଟ୍ରପତି ଟ୍ରମ୍ପଙ୍କ ଆର୍ଥିକ ପରାମର୍ଶଦାତା ଥିଲେ।

MUNICIPAL OFFICE, JHARSUGUDA
"E" Procurement Notice
Tender Call Notice No. 343/JM, Dt. 05.02.2019
Bid Documents consisting of Work, Estimated Cost, Cost of tender paper, EMD, time of completion, Class of Contractors and the set of terms and conditions of contract and other necessary documents can be see in in Govt. Website i.e.www.tenderodisha.gov.in.

1	Tender Reference	:	EO/JMC/09/2018-19
2	Tender ID No.	:	2019_ORULB_53172
3	Name of the Work	:	Civil Construction works as mentioned in website.
4	No. of Works	:	172 Nos
5	Estimated Cost	:	As per DTCN
6	Date & Time of availability of Bid Documents in the Portal	:	08.02.2019 at 06.00 PM
7	Last date & time for receipt of bids in the portal	:	19.02.2019 at 06.00 PM
8	Bids received online shall be opened on	:	22.02.2019 at 03.00 P.M.
9	Name and Address of the Officer inviting	:	Executive Officer, Jharsuguda Municipality.
10	Further details can be seen from the procurement portal i.e. www.tenderodisha.gov.in		

Sd./- Executive Officer, Jharsuguda Municipality

DISTRICT OFFICE: KENDRAPARA
(SOCIAL WELFARE SECTION)
Email ID: dswokendrapara@nic.in, Ph: 06727-232004, PIN: 754211
No. 359 / Dt. 05.02.2019
TENDER CALL NOTICE
Sealed tenders are invited from intending agencies / firms / printing press for supply of new Arunima Abhyas Pustika-I & II for pre-School students of Anganwadi Centres of the district. The tender documents should reach in the office of the District Social Welfare Officer, Kendrapara by Registered Post or Speed Post by 3.00PM on 19.02.2019 and the tender will be opened at 4.00PM on 19.02.2019 in the Office chamber of Collector, Kendrapara in presence of Tender Committee constituted for the purpose and the tenderer or their authorized representative. The tender papers received after due date and time will not be entertained.
The details of the Arunima Books are mentioned in the terms and conditions. The details tender papers and terms and conditions can be downloaded from the district website http://www.kendrapara.nic.in or can be seen in the tender notice displayed in the notice board of DSWO, Kendrapara.
The undersigned reserves the right to accept / reject any or all tender papers without assigning any reason thereof.
Sd./- Collector, Kendrapara

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବାରକୋଟ
ବିଜ୍ଞାପନ ସଂଖ୍ୟା- ୨୫୧ ତା: ୦୪।୦୨।୨୦୧୯
ଏତଦ୍ୱାରା ପଞ୍ଚାୟତ ସମିତି ବାରକୋଟ ଅନ୍ତର୍ଗତ ବଳମ ଗ୍ରାମପଞ୍ଚାୟତର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ବର୍ଷ ୨୦୧୮-୧୯ର ପ୍ରଥମ ପର୍ଯ୍ୟାୟର ସାମାଜିକ ସମୀକ୍ଷା ନିମ୍ନସାରଣୀ ଅନୁସାରେ ଅନୁଷ୍ଠିତ ହେବ। ଏଥିରେ ଶତପ୍ରତିଶତ ମଷ୍ଟରରୋଲ ଓ କାର୍ଯ୍ୟପତ୍ର ଯାଞ୍ଚ ହେବ। ତେଣୁ ଉକ୍ତ ସାମାଜିକ ସମୀକ୍ଷା ଗ୍ରାମସଭାରେ ବଳମ ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ ଅର୍ଦ୍ଧକୁଶଳୀ ତଥା ଅଣକୁଶଳୀ ଶ୍ରମିକ, ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧି, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ତଥା ଶାରୀରିକ ଭିନ୍ନକ୍ଷମ, ବୃଦ୍ଧ, ବୃଦ୍ଧା, ବିଧବା ସଦସ୍ୟବୃନ୍ଦ ଏବଂ ଗ୍ରାମପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟା, ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ସହକାରୀ ଯନ୍ତ୍ରୀ, ଜନିଷ୍ଠ ଯନ୍ତ୍ରୀ/ଜିପିଟିଏ ଏବଂ ଉପରୋକ୍ତ ଯୋଜନାରେ ସମ୍ପୃକ୍ତ ଥିବା ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥାର ଅଧିକାରୀ ଉପସ୍ଥିତ ରହିବେ।
ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ, ସ୍ଥାନ: ବଳମ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ

କ୍ର.ନଂ.	ଯୋଜନା	ସାମାଜିକ ସମୀକ୍ଷା		ସାମାଜିକ ସମୀକ୍ଷା	ପର୍ଯ୍ୟବେକ୍ଷକ
		ଆରମ୍ଭ ତାରିଖ	ଶେଷ ତାରିଖ	ଗ୍ରାମସଭା ତାରିଖ ଓ ସମୟ	
୧	ଜାତୀୟ ସାମାଜିକ ସୁରକ୍ଷା	୧୬।୦୨।୧୯	୧୯।୦୨।୧୯	୨୬।୦୨।୨୦୧୯, ଘ.୧୦.୩୦ମି.	ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ
୨	ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା	୨୦।୦୨।୧୯	୨୫।୦୨।୧୯		

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାରକୋଟ

GOVERNMENT OF ODISHA
e-PROCUREMENT NOTICE
No. 1576-O
Bid Identification No. Online tender / 11/E.E.RW Boudh/2018-19
Email : rw_boudh@yahoo.co.in
National Competitive Bidding Through e-Procurement
Name of the Work : Road Works -9 (Nine) Nos

1.	Estimated cost	:	Rs. 9.00 lakhs to Rs. 22.11 lakhs (approximately)
2.	Period of completion	:	2 (Two) Calendar months
3.	Date & Time of availability of Bid documents in the portal	:	From 12.02.2019, 10.00 AM to 19.02.2019, 5.00 PM
4.	Last date / Time for receipt of bids in the portal	:	19.02.2019 upto 5.00 PM
5.	Last date / Time for seeking of Tender Clarification	:	18.02.2019 upto 5.00 P.M.
6.	Date & Time of opening of Tender / Bid	:	20.02.2019 at 11.00 A.M
7.	Name & Address of the officer inviting bid	:	Executive Engineer, R.W.Division, Boudh

Further details, corrigendum (s) etc can be seen from the e-procurement portal "https://www.tendersorissa.gov.in".
Sd./- Executive Engineer
25061/11/0009/1819 **R.W.Division, Boudh**

DISTRICT EDUCATION OFFICE, GANJAM, BRAHMAPUR
Ph : 0680 2233350 (O), Fax No. : 0680 2233251,
Email : deoganjam11@gmail.com
L. No. 1933/MDM **Dtd. 06.02.2019**
SHORT TENDER CALL NOTICE FOR ENGAGEMENT OF TRANSPORTING AGENTS UNDER MDM FEEDING PROGRAMME OF BRAHMAPUR / BHANJANAGAR/ CHATRAPUR SUB-DIVISION OF GANJAM DISTRICT FOR THE YEAR 2019-20
Sealed tenders in prescribed format under two bid system are invited from intending registered firms / authorized licensed Transport Contractor / Agents having valid TIN, PAN, GST registration & clearance certificate for undertaking transportation of rice under MDM feeding programme in Brahmapur / Bhanjanagar / Chatrapur Sub-Division of Ganjam district for the year 2019-20. The tender paper (bid documents) containing detailed specification with terms and conditions can be obtained by downloading from the Ganjam district website https://ganjam.nic.in. The cost of tender paper is Rs. 10,000/- which is to be deposited in shape of D.D. in favour of District Education Officer, Ganjam and enclosed in the technical bid of the tender. Last date and time for receipt of tender paper is 23.02.2019 at 3.00 PM and will be opened on 25.02.2019 at 11.00 AM in the Collectorate, Ganjam, Chatrapur. The quotations must be sent through Registered Post / Speed Post only addressed to District Education Officer, Ganjam, Brahmapur, PIN- 760005, Dist : Ganjam Sending of quotations through couriers or by hand is not allowed. This office will not be responsible for any postal delay. The tender paper shoul be submitted in sealed cover superscribing as **"TENDER FOR UNDERTAKING TRANSPORTATION WORK UNDER MDM FEEDING PROGRAMME IN BRAHMAPUR / BHANJANAGAR / CHATRAPUR SUB-DIVISION OF GANJAM DISTRICT - 2019-20".**
The authority reserves the right to reject any or all the tenders without assigning any reason thereof.
Sd./- Collector, Ganjam

ଶିଶୁପୁତ୍ରକୁ ଜନ୍ମ ଦେଲେ ଛାତ୍ରୀ
ବୌଦ୍ଧ, ୭।୨(ସ୍ୱ.ପ୍ର) : ବୌଦ୍ଧ ଜିଲା ହରଭଙ୍ଗା ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀ ଗୁରୁବାର ସନ୍ଧ୍ୟାରେ ଗୋଟେ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି। ଗର୍ଭ ବେଦନା ହେବାରୁ ତାଙ୍କୁ ହରଭଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଗୋଟେ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ପରେ ଉଭୟ ମା' ଓ ଶିଶୁର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ପାଇ ଜିଲା ଶିଶୁ ସୁରକ୍ଷା ସମିତିର ଅଧ୍ୟକ୍ଷ ସାକ୍ଷୀଗୋପାଳ ପ୍ରଧାନ ତାଙ୍କୁ ଡାକ୍ତରଖାନାରେ ଭେଟିଛନ୍ତି ।

ପୂର୍ତ୍ତ ବିଭାଗ ଓଡ଼ିଶା ସରକାର
ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ (ରାସ୍ତା ଓ କୋଠାବାଡି) ବିଭାଜନ, ଅନୁଗୋଳ
ବିଜ୍ଞପ୍ତି
ନଂ. ୨୦୯୧ ଅନୁଗୋଳ ତା. ୦୨ ଫେବୃୟାରୀ, ୨୦୧୯
No.-1231-B ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗମନାଗମନର ବିକାଶପାଇଁ ଏବଂ ଅନୁଗୋଳ ଜିଲାବାସୀଙ୍କ ବୃହତ୍ତମ ସ୍ୱାର୍ଥ ଦୃଷ୍ଟିରୁ ଜିଲାର କୁମୁଣ୍ଡା- କୋଶଳା ରାସ୍ତାର ପ୍ରଶସ୍ତୀକରଣ କରିବା ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।
ଉପରୋକ୍ତ ରାସ୍ତାର ପ୍ରଶସ୍ତିକରଣ ନିମନ୍ତେ ଛେଣ୍ଡିପଦା ତହସିଲ ଅନ୍ତର୍ଗତ ୨(ଦୁଇ) ଗୋଟି ମୌଜା, ଶିମିଳିସାହି- ୦.୬୪୩୭ ଏକରର ଏବଂ କୋଶଳା- ୦.୨୧୦୦ ଆବଶ୍ୟକତା ରହିଛି। ୦.୬୪୩୭ ଏକର ଓ ୦.୨୧୦୦ ଏକରର ବେସରକାରୀ ଜମିର ସବିଶେଷ ବିବରଣୀ ଯାହାକି ସବ୍ ରେଜିଷ୍ଟ୍ରାର, ଛେଣ୍ଡିପଦା ଠାରୁ ପ୍ରାପ୍ତ ହେଇଛି, ତାହା ନିମ୍ନରେ ପ୍ରଦତ୍ତ କରାଗଲା। ଉକ୍ତ ବେସରକାରୀ ଜମିକୁ ରାଜସ୍ୱ ଓ ପ୍ରଶମନ ବିଭାଗ, ଓଡ଼ିଶା ସରକାରଙ୍କ ପତ୍ରସଂଖ୍ୟା ୧୦୨୪୧ ତା.୩୧ ।୦୩।୨୦୧୪ ପ୍ରଦତ୍ତ ପ୍ରଣାଳୀ ଅନୁଯାୟୀ ପୂର୍ତ୍ତ ବିଭାଗ , ଓଡ଼ିଶା ସରକାରଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀଙ୍କ ରାସ୍ତା ଓ (କୋଠାବାଡି) ବିଭାଜନ, ଅନୁଗୋଳ ଜମି ମାଲିକଙ୍କ ଠାରୁ ସିଧାସଳଖ କ୍ରୟ କରିବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ବିଷୟରେ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ଉକ୍ତ ଜମି ମାଲିକ କିମ୍ବା ତାଙ୍କର ଉତ୍ତରାଧିକାରୀ ସହ ସବିଶେଷ ଆଲୋଚନା କରିବା ସହ ବ୍ୟକ୍ତିଗତ ନୋଟିସ୍ ଜାରି କରାଯାଇଛି।
ପୁନଶ୍ଚ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶିତ କୌଣସି ଜମି ସମ୍ବନ୍ଧରେ କୌଣସି ବ୍ୟକ୍ତିର ଆଗ୍ରହ ରହିଥାଏ, ତେବେ ସେ ଏହି ବିଜ୍ଞପ୍ତି ଜାରି ହେବାର ୭ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଲିଖିତ ଠିକଣାରେ ଜଣାଇ ପାରିବେ। ତତ୍ ସମ୍ବନ୍ଧିୟ ସବିଶେଷ ତଥ୍ୟ ଜାଣିବାକୁ ଚାହୁଁଥିଲେ ମଧ୍ୟ ନିମ୍ନ ଲିଖିତ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ କରାଗଲା।
ନିର୍ବାହୀ ଯନ

ଧରିତ୍ରୀ Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

MOCK TEST PAPER # 12

CLASS-X (SCIENCE)

Time Allowed : 3 hours **Maximum Marks: 80**

GENERAL INSTRUCTIONS

i. The question paper comprises two sections, A and B. You are to attempt both the section.

ii. All questions are compulsory. However, an internal choice will be provided in two questions of 3 marks each and one question of 5 marks.

iii. Question numbers 1 to 2 in Section A are one-mark questions. These are to be answered in one word or in one sentence.

iv. Question numbers 3 to 5 in Section A are two marks questions. These are to be answered in about 30 words each.

v. Question numbers 6 to 15 in Section A are three marks questions. These are to be answered in about 50 words each.

vi. Questions number 16 to 21 in Section A are five marks questions. These are to be answered in about 70 words

vii. Question numbers 22 to 27 in Section B are two marks questions based on practical skills. These are to be answered in brief.

SECTION-A

1. What is the reaction called, when an acid reacts with base to produce salt and water. Give example also.

2. What is rectified spirit ?

3. a. What is meant by sustainable development ?

b. Suggest any one method to achieve it.

4. What is biological magnification ? If the concentration of DDT was 0.2 ppm in water of a lake, what would be its likely concentration in fish in the following food chain ?

Plankton- Fish - Fish-eating birds

5. What is presbyopia ? Write two causes of this defect. Name the type of lens which can be used to correct presbyopia.

6. a. State one advantage of nuclear energy.

b. Why nuclear fusion reaction is difficult to control ?

c. State one limitation of nuclear energy.

7. An object of height 2 cm is placed at a distance of 30 cm from a convex lens of focal length 10 cm. Find the position, nature and height of the image.

8. What is solenoid ? Where the magnetic field is uniform in solenoid ?

OR

Write the three properties of magnetic field lines.

9. That night Vinay was preparing for his science exam. Suddenly light of his room went off. His cousin brother Vasu quickly with mobile phone torch found that fuse has blown. He checked and put a fuse wire. The lights come to life again. Vinay thanked Vasu and continued his study.

a. What were the values displaced by Vasu and Vinay ?

b. What is electric fuse ?

c. What characteristics you would prefer for a fuse wire ?

10. Give one example of each:

a. Chemical reaction showing evolution of gas.

b. Change in substance's colour during a chemical reaction.

c. $N_2 + 3H_2 \rightarrow 2NH_3$, name the type of reaction.

11. On passing excess CO_2 through lime water, it first turns milky. Explain why ? Write chemical equations.

OR

Iqbal treated a lustrous, divalent element M with sodium hydroxide. He observed the formation of bubbles in the reaction mixture. He made the same observation when this element was treated with hydrochloric acid. Sugggest how can he identify the produced gas. Write chemical equations for both the reactions.

12. Answer the following questions based on this table

H							He
Li	Be	B	C	N	O	F	Ne
Na	Mg	Al	Si	P	S	Cl	Ar

a. Why do H, Li and Na show similar properties ?

b. Atomic size of Mg is bigger than Be, Why ?

c. Why are He, Ne and Ar called noble gases ?

d. Write a common name of the family to which F and Cl belong.

e. Write the trend of non-metallic character in the horizontal row Na to Cl.

f. How does the atomic size vary as we move from Li of F in the second period of periodic table ?

13. Write the functions of the following in the digestive process:

i. Bile

ii. Bicarbonate secreted by the duodenal wall iii. Pancreatic amylase.

14. What are hormones ? Give the name of associated gland and functions of different animal hormones.

15. "The sex of a newborn child is a matter of chance and none of the parents may be considered responsible for it". Justify this statement with the help of flow chart showing the determination of sex of a newborn.

16. a. Draw a simple diagram of the human eye and label clearly the cornea, iris, pupil, ciliary muscles, eye lens, yellow spot, retina and optic nerve.

b. Describe the function of any two its parts.

OR

i. Which property of concave mirror is utilized for using them as shaving mirrors ?

ii. Light passes through a rectangular glass slab and through a triangular glass prism. Using proper ray diagram, explain in what way does the direction of the two emergent beams differs with respect to the incident beam of light.

iii. A concave lens has a focal length of 50 cm. Calculate its power.

17. For the electric circuit given below calculate



i. current in each resistor.

ii. total current drawn from the battery, and

iii. equivalent resistance of the circuit.

18. a. Why metals are not found in their free state generally ?

b. If a strip of aluminium with scratched clean surface is dipped into an aqueous solution of copper sulphate for little time, surface of the strip becomes brownish. What is the reason for this ? Write the balanced chemical equation for the reaction.

c. (i) Why is gold alloyed ? Give one reason. (ii) Name two metals which are commonly used for alloying gold.

19. a. Write the molecular formula of the 2nd and the 3rd member of the homologous series whose first member is methane.

b. Write the structural formula of ethanol. What happens when it is heated with excess of conc. H_2SO_4 at 448 K ? Write the chemical equation for the reaction stating the role of conc. H_2SO_4 in this reaction ?

20. a. Why is urine yellow in colour ?

b. Why is right kidney slightly lower in position compared to the left kidney ?

c. How would digestion of food be affected if the bile duct is completely blocked ? Explain.

d. Why is diffusion insufficient to meet the oxygen requirements of multicellular organisms like us ?

e. What will happen to a plant if its xylem is removed ?

21. List three techniques that have been developed to prevent pregnancy. Which one of these techniques is not meant for males ? Hodw does the use of these techniques have a direct impact on the health and prosperity of a family.

SECTION-B

22. What would be the ammeter readings for the circuits shown in figure I and II.



23. A student traces the path of ray of light through a rectangular glass slab. Label in it.



i. Angle of incidence ii. Angle of refraction iii. Angle of emergence iv. Lateral displacement

24. While doing an experiment a student observed that the blue colour of the aqueous copper sulphate solution was changed to pale green by immersing a metal rod in it. Name the metal of the rod used by the student. Give equation in support of your answer.

25. What do you mean by T.F.M. ? What does more amount of TFM in soaps represents ?

26. What does the stomatal appratus comprises of ?

27. i. How do hydra and yeast reproduce ?

ii. How do amoeba reproduces ?

For Answers vist: www.dharitri.com

ADMISSION OPEN FOR (CRASH COURSE - ENGINEERING & MEDICAL)

Vidyamandir Classes

GURUKUL FOR IITJEE AND MEDICAL PREPARATION

Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.

SCHOOL INTEGRATED PROGRAM (X^th Going to XIth Student), Ph. No. 0674 - 2421400, 2421800, 85990 87100 / 85990 87200

VMC Bhubaneswar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, Bhubaneswar, Odisha

Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

କଳିଙ୍ଗରେ ହେବ କଡ଼ା ଟକ୍କର

ଆସନ୍ତା ୯ରୁ ୧୫ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଛି ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ଅନ୍ତର୍ଜାତୀୟ ସିନିୟର ମହିଳା ଫୁଟବଲ ଟୁର୍ନାମେଣ୍ଟ। ଏଥିରେ ଆୟୋଜକ ଭାରତ ବ୍ୟତୀତ ମ୍ୟାନ୍‌ମାର, ଇରାନ ଓ ନେପାଳ ଅଂଶଗ୍ରହଣ କରୁଛନ୍ତି। ୪ଟି ଯାକ ସମକକ୍ଷ ଦଳ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟର ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଥିବାରୁ କଳିଙ୍ଗ ଷ୍ଟାଡିୟମରେ କଡ଼ା ଟକ୍କର ଦେଖିବାକୁ ମିଳିବ ବୋଲି ପୂର୍ବାନୁମାନ କରିଛନ୍ତି ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ। ମହିଳା ଫୁଟବଲର ଉନ୍ନତି ପାଇଁ ସେ ବଦ୍ଧପରିକର ଏବଂ ଯେତେବେଳେ ଯେଉଁ ଦାୟିତ୍ୱ ମିଳିବ ତାହା ତୁଲାଇବାକୁ ପ୍ରସ୍ତୁତ ବୋଲି ଗୁରୁବାର ଏକ ସାକ୍ଷାତରକାର ଅବସରରେ ପ୍ରକାଶ କରିଛନ୍ତି ଏହି କିମ୍ବଦନ୍ତୀ ମହିଳା ଫୁଟବଲର।

ସାକ୍ଷାତ: ତପନ ସ୍ୱାଇଁ

■ ଭାରତରେ ପ୍ରଥମଥରପାଇଁ ଏକ ସିନିୟର ମହିଳା ଅନ୍ତର୍ଜାତୀୟ ଫୁଟବଲ ଟୁର୍ନାମେଣ୍ଟ ହେବାକୁ ଯାଉଛି, ଏହା ପୁଣି ଓଡ଼ିଶାରେ ଆୟୋଜନ ହେଉଛି, କେମିତି ଦେଖୁଛନ୍ତି ?

● ସର୍ବପ୍ରଥମେ ମୁଁ ଅଲ୍‌ଇଣ୍ଡିଆ ଫୁଟବଲ ଫେଡେରେଶନ(ଏଆଇଏଫ୍‌ଏଫ୍), ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାକୁ ଧନ୍ୟବାଦ ଜଣାଇବାକୁ ଚାହିଁବି। ଏ ସମସ୍ତଙ୍କ ଉଦ୍ୟମରେ ପ୍ରଥମଥରପାଇଁ ହିରୋ ଗୋଲ୍ଡ କପ୍ ଆୟୋଜନ ହେବାକୁ ଯାଉଛି। ମୋ ପରି ଫୁଟବଲକୁ ଭଲ ପାଉଥିବା ସମସ୍ତ ବ୍ୟକ୍ତି ଏହି ଟୁର୍ନାମେଣ୍ଟକୁ ଅତ୍ୟନ୍ତ ଆଗ୍ରହର ସହ ଅପେକ୍ଷା କରିଛୁ। ଏଠାରେ ଭାରତୀୟ ମହିଳା ଫୁଟବଲ ଦଳ ଅନ୍ୟ ୩ଟି ବଡ଼ ଦଳ ସହ ଖେଳିବ। ଏହା ଏକ ଭଲ ପଦକ୍ଷେପ। ଏହା ଦ୍ୱାରା ଆମ ଦେଶରେ ମହିଳା ଫୁଟବଲର ଉନ୍ନତି ହୋଇପାରିବ। ଭୁବନେଶ୍ୱର ଅଘୋଷିତଭାବେ ଦେଶର କ୍ରୀଡ଼ା ରାଜଧାନୀ ପାଲଟିଯାଇଛି। ଫଳରେ ଏଠାରେ ହକି, ଆଥଲେଟିକ୍ସ, ରଗ୍‌ବୀ, ଟେନିସ ପରେ ଏବେ ମହିଳା ଫୁଟବଲର ବଡ଼ ଟୁର୍ନାମେଣ୍ଟ ଆୟୋଜନ ହେବାକୁ ଯାଉଛି। ଏହା ମୋ ପାଇଁ ଅତ୍ୟନ୍ତ ଗର୍ବର କଥା। ଏଠାରେ ଆଇଏସଏଲ ହୋଇଛି, ଆଇ-ଲିଗ୍ ଚାଲିଛି, ସୁପର କପ୍ ଏବଂ ମହିଳା ଫୁଟବଲ ଆୟୋଜନ ହେବାକୁ ଯାଉଛି। ତେଣୁ ଓଡ଼ିଶାର ଫୁଟବଲପ୍ରେମୀଙ୍କ ପାଇଁ ଏହା ଏକ ବଡ଼ ସୁଯୋଗ ବୋଲି କହିବାକୁ ହେବ। ଆମ ରାଜ୍ୟ ପରି ଅନ୍ୟ ରାଜ୍ୟ ସରକାର ପ୍ରୋତ୍ସାହନ ଦେଲେ ଦେଶରେ ମହିଳା ଫୁଟବଲ ଅଧିକ ଶକ୍ତିଶାଳୀ ହୋଇପାରିବ।

■ ଭାରତର ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପ୍ରସ୍ତୁତିରେ ଏହା କିପରି ସହାୟକ ହେବ ?

● ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପାଇଁ ଏହି ଟୁର୍ନାମେଣ୍ଟ ଏକ ପ୍ଲାଟ୍‌ଫର୍ମ ବୋଲି କହିବାକୁ ହେବ। କାରଣ ଯେଉଁ ୪ଟି ଦଳ ଏଠାରେ ଖେଳିବାକୁ ଯାଉଛନ୍ତି ସମସ୍ତେ ଅଲିମ୍ପିକ୍ସ ଯୋଗ୍ୟତାର ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ତେଣୁ ସମସ୍ତ ଦଳ ନିଶ୍ଚିତ ପ୍ରସ୍ତୁତ ହୋଇ ଆସୁଥିବେ। ଏହି ଟୁର୍ନାମେଣ୍ଟରେ ସେମାନେ ନିଜର ଶକ୍ତି ଓ ଦୁର୍ବଳତା ସମ୍ପର୍କରେ ଜାଣି ପାରିବେ।

■ ମ୍ୟାନ୍‌ମାର, ନେପାଳ ଓ ଇରାନ ଉପସ୍ଥିତିରେ ଭାରତର ସମ୍ଭାବନା କିପରି ରହିବ?

● ସମସ୍ତେ ଭଲ ଟିମ୍। ମ୍ୟାନ୍‌ମାର ର୍ୟାଙ୍କିଙ୍ଗ୍‌ର ୪୪ତମ ସ୍ଥାନରେ ଥିବାରୁ ନିଶ୍ଚିତ ଅନ୍ୟମାନଙ୍କଠାରୁ ଆଗରେ ରହିଛି। ଇରାନ ୬୦ରେ ଅଛି। ନେପାଳ ମଧ୍ୟ କିଛି ବର୍ଷ ଧରି ଭଲ ପ୍ରଦର୍ଶନ କରି ଆସୁଛି। ଭାରତର ପ୍ରଦର୍ଶନରେ ଯଥେଷ୍ଟ ଉନ୍ନତି ହୋଇଛି। ନିକଟରେ ହଂକଂ ଓ ଇଣ୍ଡୋନେସିଆରେ ବିଜୟୀ ହୋଇଥିବାରୁ ଦଳର ମନୋବଳ ବହୁ ଉପରେ ରହିଛି। ତେଣୁ କଳିଙ୍ଗ ଷ୍ଟାଡିୟମରେ କଡ଼ା ଟକ୍କର ଦେଖିବାକୁ ମିଳିବ।

■ ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ଇରାନ, ଏହି ମ୍ୟାଚର କେତେ ଗୁରୁତ୍ୱ ରହିବ ?

● ପ୍ରତି ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ ସବୁବେଳେ ଗୁରୁତ୍ୱପୂର୍ଣ୍ଣ। ଉଭୟ ଦଳ ନିଶ୍ଚିତ ଜିତିବାକୁ ଚାହିଁବେ। ବିଜୟ ହାସଲ କରିବା ଦଳର ମନୋବଳ ନିଶ୍ଚିତ ଦୃଢ଼ ରହିବ। ତେଣୁ ଭାରତ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ।

■ ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଆ ଖେଳାଳିଙ୍କୁ ଆପଣ କ'ଣ କହିବାକୁ ଚାହିଁବେ ?

● ନିଜ ମାଟିରେ ଦେଶ ପକ୍ଷରୁ ଖେଳିବା ବହୁତ ବଡ଼ କଥା। ମହିଳା ଫୁଟବଲରେ ଏପରି ବହୁତ କମ୍ ସୁଯୋଗ ମିଳେ। ଏବେ ଆମ ଓଡ଼ିଆ ଖେଳାଳିମାନେ ସେହି ସୁଯୋଗ ପାଇଛନ୍ତି, ତେଣୁ ସେମାନେ ତା'ର ସଦୁପଯୋଗ କରି ଟୁର୍ନାମେଣ୍ଟକୁ ସ୍ମରଣୀୟ କରନ୍ତୁ ବୋଲି ମୁଁ ଚାହିଁବି।

■ ଆପଣଙ୍କ ଖେଳିବା ସମୟ ଓ ବର୍ତ୍ତମାନର ଖେଳ ଷ୍ଟାଇଲରେ କିଛି ପରିବର୍ତ୍ତନ ହୋଇଛି କି ?

● ପୂର୍ବାପେକ୍ଷା ଖେଳ ଷ୍ଟାଇଲରେ ଅନେକ ପରିବର୍ତ୍ତନ ଆସିଛି। ଏବେ ପିଲାମାନେ ଅଧିକରୁ ଅଧିକ ମ୍ୟାଚ ଖେଳିବା ସୁଯୋଗ ପାଉଛନ୍ତି। ଗେମ୍ ଫାଷ୍ଟ ହେବାଦ୍ୱାରା ପିଲାଙ୍କୁ ଫିଟ୍‌ନେସ ଉପରେ ଅଧିକ ଧ୍ୟାନ ଦେବାକୁ ପଡୁଛି। ଜଣେ ପେସାଦାର ଖେଳାଳି ବର୍ଷସାରା ଫିଟ୍ ରହିଲେ ଯାଇ ଦଳରେ ସ୍ଥାନ ପାଇପାରିବେ ଏବଂ ଶ୍ରେଷ୍ଠ ପ୍ରଦର୍ଶନ କରିପାରିବେ। ଏବେ ପ୍ରତିଯୋଗିତା ବଢ଼ୁଛି, ସେତେବେଳେ ଗୋଟେ ହେଉଥିଲେ ଏବେ ୧୦ଟି ହେଉଛି। ସେତେବେଳେ ଜଣେ ଖେଳାଳି ୪ଥର ବିଦେଶ ଯିବାକୁ ସୁଯୋଗ ପାଉଥିବାବେଳେ ଏବେ ୪୦ ଥର ଯାଇ ପାରୁଛନ୍ତି।

■ ଭାରତରେ ମହିଳା ଫୁଟବଲର ଭବିଷ୍ୟତକୁ କିପରି ଦେଖୁଛନ୍ତି ?

● ଭାରତରେ ମହିଳା ଫୁଟବଲର ଭବିଷ୍ୟତ ବହୁତ ଉଜ୍ଜ୍ୱଳ। କାରଣ ଏବେ ଆମ ପିଲାମାନେ ଯାଇ ବାହାର ଦେଶର ଲିଗ୍‌ରେ ଖେଳିଲେଣି। ବିଦେଶୀ ଖେଳାଳିମାନେ ମଧ୍ୟ ଏବେ ଭାରତରେ ଖେଳିବାକୁ ପସନ୍ଦ କଲେଣି। ତେଣୁ ଭାରତରେ ଫୁଟବଲର ଲୋକପ୍ରିୟତା ବଢୁଛି। ଏହା ବ୍ୟତୀତ ଫୁଟବଲକୁ କ୍ୟାରିୟର କରୁଥିବା ପିଲାମାନେ ଏବେ ରେଲୱେ, ସିଆର୍‌ପିଏଫ୍, ବିଏସ୍‌ଏଫ୍, ଓଡ଼ିଶା ପୋଲିସ ଆଦି ବିଭିନ୍ନ ସଂସ୍ଥାରେ ଚାକିରି ମଧ୍ୟ ପାଉଛନ୍ତି।

■ ଓଡ଼ିଶାରେ ଫୁଟବଲ ପ୍ରତି ଦର୍ଶକ ଏତେଟା ଆଗ୍ରହ ଦେଖାଉ ନାହାନ୍ତି, ଏହାର କାରଣ କ'ଣ ?

● ଗତବର୍ଷ ଆଇଏସ୍‌ଏଲ୍‌ରେ କିଛି ଦର୍ଶକ ମ୍ୟାଚ ଉପଭୋଗ କରିଥିଲେ। ରାଜ୍ୟରେ ଫୁଟବଲର ଲୋକପ୍ରିୟତା ବଢୁଛି, ମାତ୍ର ଆହୁରି ଅଧିକ ଲୋକ ଷ୍ଟାଡିୟମକୁ ଆସିବା ଆବଶ୍ୟକ ବୋଲି ମୁଁ ଅନୁଭବ କରୁଛି। ଅଧିକରୁ ଅଧିକ ଦର୍ଶକ ଷ୍ଟାଡିୟମ ଆସି ମହିଳା ଫୁଟବଲ ଟୁର୍ନାମେଣ୍ଟକୁ ଉପଭୋଗ କରନ୍ତୁ ବୋଲି ମୁଁ ନିଶ୍ଚିତ ଅନୁରୋଧ କରିବି। ଅନ୍ୟପକ୍ଷରେ ଫୁଟବଲକୁ ନେଇ ଆଉଟିକେ ଅଧିକ ପ୍ରଚାର କରାଯିବା ଆବଶ୍ୟକ ରହିଛି। ଏହା ହୋଇ ପାରିଲେ ନିଶ୍ଚିତ ଅଧିକ ଦର୍ଶକ ଫୁଟବଲ ପ୍ରତି ଆକୃଷ୍ଟ ହେବେ ଏବଂ ମ୍ୟାଚ ଉପଭୋଗ କରିବେ।

■ ପୂର୍ବରୁ ଭାରତରେ ସିନିୟର ମହିଳା ଅନ୍ତର୍ଜାତୀୟ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ହୋଇ ନ ଥିଲା। ଖେଳ ଜୀବନ କଥା ମନେ ପକାଇଲେ କିଛି ଅବସୋସ ରହିଛି କି ?

● ଅତୀତ ସବୁବେଳେ ଅତୀତ। ଏବେ ଅନେକ ପରିବର୍ତ୍ତନ ଆସିଛି। ପୂର୍ବାପେକ୍ଷା ଭାରତୀୟ ମହିଳା ଖେଳାଳିଙ୍କୁ ଅଧିକରୁ ଅଧିକ ମ୍ୟାଚ ଖେଳିବାକୁ ସୁଯୋଗ ମିଳୁଛି। ନିକଟରେ ଦଳ ତୁର୍କୀ ଯିବାର କାର୍ଯ୍ୟକ୍ରମ ରହିଛି, ଏହାପରେ ସାଫ୍ ଗେମ୍ସରେ ଖେଳିବ। ହଁ, ସେତେବେଳେ ଏପରି ଏକ ଟୁର୍ନାମେଣ୍ଟ ଆୟୋଜନ ହୋଇଥାନ୍ତା ତେବେ ମୋ ପାଇଁ ନିଶ୍ଚିତ ସ୍ମରଣୀୟ ହୋଇଥାନ୍ତା। ନିଜ ଗ୍ରାଉଣ୍ଡରେ ଖେଳିବାଠାରୁ ଆଉ ଖୁସିର କଥା କିଛି ଥାଇ ନ ପାରେ।

■ ରାଜ୍ୟରେ ମହିଳା ଫୁଟବଲର ଲୋକପ୍ରିୟତା ଓ ଉନ୍ନତି ପାଇଁ ଆଉ କ'ଣ ଆବଶ୍ୟକ ?

● ରାଜ୍ୟରେ ଓଡ଼ିଶା ପିଲାଙ୍କ ପାଇଁ ଅଧିକରୁ ଅଧିକ ଟୁର୍ନାମେଣ୍ଟ କରାଯିବା ଆବଶ୍ୟକ। ଆମ ପିଲା ବାହାରକୁ ଗଲେ ଏବଂ ବାହାର ରାଜ୍ୟର ପିଲା ଆମ ରାଜ୍ୟରେ ଆସି ଖେଳିଲେ ଭାବର ଆଦାନ ପ୍ରଦାନ ହେବ। ଏହାଦ୍ୱାରା ପିଲାଙ୍କ ପ୍ରଦର୍ଶନରେ ନିଶ୍ଚିତ ଉନ୍ନତି ଆସି ପାରିବ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଫୁଟବଲ ଆସୋସିଏଶନ ମିଶିକରି ମହିଳା ଫୁଟବଲର ଉନ୍ନତି ପାଇଁ ବହୁତ କିଛି ଯୋଜନା କରିଛନ୍ତି। ରାଜ୍ୟରେ ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନ ହେବାଦ୍ୱାରା ଆମ ପିଲାମାନେ ଅତି ନିକଟରୁ ବଡ଼ ଖେଳାଳିଙ୍କ ପ୍ରଦର୍ଶନକୁ ଦେଖି ପାରୁଛନ୍ତି। ତେଣୁ ପରୋକ୍ଷରେ ଏହା ମଧ୍ୟ ସେମାନଙ୍କ ପ୍ରଦର୍ଶନରେ ସୁଧାର ଆଣି ପାରିବ।

■ ଖେଳାଳି ଜୀବନ ପରେ ଆପଣ ବିଭିନ୍ନ ସମୟରେ କୋଚ୍ ଓ ଚୟନକର୍ତ୍ତା ଦାୟିତ୍ୱକୁ କିପରି ଉପଭୋଗ କରୁଛନ୍ତି ?

● ଖେଳୁଥିବାବେଳେ ବ୍ୟକ୍ତିଗତଭାବେ କିପରି ଭଲ ଖେଳିବି ଏବଂ ଅଧିନାୟିକାଭାବେ ଦଳ କିପରି ଭଲ ଖେଳିବ ତା' ଉପରେ ଫୋକସ କରୁଥିଲି। ଏବେ ଦାୟିତ୍ୱ ବଢ଼ିଛି। କୋଚ୍ ଏବଂ ଚୟନକର୍ତ୍ତା ଦାୟିତ୍ୱକୁ ମୁଁ ଭିନ୍ନଭାବେ ଉପଭୋଗ କରୁଛି। କୋଚ୍ ହେଉ କି ଚୟନକର୍ତ୍ତା ଯେତେବେଳେ ଯେଉଁ ଦାୟିତ୍ୱ ମିଳିଥାଏ ତାକୁ ଦାୟିତ୍ୱର ସହ ସମ୍ପାଦନ କରିଥାଏ। ଫୁଟବଲ ସହିତ ଜଡ଼ିତ ଥିବାରୁ ଏହାଠାରୁ ଖୁସିକଥା ମୋ ପାଇଁ କିଛି ନାହିଁ।

■ ଭବିଷ୍ୟତର ଲକ୍ଷ୍ୟ କ'ଣ ରହିଛି ?

● ମୋ ନିଯୁକ୍ତିଦାତା ନାଲ୍‌କୋର ସମର୍ଥନ ଯୋଗୁ ମୁଁ ଆଜି ଏଠାରେ ପହଞ୍ଚି ପାରିଛି। ତେଣୁ ମୁଁ ନିଶ୍ଚିତ ନାଲ୍‌କୋକୁ ଧନ୍ୟବାଦ ଦେବାକୁ ଚାହିଁବି। ଓଡ଼ିଶାରେ ଫୁଟବଲର ଉନ୍ନତି ପାଇଁ ମୁଁ ସବୁବେଳେ ସ୍ୱପ୍ନ ଦେଖି ଆସୁଛି। ରାଜ୍ୟ ଆସୋସିଏଶନ ଏବଂ ସରକାର ଯେତେବେଳେ ମୋତେ ଯେଉଁ ଦାୟିତ୍ୱ ଦେବେ ତାହା ନିର୍ବାହ କରିବାକୁ ମୁଁ ସବୁବେଳେ ପ୍ରସ୍ତୁତ ଅଛି।

ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ମହିଳା ଫୁଟବଲ କାର୍ଯ୍ୟସୂଚୀ

■ ଫେବୃୟାରୀ ୯
ମ୍ୟାନମାର- ନେପାଳ (ଅପରାହ୍ନ ୪ଟା)
ଭାରତ- ଇରାନ (ସନ୍ଧ୍ୟା ୭)

■ ଫେବୃୟାରୀ ୧୧:
ମ୍ୟାନମାର- ଇରାନ (ଅପରାହ୍ନ ୪ଟା)
ଭାରତ- ନେପାଳ (ସନ୍ଧ୍ୟା ୭ଟା)

■ ଫେବୃୟାରୀ- ୧୩
ଇରାନ- ନେପାଳ (ଅପରାହ୍ନ ୪ଟା)
ଭାରତ- ମ୍ୟାନମାର (ସନ୍ଧ୍ୟା ୭ଟା)

■ ଫେବୃୟାରୀ ୧୫: ଫାଇନାଲ (ସନ୍ଧ୍ୟା ୬ଟା)
(ସ୍ଥାନ: କଳିଙ୍ଗ ଷ୍ଟାଡିୟମ)

ଏନ୍‌କରେଜ୍‌ମେଣ୍ଟ

ନିର୍ମଳ କୁମାର ମିଶ୍ର

ନ୍ୟୁଜିଲାଣ୍ଡଠାରୁ ନ୍ୟୁଜିଲାଣ୍ଡ ମାଟିରେ
ୱାନ୍‌ଡେରେ ସିରିଜ ଜିତି
ୱିନ୍ ତାଲିକାରେ ଆଉ ଏକ ଫର୍ଦ୍ଦ
ଯୋଡି ଅଛି ଟିମ୍ ଜାତି
ବିରାଟ ବାହିନୀ ମାତି
ଏହି ପରଫରମାନ୍‌ସ ବଜାୟ ରଖିଲେ
ୱାର୍ଲ୍ଡକପ୍ ଏଥର ସାଥୀ ।।୧

କିଲିମାଞ୍ଜୋରୋ ଶୃଙ୍ଗ ଆରୋହଣ କଲେ
ଲିପିକା ସେଠ ଓ କୁଶ
ତ୍ରିରଙ୍ଗା ପତାକା ଉଡାଇ ସେଠାରେ
କୁଶ ମୋଡୁଅଛି ନିଶ
ଧନ୍ୟ ତାଙ୍କ ପାଇଁ ଦେଶ
ଏନ୍‌କରେଜମେଣ୍ଟ ପାଇଁ ବଣମଲ୍ଲୀ
ଏଭଳି ମହକେ ବାସ ।।୨

ଭାରତୀୟ ଲେଡି କ୍ରିକେଟ ଟିମ୍‌ର
ନ୍ୟୁଜିଲାଣ୍ଡ ସଫଳତା
ୱାନ୍‌ଡେରେ ସିରିଜ କବ୍‌ଜା କରିଛି
ମନ୍ଧାନା ସ୍ମୃତି ଏକତା
ଝିଅ ନୁହେଁ ଆଉ ପିତା
ଏନ୍‌କରେଜମେଣ୍ଟ ସୁଯୋଗ ଆଣିଛି
ସବୁ ବିଭାଗରେ ସୀତା ।।୩

-ସୁବାସ ଚନ୍ଦ୍ର ପ୍ରଧାନ

ରେକର୍ଡ ବ୍ରେକର ବିରାଟ

କ୍ରିକେଟ ସୁପରଷ୍ଟାର ବିରାଟ କୋହଲି ଗୋଟିଏ ପରେ ଗୋଟିଏ ରେକର୍ଡ ସୃଷ୍ଟି କରିଚାଲିଛନ୍ତି। ସେ ମ୍ୟାଚ ଖେଳିଲେ ରେକର୍ଡ ଆପେ ଆପେ ତିଆରି ହୋଇଯାଉଛି। କ୍ରିକେଟର ୩ଟି ଯାକ ଫର୍ମାଟରେ ସେ ତାଙ୍କର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି। ସେ ବିଶ୍ୱର ସବୁଠାରୁ ଆକ୍ରମଣାତ୍ମକ ଅଧିନାୟକ ଏବଂ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ରୂପେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି...

ବିରାଟ କୋହଲିଙ୍କର କୌଣସି ପରିଚୟର ଆବଶ୍ୟକତା ନାହିଁ। ତାଙ୍କ ସଫଳତା ମାଧ୍ୟମରେ ଟିମ୍ ଇଣ୍ଡିଆ ଗତ କିଛି ବର୍ଷ ହେବ ରେକର୍ଡରେ ସୁଧାର ଆଣିବାକୁ ସକ୍ଷମ ହୋଇଛି। ବିଭିନ୍ନ ଦେଶର ଅଧିନାୟକ, ପୂର୍ବତନ ଅଧିନାୟକ, ଭାଷ୍ୟକାର ଏବଂ ପୂର୍ବତନ ଖେଳାଳିମାନେ ଏହି ଭାରତୀୟ ଅଧିନାୟକଙ୍କ ଭୂୟସୀ ପ୍ରଶଂସା କରିବାକୁ ପଛାଇନାହାନ୍ତି। ତାଙ୍କର ନେତୃତ୍ୱରେ ଭାରତୀୟ ଦଳ ବିଦେଶରେ ଗୋଟିଏ ପରେ ଗୋଟିଏ ସିରିଜ ବିଜୟ ଆଣିବାକୁ ସକ୍ଷମ ହୋଇଛି। ତାଙ୍କର ଏହି ବିରଳ ସଫଳତା ପାଇଁ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍ୟାଙ୍କିଙ୍ଗ୍‌ରେ ଭାରତ ୧ନଂ ସ୍ଥାନ ଅଧିକାର କରିଛି। ନିକଟରେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡରେ ଟେଷ୍ଟ ଓ ଏକଦିବସୀୟ ସିରିଜ ବିଜୟ ଭାରତକୁ ବିଶ୍ୱ କ୍ରିକେଟ୍‌ରେ ସବୁଠାରୁ ଶକ୍ତିଶାଳୀ ଦଳ ରୂପେ ଗଢି ତୋଳିଛି। ଭାରତ ଏବେ ଆଗାମୀ ବିଶ୍ୱକପ୍ ପାଇଁ ଫେଭରାଇଟ ଦଳ ଭାବେ ଉଭା ହୋଇଛି। ଏଥି ସହିତ ଯୁବ ଖେଳାଳିମାନଙ୍କ ପ୍ରଦର୍ଶନକୁ ନେଇ କୋହଲି ବେଶ ଉତ୍ସାହିତ ରହିଛନ୍ତି। ଯୁବ ଉଇକେଟ୍ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ, ସ୍ପିନର କୁଲଦୀପ ଯାଦବ ଓ ୟୁଜବେନ୍ଦ୍ର ଚହଲ ଏବଂ ପେସ୍ ବୋଲର ଯଶପ୍ରୀତ୍ ବୁମରା ଯେକୌଣସି ବିପର୍ଯ୍ୟୟ ସୃଷ୍ଟି କରିବାକୁ ସକ୍ଷମ ବୋଲି ସେ କହିଛନ୍ତି। ବ୍ୟାଟିଂରେ ରୋହିତ ଶର୍ମା, ଶିଖର ଧାୱନ ଏବଂ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କୁ ମଧ୍ୟ କୋହଲି ବେଶ୍ ପ୍ରଶଂସା କରିଛନ୍ତି। ଯେ କୌଣସି ବିଜୟକୁ ସବୁବେଳେ ଦଳଗତ ପ୍ରୟାସର ଫଳ ବୋଲି କୋହଲି କହିଥାନ୍ତି। ଏହା ତାଙ୍କ ମହନୀୟତାର ଶ୍ରେଷ୍ଠ ପରିଚାୟକ ବୋଲି କୁହାଯାଇପାରେ।

୨୦୦୮ ମସିହାରୁ ଶ୍ରୀଲଙ୍କା ବିପକ୍ଷରେ ନିଜର ଏକଦିବସୀୟ କ୍ୟାରିୟର ଆରମ୍ଭ କରିଥିବା ଏହି ମୋଷ୍ଟ ଷ୍ଟାଇଲିସ୍ ବ୍ୟାଟ୍ସମ୍ୟାନ ୨୦୧୧ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ନିଜର ପ୍ରଥମ ଟେଷ୍ଟମ୍ୟାଚ୍ ଖେଳିବା ପରେ ଆଉ ପଛକୁ ଫେରି ଚାହିଁନାହାନ୍ତି। ଯଦିଓ ଟି୨୦ ଫର୍ମାଟରେ ସେ ଅଧିକ ସଫଳ ହୋଇନାହାନ୍ତି ତଥାପି ତାଙ୍କର ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ଗୋଟିଏ ପରେ ଗୋଟିଏ ସଫଳତା ପାଇବାକୁ ସକ୍ଷମ ହୋଇଛି। ୨୦୧୧ରୁ ୨୦୧୮ ମଧ୍ୟରେ ମୋଟ ୭୭ଟି ଟେଷ୍ଟମ୍ୟାଚ୍ ଖେଳି ୫୩.୭୬ ହାରରେ ସେ ୬୬୧୩ ରନ୍ ସଂଗ୍ରହ କରିବା ସହିତ ୨୫ଟି ଶତକ ଏବଂ ୨୦ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। କ୍ରିକେଟର ଏହି ରିୟଲ ଫର୍ମାଟରେ ଅପେକ୍ଷାକୃତ କମ ମ୍ୟାଚ୍ ଖେଳି କୋହଲି ସମସାମୟିକ ବ୍ୟାଟ୍ସମ୍ୟାନଙ୍କୁ ବହୁ ପଛରେ ପକାଇ ଦେଇଛନ୍ତି। ସେହିପରି ଦିନିକିଆ ଫର୍ମାଟରେ ୨୦୦୮ରୁ ଶ୍ରୀଲଙ୍କା ବିପକ୍ଷରେ ନିଜର ପ୍ରଥମ ଏକଦିବସୀୟ ମ୍ୟାଚ୍‌ଠାରୁ ୨୦୧୯ରେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ ସହିତ ସେ ମୋଟ ୨୨୨ଟି ମ୍ୟାଚ୍ ଖେଳିଛନ୍ତି। ଦିନିକିଆରେ ୫୯.୫୦ ହାରରେ ସେ ମୋଟ ୧୦,୫୩୩ ରନ୍ କରିଛନ୍ତି। ଏଥିରେ ସାମିଲ ରହିଛି ରେକର୍ଡ ୩୯ ଶତକ ଏବଂ ୪୯ଟି ଅର୍ଦ୍ଧଶତକ।

ଜିମ୍ବାୱେ ବିପକ୍ଷରେ ୨୦୧୦ରେ ନିଜ କ୍ୟାରିୟରର ପ୍ରଥମ ଟି୨୦ ଖେଳିଥିଲେ ବିରାଟ। ଟି୨୦ କ୍ରିକେଟରେ ଏପର୍ଯ୍ୟନ୍ତ ତାଙ୍କର ସର୍ବାଧିକ ସ୍କୋର ଅପରାଜିତ ୯୦ରନ୍ ରହିଛି। ଟେଷ୍ଟ ପଦାର୍ପଣରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଅସଫଳ ରହିଥିବା ଏହି ମହାନ୍ ବ୍ୟାଟ୍ସମ୍ୟାନ ୨୦୧୩ ରେ ଅଷ୍ଟ୍ରେଲିଆ ଏବଂ ସାଉଥ ଆଫ୍ରିକା ଗସ୍ତ ସମୟରେ ନିଜର ଅସାଧାରଣ ସଫଳତା ପାଇଁ ଦିନିକିଆ ସ୍ପେସିଆଲିଷ୍ଟ ବ୍ୟାଟ୍ସମ୍ୟାନର ମାନ୍ୟତା ପାଇବା ସହିତ ଆଇସିସି ର୍ୟାଙ୍କିଙ୍ଗ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କୋହଲି ୨୦୧୪ ଏବଂ ୨୦୧୬ରେ ଆଇସିସି ଟି୨୦ ବିଶ୍ୱକପ୍‌ରେ ମ୍ୟାନ୍ ଅଫ୍ ଦି ଟୁର୍ନମେଣ୍ଟ ବିବେଚିତ ହୋଇଥିଲେ। ୨୦୧୭ ପର୍ଯ୍ୟନ୍ତ ସେ ଆଇସିସି ର୍ୟାଙ୍କିଙ୍ଗ୍‌ର ନଂ ୧ ବ୍ୟାଟ୍ସମ୍ୟାନ ମାନ୍ୟତା ପାଇଥିଲେ। ଯାହାକି କୌଣସି ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ପାଇଁ ଏକ ସର୍ବକାଳୀନ ରେକର୍ଡ । ସେହିପରି ନିଜର ଅସାଧାରଣ ଦକ୍ଷତା ପାଇଁ ଟେଷ୍ଟ ଫର୍ମାଟରେ ୯୩୭ ଏବଂ ଏକଦିବସୀୟ ମ୍ୟାଚରେ ୯୧୧ ରେଟିଂ ପଏଣ୍ଟ ସହ ୧ ନମ୍ବର ସ୍ଥାନରେ ରହିବା ମଧ୍ୟ ଏକ ରେକର୍ଡ ।

ମହେନ୍ଦ୍ର ସିଂ ଧୋନୀ କ୍ରିକେଟର

ସଂକ୍ଷେପରେ

ଦକ୍ଷିଣ ପୂର୍ବ ରେଲପଥର ନୂଆ ମୁଖ୍ୟ ସତର୍କତା ଅଧିକାରୀ

ଭୁବନେଶ୍ୱର,୭-୨
ଦକ୍ଷିଣ ପୂର୍ବ ରେଲପଥ ନୂଆ ମୁଖ୍ୟ ସତର୍କତା ଅଧିକାରୀ ଭାବେ ଶଙ୍କର୍ଷଣ ନାୟକ ଯୋଗ ଦେଇଛନ୍ତି। ଏହା ପୂର୍ବରେ ସେ ପୂର୍ବତଟ ରେଲପଥର ମୁଖ୍ୟ ଟ୍ରାକ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ସେହିଭଳି ସେ ରାଇଟସର ମହାପ୍ରବନ୍ଧକ ଏବଂ ପୂର୍ବତଟ ରେଲପଥର ମୁଖ୍ୟ ଯନ୍ତ୍ରୀ ଭାବେ ସୁଚାରୁ ରୁପେ କାର୍ଯ୍ୟ କରିଛନ୍ତି।

୫୦% ପାନ୍ ସହ ସଂଯୋଗ ହୋଇନି ଆଧାର

ନୂଆଦିଲ୍ଲୀ,୭-୨: ପାନ୍ କାର୍ଡକୁ ଆଧାର ସହ ଯୋଡ଼ିବାର ସମୟସୀମା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଛି। ଏହି ସମୟ ପାଖେଇ ଆସୁଥିବା ବେଳେ ଅଦ୍ୟାବଧି ୫୦% ପାନ୍‌କାର୍ଡ ଧାରକ ନିଜର ପରିଚୟକୁ ପାନ୍ ସହ ଯୋଡି ନାହାନ୍ତି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ ଅଧକ୍ଷ ସୁଶୀଲ ଚନ୍ଦ୍ରା ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଅଦ୍ୟାବଧି ୪୨ କୋଟି ସ୍ଥାୟୀ ଖାତା ସଂଖ୍ୟା(ପାନ୍) ଜାରି କରାଯାଇଛି। ଏଥିରୁ ୨୩ କୋଟିକୁ ଆଧାର ସହ ସଂଯୋଗ କରାଯାଇଛି। ସୂଚନାଥାଉ କି, ସୁପ୍ରିମକୋର୍ଟ ପାନ୍ ସହ ଆଧାର ସଂଯୋଗ ସମୟସୀମାକୁ ଚଳିତ ବର୍ଷ ମାର୍ଚ୍ଚ ୩୧ ଯାଏ ଧାର୍ଯ୍ୟ କରିଛନ୍ତି। ଆସୋଚାମ୍‌ର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି ଯେ, ଆଧାର ସହ ପାନ୍‌କୁ ଯୋଡାଯିବା ଦ୍ୱାରା ନକଲି ପାନ୍ ସମ୍ପର୍କରେ ସୂଚନା ମିଳିବ। ଫଳରେ ନକଲି ପାନ୍‌କୁ ତୁରନ୍ତ ରଦ୍ଦ କରାଯାଇପାରିବ। ପାନ୍ ସହ ଆଧାର ଓ ବ୍ୟାଙ୍କ ଆକାଉଣ୍ଟ ଯୋଡି ହେବା ଯୋଗୁ ଆୟକର ବିଭାଗ ଟିକସଦାତାଙ୍କ ଖର୍ଚ୍ଚ କରିବାର ପଦ୍ଧତି ତଥା ଅନ୍ୟ ସୂଚନା ସହଜରେ ପାଇପାରିବ। ଏଥିସହିତ ସମାଜ କଲ୍ୟାଣକାରୀ ଯୋଜନାଗୁଡ଼ିକର ଲାଭ ଲୋକମାନେ ପାଉଛନ୍ତି କି ନା ସହଜରେ ଜାଣିହେବ। ସେ କହିଛନ୍ତି ଯେ, ଚଳିତ ବର୍ଷ ଅଦ୍ୟାବଧି ୬.୩୧କୋଟି ରିଟର୍ନ ଦାଖଲ ହୋଇଛି।

> ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟକୁ ଦଣ୍ଡବିଧାନ କ୍ଷମତା ପ୍ରଦାନ କରାଯିବା ନେଇ ସରକାର ବିଚାର କରୁଛନ୍ତି।
> –ଜୟନ୍ତ ସିହ୍ନା, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ର ମନ୍ତ୍ରୀ

> ୨୦୨୨ ବେଳକୁ ଦେଶରେ ୬୫,୦୦୦ କିମିର ରାଜପଥ ନିର୍ମାଣ କରିବାକୁ ସରକାର ଯୋଜନା ରଖିଛନ୍ତି।
> –ନୀତିନ ଗଡ଼କରୀ, କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ



■ ରେପୋରେଟ କମାଇଲା ଆର୍‌ବିଆଇ

ଶସ୍ତା ହେବ ସମସ୍ତ ପ୍ରକାର ଋଣ

ମୁମ୍ବାଇ,୭-୨

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗୁରୁବାର ନିଜର ମୁଦ୍ରାନୀତିରେ ପରିବର୍ତ୍ତନ ଆଣିଛନ୍ତି। ରେପୋ ରେଟ୍ ୦.୨୫% ହ୍ରାସ ଘୋଷଣା କରିଛନ୍ତି। ଏହାଦ୍ୱାରା ସମସ୍ତ ପ୍ରକାର ଋଣ ଶସ୍ତା ହେବାକୁ ଯାଉଛି। ଫଳରେ ସାଧାରଣ ଋଣଗ୍ରହୀତାଙ୍କ ମାସିକ କିସ୍ତି ପରିମାଣ କମିବ। ୬ ଜଣିଆ ଏମ୍‌ପିସି କମିଟିର ୩ଦିନିଆ ବୈଠକ ଶେଷରେ ଗଭର୍ନର ଶକ୍ତିକାନ୍ତ ଦାସ ଗୁରୁବାର ମୁଦ୍ରାନୀତି ଘୋଷଣା କରିଥିଲେ। ରେପୋ ରେଟ ହ୍ରାସ ପାଇଥିବାରୁ ସମସ୍ତ ପ୍ରକାର ଋଣ ଉପରେ ଇଏମ୍‌ଆଇ ହ୍ରାସ ପାଇବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ପ୍ରକାଶ କରାଯାଇପାରେ ଯେ, ରିଜର୍ଭ ବ୍ୟାଙ୍କ ପକ୍ଷରୁ ଯେଉଁ ହାରରେ ବ୍ୟାଙ୍କଗୁଡ଼ିକୁ ଋଣ ଦିଆଯାଏ ତାହାକୁ ରେପୋ ରେଟ୍ କୁହାଯାଏ । ସୁଧ ହାର ଦୃଷ୍ଟିକୋଣକୁ କଠୋରରୁ ନରମ ରଖିବା ଲାଗି ଏମ୍‌ପିସିର ସମସ୍ତ ସଦସ୍ୟ ଏକମତ ହୋଇଥିବା ଗଭର୍ନର ଦାସ ପ୍ରକାଶ କରିଛନ୍ତି। ଏହାର ଅର୍ଥ ଆଗାମୀ ଦିନରେ ସୁଧ ହାର ଆହୁରି ହ୍ରାସ ପାଇବା ସମ୍ଭାବନା ରହିଛି। ଏମ୍‌ପିସିର ପରବର୍ତ୍ତୀ ବୈଠକ ଏପ୍ରିଲ ୨ରୁ ୪ ତାରିଖ ଯାଏ ଚାଲିବ ବୋଲି ସେ ସୂଚନା ଦେଇଛନ୍ତି।

ଶକ୍ତିକାନ୍ତଙ୍କ ପ୍ରଥମ ବୈଠକ

ବ୍ୟୁରୋକ୍ରାଟ୍‌ରୁ ରିଜର୍ଭ ବ୍ୟାଙ୍କର ଗଭର୍ନର ହୋଇଥିବା ଶକ୍ତିକାନ୍ତ ଦାସ ପ୍ରଥମଥର ତିନି ଦିନିଆ ଏମ୍‌ପିସି ବୈଠକରେ ଅଧକ୍ଷତା କରିଥିଲେ। ଡ.ଉର୍ଜିତ ପଟେଲଙ୍କ ଅଚାନକ ଇସ୍ତଫା ପରେ ସେ ଗତବର୍ଷ ଡିସେମ୍ବରରେ ଆର୍‌ବିଆଇ ଗଭର୍ନର ହୋଇଥିଲେ।



ଶକ୍ତିକାନ୍ତ ଦାସ

ମୁଦ୍ରାସ୍ଫୀତି ଅନୁମାନ ୨.୮%କୁ ହ୍ରାସ

ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି ଘୋଷଣା କରି ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷର ଅନ୍ତିମ ତ୍ରୈମାସ ଲାଗି ଖୁଚୁରା ମୁଦ୍ରାସ୍ଫୀତି ଅନୁମାନକୁ ୨.୮%କୁ ହ୍ରାସ କରାଯାଇଛି। ସେ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ, ମୌସୁମୀ ଭଲ ରହିବାର ସମ୍ଭାବନା ମଧ୍ୟରେ ମୁଦ୍ରାସ୍ଫୀତି ହ୍ରାସ ପାଇବ ବୋଲି ଆର୍‌ବିଆଇ ଅନୁମାନ କରିଛି। ସେହିପରି ଆସନ୍ତା ଆର୍ଥିକ ବର୍ଷର ପ୍ରଥମ ୬ ମାସ ଲାଗି ମୁଦ୍ରାସ୍ଫୀତି ୩.୨ରୁ ୩.୪% ରହିବ ବୋଲି ଅନୁମାନ କରାଯାଇଥିବା ବେଳେ ୨୦୧୯-୨୦ର ତୃତୀୟ ତ୍ରୈମାସ ଲାଗି ଏହା ୩.୯% ରହିବ ବୋଲି ଆଶାବ୍ୟକ୍ତ କରାଯାଇଛି। ଏଥିପୂର୍ବରୁ ଗତ ଦ୍ୱିମାସିକ ମୁଦ୍ରାନୀତିରେ ଆର୍‌ବିଆଇ ଆସନ୍ତା ଆର୍ଥିକ ବର୍ଷର ପ୍ରଥମ ୬ ମାସ ଲାଗି ମୁଦ୍ରାସ୍ଫୀତି ୩.୮ରୁ ୪.୨% ରହିବ ବୋଲି ଅନୁମାନ ଦର୍ଶାଇଥିଲା।

୭.୪% ରହିପାରେ ଜିଡିପି

ଆସନ୍ତା ଆର୍ଥିକ ବର୍ଷ ଲାଗି ମୋଟ ଘରୋଇ ଉତ୍ପାଦ(ଜିଡିପି) ୭.୪% ରହିପାରେ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ଆଶାବ୍ୟକ୍ତ କରିଛି। ସୂଚନାଥାଉ କି, କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍‌ଓ) ପକ୍ଷରୁ ଚଳିତ ଆର୍ଥିକ ବର୍ଷ ଲାଗି ଜିଡିପି ୭.୨% ରହିବ ବୋଲି ଅନୁମାନ କରିଥିଲା। ସେହିପରି ଆର୍ଥିକ ବର୍ଷ ୨୦୧୯-୨୦ରେ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଜିଡ଼ିପି ୭.୨ରୁ ୭.୪% ତଥା ତୃତୀୟ ତ୍ରୈମାସରେ ଏହା ୭.୫% ରହିବ ବୋଲି ଅନୁମାନ କରାଯାଇଛି। ତେବେ ଆସନ୍ତା ଆର୍ଥିକ ବର୍ଷରେ ମୋଟ ବ୍ୟାଙ୍କ ଋଣ ବୃଦ୍ଧି ପାଇବା ଯୋଗୁ ଉଦ୍ୟୋଗ ଜଗତରେ ମୋଟ ଆର୍ଥିକ ପ୍ରବାହ ବୃଦ୍ଧି ପ୍ରଭାବିତ ହେବ ବୋଲି ରିଜର୍ଭ ବ୍ୟାଙ୍କ ଦର୍ଶାଇଛି। ଅଶୋଧିତ ତୈଳ ଦର କମିବା ଏବଂ ରପ୍ତାନି ବୃଦ୍ଧି ପାଇବା ଯୋଗୁ ଟଙ୍କାର ମୂଲ୍ୟ ବୃଦ୍ଧି ପାଇଛି। ବିଶ୍ୱରେ ଚାହିଦା କମୁଥିବାରୁ ଆର୍ଥିକ ଅଭିବୃଦ୍ଧି ହାର ପ୍ରଭାବିତ ହେବ ବୋଲି ରିଜର୍ଭ ବ୍ୟାଙ୍କ ଦର୍ଶାଇଛି।

ଅନ୍ୟାନ୍ୟ ନିଷ୍ପତ୍ତି

କେନ୍ଦ୍ରୀୟ ବ୍ୟାଙ୍କ ଥୋକ ଜମା ପରିଭାଷାକୁ ସଂଶୋଧିତ କରିଛନ୍ତି। ଏଣିକି ୧ କୋଟି ଟଙ୍କା ବଦଳରେ ଗୋଟିଏ ଥରରେ ୨ କୋଟି ଅଥବା ଦଦୂର୍ଦ୍ଧ ଜମାକୁ ଏହି ଶ୍ରେଣୀଭୁକ୍ତ କରାଯାଇଛି। ଏହାଛଡ଼ା ଅଣବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ(ଏନ୍‌ବିଏଫ୍‌ସି)ରେ ତାଳମେଳକୁ ନେଇ ଗାଇଡଲାଇନ ଜାରି କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଟଙ୍କାର ମୂଲ୍ୟରେ ସ୍ଥିରତା ଆଣିବା ଲାଗି ବିଦେଶୀ ମୁଦ୍ରା ବଜାର ପାଇଁ କର୍ମଚାରୀ ନିଯୁକ୍ତି ଦେବାକୁ ପ୍ରସ୍ତାବ ଦିଆଯାଇଛି। ସେହିପରି କମ୍ପାନୀ ବଣ୍ଡ ବଜାରରେ ବିଦେଶୀ ପୋର୍ଟଫୋଲିଓ ନିବେଶକଙ୍କ ନିବେଶ ଉପରେ ଥିବା କଟକଣାକୁ ହଟାଇ ନିଆଯାଇଛି।

ବିନା ଗ୍ୟାରେଣ୍ଟିରେ ଚାଷୀ ନେଇପାରିବେ ୧.୬ ଲକ୍ଷ ଋଣ

ଚାଷୀଙ୍କ ଆର୍ଥିକ ସ୍ଥିତି ଫେରାଇବା ଲାଗି କେନ୍ଦ୍ର ସରକାର ଅନ୍ତରୀଣ ବଜେଟରେ ୬ ହଜାର ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଗୁରୁବାର ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଚାଷୀଙ୍କୁ ଆଉ ଏକ ଉପହାର ଦେଇଛନ୍ତି। ଏଣିକି ଚାଷୀମାନେ ବିନା ଗ୍ୟାରେଣ୍ଟିରେ ୧.୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରିବେ ବୋଲି ଗଭର୍ନର ଶକ୍ତିକାନ୍ତ ଦାସ ପ୍ରକାଶ କରିଛନ୍ତି। ପୂର୍ବରୁ ଏହି ସୀମା ୧ ଲକ୍ଷ ଟଙ୍କା ଥିଲା। ଆର୍‌ବିଆଇର ଏହି ନିଷ୍ପତ୍ତି ଯୋଗୁ ଭୂମିହୀନ ଚାଷୀଙ୍କୁ ଏହାଦ୍ୱାରା ଫାଇଦା ମିଳିବ। ସୂଚନାଥାଉ କି, ରିଜର୍ଭ ବ୍ୟାଙ୍କ ୨୦୧୦ରେ ଗ୍ୟାରେଣ୍ଟିବିହୀନ ଋଣ ପ୍ରଦାନ ସୀମାକୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଧାର୍ଯ୍ୟ କରିଥିଲେ। କୃଷି ଋଣ ସମ୍ପର୍କିତ ମାମଲାଗୁଡ଼ିକୁ ଦେଖିବା ଲାଗି ଏକ ୱାର୍କିଂ ଗ୍ରୁପ୍ ଗଠନ କରାଯିବ ବୋଲି ଦାସ ଘୋଷଣା କରିଛନ୍ତି। ସୂଚନାଥାଉ କି, ଫେବୃୟାରୀ ପହିଲାରେ ଅନ୍ତରୀଣ ବଜେଟରେ ୨ ହେକ୍ଟର ପର୍ଯ୍ୟନ୍ତ ଚାଷ ଜମିଥିବା କୃଷକଙ୍କୁ ତିନୋଟି କିସ୍ତିରେ ୬ ହଜାର ଟଙ୍କାର ସହାୟତା ଘୋଷଣା କରାଯାଇଥିଲା। ଏହାଛଡ଼ା ପଶୁପାଳନ ଓ ମତ୍ସ୍ୟ ଚାଷ ପାଇଁ କିଷାନ କ୍ରେଡିଟ କାର୍ଡରୁ ନିଆଯାଇଥିବା ଋଣ ଉପରେ ୨% ଛାଡ଼ ଦିଆଯିବ। ଋଣ ପୁନର୍ଗଠନ ପରେ ଏହା ଫେରସ୍ତ କରାଯିବା କ୍ଷେତ୍ରରେ ସୁଧ ହାରରେ ୩% ର ଅତିରିକ୍ତ ଛାଡ଼ ଦିଆଯିବ। ଏଭଳି ଭାବେ ମୋଟ୍ ୫% ସୁଧ ଛାଡ଼ ସୁବିଧା ପ୍ରଦାନ କରାଯାଇଛି।

ହିଲିୟସ ୱାଚ୍ ଷ୍ଟୋର ପକ୍ଷରୁ ସପ୍ତମ ବାର୍ଷିକୀ ପୂର୍ତ୍ତି

ଭୁବନେଶ୍ୱର,୭-୨

ଟାଇଟାନ କମ୍ପାନୀ ଲିମିଟେଡ୍‌ର ମଲ୍ଟି ବ୍ରାଣ୍ଡ ଅନ୍ତର୍ଜାତୀୟ ୱାଚ୍ ରିଟେଲର ହିଲିୟସ ପକ୍ଷରୁ ଏହାର ଭୁବନେଶ୍ୱର ଷ୍ଟୋରର ସପ୍ତମ ବାର୍ଷିକୀ ପୂର୍ତ୍ତି ପାଳନ କରାଯାଇଛି। ଷ୍ଟୋରଟି ବର୍ତ୍ତମାନ ମାଷ୍ଟର କ୍ୟାଣ୍ଟିନ ଷ୍ଟେଶନ ଛକକୁ ସ୍ଥାନାନ୍ତରିତ ହୋଇଛି। ଏହି ଅବସରରେ ଷ୍ଟୋର ପକ୍ଷରୁ ଗ୍ରାହକଙ୍କୁ ରିହାତି ସୁବିଧା ପ୍ରଦାନ କରାଯାଉଛି। ୨୦୧୨ଠାରୁ ଗ୍ରାହକଙ୍କୁ ଏହା ନିରନ୍ତର ସେବା ଯୋଗାଣ ଦିଗରେ କାର୍ଯ୍ୟ କରୁଛି। ବର୍ତ୍ତମାନ ପର୍ଯ୍ୟନ୍ତ ୬,୦୦୦ ଗ୍ରାହକଙ୍କୁ ସେବା ଯୋଗାଣ କରିବାକୁ ଉକ୍ତ ଷ୍ଟୋର ସକ୍ଷମ ହୋଇଛି। ଗ୍ରାହକଙ୍କ ଚାହିଦାକୁ ଧ୍ୟାନରେ ରଖି ଏଠାରେ ୨୦୦୦ରୁ ଉର୍ଦ୍ଧ୍ୱ ଅଗ୍ରଣୀ ବ୍ରାଣ୍ଡର ପ୍ରଡକ୍ଟ ଉପଲବ୍ଧ କରାଯାଉଛି। ଷ୍ଟୋରରେ ସଦ୍ୟତମ କଲେକ୍ସନ ଯଥା-ମୋଭାଡୋ, ଫ୍ରିଡେରିକ କନଷ୍ଟାଣ୍ଟ, ସିକୋ, ଜିସି, ଭିକ୍ଟୋରିନକ୍ସ, ଗେସ୍, ଏମ୍ପୋରିଓ,ଅର୍‌ମାନି, ଟମି ହିଲ୍‌ଫିଗର, ଫୋଲିସ୍, ଫସିଲ୍, ଡାନିଏଲ୍ ୱେଲିଂଟନ, ଫିଟବିଟ, ଗ୍ରାମୀନ ଏବଂ ଫୋସିଲ ଜେନ ୪ ଭଳି ପ୍ରଡକ୍ଟ ସାମିଲ ରହିଛି। ଗ୍ରାହକଙ୍କ ଲାଗି ଇଏମ୍‌ଆଇ ଏବଂ ବିକ୍ରି ପରବର୍ତ୍ତୀ ସେବା ମଧ୍ୟ ଏଠାରେ ଉପଲବ୍ଧ ହେଉଛି। ଏହି ଅବସରରେ ଗ୍ରାହକମାନେ ସବୁ ଅଣ ରିହାତି ଘଡି ଉପରେ ମୋଟ ୧୦% ରିହାତି ପାଇପାରିବେ। କାର୍ଯ୍ୟକ୍ରମ ଅବସରରେ ଷ୍ଟୋରର ସ୍ୱତ୍ୱାଧିକାରୀ ମାନିକ ହଂସ ଏବଂ ହିଲିୟସର ଏବିଏମ୍ ଅନ୍ୱେଷା ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

ହୋଣ୍ଡା କାର୍‌ସ ଇଣ୍ଡିଆର ନୂଆ ଲିମିଟେଡ୍ ଏଡିଶନ

ଭୁବନେଶ୍ୱର,୭-୨

ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ ଲିମିଟେଡ ଏଡ଼ିଶନ ବଜାରକୁ ଆସିଛି। ଏହା ମଧ୍ୟରେ ହୋଣ୍ଡା ଆମେଜ, ହୋଣ୍ଡା ଜାଜ୍ ଏବଂ ହୋଣ୍ଡା ଡବ୍ଲୁଆର୍-ଭି ଭଳି ମଡେଲ ସାମିଲ ରହିଛି। ଏକ୍ସକ୍ଲୁସିଭ ଏଡ଼ିଶନଗୁଡ଼ିକ ନୂଆ ରେଡିଆଣ୍ଟ ରେଡ୍ ମେଟାଲିକ, ଅର୍ଚିଡ ହ୍ୱାଇଟ୍ ପର୍ଲ ରଙ୍ଗରେ ଆସିଥିବା କମ୍ପାନୀ ସୂଚନା ଦେଇଛି। ମଡେଲଗୁଡ଼ିକ ପ୍ରଭାବଶାଳୀ ଏକ୍ସଟେରିୟର, ସଂଯୁକ୍ତ ଇଣ୍ଟେରିୟର ୟୁଟିଲିଟି ସହ ଆସୁଛି। ହୋଣ୍ଡା ଆମେଜରେ ଗ୍ରାହକମାନେ ଭିଏକ୍ସ ଗ୍ରେଡ୍‌ରେ ଡିଜେଲ ଏବଂ ପେଟ୍ରୋଲ ଭାରିଆଣ୍ଟ ପାଇପାରିବେ। ଡବ୍ଲୁଆର୍-ଭି ମଡେଲରେ ଡିଜେଲ ପେଟ୍ରୋଲ ଭାରିଆଣ୍ଟ, ସ୍ୱତନ୍ତ୍ର ବଡି ଗ୍ରାଫିକ୍ସ ସହ ଅନ୍ୟାନ୍ୟ ବୈଶିଷ୍ଟ୍ୟ ରହିଛି। ହୋଣ୍ଡା ଜାଜ ଭିଏକ୍ସ ସିଭିଟି ପେଟ୍ରୋଲ ଭାରିଆଣ୍ଟରେ ଆସୁଛି। ନୂତନତ୍ୱ ସଂଯୋଗ କରିବା ଲକ୍ଷ୍ୟ ରହିଥିବା କମ୍ପାନୀର ବରିଷ୍ଠ ଉପସଭାପତି ରାଜେଶ ଗୋଏଲ କହିଛନ୍ତି।

ଗ୍ରାହକଙ୍କ ଆକାଉଣ୍ଟରୁ ଅନଧିକୃତ ଉଠାଣ ପାଇଁ ବ୍ୟାଙ୍କ ଦାୟୀ: ହାଇକୋର୍ଟ

କୋଚି,୭-୨

ଗ୍ରାହକଙ୍କ ଆକାଉଣ୍ଟରୁ ଅନଧିକୃତ ଭାବେ ଟଙ୍କା ଉଠାଣ କ୍ଷେତ୍ରରେ ବ୍ୟାଙ୍କ ନିଜ ଦାୟିତ୍ୱକୁ ଖସାଇ ଦେଇପାରିବେ ନାହିଁ ବୋଲି କେରଳ ହାଇକୋର୍ଟ ଏକ ରାୟରେ ଉଲ୍ଲେଖ କରିଛନ୍ତି। ଜଷ୍ଟିସ ପି.ବି. ସୁରେଶ କୁମାର ଏ ସଂକ୍ରାନ୍ତ ଏକ ମାମଲାରେ ରାୟ ପ୍ରକାଶ କରି କହିଛନ୍ତି ଯେ, ଏଭଳି ମାମଲାରେ ଉପଭୋକ୍ତା ଏସ୍‌ଏମ୍‌ଏସ୍ ଆଲର୍ଟ ଉପରେ କୌଣସି ପ୍ରତିକ୍ରିୟା ନ ଦେଲେ ମଧ୍ୟ ଏଥିପାଇଁ ବ୍ୟାଙ୍କ ଦାୟୀ ରହିବେ। ଅଦାଲତ କହିଛନ୍ତି ଯେ, ଏସ୍‌ଏମ୍‌ଏସ୍ ଆଲର୍ଟ ପଠାଇବା ପରେ ଉପଭୋକ୍ତାଙ୍କ ପ୍ରତି ବ୍ୟାଙ୍କଗୁଡ଼ିକର ଦାୟିତ୍ୱ ଶେଷ ହୋଇଯାଉନି। ଏଭଳି ବହୁ ଗ୍ରାହକ ଅଛନ୍ତି, ଯିଏ କି ବାରମ୍ବାର ଏସ୍‌ଏମ୍‌ଏସ୍ ଦେଖନ୍ତି ନାହିଁ। ଏହା ସେମାନଙ୍କର ଅଭ୍ୟାସରେ ନାହିଁ। ଷ୍ଟେଟ୍ ବ୍ୟାଙ୍କର ଆବେଦନକୁ କେରଳ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ଅଣଅଧିକୃତ ଭାବେ ଆକାଉଣ୍ଟରୁ ୨.୪ ଲକ୍ଷ ଉଠାଣ କ୍ଷେତ୍ରରେ ସମ୍ପୃକ୍ତ ଗ୍ରାହକଙ୍କୁ ଏହି ଟଙ୍କା ପ୍ରଦାନ ଲାଗି ନିମ୍ନ ଅଦାଲତ ଷ୍ଟେଟ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଗ୍ରାହକଙ୍କୁ ସତର୍କ ରହିବା ଲାଗି ବ୍ୟାଙ୍କ ପକ୍ଷରୁ ବିଭିନ୍ନ ସମୟରେ ଏସ୍‌ଏମ୍‌ଏସ୍ ପଠାଯାଉଥିବା ବ୍ୟାଙ୍କ କହିଥିଲା।

■ ପିଏମ୍-କିଷାନ ଯୋଜନା

ସରକାରୀ ଚାକିରିଆ, ଟିକସଦାତାଙ୍କ ପରିବାରକୁ ମିଳିବନି ସହାୟତା

ନୂଆଦିଲ୍ଲୀ,୭-୨

ସରକାରୀ ଚାକିରି କରୁଥିବା, ପେନ୍‌ସନ ପାଉଥିବା ସରକାରୀ କର୍ମଚାରୀ, ବର୍ତ୍ତମାନ ଅଥବା ପୂର୍ବତନ ସାଂସଦ, ବିଧାୟକ ଏବଂ ମନ୍ତ୍ରୀ, ପଞ୍ଚାୟତ ଅଧକ୍ଷଙ୍କ ପରିବାରକୁ ବଜେଟରେ ଘୋଷିତ ପିଏମ୍-କିଷାନ ଯୋଜନା ଅଧୀନରେ ମିଳିବାକୁ ଥିବା ୬୦୦୦ ଟଙ୍କାର ଚାଷୀ ସହାୟତା ମିଳିବ ନାହିଁ। କେନ୍ଦ୍ର କୃଷି ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଜାରି କରାଯାଇଥିବା ଗାଇଡଲାଇନରେ ଏହା ଉଲ୍ଲେଖ କରାଯାଇଛି। ଏଥିରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ପରିବାର ସମ୍ପର୍କରେ ସଂଜ୍ଞା ନିରୂପଣ କରାଯାଇଛି। ସ୍ୱାମୀ-ସ୍ତ୍ରୀ, ନାବାଳକ/ନାବାଳିକାଙ୍କ ନିକଟରେ ୨ ହେକ୍ଟର ପର୍ଯ୍ୟନ୍ତ ଜମି ଥିବା ପରିବାରକୁ କ୍ଷୁଦ୍ର ତଥା ନାମମାତ୍ର ଚାଷୀ ପରିବାର ବୋଲି ଧାର୍ଯ୍ୟ କରାଯାଇଛି। ଗାଇଡଲାଇନ ଅନୁଯାୟୀ ପରିବାରର ଜଣେ ଅବସରପ୍ରାପ୍ତ ସଦସ୍ୟ ମାସକୁ ୧୦ ହଜାର ଟଙ୍କା ପେନ୍‌ସନ ପାଉଥିଲେ, ଗ୍ରୁପ-ସି, ଗ୍ରୁପ-ଡିରେ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀଙ୍କ ପରିବାର ମଧ୍ୟ ଉକ୍ତ ସହାୟତା ପାଇବେ ନାହିଁ। ଏହାବାଦ ଯେଉଁ ଚାଷୀ ପରିବାରର ଜଣେ ସଦସ୍ୟ ଡାକ୍ତର, ଇଞ୍ଜିନିୟର, ଓକିଲ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ କିମ୍ବା ଆର୍କିଟେକ୍ଟ ହୋଇଥିବେ ସେହି ପରିବାର ମଧ୍ୟ ସହାୟତା ପାଇବେ ନାହିଁ। ଚାଷୀ ପରିବାର ନିଜର ଆୟ ସମ୍ପର୍କରେ ଜଣାଇବେ ନିଜେ ଘୋଷଣା କରିବେ। ରାଜ୍ୟ ସରକାର ଆଗୁଆ ଏହାକୁ ସଂଗ୍ରହ କରିବେ। ଟଙ୍କା ପାଇବା ପରେ ମିଛ କହିଥିବା ଧରାପଡିଲେ ତାଙ୍କଠାରୁ ସହାୟତା ଫେରସ୍ତ ନିଆଯିବ ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମନ୍ଦିର, କୌଣସି ଟ୍ରଷ୍ଟ ଅଥବା ଅନ୍ୟ ସଂସ୍ଥାଙ୍କ ହାତରେ ରହିଥିବା ଜମିକୁ ଏହି ଯୋଜନାରେ ସାମିଲ କରାଯିବ ନାହିଁ। ଏଥିରେ ଦର୍ଶାଯାଇଛି ଯେ, ସ୍ୱାମୀ କିମ୍ବା ସ୍ତ୍ରୀଙ୍କ ମଧ୍ୟରୁ ଜଣେ ଉକ୍ତ ଶ୍ରେଣୀଭୁକ୍ତ ହୋଇଥିଲେ ସେହି ପରିବାର ସହାୟତାରୁ ବଞ୍ଚିତ ହେବେ। ସେହିପରି ୨୦୧୮ ଡିସେମ୍ବର ପହିଲାରୁ ୨୦୧୯ ଜାନୁୟାରୀ ୩୧ ମଧ୍ୟରେ ଜମି ବିକ୍ରି, ହସ୍ତାନ୍ତର, ଉପହାର ଭାବେ ଦିଆଯିବା କ୍ଷେତ୍ରରେ ମଧ୍ୟ ଏହି ସହାୟତା ମିଳିବ। ଉଲ୍ଲେଖଥାଉ କି, ପିଏମ୍-କିଷାନ ଯୋଜନା ଲାଗି କେନ୍ଦ୍ର ସରକାର ୭୫ ହଜାର କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଚଳିତ ଆର୍ଥିକ ବର୍ଷ ପାଇଁ ଏହା ୨୦ ହଜାର କୋଟି ଟଙ୍କା ଧାର୍ଯ୍ୟ ହୋଇଛି।

Government of Odisha "e"Procurement Notice No.1541-0

Bid Identification No.: Online-AGL16 of 2018-2019

1.	Name of the work	:	Road Works
2.	Estimated Cost.	:	Rs. 4.40 lakhs to Rs.17.86 lakhs
3.	Period of Completion	:	01 (One), 02 (Two) Calendar Months
4.	Date & time of availability of b

ସଂକ୍ଷେପରେ

ପ୍ରତ୍ୟାବର୍ତ୍ତନରେ ମୀରାବାଈଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୭।୨(ପି.ଟି.): ବିଶ୍ୱ ଚାମ୍ପିୟନ ଭାରତୀୟ ଭାରୋତ୍ତୋଳନକାରୀ ମିରାବାଈ ଚାନୁ ଥାଇଲାଣ୍ଡରେ ଅନୁଷ୍ଠିତ ଇଜିଏଟି କପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପିଠିରେ ସମସ୍ୟା ଲାଗି ୨୦୧୮ ସିଜନରେ ଅଧା ସମୟ ଦୂରେଇ ରହିଥିବା ମୀରାବାଈ ପ୍ରତ୍ୟାବର୍ତ୍ତନ ପରେ ଏହା ତାଙ୍କର ପ୍ରଥମ ପ୍ରତିଦ୍ୱନ୍ଦ୍ୱିତାମୂଳକ ପ୍ରତିଯୋଗିତା ଥିଲା। ୪୮ କି.ଗ୍ରା. ବର୍ଗରେ ସେ ଏହି ସଫଳତା ପାଇଛନ୍ତି। ଏହି ବର୍ଗରେ ମୀରାବାଈ ସ୍ନାଚ୍‌ରେ ୮୨କି.ଗ୍ରା. ଓ କ୍ଲିନ୍ ଆଣ୍ଡ୍ ଜର୍କରେ ୧୧୦ କି.ଗ୍ରା. ସହ ମୋଟ୍ ୧୯୨ କି.ଗ୍ରା. ଭାର ଉଠାଇଥିଲେ। ଚାନୁ ଗତବର୍ଷ ମଧ୍ୟ ବିଶ୍ୱ ଚାମ୍ପିୟନଶିପ୍ ସମେତ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସ ପ୍ରତିଯୋଗିତା ମଧ୍ୟ ମିସ୍ କରିଥିଲେ। ଶେଷଥର ପାଇଁ ଗୋଲ୍ଡକୋଷ୍ଟରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ଅଂଶଗ୍ରହଣ କରି ମୋଟ୍ ୧୯୬ (୮୬ +୧୧୦) କି.ଗ୍ରା. ଭାର ଉଠାଇ ସ୍ୱର୍ଣ୍ଣ ପଦକ ସଫଳତା ପାଇଥିଲେ। ଏହା ରାଜ୍ୟଗୋଷ୍ଠୀ କ୍ରୀଡ଼ା ସମେତ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଥିଲା।

ଜାତୀୟ କାୟାକିଂ, କାନୋଇଂ ଦଳରେ ଓଡ଼ିଶାର ୩

କଟକ ଅଫିସ, ୭।୨-ନ୍ୟୁଜିଲାଣ୍ଡର କେମ୍ବ୍ରିଜଠାରେ ଓସିଆନ କାନୋସ୍ପ୍ରିଣ୍ଟ ଜୁନିୟର ଚାମ୍ପିୟନଶିପ୍ ଆସନ୍ତା ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥି ନିମନ୍ତେ ଭାରତୀୟ କାୟାକିଂ, କାନୋଇଂ ସଂଘ ପକ୍ଷରୁ ଗୁରୁବାର ଘୋଷିତ ଜାତୀୟ ଦଳରେ ଓଡ଼ିଶାର ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ନାନୋ ମିତାଇ(ବାଳକ ବର୍ଗ), ଓନିମା ବିଦ୍ୟାପତି ଓ ହାରିଷା ଦେବୀ(ଉଭୟ ବାଳିକା ବର୍ଗ)। ନ୍ୟୁଜିଲାଣ୍ଡ ଗସ୍ତ ପୂର୍ବରୁ ଭୋପାଳଠାରେ ଜାତୀୟ ଦଳର ପ୍ରସ୍ତୁତି ଶିବିର ଅନୁଷ୍ଠିତ ହେବ। ନିକଟ ଅତୀତରେ ଭୋପାଳଠାରେ ଅନୁଷ୍ଠିତ ଜାତୀୟ ଜୁନିୟର ଓ ସବ୍‌ଜୁନିୟର କାୟାକିଂ, କାନୋଇଂ ଚାମ୍ପିୟନଶିପ୍‌ରେ ଓଡ଼ିଶା ସବ୍‌ଜୁନିୟର ବାଳକ ଦଳ ଚାମ୍ପିୟନ ହୋଇଥିବା ବେଳେ ଜୁନିୟର ବାଳିକା ଦଳ ରନର୍ସଅପ୍ ହୋଇଥିଲା। ଉପରୋକ୍ତ ୩ ଖେଳାଳି ଉଚ୍ଚକୋଟୀର ପ୍ରଦର୍ଶନ କରି ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ତିନି ଜଣଙ୍କୁ ଓଡ଼ିଶା କାୟାକିଂ ଓ କାନୋଇଂ ସଂଘ ସମ୍ପାଦକ ବିପିନ ଦାସ ଶୁଭେଚ୍ଛା ଜଣାଇଛନ୍ତି।

ସ୍ୱଳ୍ପ ବୟସ୍କ ଖେଳାଳି ଶୁବମନ ଗିଲ୍ ଓ ପୃଥ୍ୱୀ ଶ'ଙ୍କ ବର୍ତ୍ତମାନର ପ୍ରଦର୍ଶନକୁ ଦେଖିଲେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ମନେ ହେଉଛି।
– ସଚିନ ତେନ୍ଦୁଲକର, କ୍ରିକେଟ କିମ୍ବଦନ୍ତୀ

ଦୋହା ବିଶ୍ୱକପ୍‌ରେ ଅଂଶଗ୍ରହଣ କରି ଫେରିବା ପରେ ଦୀପା କର୍ମାକାର ପୁନର୍ବାର କଷ୍ଟସାଧ୍ୟ ପ୍ରୋଡୁନୋଭା ଭଲ୍ଟ ଟ୍ରେନିଂ ଆରମ୍ଭ କରିବେ।
– ବିଶେଶ୍ୱର ନନ୍ଦୀ, ଜିମ୍ନାଷ୍ଟିକ କୋଚ୍

■ ଜାମୁଝରୀ ଫୁଟ୍‌ବଲ ଟୁର୍ନାମେଣ୍ଟ

ପୋଡ଼ପଡ଼ା ଚାମ୍ପିୟନ

ଚାମ୍ପିୟନ ପୋଡ଼ପଡ଼ା ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ପୁରୁଣା ଭୁବନେଶ୍ୱର, ୭।୨ (ଡି.ଏନ୍.ଏ)

ଜଗଜ୍ଜୀବନ ରାମ ଆଦିବାସୀ ଜନକଲ୍ୟାଣ ଯୁବ ପରିଷଦ ଆନୁକୂଲ୍ୟରେ ୧୧ଶ ବାର୍ଷିକୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଜଟଣୀର ପୋଡ଼ପଡ଼ା କ୍ଲବ ୩-୦ ଗୋଲରେ ଭଗବତୀପୁରର କଣ୍ଟାବାଡ଼ କ୍ଲବକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଚାମ୍ପିୟନ ଦଳକୁ ୩ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସଅପ୍‌କୁ ୨ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଛତାବର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଷ୍ଣୁ ପ୍ରସାଦ ଡେଙ୍ଗ, ଜିଲା ଯୁବ ବିଜେଡି ଉପ ସଭାପତି କଣ୍ଟୁରି ଚରଣ ରାଉତରାୟ, ଅଭିନେତା ଓ ଗୀତିକାର ଦେବ ପାତ୍ର, ସାମାଜିକ କର୍ମୀ ସୁଶାନ୍ତ ସାହୁ, ପ୍ରିୟବ୍ରତ ପଣ୍ଡା, ମହିଳା ଫୁଟ୍‌ବଲର ସତ୍ୟବତୀ ଖଡ଼ିଆ ଓ ପୂର୍ଣ୍ଣିମା କୁଜୁର ଏବଂ ଆୟୋଜକ କ୍ଲବର କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ।

୨୩ ବର୍ଷରୁ କମ୍ ଓଡ଼ିଶା କ୍ରିକେଟ ଦଳ ଘୋଷିତ

କଟକ ଅଫିସ, ୭।୨

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ବରୋଦାଠାରେ ଫେବୃୟାରୀ ୧୪ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ୨୩ ବର୍ଷରୁ କମ୍ ପୁରୁଷ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଏଲିଟ ଗ୍ରୁପ-ବି' ମ୍ୟାଚ୍ ଖେଳାଯିବ। ପ୍ରତିଯୋଗିତାର ପ୍ରଥମ ଦୁଇଟି ମ୍ୟାଚ ନିମନ୍ତେ ଗୁରୁବାର ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ରାଜ୍ୟ ଦଳ ଘୋଷଣା କରାଯାଇଛି। ଓଡ଼ିଶା ୧୪ ତାରିଖରେ ଦିଲ୍ଲୀ ବିପକ୍ଷରେ ପ୍ରଥମ ଓ ୧୫ ତାରିଖରେ ବେଙ୍ଗଲ ବିପକ୍ଷରେ ଦ୍ୱିତୀୟ ମ୍ୟାଚ ଖେଳିବ।

ଓଡ଼ିଶା ଦଳ: ଦେବାଶିଷ ସାମନ୍ତରାୟ (ଅଧିନାୟକ), ସୌଭାଗ୍ୟ ମିଶ୍ର (ଉପଅଧିନାୟକ), ଅମ୍ରିତ ଖଟୁଆ, କାର୍ତ୍ତିକ ବିଶ୍ୱାଳ, କ୍ଷମାସାଗର ବଳ(ଉଇକେଟ କିପର), ଶୁଭମ ଶତ୍ରୁଜିତ, ଅନିଲ ପରିଡ଼ା, ଅବିନାଶ ନାୟକ, ଆଶିଷ ରାୟ, ସୌରଭ କନୌଜିଆ, ତାରିଣୀ ଶ', ପ୍ରୀତ କନୱର ସିଂ ଚୌହ୍ୱାନ, ରାହୁଲ ଚୌଧୁରୀ, ଜାମେଲା ଭଞ୍ଜନ ମହାପାତ୍ର, ପ୍ରଜ୍ୱଳ ଲାହା।

ବିଜୟ ଲକ୍ଷ୍ୟରେ ଭାରତ

ଅକ୍‌ଲାଣ୍ଡ,୭।୨(ପି.ଟି.)

ଶୁକ୍ରବାର ଦ୍ୱିତୀୟ ଟି୨୦ ମୁକାବିଲାରେ ଭାରତ ଓ ଘରୋଇ ନ୍ୟୁଜିଲାଣ୍ଡ ମୁହାଁମୁହିଁ ହେବେ। ଅକଲାଣ୍ଡର ଇଡେନ ପାର୍କରେ ଖେଳାଯିବାକୁଥିବା ଏହି ମ୍ୟାଚ୍‌ରେ ଭାରତ ଦୃଢ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି। ଓ୍ୱେଲିଂଟନରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭାରତ ୮୦ ରନରେ ପରାସ୍ତ ହୋଇଥିଲା। ରନ ଦୃଷ୍ଟିକୋଣରୁ ସର୍ବବୃହତ୍ ପରାଜୟବରଣ କରିଥିଲା। ନ୍ୟୁଜିଲାଣ୍ଡ ଓପନର ଟିମ ସେଇଫର୍ଟ ଚମତ୍କାର ପ୍ରଦର୍ଶନ କରି ଭାରତ ହାତରୁ ମ୍ୟାଚ୍ ଛଡାଇ ନେଇଥିଲେ। ଭାରତର ସବୁ ବୋଲର ସଂଘାତିକ ଭାବେ ବିଫଳ ହୋଇଥିଲେ। ଖଲିଲ ଅହମ୍ମଦ କିମ୍ବା ମହମ୍ମଦ ସିରାଜଙ୍କ ବଦଳରେ ସିଦ୍ଧାର୍ଥ କାଉଲଙ୍କୁ ଦଳରେ ସାମିଲ କରାଯାଇ ପାରେ। ସ୍ପିନର କୁନାଲ ପାଣ୍ଡ୍ୟା ଓ ୟୁଜବେନ୍ଦ୍ର ଚହଲ ସେତେଟା ଖରାପ ଖେଳି ନ ଥିଲେ ମଧ୍ୟ ଚାଇନାମ୍ୟାନ କୁଲଦୀପଙ୍କୁ ଦଳରେ ନିଆଯାଇପାରେ। ୯ ବ୍ୟାଟ୍ସମ୍ୟାନଙ୍କୁ ନେଇ ମଧ୍ୟ ଭାରତ ରନ୍ ଚେଜ୍ କରିପାରି ନ ଥିଲା। ପ୍ରଥମ ମ୍ୟାଚ୍‌ରେ ବିଫଳ ହୋଇଥିବା ରିଷଭ ପନ୍ତ କମାଲ କରିବା ଆଶା କରାଯାଉଛି। ସେ ବିଶ୍ୱକପ୍ ପାଇଁ ଦଳରେ ସ୍ଥାନ ପାଇବା ପାଇଁ ସଂଘର୍ଷ କରୁଛନ୍ତି। ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ୧-୦ରେ ପଛରେ ରହିଛି। ଫଳରେ ସିରିଜ ବଞ୍ଚାଇବା ପାଇଁ ଭାରତ କର ବା ମର ପରିସ୍ଥିତିର ସମ୍ମୁଖୀନ ହୋଇଛି।

ଅପରପକ୍ଷରେ ଦଳର ପ୍ରଦର୍ଶନରେ ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ଓ୍ୱିଲିୟମସନ ବେଶ୍ ଖୁସ୍ ଅଛନ୍ତି। ଅଭିଜ୍ଞ ଦ୍ରୁତ ବୋଲର ଟିମ୍ ସାଉଦି, ସ୍ପିନର ଇଶ୍ ସୋଧୀ ଓ ସାଣ୍ଟନର ପ୍ରଥମ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିଥିଲେ। ଦଳର ଓପନିଂ ଯୋଡି ମଧ୍ୟ କମାଲ କରିଥିଲେ। ଅଗ୍ରଣୀ ଥିବାରୁ ନ୍ୟୁଜିଲାଣ୍ଡ ଏହି ମ୍ୟାଚ୍ ଜିତି ସିରିଜ ହାତେଇ ଦିନିକିଆ ସିରିଜ ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି।

ଭାରତୀୟ ଦଳ: ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ, ରିଷଭ ପନ୍ତ, ଦୀନେଶ କାର୍ତ୍ତିକ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ, କୁନାଲ ପାଣ୍ଡ୍ୟା, କୁଲଦୀବ ଯାଦବ, ୟୁଜବେନ୍ଦ୍ର ଚହଲ, ଭୁବନେଶ୍ୱର କୁମାର, ସିଦ୍ଧାର୍ଥ କାଉଲ, ଖଲିଲ ଅହମ୍ମଦ, ଶୁବମନ ଗିଲ, ବିଜୟ ଶଙ୍କର, ହାର୍ଦ୍ଦିକ ପାଣ୍ଡ୍ୟା ଓ ମହମ୍ମଦ ସାମି।

ନ୍ୟୁଜିଲାଣ୍ଡ ଦଳ: କେନ୍ ଓ୍ୱିଲିୟମସନ (ଅଧିନାୟକ), ଡଗ୍ ବ୍ରାସୱେଲ୍, କଲିନ୍ ଡି ଗ୍ରାଣ୍ଡହୋମ, ଲୋକି ଫର୍ଗୁସନ, ସ୍କଟ କୁଗେଲେଜିନ୍, କଲିନ୍ ମୁନରୋ, ଡାରେଲ ମିଚେଲ, ମିଚେଲ ସାଣ୍ଟନର, ଟିମ୍ ସେଇଫର୍ଟ, ଟିମ୍ ସାଉଦି, ରସ୍ ଟେଲର, ବ୍ଲେୟାର ଟିକନର ଓ ଜେମ୍ସ ନିଶାମ।

ଆଜି ଦ୍ୱିତୀୟ ଟି୨୦
- ■ ସମୟ: ପୂର୍ବାହ୍ନ ୧୧.୩୦
- ■ ସ୍ଥାନ: ଅକ୍‌ଲାଣ୍ଡ, ଇଡେନ ପାର୍କ
- ■ ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ

ରାହାନେ ଅବଶିଷ୍ଟ ଭାରତ ଅଧିନାୟକ

ନୂଆଦିଲ୍ଲୀ, ୭।୨ (ପି.ଟି.)

ରଣଜୀ ଟ୍ରଫି ଚାମ୍ପିୟନ ବିଦର୍ଭ ବିପକ୍ଷ ଇରାନୀ କପ୍ ମ୍ୟାଚରେ ଟେଷ୍ଟ ଉପ ଅଧିନାୟକ ଅଜିଙ୍କ୍ୟ ରାହାନେ ଅବଶିଷ୍ଟ ଭାରତ ଦଳର ନେତୃତ୍ୱ ନେବେ। ଏହି ମ୍ୟାଚ ନାଗପୁରରେ ଫେବୃୟାରୀ ୧୨ ରୁ ୧୬ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏହାର ଦିନକ ପରେ ଓ୍ୱାୟାନାଡ୍‌ଠାରେ ଟେଷ୍ଟ ଓପନର କେ.ଏଲ୍. ରାହୁଲ ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦ୍ୱିତୀୟ ଅନ୍ ଅଫିସିଆଲ ଦ୍ୱିତୀୟ ଟେଷ୍ଟରେ ଭାରତ 'ଏ' ଦଳର ନେତୃତ୍ୱ ନେବେ।

ଅବଶିଷ୍ଟ ଭାରତୀୟ ଦଳରେ ବର୍ତ୍ତମାନ ଭାରତୀୟ ଦଳର କେତେଜଣ ଖେଳାଳି ସ୍ଥାନ ପାଇଛନ୍ତି। ରାହାନେଙ୍କ ବ୍ୟତୀତ ମୟଙ୍କ ଅଗ୍ରୱାଲଙ୍କ ଭଳି ସିନିୟର ଖେଳାଳିଙ୍କୁ ଦଳରେ ନିଆଯାଇଛି। ନିକଟରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ସେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ହନୁମା ବିହାରୀ, ଶ୍ରେୟାସ ଆୟାର, ଉଇକେଟ କିପର ଇଶାନ କିଷାନ ଏବଂ ଅଫ୍ ସ୍ପିନର କ୍ରିଷ୍ଣାପ୍ପା ଗୋଥାମଙ୍କୁ ମଧ୍ୟ ଏଥିରେ ସ୍ଥାନ ମିଳିଛି। ରଣଜୀ ଟ୍ରଫି ଫାଇନାଲରେ ଶତକ ହାସଲ କରିଥିବା ସୌରାଷ୍ଟ୍ର କିପର-ବ୍ୟାଟ୍ସମ୍ୟାନ ସ୍ନେଲ ପଟେଲ ଏବଂ ୫୦ରୁ ଅଧିକ ଉଇକେଟ ହାସଲ କରିଥିବା ବାମହାତୀ ସ୍ପିନର ଧର୍ମେନ୍ଦ୍ର ଜାଡେଜାଙ୍କୁ ମଧ୍ୟ ଦଳରେ ସ୍ଥାନ ମିଳିଛି। ରଣଜୀ ଟ୍ରଫିରେ ଭଲ ପ୍ରଦର୍ଶନ ପାଇଁ ଉତ୍ତର ପ୍ରଦେଶର ଅଙ୍କିତ ରାଜପୁତ୍, କର୍ନାଟକର ରୋନିତ୍ ମୋରେ, କେରଳର ସନ୍ଦୀପ ୱାରିୟର ଏବଂ ରାଜସ୍ଥାନର ବାମହାତୀ ତନଭୀର ଉଲ୍ ହକଙ୍କୁ ଅବଶିଷ୍ଟ ଭାରତ ଏକାଦଶ ପେସ୍ ବାହିନୀରେ ସାମିଲ କରାଯାଇଛି।

ଅବଶିଷ୍ଟ ଭାରତ ଏକାଦଶ: ଅଜିଙ୍କ୍ୟ ରାହାନେ (ଅଧିନାୟକ), ମୟଙ୍କ ଅଗ୍ରୱାଲ, ଅନ୍‌ମୋଲପ୍ରୀତ୍ ସିଂ, ହନୁମା ବିହାରୀ, ଶ୍ରେୟାସ ଆୟାର, ଇଶାନ କିଷାନ (ଉଇକେଟ କିପର), କ୍ରିଷ୍ଣାପ୍ପା ଗୋଥାମ, ଧର୍ମେନ୍ଦ୍ର ସିଂ ଜାଡେଜା, ରାହୁଲ ଚହର, ଅଙ୍କିତ ରାଜପୁତ, ତନଭୀର ଉଲ୍-ହକ୍, ରୋନିତ୍ ମୋରେ, ସନ୍ଦୀପ ୱାରିୟର, ରିଙ୍କୁ ସିଂ ଓ ସ୍ନେଲ ପଟେଲ।

ଭାରତ 'ଏ' ଦଳ: କେ.ଏଲ୍. ରାହୁଲ (ଅଧିନାୟକ), ଏ.ଆର୍. ଈଶ୍ୱରନ, ପ୍ରିୟଙ୍କ ପଞ୍ଚାଲ, ଅଙ୍କିତ ବାଓନେ, କରୁନ ନାୟାର, ରିକି ଭୁଇ, ସିଦ୍ଧେଶ ଲାଡ୍. କେ.ଏସ୍. ଭରତ (ଉଇକେଟ କିପର), ଶାହବାଜ ନଦିମ, ଜଲଜ ସାକ୍‌ସେନା, ମୟଙ୍କ ମାର୍କଣ୍ଡେ, ଶାର୍ଦ୍ଦୁଲ ଠାକୁର, ନବଦୀପ୍ ସଇନୀ ଓ ବରୁଣ ଆରୋନ।

ଆନ୍ତଃ ସ୍କୁଲ ୟୁନିଫାଏଡ ବାଳିକା ଫୁଟବଲ

ସଦ୍‌ଭାବନା ଚାମ୍ପିୟନ

ଭୁବନେଶ୍ୱର,୭।୨(ସ୍ପୋର୍ଟ୍ସ ବ୍ୟୁରୋ)

ଚାମ୍ପିୟନ ସଦ୍‌ଭାବନା ଦଳ ଅତିଥିଙ୍କ ସହ।

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ଆନ୍ତଃସ୍କୁଲ ୟୁନିଫାଏଡ ବାଳିକା ଫୁଟବଲ ଟୁର୍ନାମେଣ୍ଟରେ କେନ୍ଦୁଝରର ସଦ୍‌ଭାବନା ଚାମ୍ପିୟନ ହୋଇଛି। ଗୁରୁବାର ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ସଦ୍‌ଭାବନା ୨-୧ ଗୋଲରେ ବିଆରଏମ୍- ଆଶାକୁ ହରାଇ ଟାଇଟଲ ଜିତିଛି। ବିଜୟୀ ଦଳ ତରଫରୁ ରାଇମନି ମୁଣ୍ଡା ଓ ମୁକ୍ତା ମୁଣ୍ଡା ପ୍ରଥମାର୍ଦ୍ଧରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ତେବେ ବିଆରଏମ୍- ଆଶା ତରଫରୁ ବାସନ୍ତୀ ମୁଣ୍ଡା ଆନ୍ତିମ ମୁହୂର୍ତ୍ତରେ ଗୋଟିଏ ଗୋଲ ଦେଇ ପରାଜୟ ବ୍ୟବଧାନକୁ କମାଇଥିଲେ। ପ୍ରଥମ ଦୃଷ୍ଟିହୀନ ଓଏଏସ୍ ଅଧିକାରୀ ସନ୍ନ୍ୟାସ ବେହେରା ଅତିଥିଭାବେ ଯୋଗ ଦେଇ ଖେଳାଳି, କୋଚ୍ ଓ ଅଫିସିଆଲମାନଙ୍କୁ ମେଡାଲ ଓ ଟ୍ରଫି ପ୍ରଦାନ କରିଥିଲେ। ବେଟର ମ୍ୟାଟର ଫାଉଣ୍ଡେଶନର ଅନନ୍ୟା ପଟ୍ଟନାୟକ ଖେଳାଳିମାନଙ୍କୁ ଉପହାର ପ୍ରଦାନ କରିଥିଲେ। ସମ୍ପୂର୍ଣ୍ଣ ଇଭେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ମାଗ୍ନମ ଡିବି ଫାଉଣ୍ଡେଶନ, ତ୍ରିବେଣୀ ଆର୍ଥ ମୁଭର୍ସ, ଜେଡ୍ ଇଷ୍ଟେଟ୍ସ, ଗୁପ୍ତା ପାୱାର ଇନଫ୍ରାଷ୍ଟ୍ରକ୍ଚର ଓ ମୁମ୍ବାଇ ସ୍ଥିତ ଏସିଆନ ହାର୍ଟ ଇନଷ୍ଟିଚ୍ୟୁଟ୍‌ର ପ୍ରଦ୍ୟୋତ୍ ରଥ। ଆବୁଧାବିରେ ଖେଳାଯିବାକୁ ଥିବା ସ୍ୱତନ୍ତ୍ର ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସରେ ଭାଗ ନେବାକୁ ମନୋନୀତ ହୋଇଥିବା ରାଜଶ୍ରୀ ମହାପାତ୍ର ଓ ମୁକ୍ତା ମୁଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଓଡ଼ିଶା ସରକାର

ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଘୋଷଣା

ସଂଖ୍ୟା - ୧୦୦୮୬ ତା :୨୧।୧୨।୨୦୧୮

No. XXIII-03:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- କେଛୋବାହାଲ, ଥାନା- ବ୍ରଜରାଜନଗର, ତହସିଲ- ଝାରସୁଗୁଡ଼ା, ଜିଲ୍ଲା- ଝାରସୁଗୁଡ଼ାରେ ନିମ୍ନସୂଚିତ 'କ' ତପସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଲଇକେରାରୁ କେଛୋବାହାଲ ରେଳପଥ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୭୭୯, ତା୨୯।୦୧।୨୦୧୮ ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ, ମୌଜା- କେଛୋବାହାଲ, ଥାନା- ବ୍ରଜରାଜନଗର, ଜିଲ୍ଲା- ଝାରସୁଗୁଡ଼ାରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.jharsuguda.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.odisha.gov.in/revenueରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତପସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ଝାରସୁଗୁଡ଼ା ତହସିଲ- ଝାରସୁଗୁଡ଼ା

ଗ୍ରାମର ନାମ	ଗ୍ରାମାଞ୍ଚଳ/ସହରାଞ୍ଚଳ	ଖାତା ନଂ.	ପ୍ଲଟ୍ ନଂ.	କିସମ	ପ୍ଲଟ୍‌ର ମୋଟ ରକବା	ଅଧିଗ୍ରହଣ ହେବାକୁ ଥିବା ଜମିର ରକବା	ରୟତଙ୍କ ନାମ
୧	୨	୩	୪	୫	୬	୭	୮
କେଛୋବାହାଲ	ଗ୍ରାମାଞ୍ଚଳ	ଏଥିସହିତ ସଂଲଗ୍ନ	ଏଥିସହିତ ସଂଲଗ୍ନ	ଏଥିସହିତ ସଂଲଗ୍ନ	ଏଥିସହିତ ସଂଲଗ୍ନ	ଏ.୧୨.୬୯ ଡି	ଏଥିସହିତ ସଂଲଗ୍ନ

ତପସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ଝାରସୁଗୁଡ଼ା ତହସିଲ- ଝାରସୁଗୁଡ଼ା

| ଗ୍ରାମର ନାମ |

ମ୍ୟାଚର ବିଭିନ୍ନ ପରିସ୍ଥିତିରେ ଚାପକୁ ହାତେଇବାର କୌଶଳ ହାସଲ ଯୋଗୁ ବିଦର୍ଭ ଦଳ କ୍ରମାଗତ ଦ୍ୱିତୀୟ ଥର ପାଇଁ ରଣଜୀ ଟ୍ରଫି ଜିତିଛି ।
– ଚନ୍ଦ୍ରକାନ୍ତ ପଣ୍ଡିତ, ବିଦର୍ଭ କ୍ରିକେଟ ଦଳ କୋଚ୍

ଚିକିତ୍ସା ନିମିତ୍ତ ସାଇ ଅଫିସିଆଲମାନେ ଆର୍ଥିକ ସହାୟତା ମଞ୍ଜୁର କରିବାରେ ବିଳମ୍ବ କରୁଥିବାରୁ ମୋ କ୍ୟାରିୟର ପ୍ରତି ବିପଦ ଦେଖାଦେଇଛି ।
– ମନୋଜ କୁମାର, ଭାରତୀୟ ବକ୍ସର

ରଣଜୀ ଟାଇଟଲ ଜିତିଲା ବିଦର୍ଭ

ନାଗପୁର, ୭।୨(ପି.ଟି.)

ଭାରତୀୟ ଘରୋଇ କ୍ରିକେଟର ସବୁଠାରୁ ସମ୍ମାନଜନକ ପ୍ରତିଯୋଗିତା ରଣଜୀ ଟ୍ରଫିର ୮୫ତମ ସଂସ୍କରଣ ଗୁରୁବାର ଶେଷ ହୋଇଯାଇଛି। ବିଦର୍ଭ କ୍ରିକେଟ ଟିମ୍ ଲଗାତର ୨ୟ ଥର ଲାଗି ରଣଜୀ ଟ୍ରଫି ଟାଇଟଲ୍ ଜିତିବାର ସୌଭାଗ୍ୟ ଲାଭ କରିଛି। ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଘରୋଇ ବିଦର୍ଭ ୭୮ ରନରେ ତାରକା ଖଚିତ ସୌରାଷ୍ଟ୍ର ଟିମ୍‌କୁ ପରାସ୍ତ କରିଛି। ଗତବର୍ଷ ଦିଲ୍ଲୀକୁ ହରାଇ ବିଦର୍ଭ ପ୍ରଥମଥର ଲାଗି ରଣଜୀ ଟ୍ରଫି ଚାମ୍ପିୟନ ହୋଇଥିଲା।

ବିଦର୍ଭ ପକ୍ଷରୁ ଧାର୍ଯ୍ୟ ୨୦୬ ରନର ଟାର୍ଗେଟ୍‌କୁ ପିଛା କରିଥିବା ଜୟଦେବ ଉନାଡକଟ୍‌ଙ୍କ ସୌରାଷ୍ଟ୍ର ଦଳ ବୁଧବାର ୪ର୍ଥ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୫୮ ରନରେ ୫ ଉଇକେଟ୍ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଗୁରୁବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାରୁ ବିଦର୍ଭକୁ ବିଜୟ ଲାଗି ୫ ଉଇକେଟ୍ ଓ ସୌରାଷ୍ଟ୍ରକୁ ଆଉ ୧୪୮ ରନ ଆବଶ୍ୟକ ହେଉଥିଲା। ତେବେ ସୌରାଷ୍ଟ୍ର ନିଜ ପୂର୍ବଦିନର ଅସମାପ୍ତ ୨ୟ ଇନିଂସ ସ୍କୋରରେ ଆଉ ୬୯ ରନ୍ ଯୋଗ କରି ଅବଶିଷ୍ଟ ୫ ଉଇକେଟ ହରାଇ ପରାଜୟବରଣ କରିଥିଲା। ଭ୍ରମଣକାରୀ ସୌରାଷ୍ଟ୍ର ପକ୍ଷରୁ ବୈଷବରାଜ ଜାଡେଜା ସର୍ବାଧିକ ୫୨ ରନ କରିଥିଲେ। ତେବେ ଦଳର ଷ୍ଟାର୍ ବ୍ୟାଟ୍ସମ୍ୟାନ ଚେତେଶ୍ୱର ପୂଜାରା (୧ ଓ ୦) ମ୍ୟାଚ୍‌ର ଉଭୟ ଇନିଂସରେ ବିଫଳ ହେବା ସୌରାଷ୍ଟ୍ରକୁ ଅଧିକ ନିରାଶ କରିଥିଲା। ଚାମ୍ପିୟନ ବିଦର୍ଭ ପକ୍ଷରୁ ବାମହାତୀ ସ୍ପିନର ଆଦିତ୍ୟ ସରୱାଟେ ଉଭୟ ଇନିଂସରେ ଯଥାକ୍ରମେ ୫ ଓ ୬ ସହ ମ୍ୟାଚ୍‌ରେ ମୋଟ୍ ୧୫୭ ରନ ବ୍ୟୟରେ ୧୧ ଉଇକେଟ୍ ଅକ୍ତିଆର କରିଥିଲେ। ଏହା ତାଙ୍କର ପ୍ରଥମ ୧୦ ଉଇକେଟ୍ ସଫଳତା ଥିଲା। ଏହି ବାମହାତୀ ସ୍ପିନର ୨ୟ ଇନିଂସରେ ମଧ୍ୟ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ୪୯ ରନର ଇନିଂସ ଖେଳିଥିଲେ। ମ୍ୟାଚ୍ ବିଜୟୀ ସ୍କୋଲ୍ ଲାଗି ତାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ରଣଜୀ ଟ୍ରଫି ଚାମ୍ପିୟନ ବିଦର୍ଭ ଦଳ ଟ୍ରଫି ସହ।

ସଂକ୍ଷିପ୍ତ ସ୍କୋର

ବିଦର୍ଭ ପ୍ରଥମ ଇନିଂସ: ୩୧୨/ଅଲଆଉଟ (ଅକ୍ଷୟ କନୱର–୭୩*, ଉନାଡକଟ୍–୩/୫୪)।

ସୌରାଷ୍ଟ୍ର ପ୍ରଥମ ଇନିଂସ: ୩୦୭/ଅଲଆଉଟ(ସ୍ନେଲ ପଟେଲ–୧୦୨, ଆଦିତ୍ୟ ସରୱାଟେ– ୫/୯୮)।

ବିଦର୍ଭ ୨ୟ ଇନିଂସ: ୨୦୦/୧୦ (ସରୱାଟେ–୪୯, ଧର୍ମେନ୍ଦ୍ର ଜାଡେଜା–୬/୯୬)।

ସୌରାଷ୍ଟ୍ର ୨ୟ ଇନିଂସ: ୫୮.୪ ଓଭରରେ ୧୨୭/ଅଲଆଉଟ, (ବୈଷବରାଜ –୫୨, ଧର୍ମେନ୍ଦ୍ର–୧୭, କମଲେଶ ମାକଭାନ–୧୪, ପୂଜାରା–୦, ସରୱାଟେ– ୬/୫୯)।

ସଂକ୍ଷେପରେ

ବିଦର୍ଭ ରଣଜୀ ଦଳକୁ ୩ କୋଟି

ମୁମ୍ବାଇ, ୭।୨ (ପି.ଟି.)-ବିଦର୍ଭ କ୍ରିକେଟ ଆସୋସିଏଶନ (ଭିସିଏ) ଏହାର ରଣଜୀ ଟ୍ରଫି ବିଜୟୀ ଦଳ ପାଇଁ ଗୁରୁବାର ୩କୋଟି ଟଙ୍କା ପୁରସ୍କାର ଘୋଷଣା କରିଛି। ସୌରାଷ୍ଟ୍ର ବିପକ୍ଷ ଫାଇନାଲରେ ୭୮ ରନରେ ବିଜୟ ସହ ବିଦର୍ଭ ଦଳ କ୍ରମାଗତ ଦ୍ୱିତୀୟ ଥର ପାଇଁ ରଣଜୀ ଟ୍ରଫି ହାସଲ କରିଛି। ଭିସିଏ ସଭାପତି ଆନନ୍ଦ ଜଇସ୍ୱାଲ କହିଛନ୍ତି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୨ କୋଟି ଟଙ୍କା ପରେ ଆମେ ଆହୁରି ୩ କୋଟି ଟଙ୍କା ଦେବାକୁ ଥିବାରୁ ମୋଟ ପୁରସ୍କାର ରାଶି ୫ କୋଟି ଟଙ୍କାରେ ପହଞ୍ଚିଛି।

କ୍ୱାର୍ଟରରେ ହାରିଲା ଓଡ଼ିଶା

କଟକ ଅଫିସ, ୭।୨: କେରଳର କୋଲାମଠାରେ ଚାଲିଥିବା ୯ମ ଜାତୀୟ ଜୁନିୟର ବାଳିକା ହକି ଚାମ୍ପିୟନଶିପ(ଡିଭିଜନ-ଏ)ର କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ପରାସ୍ତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛି। ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ୦-୩ ଗୋଲରେ ମିଜୋରାମଠାରୁ ହାରିଯାଇଛି।

କିଟ୍ ପ୍ରିମିୟର ଲିଗ୍

ଭୁବନେଶ୍ୱର, ୭।୨(କ୍ରୀଡ଼ା ପ୍ରତିନିଧି): କିଟ୍ ପ୍ରିମିୟର ଲିଗ୍‌ର ତୃତୀୟ ଦିବସ ଗୁରୁବାର ୩ଟି ମ୍ୟାଚ୍‌ର ଫଳାଫଳ ମିଳିଛି। ପ୍ରଥମ ମ୍ୟାଚ୍‌ରେ ଭୋପାଳର ବର୍କତୁଲ୍ଲା ବିଶ୍ୱବିଦ୍ୟାଳୟ ୭ ଉଇକେଟରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଜେଏନ୍‌ଟିୟୁ ହାଇଦ୍ରାବାଦ ୩୪ ରନ୍‌ରେ ରେଭେନ୍‌ଶାକୁ ଏବଂ ତୃତୀୟ ମ୍ୟାଚ୍‌ରେ ଫରିଦାବାଦର ଅଲ୍-ଫଲା ବିଶ୍ୱବିଦ୍ୟାଳୟ ୧୫ ରନ୍‌ରେ ମହାଶୂର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି।

ଫାଇନାଲରେ ପ୍ରଗତି

ଭୁବନେଶ୍ୱର, ୭।୨(କ୍ରୀଡ଼ା ପ୍ରତିନିଧି): ଲିଟିଲ ଷ୍ଟାର୍ସ କ୍ରିକେଟ ଲିଗ୍‌ର ଦ୍ୱିତୀୟ ସେମିଫାଇନାଲରେ ଗ୍ରୀନ୍ସ ଏକାଡେମୀକୁ ୩୩ ରନରେ ହରାଇ ପ୍ରଗତି ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ପ୍ରଗତି ନିର୍ଦ୍ଧାରିତ ୪୦ ଓଭରରେ ୫ ଉଇକେଟ ହରାଇ ୧୧୦ ରନ କରିଥିଲା। ଜବାବରେ ଗ୍ରୀନ୍ସ ୩୫ ଓଭରରେ ସମସ୍ତ ଉଇକେଟ ହରାଇ ୭୭ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର କୁବେର ସାହୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଶୁକ୍ରବାର ସହିଦ ସ୍ପୋର୍ଟିଂ ଓ ପ୍ରଗତି ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ।

ଥାଇଲାଣ୍ଡକୁ ହରାଇଲା ଭାରତ

ଫେଡ୍ କପ୍

ଅଷ୍ଟାନା (କାଜାଖସ୍ତାନ), ୭।୨ (ପି.ଟି.)

ଫେଡ୍ କପ୍ ଉଦ୍‌ଘାଟନୀ ମ୍ୟାଚରେ ଭାରତ ଗୁରୁବାର ୨–୧ରେ ଏହାଠାରୁ ନିମ୍ନ ର୍ୟାଙ୍କିଙ୍ଗପ୍ରାପ୍ତ ଥାଇଲାଣ୍ଡକୁ ହରାଇ ଦେଇଛି। ଅଙ୍କିତା ରାଇନା ତାଙ୍କର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ମ୍ୟାଚରେ ବିଜୟ ଲାଭ କରି ଭାରତକୁ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପ୍ରଥମ ସିଙ୍ଗଲ୍ସରେ କର୍ମନ କୌର ଥାଣ୍ଡି ୨–୬, ୬–୩, ୩–୬ରେ ନୁଡିଣ୍ଡା ଲଙ୍ଗନମ୍‌ଙ୍କଠାରୁ ହାରିଯାଇଥିଲେ। ମାତ୍ର ଦ୍ୱିତୀୟ ସିଙ୍ଗଲ୍ସରେ ଭାରତର ନମ୍ବର ୱାନ ମହିଳା ସିଙ୍ଗଲ୍ସ ଖେଳାଳି ଅଙ୍କିତା ଥାଇଲାଣ୍ଡର ପିଆଙ୍ଗଟରନ ପ୍ଲିପଚ୍‌ଙ୍କୁ ୬–୭ (୩), ୬–୨, ୬–୪ ସେଟ୍‌ରେ ପରାସ୍ତ କରିଥିଲେ। ଫଳରେ ସ୍କୋର ୧–୧ ସ୍ତରକୁ ଚାଲି ଆସିଥିଲା। ନିର୍ଣ୍ଣାୟକ ତଥା ଡବଲ୍ସ ମ୍ୟାଚ ପାଇଁ ଅଧିନାୟକ ବିଶାଲ ଉପୁଲ ଦୁଇ ସିଙ୍ଗଲ୍ସ ଖେଳାଳିଙ୍କୁ ଖେଳାଇଥିଲେ। ଅଙ୍କିତା ଓ କର୍ମନ ୨ ଘଣ୍ଟା ଓ ୩୮ ମିନିଟ ସଂଘର୍ଷ କରିବା ପରେ ଥାଇଲାଣ୍ଡର ପିଆଙ୍ଗଟରନ ଓ ନୁଡିଣ୍ଡା ଯୋଡ଼ିକୁ ୬–୪, ୬–୭ (୬), ୭–୫ ସେଟ୍‌ରେ ହରାଇ ଦେଇଥିଲେ।

ଟପ୍ ୧୦୦ରୁ ଖସିଲା ଭାରତ

ଫିଫା ର୍ୟାଙ୍କିଙ୍ଗ୍

ନୂଆଦିଲ୍ଲୀ, ୭।୨ (ପି.ଟି.)

ଗୁରୁବାର ପ୍ରକାଶିତ ଫିଫା (ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଆସୋସିଏଶନ୍ସ) ର୍ୟାଙ୍କିଙ୍ଗ ତାଲିକାରେ ଭାରତ ଟପ୍ ୧୦୦ରୁ ତଳକୁ ଖସି ଆସିଛି। ନିକଟରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ହୋଇଯାଇଥିବା ଏଏଫ୍‌ସି ଏସିଆନ୍ କପ୍ ଗ୍ରୁପ୍ ଲିଗ୍‌ରେ ପଛକୁ ପଛ ପରାଜୟ ଦ୍ୱାରା ଭାରତକୁ ଏହି ଦଶା ଭୋଗିବାକୁ ପଡ଼ିଛି। ସୁନୀଲ ଛେତ୍ରୀଙ୍କ ନେତୃତ୍ୱାଧୀନ ଦଳ ୧୨୧୯ ପଏଣ୍ଟ ସହ ଫିଫା ର୍ୟାଙ୍କିଙ୍ଗ୍‌ରେ ୬ ସ୍ଥାନ ତଳକୁ ଖସି ୧୦୩ ତମ ସ୍ଥାନରେ ରହିଛି। ଭାରତ ଆହୁରି ମଧ୍ୟ ଏଏଫ୍‌ସି (ଏସିଆନ ଫୁଟ୍‌ବଲ କନଫେଡେରେଶନ) ର୍ୟାଙ୍କିଙ୍ଗ ତାଲିକାର ଟପ୍ ୧୬ରୁ ତଳକୁ ଖସି ଆସି ୧୮ତମ ସ୍ଥାନକୁ ଚାଲି ଆସିଛି।

ଆଜି ଚେନ୍ନାଇ ବନାମ ଆରୋଜ୍

ଆଇ-ଲିଗ୍ ଫୁଟ୍‌ବଲ

ଭୁବନେଶ୍ୱର, ୭।୨(କ୍ରୀଡ଼ା ପ୍ରତିନିଧି)

ଚେନ୍ନାଇ ସିଟି ଏଫ୍‌ସି ଓ ଇଣ୍ଡିଆନ ଆରୋଜ୍ ମଧ୍ୟରେ ଚଳିତ ଆଇ ଲିଗ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଘରୋଇ ପରିବେଶରେ ଖେଳୁଥିବା ଆରୋଜ୍ ପୂର୍ବ ମ୍ୟାଚ୍‌ରେ ଏଠାରେ ଗତଥରର ଚାମ୍ପିୟନ ମିନର୍ଭା ପଞ୍ଜାବକୁ ହରାଇଥିବାରୁ ଆଗାମୀ ମ୍ୟାଚ୍‌ରେ ମଧ୍ୟ ସେହି ପ୍ରଦର୍ଶନ ବଜାୟ ରଖି ଆଉ ଏକ ବିପର୍ଯ୍ୟୟ ସୃଷ୍ଟି ଲକ୍ଷ୍ୟରେ ରହଛି। ଅନ୍ୟପକ୍ଷରେ ଦୀର୍ଘଦିନ ଧରି ପଏଣ୍ଟ ଟେବୁଲର ଶୀର୍ଷରେ ରହି ଏବେ ଦ୍ୱିତୀୟ ସ୍ଥାନକୁ ଖସିଥିବା ଚେନ୍ନାଇ ସିଟି ବିଜୟ ହାସଲ ସହ ପୁଣି ଶୀର୍ଷକୁ ଉଠିବା ଆଶା ରଖିଛି। ମ୍ୟାଚ୍ ଅପରାହ୍ନ ୨ଟାରେ ଆରମ୍ଭ ହେବ।

ଆଇ–ଲିଗ୍ ଚଳିତ ସଂସ୍କରଣର ଉଦ୍‌ଘାଟନୀ ମ୍ୟାଚ୍‌ରେ ଉଭୟ ଦଳ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ସ୍ପାନିଶ୍ ସ୍ପିପର ପେଦ୍ରୋ ମାନ୍‌ଜିଙ୍କ ହ୍ୟାଟ୍ରିକ ବଳରେ ଚେନ୍ନାଇ ୪–୧ ଗୋଲରେ ଆରୋଜ୍‌କୁ ପରାସ୍ତ କରିଥିଲା। ଚଳିତ ଲିଗ୍‌ରେ ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଥିବା ମାଞ୍ଜି ସ୍କୋରିଂଧାରା ବଜାୟ ରଖି ୧୩ଟି ଗୋଲ ଦେଇସାରିଥିବାରୁ ଆରୋଜ୍ ପାଇଁ ମଧ୍ୟ ବିପଜ୍ଜନକ ସାବ୍ୟସ୍ତ ହେବା ସମ୍ଭାବନା ରହିଛି। ତେଣୁ ତାଙ୍କ ଉପରେ ଆରୋଜ୍‌ର ନଜର ରହିବ। ଅନ୍ୟପକ୍ଷରେ ସଜନ ଆରମ୍ଭ ମ୍ୟାଚ୍‌ରେ ପରାଜିତ ହେବା ପରେ ଆରୋଜ୍ ସଫଳ ପ୍ରତ୍ୟାବର୍ତ୍ତନ କରି ୧୬ ପଏଣ୍ଟ ହାସଲ ସହ ଟେବୁଲର ୭ମ ସ୍ଥାନ ଅଧିକାର କରିଛି। ୧୬ ମ୍ୟାଚ୍‌ରୁ ୧୦ଟିରେ ପରାଜିତ ହୋଇଥିଲେ ହେଁ ୧ ଡ୍ର ଓ ୫ ବିଜୟ ସହ ଶ୍ରେଷ୍ଠ ପ୍ରଦର୍ଶନର ରେକର୍ଡ କରିଛି।

ଷ୍ଟାର୍କ ବାଦ୍, ମାର୍ଶ, ସିଡ୍‌ଲେଙ୍କୁ ଅଣଦେଖା

ମେଲବୋର୍ନ, ୭।୨(ପି.ଟି.)

ଚଳିତ ମାସ ୨୪ରୁ ଘରୋଇ ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ସୀମିତ ଓଭର ବିଶିଷ୍ଟ ସିରିଜ ଲାଗି ଗୁରୁବାର ଅଷ୍ଟ୍ରେଲିଆ କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ମାଂସପେଶୀଜନିତ ଆଘାତ କାରଣରୁ ଅଭିଜ୍ଞ ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କଙ୍କୁ ଏହି ଗସ୍ତରୁ ବାଦ୍ ଦିଆଯାଇଛି। ଆରୋନ୍ ଫିଞ୍ଚଙ୍କ ନେତୃତ୍ୱରେ ଘୋଷିତ ୧୬ ଜଣିଆ ଦଳରୁ ୧୨ଜଣ ଖେଳାଳି ଗତମାସରେ ଭାରତ ବିପକ୍ଷରେ ଘରୋଇ ମାଟିରେ ଖେଳାଯାଇଥିବା ସିରିଜରେ ଅଂଶଗ୍ରହଣ କରିଥିଲେ। ଅଷ୍ଟ୍ରେଲିଆ ଗସ୍ତରେ ଭାରତ ଦିନିକିଆ ସିରିଜକୁ ୨–୧ରେ ଜିତିଥିବାବେଳେ ଟି୨୦ ସିରିଜ ୧–୧ରେ ଡ୍ର' ରଖିଥିଲା।

ଷ୍ଟାର୍କଙ୍କ ସ୍ଥାନରେ କେନ୍ ରିଚାର୍ଡଶନଙ୍କୁ ଦଳରେ ସାମିଲ କରାଯାଇଛି। ସେହିଭଳି ପିଠିଜନିତ ସମସ୍ୟା ଦେଇ ଗତି କରୁଥିବା ଅନ୍ୟତମ ଦ୍ରୁତ ବୋଲର ଜୋଶ୍ ହାଜେଲଉଡ୍‌ଙ୍କୁ ମଧ୍ୟ ଭାରତ ବିପକ୍ଷ ଆଗାମୀ ସିରିଜରେ ସ୍ଥାନ ମିଳିନାହିଁ। ପିଟର ସିଡ୍‌ଲେ ଓ ଅଲ୍‌ରାଉଣ୍ଡର ମିଚେଲ ମାର୍ଶଙ୍କୁ ମଧ୍ୟ ଏହି ସିରିଜରୁ ଅଣଦେଖା କରାଯାଇଛି। ୨୦୧୦ ପରେ ଭାରତ ବିପକ୍ଷ ସିରିଜରେ ନିକଟରେ ପ୍ରତ୍ୟାବର୍ତ୍ତନ କରିଥିବା ସିଡଲ ୩ଟି ଦିନକଆରେ ୧୬୨ ରନ୍ ବ୍ୟୟ କର ମାତ୍ର ୨ଟ ଉଇକେଟ୍ ନେଇଥିଲେ। ସିନିୟର ବ୍ୟାଟ୍ସମ୍ୟାନ ଶନ୍ ମାର୍ଶ ପିତୃତ୍ୱ ଲାଭ କରିଥିବାରୁ ବିଳମ୍ବରେ ଭାରତରେ ପହଞ୍ଚିବେ ବୋଲି ଜଣାପଡ଼ିଛି। ଅଷ୍ଟ୍ରେଲିଆ କ୍ରିକେଟ ଦଳ ଚଳିତ ମାସର ୩ୟ ସପ୍ତାହରେ ଭାରତ ଗସ୍ତରେ ଆସି ଘରୋଇ ଦଳ ବିପକ୍ଷରେ ୨ଟି ଟି୨୦ ଓ ୫ଟି ଦିନିକିଆ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଦୁଇଟି ଟି୨୦ ଯଥାକ୍ରମେ ଫେବୃୟାରୀ ୨୪ ଓ ୨୭ରେ ବିଶାଖାପାଟଣା ଓ ବେଙ୍ଗାଲୁରୁରେ ଖେଳାଯିବ। ଏହାପରେ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍ ମାର୍ଚ୍ଚ ୨ରେ ହାଇଦ୍ରାବାଦ୍‌ରେ ଅନୁଷ୍ଠିତ ହେବ।

ଅଷ୍ଟ୍ରେଲିଆ ଟି୨୦ ଓ ଦିନିକିଆ ଦଳ: ଆରୋନ୍ ଫିଞ୍ଚ (ଅଧିନାୟକ), ପ୍ୟାଟ୍ କୁମିନ୍ସ, ଆଲେକ୍ସ କେରୀ, ଜାସନ ବେହରେନଡ୍ରଫ୍, ନାଥନ କୋଲ୍ଟର–ନାଇଲ୍, ପିଟର୍ ହ୍ୟାଣ୍ଡସ୍କମ୍ବ, ଉସମାନ ଖ୍ୱାଜା, ନାଥନ ଲିୟନ, ଶନ୍ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, ଜୟ ରିଚାର୍ଡଶନ, କେନ୍ ରିଚାର୍ଡଶନ, ଡି' ଆର୍ଚି ଶର୍ଟ, ମାର୍କସ ଷ୍ଟୋଇନିସ, ଆଷ୍ଟନ ଟର୍ନର ଓ ଆଡାମ ଜାମ୍ପା।

DSPL-389

ଜାତୀୟ କୃମିନାଶ ଦିବସ

୮ ଫେବୃଆରୀ, ୨୦୧୯ (ଶୁକ୍ରବାର)

ଏହିଦିନ ୧ -୧୯ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ନିରାପଦ କୃମି ନାଶକ ଔଷଧ ବିନାମୂଲ୍ୟରେ ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲ ମାନଙ୍କରେ ଖାଇବାକୁ ଦିଆଯିବ । ଅଙ୍ଗନୱାଡି କେନ୍ଦ୍ରରେ ପଞ୍ଜୀକୃତ ହୋଇନଥିବା କିମ୍ବା ବିଦ୍ୟାଳୟ ଯାଉନଥିବା ପିଲାମାନଙ୍କୁ ମଧ୍ୟ ଏହି ଔଷଧ ଖାଇବାକୁ ଦିଆଯିବ ।

ଏହା ସହିତ ନିମ୍ନ ପ୍ରଦତ୍ତ ଉପାୟ ଦ୍ୱାରା ନିଜକୁ କୃମି ସଂକ୍ରମଣରୁ ରକ୍ଷା କରନ୍ତୁ ।

ଏଣୁ, ସମସ୍ତ ପିଲାଙ୍କୁ (୧-୧୯ ବର୍ଷ) ତା ୮ ଫେବୃଆରୀ ୨୦୧୯ ରିଖରେ କୃମିନାଶକ ଔଷଧ ନିଶ୍ଚୟ ଖୁଆଇ ସେମାନଙ୍କୁ ପୁଷ୍ଟିହୀନତା, ରକ୍ତହୀନତାରୁ ଦୂରେଇ ରଖିବା ସହିତ ସେମାନଙ୍କ ମାନସିକ ତଥା ଶାରୀରିକ ଅଭିବୃଦ୍ଧିରେ ସହାୟକ ହୁଅନ୍ତୁ ।

ଧ୍ୟାନ ଦିଅନ୍ତୁ :
ଅନୁଗୁଳ,ଭଦ୍ରକ,ଗଞ୍ଜାମ ଓ ନୟାଗଡ଼ ଜିଲ୍ଲା ବ୍ୟତୀତ ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାରେ ୧ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯିବ । ତା ୮-୨-୨୦୧୯ ରିଖରେ ବାଦ୍ ପଡିଥିବା ପିଲାମାନେ ତା ୧୪-୨-୨୦୧୯ ରିଖରେ କୃମିନାଶକ ଔଷଧ ଖାଇପାରିବେ ।

ଅଧିକ ସୂଚନା ପାଇଁ ଆଶାଦିଦି /ଅଙ୍ଗନୱାଡି କର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

10003/13/0103/1819
facebook.com/HFWOdisha http://www.health.odisha.gov.in/ @HFWOdisha

"ଫାଇଲେରିଆ ନିରାକରଣ ଅଭିଯାନ-୨୦୧୯"

ଅନୁଗୁଳ,ଭଦ୍ରକ,ଗଞ୍ଜାମ ଓ ନୟାଗଡ ଜିଲ୍ଲାରେ

ସାମୁହିକ ଔଷଧ ସେବନ

୮ ଫେବୃଆରୀ (ଶୁକ୍ରବାର)

DSPL-390

ଫାଇଲେରିଆ ବା ବାତଜ୍ୱର (ଗୋଦର) ନିରାକରଣ ନମନ୍ତେ ଚଳିତ ବର୍ଷ ଫେବୃଆରୀ ୮ ତାରିଖରେ ରାଜ୍ୟର ୪ଟି ବାତଜ୍ୱର ପ୍ରବଣ ଜିଲ୍ଲା ଯଥା-ଅନୁଗୁଳ,ଭଦ୍ରକ, ଗଞ୍ଜାମ ଓ ନୟାଗଡ ଜିଲ୍ଲାରେ ଫାଇଲେରିଆ ପ୍ରତିରୋଧକ ଡି.ଇ.ସି. ଓ ଆଲବେଣ୍ଡାଜଲ ବଟିକା ସେବନ ବ୍ୟବସ୍ଥା କରାଯାଇଛି ।

- ଆଶାକର୍ମୀ କିମ୍ବା ସ୍ୱେଚ୍ଛାସେବୀମାନେ ଘରକୁ ଘର ଯାଇ ବିନା ମୂଲ୍ୟରେ ଔଷଧ ଖୁଆଇବେ ।
- କେବଳ ଗର୍ଭବତୀ ମହିଳା,୨ ବର୍ଷରୁ କମ୍ ବୟସର ଶିଶୁ, ଗୁରୁତର ଅସୁସ୍ଥ ବ୍ୟକ୍ତି ଏହି ବଟିକା ଖାଇବେ ନାହିଁ ।
- ଯଦି କୌଣସି କାରଣବଶତଃ ପ୍ରଥମ ଦିନ ଏହି ବଟିକା ଖାଇପାରିନଥିବେ,ତେବେ ପରବର୍ତ୍ତି ଦୁଇଦିନ ଅର୍ଥାତ୍ ୯ ଓ ୧୦ ତାରିଖରେ ଆଶାକର୍ମୀ କିମ୍ବା ସ୍ୱେଚ୍ଛାସେବୀମାନେ ଘରକୁ ଘର ଯାଇ ଔଷଧ ଖୁଆଇବେ ।

ଫାଇଲେରିଆ ପ୍ରତିରୋଧକ ବଟିକା ସେବନ କରି ଫାଇଲେରିଆ ନିରାକରଣ ଅଭିଯାନକୁ ସଫଳ କରାନ୍ତୁ ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା
10003/13/0104/1819

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୮/୨୦୧୯ Bhubaneswar, Friday, February 8/2019

■ ସକାଳ ଧୂପ-ଭୋଗ ମଣ୍ଡପ ଏକାଠି ଉଠିବା ଯୋଜନା

ଟିକେଟ ଦର୍ଶନ ପାଇଁ ଭିତିରିଆ ଷଡ଼ଯନ୍ତ୍ର

ପୁରୀ ଅଫିସ,୭।୨

ମନ୍ଦିର ପ୍ରଶାସନର ଅସ୍ୱୀକାର



ଶ୍ରୀମନ୍ଦିର ପ୍ରଶାସନ ଏକାଠି ସକାଳ ଧୂପ ଏବଂ ଭୋଗ ମଣ୍ଡପ ଉଠାଇବା ଲାଗି ଯୋଜନା କରୁଛି। ଗତ ୨୯ ତାରିଖରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା ହୋଇଛି। ହଠାତ୍ ଏଭଳି ଯୋଜନା ପଛରେ ଭିତିରିଆ ଷଡ଼ଯନ୍ତ୍ର ରହିଥିବା ଚର୍ଚ୍ଚା ହେଉଛି। ଟିକେଟ ଦର୍ଶନକୁ ଆଖି ଆଗରେ ରଖି ମନ୍ଦିର ପ୍ରଶାସନ ଏଭଳି ନିଷ୍ପତ୍ତି ନେବାକୁ ଯାଉଥିବା ଆଲୋଚନା କରାଯାଉଛି। କିନ୍ତୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଭଳି ଚର୍ଚ୍ଚାକୁ ଅସ୍ୱୀକାର କରାଯାଇଛି। ଭକ୍ତଙ୍କ ହିତ ଏବଂ ନୀତିକାନ୍ତିକୁ ଶୃଙ୍ଖଳିତ କରିବା ଲାଗି ପ୍ରାଥମିକ ପର୍ଯ୍ୟାୟରେ ଏଭଳି ଆଲୋଚନା କରାଯାଇଥିବା କୁହାଯାଇଛି।

ଶ୍ରୀମନ୍ଦିର ପ୍ରଶାସନ ଟିକେଟ ଦର୍ଶନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ଏହି ଦର୍ଶନ ଦୈନିକ ୩ରୁ ୪ଥର ହେବ। ଟିକେଟ ଦର୍ଶନଧାରୀ ଭିତରକାଠରୁ ଦର୍ଶନ କରିବେ। ତେଣୁ ସମୟ ଅଭାବ ହେବ। ଏହି ସମୟ ଆଡଜଷ୍ଟ କରିବା ଲାଗି ମନ୍ଦିର ପ୍ରଶାସନ ସକାଳ ଧୂପ ଏବଂ ଭୋଗ ମଣ୍ଡପ ଏକ ସାଙ୍ଗରେ କରିବାକୁ ଯୋଜନା କରୁଥିବା ଚର୍ଚ୍ଚା ହେଉଛି, ଯାହାକି ପରମ୍ପରା ବିରୋଧୀ ବୋଲି ଅନେକେ କହିବା ସହ ଏ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସଂକ୍ରାନ୍ତରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ସବୁ ପରମ୍ପରାକୁ ବଜାୟ ରଖି ନୀତି ପରିଚାଳନା କଲେ ସମସ୍ତଙ୍କର ଗ୍ରହଣୀୟ ହେବ।

ଏ ସମ୍ପର୍କରେ ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି, ସକାଳ ଧୂପ ସହିତ ଭୋଗ ମଣ୍ଡପ ଏକାଠି ଉଠିବା ଶ୍ରୀମନ୍ଦିର ପାଇଁ ନୂଆ ନୁହେଁ। ୨୦୦୨ ମସିହାରେ ପ୍ରାୟ ବର୍ଷେରୁ ଅଧିକ ସମୟ ଧରି ଆଲୋଚନା ମାଧ୍ୟମରେ ସକାଳଧୂପ ଏବଂ ଭୋଗ ମଣ୍ଡପ ଏକାଠି ଉଠୁଥିଲା। ଯେହେତୁ ଶ୍ରୀମନ୍ଦିର ଆଇନରେ ଏ ନେଇ ସଂଶୋଧନ ଆସି ନ ଥିଲା ପରବର୍ତ୍ତୀ ସମୟରେ ଏହା ବନ୍ଦ ହୋଇଯାଇଥିଲା। ସ୍ୱତନ୍ତ୍ର ପର୍ବପର୍ବାଣି ତଥା ଗହଳି ଦିନମାନଙ୍କରେ ଭୋଗ ମଣ୍ଡପରେ ବହୁ ପରିମାଣର ଭୋଗ ତୋଳା ଯାଇଥାଏ। ଏହି ଭୋଗ ତୋଳିବା ପାଇଁ ପ୍ରାୟ ୨ ଘଣ୍ଟା ସମୟ ଲାଗିଯାଏ। ଭୋଗମଣ୍ଡପ ଏକାଠି ଉଠାଇଲେ ଧୂପ ସରିବା ପାଇ ଯେଉ ୧ ଘଣ୍ଟା ସମୟ ଲାଗେ ସେହ ସମୟ ଭିତରେ ପ୍ରାୟ ଅର୍ଦ୍ଧାଧିକ ଭୋଗ ତୋଳା ଯାଇପାରିବ। ଏଥିପାଇଁ ଠାକୁରଙ୍କ ମଇଲମ ଓ ବେଶ ନ ହେବାର କୌଣସି ପ୍ରଶ୍ନ ଉଠୁନାହିଁ। ସକାଳ ଧୂପ ସରିବା ପରେ ଯଥାରୀତି ମହାପ୍ରଭୁଙ୍କର ମଇଲମ ଏବଂ ବେଶ ହୋଇସାରିଲା ପରେ ଭୋଗ ମଣ୍ଡପ ପୂଜା ବସିବ। ସକାଳ ଧୂପ ଏବଂ ଭୋଗମଣ୍ଡପ ଏକାଠି ନ ଉଠୁଥିବାରୁ ଧୂପ ସରିବା ପରେ ମଇଲମ ଏବଂ ବେଶ ହୋଇ ଠାକୁର ପ୍ରାୟ ୪୫ ମିନିଟ୍ ବସି ରୁହନ୍ତି। ଏହାପରେ ଭୋଗ ମଣ୍ଡପ ପୂଜା ହୋଇଥାଏ। ଯେଉଁ ସମୟ ନଷ୍ଟ ହେଉଛି ତାହାକୁ ପୂରଣ କରିବା ପାଇଁ ଏଭଳି ନିଷ୍ପତ୍ତି ହୋଇଛି। ଏହି ଯୋଜନା ପଛରେ ଟିକେଟ ଦର୍ଶନ ଥିବା ନେଇ ଯେଉଁ ଅଭିଯୋଗ ହେଉଛି ତାହାକୁ ପୂଜାପଣ୍ଡା ଅସ୍ୱୀକାର କରିଛନ୍ତି। ୨୦୦୨ରେ ପରିମାଣିକ ଟିକେଟ ଦର୍ଶନ ଥିଲା। କିନ୍ତୁ ବର୍ତ୍ତମାନ ଯେଉଁଭଳି ଦର୍ଶନ ପାଇଁ ଆଲୋଚନା କରାଯାଉଛି ସେଭଳି ନ ଥିଲା ବୋଲି ସେ କହିଛନ୍ତି।

■ ଜାଲ୍ କାଗଜପତ୍ରରେ ଜମି ବିକ୍ରି

ଆସେଣ୍ଡ ବିଲ୍ଡର୍ସର ଦୁଇ ନିର୍ଦ୍ଦେଶକ ଗିରଫ

ଭୁବନେଶ୍ୱର,୭।୨ (ବ୍ୟୁରୋ)

ଜମିର କାଗଜପତ୍ରକୁ ଜାଲିଆତି କରି ଅନ୍ୟଜଣଙ୍କୁ ବିକ୍ରି କରିଥିଲା ବିଲ୍ଡର ସଂସ୍ଥା। ଏହି ଘଟଣାରେ ୮.୪୦ଲକ୍ଷ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଗୁରୁବାର ଦୁଇ ଜଣଙ୍କୁ ଭୁବନେଶ୍ୱରରୁ ଗିରଫ କରିଛି। ସେମାନେ ହେଲେ ଆସେଣ୍ଡ କ୍ରିଏଶନ ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଚନ୍ଦ୍ରଶେଖର ପତି(୫୧) ଓ ନିର୍ଦ୍ଦେଶକ ନିରଞ୍ଜନ ପତି(୫୫)। ଇଓଡବ୍ଲ୍ୟୁ ସେମାନଙ୍କୁ କେସ୍ ନଂ-୩/୧୯ ଦଫା ୪୨୦, ୪୦୬ରେ କଟକ ଓପିଆଇଡି କୋର୍ଟକୁ ଚାଲାଣ କିରିଛି।

ଅଭିଯୋଗ ଅନୁସାରେ, ୨୦୧୨ରେ ଉକ୍ତ ବିଲ୍ଡର ସଂସ୍ଥା ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଥିବା ତାରିଣୀ ରଞ୍ଜନ ସାହୁଙ୍କୁ ଘଙ୍ଗାପାଟଣା ମୌଜାରେ ୪ ହଜାର ବର୍ଗଫୁଟ ଜମି ଦେବାକୁ କହିଥିଲା। ସଂସ୍ଥା ନାମରେ ସେଠାରେ ଜମି ନ ଥିବାବେଳେ କାଗଜପତ୍ର ଜାଲିଆତି କରି ୮.୪୦ଲକ୍ଷ ଟଙ୍କାରେ ତାରିଣୀ ରଞ୍ଜନଙ୍କୁ ବିକ୍ରି କରାଯାଇଥିଲା। ତାରିଣୀ ରଞ୍ଜନଙ୍କ ପୁଅ ଦେବାଶିଷଙ୍କ ନାମରେ ଜମି ରେଜିଷ୍ଟ୍ରେଶନ ହୋଇଥିଲା। ହେଲେ ତାରିଣୀ ଉକ୍ତ ଜମିର କାମଜପତ୍ର ଟିକ୍‌ନିଖି ପରଖିବା ପରେ ତାହା ଜାଲ୍ ଥିବା ଜାଣି ଟଙ୍କା ଫେରାଇବାକୁ କହିଥିଲେ ମଧ୍ୟ ସଂସ୍ଥା କିଛି ଶୁଣି ନ ଥିଲା। ଶେଷରେ ସେ ହାଇକୋର୍ଟରେ ଏକ ପିଟିଶନ କରିଥିଲେ। କୋର୍ଟ ଏହି ମାମଲାର ତଦନ୍ତ କରିବାକୁ ଇଓଡବ୍ଲ୍ୟୁକୁ ନିର୍ଦ୍ଦେଶ ଦେଇଥିଲେ।

ଡିଡି ଓଡ଼ିଆରେ 'ବୈଦେହୀଶ ବିଳାସ'

ଭୁବନେଶ୍ୱର,୭।୨(ବ୍ୟୁରୋ)



ରୀତିଯୁଗୀୟ ମହାକବି କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସର୍ବଶ୍ରେଷ୍ଠ ସାରସ୍ୱତ ମହାକାବ୍ୟ 'ବୈଦେହୀଶ ବିଳାସ'ର ବିଭିନ୍ନ ପ୍ରସଙ୍ଗ ଉପରେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ପକ୍ଷରୁ ସ୍ୱତନ୍ତ୍ର ଆଲୋଚନାଧର୍ମୀ କାର୍ଯ୍ୟକ୍ରମ 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାସ' ପ୍ରସାରଣ ହେବ। ଏହି କାର୍ଯ୍ୟକ୍ରମରେ 'ବୈଦେହୀଶ ବିଳାସ'ର 'ବୈ' ଠାରୁ 'ସ' ପର୍ଯ୍ୟନ୍ତ ୭ଟି ଅକ୍ଷରକୁ ନେଇ ୭ଟି ପ୍ରସଙ୍ଗରେ ଓଡ଼ିଶାର ଲବ୍ଧପ୍ରତିଷ୍ଠିତ ଭଞ୍ଜ ସାହିତ୍ୟ ଗବେଷକମାନେ ତଥ୍ୟ ଓ ତତ୍ତ୍ୱଭିତ୍ତିକ ଆଲୋଚନା କରିବେ। ବୈଦେହୀଶ ବିଳାସରେ ଯଥାକ୍ରମେ ବୈଶିଷ୍ଟ୍ୟମୟୀ ବୈଦେହୀ, ଦେବୋତ୍ତମ ରାଘବ, ହିତାଦର୍ଶ ଓ ମର୍ଯ୍ୟାଦା, ଶବ୍ଦ ଓ ସଂଳାପ, ବିଚିତ୍ର କବିତ୍ୱ, ଲାବଣ୍ୟମୟୀ ପ୍ରକୃତି ତଥା ସରସ ସଙ୍ଗୀତର ପ୍ରସାରଣ କରାଯିବ। ଆସନ୍ତା ଫେବୃୟାରୀ ୧୦ ତାରିଖ ଶ୍ରୀପଞ୍ଚମୀ ତିଥିରୁ ଏହା ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ରାତି ୧୦ଟାରେ ଡିଡି ଓଡ଼ିଆରେ ପ୍ରସାରଣ ହେବ। ସେହିଭଳି କାର୍ଯ୍ୟକ୍ରମର ପୁନଃ ପ୍ରସାରଣ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୮ଟା ୩୦ରେ କରାଯିବ ବୋଲି ଦୂରଦର୍ଶନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ନୀଳାଦ୍ରିମୋହନ ଶତପଥୀଙ୍କ ପରିକଳ୍ପନା ଓ ମାର୍ଗଦର୍ଶନରେ ଏହା ପ୍ରସ୍ତୁତ ହୋଇଥିବା ବେଳେ କାର୍ଯ୍ୟକ୍ରମର ପ୍ରଯୋଜନା କରିଛନ୍ତି ମାନିନୀ ସାହୁ। 'ବୈଦେହୀଶ ବିଳାସ'ର କାଳଜୟୀ ବାର୍ତ୍ତାକୁ ଲୋକାଭିମୁଖୀ କରିବା ନିମନ୍ତେ ଦୂରଦର୍ଶନ, ଭୁବନେଶ୍ୱରର ଏହା ଏକ ଅଭିନବ ପ୍ରୟାସ ବୋଲି ଦର୍ଶକ ଅନୁସନ୍ଧାନ ଅଧିକାରୀ ପ୍ରାଣବନ୍ଧୁ ବେହେରା କହିଛନ୍ତି।

ନାବାଳିକାଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

କଟକ ସଦର, ୭।୨ (ଡି.ଏନ୍.ଏ.)

ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରିବା ଅଭିଯୋଗରେ କନ୍ଦରପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ କିଶୋରନଗର ଥାନା ବୋଧପୁର ଗ୍ରାମର ସୁମନ୍ତ ସେଠୀ(୨୦)। ଥାନାରେ ଦଫା ୩୬୩, ୩୬୬(କ), ୩୭୬(୨) ଅନୁଯାୟୀ ଏକ ମାମଲା(ନଂ.୧୫/୧୯) ରୁଜୁ ହୋଇଛି। ଏଥିସହ କଟକସ୍ଥିତ ଜେଏମଏଫସିରେ ୧୬୪ ଧାରାରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି। ପରେ କଟକ ବଡ ଡାକ୍ତରଖାନାରେ ଉଭୟଙ୍କର ଡାକ୍ତରୀମାଇନା କରାଯାଇଥିଲା। ପୋଲିସ ସୂତ୍ରରୁ ପ୍ରକାଶ, କନ୍ଦରପୁର ଥାନା ଅଞ୍ଚଳର ଉକ୍ତ ନାବାଳିକାଙ୍କୁ ସୁମନ୍ତ ଏକ ସପ୍ତାହ ତଳେ ଅପହରଣ କରି ନିଜ ଘରେ ରଖି ବଳାତ୍କାର କରିଥିଲେ। ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କ ଘର ଉପରେ ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଗତିରାଉତପାଟଣାସ୍ଥିତବସୁନ୍ଧରାରେ ଛାଡିଥିଲା। ପରେ ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶକ୍ରମେ ନାବାଳିକାଙ୍କୁ ପରିବାର ଲୋକ ଜିମା ଦିଆଯାଇଛି।

2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପେଟଟା ଭୋକରେ ବ୍ୟାକୁଳ ହେଉଥିବା ବେଳେ କେହି ଜ୍ଞାନ ଚର୍ଚ୍ଚା କରିପାରିବେ ନାହିଁ।
- ଜର୍ଜ ଇଲିଅଟ

ସଂକ୍ଷେପରେ

ହାଇୱା ସହ ବୁଲେଟ ଧକ୍କା : ଜଣେ ମୃତ

ସାଲେପୁର, ୭।୨ (ଡି.ଏନ୍.ଏ): କଟକ ଚାନ୍ଦବାଲି ରାସ୍ତାର ସାଲେପୁର ଥାନା ଅଧୀନ ନାନ୍ଦୋଳ ପେଟ୍ରୋଲ୍ ପମ୍ପ ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ହାଇୱା ପଛରେ ବୁଲେଟ୍ ପିଟି ହୋଇଯାଇଛି। ଫଳରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଦୁଇଜଣ ଗୁରୁତର ହୋଇଛନ୍ତି । ମୃତକ ଜଣକ ହେଲେ ସାଲେପୁର ବ୍ଲକ୍ ମଧକଛ ପଞ୍ଚାୟତ ଅନ୍ତର୍ଗତ ଆତୋଡ଼ା ଗ୍ରାମର ପ୍ରମୋଦ କୁମାର ନାୟକ ପୁତ୍ର ପ୍ରଦୀପ ନାୟକ (୨୧)। ପ୍ରଦୀପ, ଜଗଦିଶ ଜେନା (୧୮) ଓ ବିଶ୍ୱଜିତ୍ ରାଉତ (୨୮) ଏକ ବୁଲେଟ୍‌ରେ ସାଲେପୁରରୁ ଆତୋଡ଼ାକୁ ଫେରୁଥିଲେ। ନାନ୍ଦୋଳଠାରେ ଏକ ହାଇୱା ପଛରେ ବୁଲେଟ୍ ପିଟି ହୋଇଯିବାରୁ ସେମାନେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କଟକ ବଡ଼ଡାକ୍ତରଖାନା ପଠାଇଥିଲେ। ସେଠାରେ ପ୍ରଦୀପଙ୍କ ମୃତ୍ୟୁ ଘଟିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।

ମାଗଣା ଚକ୍ଷୁ ଚିକିତ୍ସା ଶିବିର

ସାଲେପୁର, ୭।୨ (ଡି.ଏନ୍.ଏ): ସାଲେପୁର ବ୍ଲକ୍ ଅନ୍ତର୍ଗତ ଓଡ଼ାସିଂହ ପଞ୍ଚାୟତ ତିଳିଦାସ୍ଥିତ କେନ୍ଦୁମୂଳ ମାର୍କେଟରେ ଗୁରୁବାର ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଅନୁଷ୍ଠାନ ରେନ୍‌ବୋ ଓ ରୋଟାରୀ ଚକ୍ଷୁ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ୧୦୬ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୬ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ରୋଟାରୀ ପଠାଇଦିଆଯାଇଛି। ରେନ୍‌ବୋ ସଭାନେତ୍ରୀ ପ୍ରୀତି ଜେନା, ସମ୍ପାଦିକା ଦେବଜାନୀ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଡାକ୍ତର ପ୍ରଶାନ୍ତ ମହାନ୍ତି, ଅର୍ଚ୍ଚନା ମହାନ୍ତି, ପ୍ରଭାମୟୀ ବୁରା ପ୍ରମୁଖ ଉପସ୍ଥିତ ରହି ଚକ୍ଷୁ ଚିକିତ୍ସା କରିଥିଲେ। କାର୍ଯ୍ୟକ୍ରମକୁ ବିକାଶ କୁମାର ମିଶ୍ର, ଏସ୍.କେ ଅବୁଲ୍ ଜସିମ୍, ଏସ୍.କେ ରାଜା ଅଲ୍ଲୀ, ଏସ୍.କେ. ଇଜାମୁଲ୍ ହଗ୍, ଏସ୍.କେ. ରିଜୁନ୍ ଅଲ୍ଲୀ, ଏସ୍.କେ. ଆୟୁଯୁଦିନ୍, ଏସ୍.କେ. ତାରିକ୍ ଓ ଅବଦୁଲ୍ ରେହେମାନ ପ୍ରମୁଖ ପରିଚାଳନା କରିଥିଲେ।

ଉଜ୍ଜ୍ୱଳ ଉତ୍‌ଥାନ କାର୍ଯ୍ୟକ୍ରମ ଉଦ୍‌ଯାପିତ

ନରସିଂହପୁର,୭।୨(ଡି.ଏନ୍.ଏ.): ନରସିଂହପୁର ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡିକରେ ୪ ଦିନ ଧରି ଚାଲିଥିବା ଉଜ୍ଜ୍ୱଳ ଓ ଉତଥାନ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ନରସିଂହପୁର ନିଜିଗଡ ବାଳିକା ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜନ କାର୍ଯ୍ୟକ୍ରମରେ ୪୫ ଜଣ ପ୍ରଶିକ୍ଷାର୍ଥୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷଣ ଅଭିବୃଦ୍ଧି କାର୍ଯ୍ୟକ୍ରମ, ସାହିତ୍ୟ, ଇଂଲିଶ୍, ଗଣିତ ଓ ଭାଷା ଉପରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ସୌମ୍ୟାଶ୍ରୀ ପଣ୍ଡା ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ସାଧନ କର୍ମୀ ଯୋଗେଶ୍ୱର ମିଶ୍ର, ସରୋଜ କୁମାର ବାରିକ, ଅରୁନ୍ଧତି ରଥ ଓ ଧର୍ମାନନ୍ଦ ସାହୁ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ ।

ବୈଜୟନ୍ତଙ୍କ ନିଶ୍ଚିନ୍ତକୋଇଲି ଗସ୍ତ

ନିଶ୍ଚିନ୍ତକୋଇଲି,୭।୨(ସ୍ୱ.ପ୍ର.): କେନ୍ଦ୍ରାପଡ଼ାର ପୂର୍ବତନ ଏମପି ବୈଜୟନ୍ତ ପଣ୍ଡା ଗୁରୁବାର ନିଶ୍ଚିନ୍ତକୋଇଲି ଗସ୍ତରେ ଆସିଥିଲେ। ପୂର୍ବରୁ ସେ ହେଲିକାପ୍ଟର ଯୋଗେ ଆସୁଥିବା ବେଳେ ଏବେ ସେ ସଡ଼କ ପଥରେ ଆସିଛନ୍ତି । ଏହି ଅବସରରେ ସେ କଟରପଡା,ସରପଡା ଓ ନିଶ୍ଚିନ୍ତକୋଇଲି ପଞ୍ଚାୟତ ବୁଲି ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିଛନ୍ତି। ପଣ୍ଡା କଟରପଡା ପଞ୍ଚାୟତର ପକ୍ଷାଘାତ ରୋଗୀ ରଙ୍ଗାଧର ସାମଲଙ୍କୁ ଭେଟିବା ସହ ସରପଡା ପଞ୍ଚାୟତର ପ୍ରସନ୍ନ ମଲିକ ଓ ମମତା ମଲିକଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ। ଏଥିସହ ସ୍ୱର୍ଗତ ନାରାୟଣ ଦାସଙ୍କ ଏକାଦଶରେ ଯୋଗ ଦେଇଥିଲେ। ତାଙ୍କ ଏ ଗସ୍ତ ସମୟରେ ଜିଲାପରିଷଦ ସଭ୍ୟ ଜାହିର ମହମ୍ମଦ, ଯୁବନେତା ପ୍ରଫୁଲ ସ୍ୱାଇଁ. ଛାତ୍ର ନେତା ଅଚ୍ୟୁତାନନ୍ଦ ଲେଙ୍କା, ଭାଜପା ନେତ୍ରୀ ବିଷ୍ଣୁପ୍ରିୟା ସାହୁ ଓ ଦିଲୀପ ଦାଶ ପ୍ରମୁଖ ଯୋଗ ଦେଇଥିଲେ।

■ ନବନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତାଙ୍କୁ ଅଟକାଇବାର ପ୍ରତିବାଦ

ଥାନା ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ

ବଡ଼ମ୍ବା, ୭।୨(ଡି.ଏନ.ଏ.)

ଚାଷୀମାନେ ବଡ଼ମ୍ବା ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

■ ବଡ଼ମ୍ବା-ନରସିଂହପୁର ମୁଖ୍ୟରାସ୍ତାରେ ପ୍ରତିବାଦ ସଭା

■ ଆଇନ ଶୃଙ୍ଖଳା ଦୃଷ୍ଟିରୁ ପୋଲିସ ଫୋର୍ସ ମୁତୟନ

ପ୍ରାଇସ, ପ୍ରେଷ୍ଟିଜ ଓ ପେନସନ ଦାବିରେ ନବନିର୍ମାଣ କୃଷକ ସଂଗଠନର ଡାକରାରେ ବୁଧବାର ବଡମ୍ବା ବ୍ଲକର ଚାଷୀମାନେ ଭୁବନେଶ୍ୱରରେ ଅନୁଷ୍ଠିତ ସମାବେଶରେ ଯୋଗଦେବାକୁ ଯାଉଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଏହାର ପ୍ରତିବାଦରେ ଗୁରୁବାର କୃଷକ ସଂଗଠନର କର୍ମୀମାନେ ବଡ଼ମ୍ବା ହାଟ ନିକଟସ୍ଥ ଆଡ଼ିଆ ମହାଦେବଙ୍କ ମନ୍ଦିରରୁ ଶୋଭାଯାତ୍ରାରେ ବାହାରି ବଡ଼ମ୍ବା ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଅତିରିକ୍ତ ତହସିଲଦାର ସୁରଥଚନ୍ଦ୍ର ରାଉତ ଏବଂ ଜିଲା ଅତିରିକ୍ତ ଆରକ୍ଷୀ ଅଧିକାରୀ ନୃସିଂହଚରଣ ସ୍ୱାଇଁ ଥାନା ସମ୍ମୁଖରେ ପୂର୍ବରୁ ସଦଳବଳ ଉପସ୍ଥିତ ଥିଲେ। ଏହାଛଡା ବଡ଼ମ୍ବାର ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ୪ ପ୍ଲାଟୁନ ପୋଲିସ ଫୋର୍ସ, ୮ଜଣ ଆଇଆଇସି ,୧୫ଜଣ ସବ ଇନ୍‌ସ୍ପେକ୍ଟର,୧୮ଜଣ ଏଏସଆଇଙ୍କ ସମେତ ବହୁ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା।

ଏହି ଅବସରରେ ସଂଗଠନ ତରଫରୁ ପ୍ରଥମେ ଥାନା ମୁଖ୍ୟ ଫାଟକ ସମ୍ମୁଖରେ ଓ ପରେ ବଡ଼ମ୍ବା-ନରସିଂହପୁର ମୁଖ୍ୟ ସଡ଼କ ପଥ ଉପରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ସଭାରେ ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଚିତ୍ରାନନ୍ଦ ପଣ୍ଡା ଏବଂ ବ୍ଲକ୍ ସହ ସଂଯୋଜକ ବାପିନ ବାରିକ ପ୍ରମୁଖ ଯୋଗଦେଇ ସରକାରଙ୍କ ଚାଷୀ ମାରଣ ନୀତି ଏବଂ ପୋଲିସ ଜୁଲମକୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାରେ ରାଧାଶ୍ୟାମ ଲେଙ୍କା,ବିପିନି ସାହୁ, ସରୋଜ ନାୟକ, ଗଦାଧର ବିଶ୍ୱାଳ, ବୈଷ୍ଣବ ବିଶ୍ୱାଳ ଓ ସୁଦାମ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଚାଷୀମାନଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ମତବ୍ୟକ୍ତ ହୋଇଥିଲା। ଅପରାହ୍ନ ୩ଟା ବେଳେ ଏହି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ମହିଳାଙ୍କୁ ଅସଦାଚରଣ ଅଭିଯୋଗ: ଯୁବକ ଗିରଫ

ସାଲେପୁର, ୭।୨ (ଡି.ଏନ୍.ଏ)

ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ସାଲେପୁର ଥାନା ଜପକୁଦ ଫାଣ୍ଡି ଅଧୀନ ଭୀଭାଦାସପୁର ପଞ୍ଚାୟତର ଜଣେ ଯୁବକଙ୍କୁ ଗୁରୁବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଆଲୋକ ମଲ୍ଲିକ (୨୫)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଶିଶୁଆ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଗତ ଜାନୁୟାରୀ ୩୧ରେ ରାତି ପ୍ରାୟ ୯ଟା ବେଳେ ଆଲୋକ ଏହି ପଞ୍ଚାୟତର ଜଣେ ବିବାହିତ ମହିଳାଙ୍କ ଘରକୁ ଯାଇ ତାଙ୍କ ସହ ଅସଦାଚରଣ କରିଥିଲେ। ଏହି ସମୟରେ ମହିଳାଙ୍କ ଝିଅ ପାଟି କରିବାରୁ ପଡ଼ିଶା ଲୋକ ଚାଲି ଆସିଥିଲେ। ଲୋକଙ୍କୁ ଦେଖି ଆଲୋକ ସମ୍ପୃକ୍ତ ମହିଳାଙ୍କୁ କାମୁଡ଼ି ଦେଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଏନେଇ ମହିଳା ଜଣକ ଜପକୁଦ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ମାମଲା (ନଂ ୨୬/୧୯) ରୁଜୁ ହୋଇଥିଲା। ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିଲା। କୌଣସି ସୂତ୍ରରୁ ଖବର ପାଇ ଜପକୁଦ ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦକ୍ଷିଣ କବାଟ ପଟୁଆ ହାଟ ନିକଟରୁ ଆଲୋକଙ୍କୁ ଗିରଫ କରିଥିଲେ।

ବାଙ୍କୀର ନୂତନ ରାଜାଙ୍କ ସିଂହାସନ ଆରୋହଣ

ବାଙ୍କୀ ରାଜା ଓ ରାଣୀଙ୍କ ଅଭିଷେକ କରାଯାଉଛି।

ବାଙ୍କୀ, ୭।୨ (ସ୍ୱ.ପ୍ର.)

ବାଙ୍କୀର ସ୍ୱର୍ଗତ ରାଜା ସାମନ୍ତ ନାରାୟଣ ଶ୍ରୀଚନ୍ଦନ ମହାପାତ୍ରଙ୍କ ଅନ୍ତେ ତାଙ୍କର ଜ୍ୟେଷ୍ଠପୁତ୍ର ଦୁର୍ଗାମାଧବ ଶ୍ରୀଚନ୍ଦନ ମହାପାତ୍ର ଗୁରୁବାର ବିଧିବଦ୍ଧ ଭାବେ ସିଂହାସନ ଆରୋହଣ କରିଛନ୍ତି। ସେ ବାଙ୍କୀର ୨୯ତମ ରାଜାଭାବେ ଗାଦିନସୀନ ହୋଇଛନ୍ତି। ଏହି ଅବସରରେ ରାଜବାଟୀରେ ଏକସ୍ୱତନ୍ତ୍ର ଅଭିଷେକ ଓ ପାଟଶାଢ଼ୀ ବନ୍ଧା ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜା ଦୁର୍ଗାମାଧବ ଓ ରାଣୀ ପଦ୍ମିନୀ ଦେବୀଙ୍କୁ ଅଭିଷେକ କରାଯାଇଥିଲା। ବୈଦ୍ୟେଶ୍ୱର ମଠର ମହନ୍ତ ବିଶ୍ୱମ୍ଭର ଦାସ, ପାଣିକୋରଡ଼ ମଠର ମହନ୍ତ ରାମଚରଣ ଦାସ, ବୋଲଗଡ଼ ମଠର ମହନ୍ତ ସ୍ୱାମୀ ଗିରିଜା ନନ୍ଦ ସରସ୍ୱତୀ ଓ ରଣପୁର ଗଡ଼ର ମହନ୍ତ ରାମଚନ୍ଦ୍ର ଦାସ ପ୍ରମୁଖ ଏହି ରାଜାଭିଷେକ କାର୍ଯ୍ୟ କରିଥିଲେ। ରାଜଗୁରୁ ଭବାନୀ ଶଙ୍କର ମହାପାତ୍ର, ସେନାପତି ବକ୍ସି ସୁଧାଂଶୁ ଶେଖର ପଟ୍ଟନାୟକ, ପୁରୋହିତ ସୁଶାନ୍ତ କୁମାର ମିଶ୍ର, ରାଜବିଧି ଅନୁଯାୟୀ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଭିଷେକ ପରେ ପାଣିକୋରଡ ମଠର ପ୍ରଭୁ ନୃସିଂହ ନାଥ ଦେବଙ୍କୁ ଦୋଳବେଦୀରେ ଅଣାଯାଇ ରାଜବାଟୀରେ ସ୍ଥାପନ କରାଯାଇଥିଲା। ପରେ ରାଜା ମା'କନକ ଦୁର୍ଗା, ଚୈତନ୍ୟଦେବଙ୍କ ଓ ମା'ଚର୍ଚ୍ଚିକାଙ୍କ ପୀଠକୁ ଯାଇ ଦର୍ଶନ କରିଥିଲେ। ଏନେଇ ଆୟୋଜିତ ଶୋଭାଯାତ୍ରାରେ ରାଜାଙ୍କ କନିଷ୍ଠ ଭ୍ରାତା ଶୁଭେନ୍ଦୁ ଟିକାୟତ, ଜିତେନ୍ଦ୍ର ଦେଓ ଓ ଶୈଳେନ୍ଦ୍ର ଦେଓଙ୍କ ସମେତ ପାଣିକୋରଡ଼ ମଠର କୀର୍ତ୍ତନ ଦଳ, ଚର୍ଚ୍ଚିକା ବାଦ୍ୟକାର, ଦୁର୍ଗାପୁର ଓ ବାଙ୍କୀ ସହରର ବହୁ ଜନସାଧାରଣ ଯୋଗଦେଇଥିଲେ।

୨ୟ ଦିନରେ ପହଞ୍ଚିଲା ଶିକ୍ଷକ ସଂଘ ଧାରଣା

ନରସିଂହପୁର,୭।୨(ଡି.ଏନ୍.ଏ.)

ଧାରଣାରେ ବସିଥିବା ଶିକ୍ଷକ ସଂଘର ସଦସ୍ୟମାନେ।

ବକେୟା ପ୍ରାପ୍ୟ ପ୍ରଦାନ ଦାବିରେ ନରସିଂହପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ନୂତନ ପେନସନ ଯୋଜନା ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ଧାରଣା ଗୁରୁବାର ୨ୟ ଦିନରେ ପହଞ୍ଚିଛି। ବ୍ଲକରେ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ୩୩୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଏହି ଧାରଣାରେ ସାମିଲ ହୋଇଛନ୍ତି। କାର୍ଯ୍ୟରତ ୪୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ୧୪ ମାସର ବକେୟା ଦରମା ବାବଦକୁ ଆଲ୍‌ଟମେଣ୍ଟ ଆସିଥିଲେ ମଧ୍ୟ ତାହା ଶିକ୍ଷକମାନଙ୍କୁ ଦିଆଯାଇନାହିଁ । ଏନେଇ ଶିକ୍ଷକ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଧାରଣା ସ୍ଥଳରେ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର ଧାରଣା ସ୍ଥଳରେ ପହଞ୍ଚି ଏହାର ସମାଧାନ ପାଇଁ ଚେଷ୍ଟା କରିଥିଲେ। ପରେ ବ୍ଲକ ଶିକ୍ଷା ଅଧିକାରୀ ସୌମ୍ୟାଶ୍ରୀ ପଣ୍ଡା କର୍ମଚାରୀମାନଙ୍କୁ ନିୟୋଜିତ କରାଇ ସମସ୍ତ ବିଲ ଚିଠାକୁ ସଂଶୋଧନ କରି ଟ୍ରେଜେରିକୁ ପଠାଇଥିଲେ। ମାତ୍ର ଅଧିକାରୀଙ୍କ ଅନୁପସ୍ଥିତ ଥିବାରୁ ବିଲ୍ ଚିଠାଗୁଡିକ ତଦାରଖ ହେବାରେ ବିଳମ୍ବ ହୋଇଛି। ଏ ସମ୍ପର୍କରେ ଶିକ୍ଷକ ସଂଘର ସଭାପତି ଲକ୍ଷ୍ମୀଧର ବେହେରା କହିଛନ୍ତି, ବକେୟା ପ୍ରାପ୍ୟ ଆମର ବ୍ୟାଙ୍କ ଖାତାରେ ଜମା ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ପଣ୍ଡା କହିଛନ୍ତି, ଟ୍ରେଜେରି ସହ କଥାବାର୍ତ୍ତା ହେବାପରେ ଉକ୍ତ ୪୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଇବାକୁ ଥିବା ବକେୟା ପ୍ରାପ୍ୟ ସମ୍ପର୍କିତ ବିଲ୍ ଚିଠା ପଠାଇ ଦିଆଯାଇଛି। ଏହାସତ୍ତ୍ୱେ ସେମାନେ ଧାରଣା ଜାରି ରଖିଲେ। ମୁଁ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରିପାରିବି ନାହିଁ ।

ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସ୍ୱନକ୍ଷତ୍ର ଦିବସ ପାଇଁ ପ୍ରସ୍ତୁତି

ନେମାଳ,୭।୨(ଡି.ଏନ.ଏ)

ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ସ୍ୱନକ୍ଷେତ୍ର ଦିବସ ଓ ଅଷ୍ଟପ୍ରହରୀ ନାମଯଜ୍ଞ ପାଇଁ ପ୍ରସ୍ତୁତି ପର୍ବ ଚୂଡାନ୍ତ ପର୍ଯ୍ୟାୟରେ ପହଁଞ୍ଚିଛି । ଫେବୃୟାରୀ ୧୫ରେ ଶୁଭାଧିବାସ, ୧୬ରେ ସ୍ୱନକ୍ଷେତ୍ର ଦିବସ, ଅଷ୍ଟପ୍ରହରୀ ନାମଯଜ୍ଞ, ୧୭ରେ ନଗର କୀର୍ତ୍ତନ ସହ ସଂଧ୍ୟାରେ ପ୍ରାର୍ଥନା ମଞ୍ଚପକ୍ଷରୁ ଭଜନ ସମାରୋହ କରିବା ନିମନ୍ତେ ପ୍ରସ୍ତୁତି ଚାଲିଛି । ଶ୍ରୀ ଶ୍ରୀ ଗୋପୀନାଥଜୀଉ ଓ ମହାପୁରୁଷ ଅଚ୍ୟୁତାନନ୍ଦ ଆଶ୍ରମ ଟ୍ରଷ୍ଟ ବୋର୍ଡ ଏବଂ ଅଷ୍ଟପ୍ରହରୀ ପରିଚାଳନା କମିଟି ପକ୍ଷରୁ ଚଳିତ ବର୍ଷ ସ୍ୱନକ୍ଷେତ୍ର ଦିବସକୁ ସୂଚାରୁ ରୂପେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି । ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଟ୍ରଷ୍ଟ ପକ୍ଷରୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଛି ।

ମହାପୁରୁଷ ଅଚ୍ୟୁତାନନ୍ଦ।

ଗାଡ଼ି ଚାଳକଙ୍କୁ ସଚେତନ କଲେ ଛାତ୍ରୀଛାତ୍ର

ବାଙ୍କୀ,୭।୨(ସ୍ୱ.ପ୍ର.)

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ବାଙ୍କୀ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରିଲୋଚନ ଜେନାଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସଡ଼କ ଦୁର୍ଘଟଣା ନିବାରଣ ଫୋରମ୍ ସଂଯୋଜକ ବିକାଶ ମହାପାତ୍ର ଓ ସମ୍ମାନିତ ଅତିଥିଭାବେ ବାଙ୍କୀ ଥାନା ମହିଳା ଅଧିକାରୀ ସ୍ନିଗ୍ଧାମୟୀ ବରାଳ ସମ୍ମାନିତ ଅତିଥି ଓ ଛତିଆ ଅଶୋକ ଲେଲାଣ୍ଡ ଡ୍ରାଇଭିଂ ଟ୍ରେନିଂ ଅନୁଷ୍ଠାନର ପ୍ରଶିକ୍ଷକ କୈଳାସ ଚନ୍ଦ୍ର ସାମଲ, କଟକ କନିଷ୍ଠ ମୋଟର ଯାନ ନିରୀକ୍ଷକ ମଳୟ କୁମାର ପୃଷ୍ଟି, ବାଙ୍କୀ ଥାନା ପୋଲିସ ସବ୍‌ଇନ୍ସପେକ୍ଟର ଶତ୍ରୁଘନ ଦଳେଇ ଓ ରାଧାନାଥ ରାଉତ ଯୋଗଦେଇଥିଲେ। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ,ଶିକ୍ଷକମାନଙ୍କୁ ସଡ଼କ ସୁରକ୍ଷାର ଆବଶ୍ୟକତା ସମ୍ପର୍କରେ ସଚେତନତା କରାଯାଇଥିଲା। କଟକ ଜିଲା ମୋଟରଯାନ ବିଭାଗ ଓ ଜିଲା ପ୍ରଶାସନ, ବାଙ୍କୀ ଥାନା ପୋଲିସ ସହାୟତାରେ ବିଦ୍ୟାଳୟସମ୍ମୁଖରେ ବାଙ୍କୀ –କଟକ ମୁଖ୍ୟ ରାସ୍ତାରେ ପିଲାଙ୍କ ଦ୍ୱାରା ଏକ ମାନବ ଶୃଙ୍ଖଳା ତିଆରି କରାଯାଇଥିଲା। କାରଚାଳକମାନଙ୍କୁ ସିଟ୍‌ବେଲ୍ଟ ଓ ୨ଚକିଆ ଯାନ ଚାଳକଙ୍କୁ ହେଲମେଟ୍ ପିନ୍ଧି ଗାଡ଼ି ଚଳାଇବାକୁ ପରାମର୍ଶ ଦିଆଯାଇଥିଲା। ଛାତ୍ରମାନେ ରାସ୍ତାପାର ହେବା ସମ୍ବନ୍ଧରେ ଏକ ମକ୍‌ଡ୍ରିଲ୍ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମରେନ୍ଦ୍ର ମହାପାତ୍ର ଓ କେଶବ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ।

ମାଧବାନନ୍ଦ ମନ୍ଦିରରୁ ମୂର୍ତ୍ତି ଚୋରି ଘଟଣା

ଗ୍ରାମବାସୀଙ୍କ ଅଖଣ୍ଡ ଦୀପଦାନ

ସାଲେପୁର,୭।୨(ଡି.ଏନ୍.ଏ)

ସାଲେପୁର ବ୍ଲକ ଜଗତପୁର ଥାନା ଅଧୀନ ଗୋପୀନାଥପୁରସ୍ଥିତ ମାଧବାନନ୍ଦ ମନ୍ଦିରରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରମାନେ ରାଧାକୃଷ୍ଣଙ୍କ ବିରଳ ମୂର୍ତ୍ତି, ଅନ୍ୟପାର୍ଶ୍ୱ ମୂର୍ତ୍ତି,ଅଳଙ୍କାର ସମେତ ବିଭିନ୍ନ ସାମଗ୍ରୀ ଲୁଟିନେଇଛନ୍ତି। ଏହି ଘଟଣାରେ ସ୍ଥାନୀୟ ଲୋକେ ଦୁଃଖ ପ୍ରକାଶ କରିବା ସହ ଗୁରୁବାର ଦିନସାରା ମନ୍ଦିର ପରିସରରେ ଅଖଣ୍ଡ ଦୀପଦାନ କରିଛନ୍ତି। ପୋଲିସ ତୁରନ୍ତ ଚୋରଙ୍କୁ ଗିରଫ କରିବା ପାଇଁ ସେମ

କି ବ୍ୟକ୍ତି, କି ରାଷ୍ଟ୍ର ପ୍ରତ୍ୟେକ ନିଜ ଗୋଡ଼ରେ ଠିଆ ହେବା ନିମନ୍ତେ ଶିକ୍ଷା ଲାଭ କରିବା ଉଚିତ।
- ସ୍ୱାମୀ ବିବେକାନନ୍ଦ

ସଂକ୍ଷେପରେ

ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ

କଟକ ସଦର, ୭।୨ (ଡି.ଏନ୍.ଏ.) : କଟକ ସଦର ବ୍ଲକ ଅଧୀନ କମରପଦାସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଣ୍ଡିତ ଦିବାକର ମିଶ୍ର ମୁଖ୍ୟଅତିଥି, ମହିଜା ଦଳବେହେରା ମୁଖ୍ୟବକ୍ତା, ଡା. ଦୀପାୟନ ପଟ୍ଟନାୟକ, ପଣ୍ଡିତ ନିରାକାର ଦାଶ, ଶଙ୍କପୁର ସରପଞ୍ଚ ରଶ୍ମିରଞ୍ଜନ ବେହେରା ଓ ମିରା ବେଉରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନଆଚାର୍ଯ୍ୟ ରଞ୍ଜନ କୁମାର ଦାଶ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ଲାଭ କରିଥିବା ସ୍ଥାନୀୟ ଅଞ୍ଚଳର ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ସଡ଼କ ସୁରକ୍ଷା ସପ୍ତାହ ପାଳିତ

କଟକ ସଦର, ୭।୨ (ଡି.ଏନ୍.ଏ.) : ୪୨ ମୌଜା ଫାଣ୍ଡି ଅଧୀନ ବେଣ୍ଟକାରସ୍ଥିତ ସରସ୍ୱତୀ ଶିଶୁମନ୍ଦିର ଓ ଏକାଡେମୀ କନ୍‌ସେପ୍ଟ ସ୍କୁଲର ମିଳିତ ଆନୁକୂଲ୍ୟରେ ଗୁରୁବାର ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଥିଲା। ପ୍ରଭାତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ କଟକ ସଦର ଥାନାଧିକାରୀ ସୁଧାଂଶୁ ଭୂଷଣ ଜେନା ମୁଖ୍ୟଅତିଥି, ହାସ୍ୟ ଅଭିନେତା ସଲିଲ ମିତ୍ର, ଜିଲା ପରିଷଦ ସଭ୍ୟ ବୀରବର ଲେଙ୍କା ଓ ଏଏସ୍‌ଆଇ ରବି ନାରାୟଣ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଶତପଥୀ ଧନ୍ୟବାଦ ଦେଇଥିଲେ। ପିଲାମାନେ ଶୋଭାଯାତ୍ରାରେ ୪୨ ମୌଜା ମୁଖ୍ୟରାସ୍ତାରେ ପହଞ୍ଚି ପଥଚାରୀମାନଙ୍କୁ ସଚେତନ କରାଇଥିଲେ। ଦୀପ୍ତିରଞ୍ଜନ ଶତପଥୀ, ପ୍ରଦୀପ ତ୍ରିପାଠୀ, ସନ୍ତୋଷ ରାଉତ ଓ ରମେଶ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

କଂଗ୍ରେସ କର୍ମୀ ସମ୍ମିଳନୀ

କଟକ ଅଫିସ, ୭।୨: କଟକ ନଗର ୩୦ ନଂ. ୱାର୍ଡ କମିଟିର ଏକ କର୍ମୀ ସମ୍ମିଳନୀ ଓ ବନ୍ଧୁମିଳନ ବୁଧବାର ସ୍ଥାନୀୟ ବାମ୍ଫିସାହିଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଦେଶ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ଅମ୍ରିତା ଦାସଙ୍କ ପୌରୋହିତ୍ୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ମାନସ ପରିଡ଼ା ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟଅତିଥି ଭାବେ କଟକ ନଗର କଂଗ୍ରେସ ସଭାପତି ମହମ୍ମଦ ମୋକିମ ଯୋଗଦେଇ ୱାର୍ଡ ଅଞ୍ଚଳର ବିଭିନ୍ନ ସମସ୍ୟା ଏବଂ ସିଏମ୍‌ସିର ଅପାରଗତା ସମ୍ପର୍କରେ ଉପସ୍ଥିତ କଂଗ୍ରେସ କର୍ମୀମାନଙ୍କୁ ସୂଚନା ଦେଇଥିଲେ। ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ ବୁଥ୍‌ସ୍ତରରେ ମଜଭୁତ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଜନଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ଗୋଟିଏ ପରେ ଗୋଟିଏ ସରକାରୀ କାର୍ଯ୍ୟାଳୟକୁ ଭୁବନେଶ୍ୱର ସ୍ଥାନାନ୍ତର କରି ଐତିହାସିକ କଟକ ସହରକୁ ଶ୍ରୀହୀନ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ କରୁଥିବାରୁ ବୈଠକରେ ତୀବ୍ର ନିନ୍ଦା କରାଯାଇଥିଲା। କଟକ ସହରରେ ପରିବର୍ତ୍ତନର ହାୱା ସୃଷ୍ଟି ହେଉଥିବା ପରିପ୍ରେକ୍ଷୀରେ କଂଗ୍ରେସ କର୍ମୀମାନେ ବିଭିନ୍ନ ସଭା ଜରିଆରେ ସହରବାସୀଙ୍କୁ ସଚେତନ କରିବା ପାଇଁ ଆଗେଇ ଆସିବାକୁ ମୋକିମ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପୁଷ୍ପା ସାମଲ, କଟକ ନଗର ମହିଳା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନା, କର୍ପୋରେଟର ବୈଶାଳୀ ବେହେରା, ବରିଷ୍ଠ କଂଗ୍ରେସ ନେତା ବିଭୂତି ଜେନା, ବ୍ରଜକିଶୋର ସାହୁ, ଆଡଭୋକେଟ ଶୈଳେନ ଧଳ, ବିଜୟ କେତନ ନାୟକ, ବରଦା ଚରଣ ସାହୁ, ଛନ୍ଦା ଚରଣ ଦାସ, ସୂର୍ଯ୍ୟକାନ୍ତ ଦାସ ପ୍ରମୁଖ ଯୋଗଦେଇ କଂଗ୍ରେସ ସଙ୍ଗଠନକୁ ମଜବୁତ କରିବାକୁ ଶପଥ ନେଇଥିଲେ।

ନ୍ୟାୟ ପାଇଁ ବାଲେଶ୍ୱରରୁ ନବୀନ ନିବାସ

- ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଦିଆଗଲାନି ସୁଯୋଗ
- ସ୍ଥାନୀୟ ପୋଲିସ ବିରୋଧରେ ଆଣିଲେ ଅଭିଯୋଗ
- ଅଭିଯୁକ୍ତ ଦେଉଛନ୍ତି ହତ୍ୟା ଧମକ

ଭୁବନେଶ୍ୱର,୭।୨ (ବ୍ୟୁରୋ)

ଶାଶୁଘର ଲୋକଙ୍କ ନିର୍ଯାତନାର ଶିକାର ହୋଇ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ହେଲେ ଗୁରୁତ୍ୱ ଦେଲାନି ବାଲେଶ୍ୱର ଜିଲାର ସିଂଲା ଥାନା ପୋଲିସ। ଅଭିଯୁକ୍ତମାନେ ହତ୍ୟା ଧମକ ଦେବାରୁ ଶେଷରେ ନିର୍ଯାତିତା ମହିଳା ଭୟରେ ଛୋଟ ପୁଅକୁ ଧରି ଗୁରୁବାର ଅପରାହ୍ନ ୩ଟାରେ ନବୀନ ନିବାସରେ ପହଞ୍ଚିଥିଲେ। ସେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅଭିଯୋଗ ଜଣାଇବାକୁ ଚାହିଁଥିଲେ ମଧ୍ୟ ସୁରକ୍ଷାକର୍ମୀମାନେ ସୁଯୋଗ ଦେଇ ନ ଥିଲେ। ଶେଷରେ ସୁରକ୍ଷା କର୍ମୀମାନେ ଅଭିଯୋଗ ରଖି ପଦକ୍ଷେପ ଗ୍ରହଣ କରାଯିବ ବୋଲି ତାଙ୍କୁ ପ୍ରତିଶ୍ରୁତି ଦେବା ପରେ ମହିଳା ଜଣକ ନବୀନ ନିବାସ ଛାଡିଥିଲେ। ମହିଳା ଜଣକ ବାଲେଶ୍ୱର ଜିଲା ସିଂଲା ଥାନା ପୋଲିସ ବିରୋଧରେ ଅଭିଯୋଗ ଆଣିବା ସହ ନ୍ୟାୟ ଓ ସୁରକ୍ଷା ନିବେଦନ କରିଛନ୍ତି।

ନିର୍ଯାତିତା ମହିଳା ଜଣକ ହେଉଛନ୍ତି ବାଲେଶ୍ୱର ସିଂଲା ଥାନା ଅଞ୍ଚଳର ଶୁଭସ୍ମିତା ଦେ। ତାଙ୍କ ଅଭିଯୋଗ ଅନୁଯାୟୀ, ୨୦୧୨ରେ ଜଳେଶ୍ୱର ଥାନା ଅନ୍ତର୍ଗତ ରାଜପୁର ଅଞ୍ଚଳର ହରିପଦ ଦେଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପୂର୍ବରୁ ବର ଘରକୁ ଦାବି ମୁତାବକ ସମସ୍ତ ଯୌତୁକ ଦିଆଯାଇଥିଲା। ହେଲେ ବିବାହ ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ଶୁଭସ୍ମିତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ଏହାପରେ ହରିପଦ ଶୁଭସ୍ମିତାକୁ ପୁଣେ ନେଇଯାଇଥିଲେ। ସେଠାରେ ମଧ୍ୟ ସେ ଶୁଭସ୍ମିତାଙ୍କୁ ମାଡ଼ ମାରିବା ସହ ନାନା ନିର୍ଯାତନା ଦେଇଥିଲେ। ସେ ଗର୍ଭବତୀ ଥିବା ସମୟରେ ସ୍ୱାମୀ ହରିପଦ ତାଙ୍କୁ ବାପ ଘରେ ଛାଡି ଦେଇଥିଲେ। ଏ ସଂକ୍ରାନ୍ତରେ ୨୦୧୫ରେ ଶୁଭସ୍ମିତା ସ୍ଥାନୀୟ ସିଂଲା ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ-୧୦୯ ଦଫା ୪୯୮(ଏ),୩୨୩,୫୦୬ ଓ ୩୪ ଲଗାଇ ଚୁପ୍ ବସିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନ କରିବାରୁ ସେ ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଅଭିଯୋଗ କରିଥିଲେ। କୋର୍ଟ ଶୁଭସ୍ମିତାଙ୍କ ସ୍ୱାମୀଙ୍କୁ ବାରମ୍ବାର ନୋଟିସ୍ କରିଥିଲେ ମଧ୍ୟ ସେ ହାଜର ହୋଇ ନ ଥିଲେ। ଶେଷରେ କୋର୍ଟ ସ୍ୱାମୀ ହରିପଦଙ୍କ ନାମରେ ୱାରେଣ୍ଟ୍ ଜାରି କରିଥିଲେ। ହରିପଦ ଖୁଲମଖୁଲା ବୁଲୁଥିବାବେଳେ ପୋଲିସ ତାଙ୍କୁ ଗିରଫ କରୁ ନ ଥିବାରୁ ସେ ଶୁଭସ୍ମିତା ଓ ତାଙ୍କ ପୁଅକୁ ମାରିଦେବାକୁ ଧମକ ଦେଉଥିବା ଅଭିଯୋଗରେ ଦର୍ଶାଇଛନ୍ତି।

ଏନେଇ ବାଲେଶ୍ୱର ସିଂଲା ଥାନା ଅଧିକାରୀ ବିମଳ କୁମାର ନାୟକ କହିଛନ୍ତି, ଆମେ ତାଙ୍କ ସ୍ୱାମୀଙ୍କୁ ଧରିବା ପାଇଁ ଦୁଇଥର ଗୁଜରାଟ ଯାଇ ଚଢାଉ କରିଛୁ। ସେ ଧରା ଦେଉନାହାନ୍ତି। ମୋବାଇଲ୍ ଫୋନ୍ ଟ୍ରାକିଂ କରାଯାଇଥିଲେ ମଧ୍ୟ ଲୋକେସନ ଭିନ୍ନ ଭିନ୍ନ ସହରରେ ରହୁଛି। ଫଳରେ ତାଙ୍କୁ ଗରଫ କରିବା କଷ୍ଟକର ହେଉଛି।

ଭତ୍ତା ୧୦୦୦ ଟଙ୍କା କରିବାକୁ ଦାବି

ମହାସଂଘର ପ୍ରତିନିଧିମାନେ ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଛନ୍ତି।

କଟକ ଅଫିସ, ୭।୨

ନିର୍ବାଚନ ପାଖେଇ ଆସିବାରୁ ରାଜ୍ୟ ସରକାର ସମସ୍ତଙ୍କୁ ପ୍ରତିଶ୍ରୁତି ବାଣ୍ଟିବାରେ ଲାଗିଛନ୍ତି। କିନ୍ତୁ ଅସହାୟ ବୃଦ୍ଧ, ବିଧବା, ଭିନ୍ନକ୍ଷମମାନଙ୍କ ପାଇଁ ସର୍ବନିମ୍ନ ଭତ୍ତା ୧ହଜାର ଟଙ୍କାକୁ ବୃଦ୍ଧି ଦିଗରେ ତତ୍ପର ହୋଇନାହାନ୍ତି। ଏହି ଦାବି ନେଇ ଅଖିଳ ଓଡ଼ିଶା ବୃଦ୍ଧ, ବିଧବା, ଭିନ୍ନକ୍ଷମ ମହାସଂଘ ପକ୍ଷରୁ ଗତ ୪ ବର୍ଷ ମଧ୍ୟରେ କଟକରୁ ଭୁବନେଶ୍ୱର ପର୍ଯ୍ୟନ୍ତ ୮ଟି ବଡଧରଣର ଆନ୍ଦୋଳନ କଲାପରେ ନିକଟରେ ସରକାର ସର୍ବନିମ୍ନ ଭତ୍ତା ୫୦୦ ଟଙ୍କାକୁ ବୃଦ୍ଧି କରିବା ଘୋଷଣା କରିଛନ୍ତି। ଏହା କିନ୍ତୁ ଝିଣ୍ଟିକା ମାରି ବଣି ପୋଷିବା ସଦୃଶ ହୋଇଛି ବୋଲି ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। କାରଣ ରାଜ୍ୟ ସରକାର ଭତ୍ତା ହିତାଧିକାରୀଙ୍କୁ ଗତ ଦୁଇବର୍ଷ ହେବ କମ୍ବଳ, ଛତା ଏବଂ ଜୋତା ପାଇଁ ଦେଉଥିବା ଟଙ୍କା ଆଉ ଦେଉନାହାନ୍ତି। ତେଣୁ ସେହି ଟଙ୍କାରୁ ଏବେ ମାସିକ ୨୦୦ ଟଙ୍କା ଦେଇ ବାହାଦୁରି ନେବା ପାଇଁ ପ୍ରଚେଷ୍ଟା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ମହାସଂଘ ପକ୍ଷରୁ ବିକ୍ଷୋଭ କରାଯିବା ସହିତ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଯେଉଁଥିରେ ଚଳିତ ମାସରେ ଭତ୍ତା ହିତାଧିକାରୀଙ୍କୁ ଛତା, ଜୋତା, କମ୍ବଳ ବାବଦର ଅର୍ଥ ପ୍ରଦାନ କରିବା ସହିତ ସର୍ବନିମ୍ନ ଭତ୍ତା ୧୦୦୦କୁ ବୃଦ୍ଧି କରିବାକୁ ମହାସଂଘ ଦାବି କରିଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଏଥିପାଇଁ ବ୍ୟାପକ ଆନ୍ଦୋଳନ କରିବାକୁ ମଧ୍ୟ ଚେତାବନୀ ଦିଆଯାଇଛି। ଅନୁଷ୍ଠାନର ସଭାପତି ଆଜାଦ, ସଞ୍ଜୟ କୁମାର ନାୟକ, ଆଡଭୋକେଟ ସର୍ବଶ୍ରୀ ବେହେରା, ଦେବାନନ୍ଦ ସିଂହ, ନାସୀମା ବେଗମ, ମୁନ୍ନୁ ଦଳେଇ, ମାଳତୀ ମାରାଣ୍ଡୀ, ବିନୋଦିନୀ ପତି ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

ବିଭିନ୍ନ ଦାବି ନେଇ ଏସ୍‌ୟୁସିଆଇ(ସି)ର ବିକ୍ଷୋଭ

ଏସ୍‌ୟୁସିଆଇ(ସି) ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

କଟକ ଅଫିସ, ୭।୨

ବିଭିନ୍ନ ଦାବି ନେଇ ଏସ୍‌ୟୁସିଆଇ(ସି) କଟକ ଜିଲା କମିଟି ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ନେତୃତ୍ୱରେ ୩୦୦ରୁ ଊର୍ଦ୍ଧ୍ୱ ଲୋକ ଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଆସିଥିଲେ। ପରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ନିତ୍ୟବ୍ୟବହାର ସାମଗ୍ରୀର ଦରଦାମ ବୃଦ୍ଧି ରୋକିବା ନିମନ୍ତେ ପଦକ୍ଷେପ ଗ୍ରହଣ, ଚାଷୀମାନଙ୍କର ସମସ୍ତ ପ୍ରକାର ଋଣ ଛାଡ କରିବା ସହିତ ସମସ୍ତ କୃଷିଜାତ ଦ୍ରବ୍ୟର ଉପଯୁକ୍ତ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିବା, ବେକାର ଯୁବତୀଯୁବକମାନଙ୍କୁ ନିଯୁକ୍ତି ପ୍ରଦାନ, ବନ୍ଦ ହୋଇ ରହିଥିବା କଳକାରଖାନାଗୁଡିକୁ ତୁରନ୍ତ ଖୋଲିବା, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟବସାୟ ବନ୍ଦ କରି ଛାତ୍ରୀଛାତ୍ର ଓ ଜନସାଧାରଣଙ୍କୁ ନିଃଶୁଳ୍କ ଶିକ୍ଷା, ସ୍ୱାସ୍ଥ୍ୟସେବା ଯୋଗାଇବା ଭଳି ଦାବି ହୋଇଛି। ଏଥିରେ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବସନ୍ତ ନାୟକ, ଶିବାଶିଷ ପ୍ରହରାଜ, ସିଦ୍ଧାର୍ଥ ରଥ, ଭାଗ୍ୟରବି ଦାସ, ଦୀପକ ଦାସ, ସସ୍ମିତା ମହାନ୍ତି, ସିପ୍ରା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

ଖଟାଳ ମହାସଂଘର ବୈଠକ

କଟକ ଅଫିସ, ୭।୨

କଟକ ମହାନଗର ଶ୍ରୀକୃଷ୍ଣ ଖଟାଳ ମହାସଂଘ ପକ୍ଷରୁ ଏକ ବୈଠକ ସଂଘର ମୁଖ୍ୟ ପୃଷ୍ଠପୋଷକ ମହମ୍ମଦ ସକିଲଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାରବାଟୀ-କଟକ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ କଟକ ମହାନଗର ପରିଧି ମଧ୍ୟରେ ବସବାସ କରୁଥିବା ସମସ୍ତ ଗୋପାଳକମାନେ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ବୈଠକରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ସାମନ୍ତରାୟ ମହାସଂଘର ୬ ଦଫା ସମ୍ବଳିତ ଦାବି ପ୍ରତି ସହୃଦୟତାର ସହିତ ବିଚାର କରାଯାଇ ରାଜ୍ୟ ସରକାରଙ୍କ ଉପରେ ଚାପ ପ୍ରୟୋଗ କରି ଯଥାଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗୋଖାଦ୍ୟ ବ୍ୟବସାୟକୁ କେତେକ ମୁନାଫାଖୋର ବ୍ୟବସାୟୀ ନିଜ ଅକ୍ତିଆରରେ ରଖି ଏକଚାଟିଆ ବ୍ୟବସାୟ କରି ପ୍ରଚୁର ଲାଭବାନ ହେଉଛନ୍ତି। ଗୋଦାନାରେ ବ୍ୟାପକ ଅପମିଶ୍ରଣ ଯୋଗୁ ଅପମିଶ୍ରିତ ଗୋଦାନା ଖାଇ ପ୍ରାଣୀମାନେ ନାନାପ୍ରକାର ରୋଗର ଶିକାର ହେଉଛନ୍ତି। ଗୃହପାଳିତ ପ୍ରାଣୀଙ୍କୁ ଗୋଚର ଭୂମି ପର୍ଯ୍ୟନ୍ତ ନେଇ ଯିବାଆସିବା କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରିବାକୁ ସଂଘ ଦାବି କରିଛି। ଉକ୍ତ ସଭାରେ କଟକ ମହାନଗର ଶ୍ରୀକୃଷ୍ଣ ଖଟାଳ ମହାସଂଘର ପୃଷ୍ଠପୋଷକ ସଚ୍ଚିଦାନନ୍ଦ ଦାସ, ଉପଦେଷ୍ଟା ନନ୍ଦନନ୍ଦନ ମହାପାତ୍ର, ଆବାହକ ଦୀପକ ବେହେରା, ସଭାପତି ବିଭୂତି ଭୂଷଣ ବେହେରା, ମହାସଚିବ ଅଜୟ ମହାପାତ୍ର, ସଙ୍ଗଠନ ସମ୍ପାଦକ ଘନଶ୍ୟାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ବ୍ରେକିଂ ଦି ସାଇଲେନ୍ସ ଶୀର୍ଷକ ଆଲୋଚନାଚକ୍ର

ଆଲୋଚନାଚକ୍ରରେ ଡ. ପ୍ରଭାତୀ ପାଣିଗ୍ରାହୀ ବକ୍ତବ୍ୟ ଦେଉଛନ୍ତି।

କଟକ ଅଫିସ,୭।୨

କଟକ ବକ୍ସିବଜାରସ୍ଥିତ ନାରୀ ସେବା ସଦନଠାରେ ବିବୁଧେନ୍ଦ୍ର ମିଶ୍ର ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ବ୍ରେକିଂ ଦି ସାଇଲେନ୍ସ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ବିବୁଧେନ୍ଦ୍ର ମିଶ୍ରଙ୍କ ଝିଅ ତାପସୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରକୁ ବରିଷ୍ଠ ସାହିତ୍ୟିକା ମନୋରମା ମହାପାତ୍ର ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆମେରିକାର ଆୱାଜ ଅନୁଷ୍ଠାନ, ଅଷ୍ଟ୍ରେଲିଆର ଫିଙ୍କ ଅମ୍ବ୍ରେଲା ଇଣ୍ଟରନ୍ୟାଶନାଲ ଓ ଭୁବନେଶ୍ୱରର ଅସ୍ତିତ୍ୱ ମହିଳା ଅନୁଷ୍ଠାନ ଦ୍ୱାରା ଅନୁଷ୍ଠିତ ହୋଇଥିବା ଏହି ଆଲୋଚନାଚକ୍ରରେ ମହିଳାମାନଙ୍କ ଉପରେ ହେଉଥିବା ନିର୍ଯାତନା ଓ ଏହାର ପ୍ରତିକାର ଦିଗରେ ଆଲୋକପାତ କରାଯାଇଥିଲା। ଆୱାଜ୍ ଅନୁଷ୍ଠାନର ପ୍ରତିଷ୍ଠାତା ତାପସୀ ମିଶ୍ର ମିଟୁ ସମ୍ପର୍କରେ କହିଥିଲେ। ଭାରତରେ ମହିଳାମାନଙ୍କୁ ନ୍ୟାୟ ଓ ସାମାଜିକ ଅଧିକାର ପ୍ରଦାନ କରିବା କ୍ଷେତ୍ରରେ ଏହି ଅଭିଯାନର ଗୁରୁତ୍ୱ ସମ୍ପର୍କରେ ସେ ମତ ଦେଇଥିଲେ। ପିଙ୍କ୍ ଅମ୍ବ୍ରେଲା ଇଣ୍ଟରନ୍ୟାଶନାଲ୍‌ର ପ୍ରତିଷ୍ଠାତା ଡ. ପ୍ରଭାତୀ ପାଣିଗ୍ରାହୀ ଯୋଗଦେଇ ପରିବାରରେ ଘଟୁଥିବା କଳହ ତଥା ହିଂସା ସମ୍ପର୍କରେ ମତ ରଖିଥିଲେ। ଅସ୍ତିତ୍ୱ ଅନୁଷ୍ଠାନର ପ୍ରତିଷ୍ଠାତା ମମତା ଦାସ ନାରୀମାନଙ୍କ କ୍ଷେତ୍ରରେ ଘଟୁଥିବା ଅତ୍ୟାଚାରକୁ ନେଇ କହିଥିଲେ, ମହିଳାମାନଙ୍କ ନିମନ୍ତେ ସମସ୍ତ କ୍ଷେତ୍ରରେ ଭିନ୍ନ ନୀତି ଦେଖିବାକୁ ମିଳୁଛି। ପ୍ରତ୍ୟେକ ୩ ମିନିଟରେ ଜଣେ ମହିଳା ହିଂସାର ଶିକାର ହେଉଛି। ଅଧ୍ୟାପିକା ଆଭା କାନୁନ୍‌ଗୋ ଯୋଗଦେଇ ମହିଳା ହିଂସାର ପ୍ରମୁଖ କାରଣ ସମ୍ପର୍କରେ କହିଥିବାବେଳେ ଡ. ଜୟନ୍ତୀ ରଥ ଧନ୍ୟବାଦ ଦେଇଥିଲେ।

ସମସ୍ୟା ସମାଧାନ ନ ହେଲେ ଧାରଣା ଚେତାବନୀ

କଟକ ଅଫିସ,୭।୨

ମର୍କତନଗର ଥାନା ଅଧୀନ ସିଡ଼ିଏ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ପ୍ରତିବାଦର ସ୍ୱର ଉଠାଇଛି ଭାରତୀୟ ଜନତା ପାର୍ଟି(ଭାଜପା) ବାରବାଟୀ-କଟକ ଶାଖା। ଏ ନେଇ ଗୁରୁବାର ସିଡ଼ିଏ ସେକ୍ଟର-୬ ସ୍ଥିତ ଭାଜପା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଅଭିଯୋଗ ଅନୁଯାୟୀ, ମର୍କତନଗର ଅଞ୍ଚଳର ସମସ୍ତ ଜମିକୁ ଲିଜ୍ ସୂତ୍ରରୁ ଫ୍ରି ହୋଲ୍‌ଡକୁ ପରିବର୍ତ୍ତନ କରିବା ପାଇଁ ବିଗତ ଦିନରେ କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କ ନିକଟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉକ

କି ବ୍ୟକ୍ତି, କି ରାଷ୍ଟ୍ର ପ୍ରତ୍ୟେକ ନିଜ ଗୋଡ଼ରେ ଠିଆ ହେବା ନିମନ୍ତେ ଶିକ୍ଷା ଲାଭ କରିବା ଉଚିତ।
- ସ୍ୱାମୀ ବିବେକାନନ୍ଦ

ସଂକ୍ଷେପରେ

ତାଲା ଭାଙ୍ଗି ଚୋରି

ଖୋର୍ଦ୍ଧା ଅଫିସ,୭।୨: ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ଗୁରୁଜଙ୍ଗସ୍ଥିତ ରାମମୋହନ ମହାପାତ୍ରଙ୍କ ଘରୁ ଗୁରୁବାର ଦ୍ୱିପ୍ରହରରେ କେତେଜଣ ଦୁର୍ବୃତ୍ତ କବାଟ ତାଲା ଭାଙ୍ଗି ଟଙ୍କା, ଲାପ୍‌ଟପ୍ ଓ ସୁନା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ରାମମୋହନ ଗୁରୁବାର ସକାଳୁ ପରିବାର ସହ ପୁରୀ ଯାଇଥିଲେ। ଅପରାହ୍ନ ୫ଟା ରେ ସେ ଘରେ ପହଞ୍ଚିବା ପରେ ଦେଖିଲେ ଘରର ଗ୍ରୀଲ ଓ କବାଟ ତାଲା ଭଙ୍ଗା ଯାଇଛି। ଘରେ ଥିବା ଆଲମିରା ଓ ବାକ୍ସର ତାଲା ଭଙ୍ଗି ଦୁର୍ବୃତ୍ତମାନେ ୪ଟି ସୁନା ମୁଦି, ୨ଟି ହାର, ରତ୍ନ ମୁଦି ୨ଟି, ଲାପଟପ ଏବଂ ୧୨ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ରିପୋର୍ଟ ଲେଖା ହେବା ବେଳକୁ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି। ତେବେ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

ଫୁଟ୍‌ବଲ: ଶିବା ୟୁଥ୍ କ୍ଲବ ବିଜୟୀ

ଟାଙ୍ଗୀ(ଖୋର୍ଦ୍ଧା),୭।୨(ଡି.ଏନ.ଏ): ଟାଙ୍ଗୀ ଟିଲିକା ଷ୍ଟାଡିୟମରେ ରାଜ୍ୟସ୍ତରୀୟ ବଳରାମଦେବ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି । ଗୁରୁବାର ଖେଳ ଟାଙ୍ଗୀର ଶିବା ୟୁଥ୍ କ୍ଲବ୍ ଓ ଧର୍ମଶାଳାର ଫୁଟ୍‌ବଲ ଏକାଡେମୀ ମଧ୍ୟରେ ହୋଇଥିଲା । ୨-୧ ଗୋଲରେ ଟାଙ୍ଗୀ ବିଜୟୀ ହୋଇଛି। ଶିବା ୟୁଥ୍ ଦଳର ଖେଳାଳି ଦୀପକ ଦାସ ୨ଟି ଗୋଲଦେଇ ଶ୍ରେଷ୍ଠ ଖେଳାଳି ଭାବେ ସର୍ବେଶ୍ୱର ସୁନ୍ଦରାୟ ସ୍ମାରକୀ ଟ୍ରଫି ହାସଲ କରିଥିଲେ। ଖେଳ ପରିଚାଳନା କରିଥିଲେ ଏମ୍‌ଏମ୍ ବେଗ, ତନୋଜ ଶ୍ରୀଚନ୍ଦନ, ବିପିନ ସାମନ୍ତରାୟ ଓ ଦିଲୀପ ଦାସ। ଲଟେରି କୁପନରେ ବିଜୟୀ ହୋଇ ଟାଙ୍ଗୀର କାଳୁ ପ୍ରଧାନ ଏକ ସାଇକେଲ୍ ପାଇଥିଲେ । ଅତିଥି ରୂପେ ବିଡିଓ ଭାସ୍କର ରଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରିନାଥ ଦାସ, ପ୍ରାକ୍ତନ ଫୁଟ୍‌ବଲ ଖେଳାଳି ବିଭୂତି ଭୂଷଣ ସାହୁ, ପ୍ରଶାନ୍ତ କୁମାର ବିଶ୍ୱାଳ, ସମ୍ପାଦକ ବିଜୟ କୁମାର ରାଉତ, କୋଷାଧକ୍ଷ ଅଜୟ କୁମାର ରାୟ, ପୂର୍ବତନ ସମିତି ସଭ୍ୟ ନୀଳକଣ୍ଠ ବେହେରା ପ୍ରମୁଖ ଯୋଗଦେଇଥିଲେ।

ସର୍ବସମ୍ମୁଖରେ ଯୁବକଙ୍କୁ ମାଡ଼ମାରି ଅପହରଣ
ପୋଲିସ ସାଜିଲା ଦେଖଣାହାରି

ଭୁବନେଶ୍ୱର,୭।୨ (ବ୍ୟୁରୋ): ଖାରବେଳନଗର ଥାନା ଅନ୍ତର୍ଗତ ଶ୍ରୀୟା ହଲ୍ ନିକଟରୁ ଜଣେ ଯୁବକଙ୍କୁ ଅପହରଣ କରି ନିଆଯାଇଛି। ଗୁରୁବାର ଅପରାହ୍ନ ପ୍ରାୟ ୫ଟାରେ ସର୍ବସମ୍ମୁଖରେ ଏହି ଘଟଣା ଘଟିଛି। ଜଣେ ଯୁବକଙ୍କୁ ଅନ୍ୟ ଦୁଇଜଣ ମାଡ଼ ମାରି ଶାର୍ଟ କଲର ଧରି ଟାଣି ଟାଣି ନେବା ପରେ ବାଇକ୍‌ରେ ନେଇଯାଇଥିବା ଜଣାପଡିଛି। ସ୍ଥାନୀୟ ଲୋକେ ଯୁବକଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିବାବେଳେ ସେଠାରେ ଉପସ୍ଥିତ କେତେଜଣ ପୋଲିସ ଦେଖଣାହାରି ସାଜିଥିଲେ। ଘଟଣା ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି। ମାତ୍ର ଏହି ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ମାଡ ଖାଉଥିବା ଯୁବକଙ୍କ ବାପା ଟ୍ରଲି ଚଲାନ୍ତି। ଯୁବକ ଜଣଙ୍କ ଉକ୍ତ ଫିଲ୍ମ ହଲ୍ ଆଗରେ ଟିକେଟ ବ୍ଲାକ୍ କରନ୍ତି। ତେଣୁ ଟଙ୍କା ନେଣ ଦେଣ କିମ୍ବା ଅନ୍ୟ କିଛି କାରଣ ପାଇଁ ତାଙ୍କୁ ଅପହରଣ କରାଯାଇଥିବା ଲୋକେ ସନ୍ଦେହ କରୁଛନ୍ତି।

ଦାଦାବଟି ମାଗି ଦୁଇ ଗିରଫ

ଭୁବନେଶ୍ୱର, ୭।୨(ବ୍ୟୁରୋ): ଦାଦାବଟି ମାଗିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଗୁରୁବାର ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ରଙ୍ଗମାଟିଆ ଅଞ୍ଚଳର ଦୀପକ କୁମାର ସେଠୀ ଏବଂ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ସରୋଜ କୁମାର ଜେନା। ସୂଚନା ମୁତାବକ, ଚନ୍ଦ୍ରଶେଖରପୁର ଅଞ୍ଚଳରେ ରହୁଥିବା ଅଭିଷେକ ରଥଙ୍କୁ ଏହି ଦୁଇ ଅଭିଯୁକ୍ତ ୫ ହଜାର ଟଙ୍କା ଦାଦାବଟି ମାଗିବା ସହ ଅନେକ ସମୟରେ ହଇରାଣ କରୁଥିଲେ। ତାଙ୍କୁ ରାସ୍ତାଘାଟରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ମଧ୍ୟ କରୁଥିଲେ। ଏ ନେଇ ଅଭିଷେକ ଗତ ସୋମବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏହି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

■ ରାସ୍ତାରେ ଜମୁଛି ନର୍ଦ୍ଦମା ଜଳ

ନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ ସତ୍ତ୍ୱେ ନିଆଯାଉନି ପଦକ୍ଷେପ

ଖୋର୍ଦ୍ଧା ଅଫିସ,୭।୨

ଖୋର୍ଦ୍ଧା ସହରର ଗୁରୁଜଙ୍ଗ ଫାର୍ମ ହାଉସ୍ ନିକଟ ତଳସାହିର ତେଲେଙ୍ଗାସାହିକୁ ଯିବା ରାସ୍ତାରେ ଅନବରତ ନର୍ଦ୍ଦମା ଜଳ ପ୍ରବାହିତ ହେଉଛି। କେତେକ ସ୍ଥାନରେ ଜମି ନର୍ଦ୍ଦମା ଜଳ ସହ ଆବର୍ଜନା ଜମି ରହି ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଦୀର୍ଘଦିନ ହେବ ଏପରି ସମସ୍ୟା ଲାଗିରହିଛି। ଘଟଣା ସଂକ୍ରାନ୍ତରେ ସ୍ଥାନୀୟ ଲୋକେ ଖୋର୍ଦ୍ଧା ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀଙ୍କୁ ଫେରାଦ୍ ସତ୍ତ୍ୱେ ସୁଫଳ ମିଳୁନଥିବା ଅଭିଯୋଗ ହୋଇଛି।

ମିଳିଥିବା ସୂଚନାନୁସାରେ, ତେଲେଙ୍ଗାସାହି ଓ ତଳସାହିର ଲୋକେ ବ୍ୟବହାର କରିଥିବା ଜଳ ଓ ଆବର୍ଜନା ନାଳରେ ଗଡ଼ି ଆସି ରାସ୍ତାରେ ଥିବା କର୍ଲଭର୍ଟ ଦେଇ ବାହାରକୁ ଚାଲିଯାଉଥିଲା। କିନ୍ତୁ ସହରକୁ ଜଳଯୋଗାଣ ପାଇଁ ନରାଜରୁ ପାଇପ୍ ବିଛା କାର୍ଯ୍ୟବେଳେ ଉକ୍ତ କର୍ଲଭର୍ଟକୁ ପୋତିଦିଆଗଲା। ଫଳରେ ଜନବସତି ଅଞ୍ଚଳରୁ ଆସୁଥିବା ଏହି ଆବର୍ଜନା ଜଳ ନିଷ୍କାସିତ ହୋଇ ନ ପାରି କର୍ଲଭର୍ଟ ଥିବା ସ୍ଥାନରେ ରାସ୍ତା ଓ ପାର୍ଶ୍ୱରେ ଜମି ରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ପାଣି ଜମାହୋଇ ରହିବାରୁ କେତେଜଣ ଲୋକ ରାସ୍ତାକୁ ଖୋଳି ତାହାକୁ ନିଷ୍କାସନ କରିଥିଲେ। ହେଲେ କ୍ରମଶଃ ଉକ୍ତ ସ୍ଥାନରେ ରାସ୍ତା ଧୀରେ ଧୀରେ ଖାଲଖମାରେ ପରିଣତ ହେବାରେ ଲାଗିଛି। ବିଶେଷକରି ସକାଳ ଓ ସନ୍ଧ୍ୟାରେ କଂକ୍ରିଟ ରାସ୍ତା ବେଶି କାଦୁଅ ହେଉଛି। ଏହି ଅଞ୍ଚଳରେ ବହୁ ବ୍ୟବସାୟ ପ୍ରତିଷ୍ଠାନ ଓ ଗୋଦାମ ରହିଥିବାରୁ ବଡ଼ ବଡ଼ ଗାଡି ଯାତାୟାତ କରୁଛି। ଫଳରେ ଦିନକୁ ଦିନ ରାସ୍ତା ଅବସ୍ଥା ଖରାପ ହେବା ସହ ଲୋକେ ଅଧିକ ହୀନସ୍ତା ହେଉଛନ୍ତି। ଅନେକ ସମୟରେ ଆବର୍ଜନା ପାଣି ଜମୁଥିବା ସ୍ଥାନରେ ଦୁର୍ଘଟଣା ଘଟୁଛି। ଏହି ଆବର୍ଜନା ଜଳ ନିଷ୍କାସନ ପାଇଁ ଆବଶ୍ୟକ ବ୍ୟବସ୍ଥା କିମ୍ବା ଡ୍ରେନ୍ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରି ଆସୁଛନ୍ତି। ଯଦି ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ସମସ୍ୟାର ସମାଧାନ ନ କରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟହେବେ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।

ରାସ୍ତାରେ ଜମା ହୋଇଥିବା ନର୍ଦ୍ଦମା ପାଣି।

■ହୀନସ୍ତା ଭୋଗୁଛନ୍ତି ଯାତ୍ରୀ, ସ୍ଥାନୀୟ ଲୋକେ
■ଆନ୍ଦୋଳନ ପାଇଁ ଚେତାବନୀ

ଅପଚୟ ହେଉଛି ପାନୀୟ ଜଳ, ନଷ୍ଟ ହେଉଛି ରାସ୍ତା

ଖୋର୍ଦ୍ଧା ସହର ଗୁରୁଜଙ୍ଗ ରାସ୍ତାର ଚତରା ଶଙ୍କ ନିକଟରେ ପାନୀୟ ଜଳ ପାଇପରୁ ଲିକେଜ୍ ହେଉଛି। ସହରବାସୀଙ୍କୁ ଆବଶ୍ୟକ ପାନୀୟଜଳ ଯୋଗାଇବାରେ ଜନସ୍ୱାସ୍ଥ୍ୟ ବିଭାଗ ବିଫଳ ହୋଇଥିବାବେଳେ ଏପଟେ ଦୈନିକ ବିଭିନ୍ନ ସ୍ଥାନରୁ ଶହଶହ ଲିଟର ପାଣି ନଷ୍ଟ ହେଉଛି। ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଉଥିଲେ ମଧ୍ୟ ଏଥିପ୍ରତି ସେମାନେ ଗୁରୁତ୍ୱ ଦେଉ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଅନ୍ୟପକ୍ଷରେ କଟକ ନରାଜଠାରୁ ମହାନଦୀରୁ ଖୋର୍ଦ୍ଧା ସହରକୁ ପାଇପ୍‌ରେ ଜଳ ଯୋଗାଣ କରାଯାଉଛି। ମାତ୍ର ସହରର ୧୦ଟି ସ୍ଥାନରେ ପାଇପ୍‌ରୁ ପାଣି ଲିକେଜ୍ ହୋଇ ରାସ୍ତା ନଷ୍ଟ ହେଉଛି। ଲିକେଜ ବନ୍ଦ କରାଯାଉ ନ ଥିବାରୁ ବିଭିନ୍ନ ସ୍ଥାନରେ ପାଣି ଜମି ରହି ଯାତାୟାତର ସମସ୍ୟା ସୃଷ୍ଟି କରିବା ସହ ପରିବେଶକୁ ନଷ୍ଟ କରୁଛି। ସହରର ଗୁରୁଜଙ୍ଗ ପତିତପାବନ ଛକରେ ପାଣି ପିଚୁ ରାସ୍ତା ମଝିରୁ ବାହାରୁଛି। ବହୁଦିନ ହେବ ପାଣି ବାହାରୁଥିବାରୁ ସେଠାରେ ରାସ୍ତା ଖରାପ ହେବାରେ ଲାଗିଛି। ଏଠାରେ ମୋରମ ପକାଯିବା ଦ୍ୱାରା ରାସ୍ତାରେ କାଦୁଅ ହୋଇ ଦୁର୍ଘଟଣା ଘଟୁଛି। ସେହିପରି ଫାର୍ମ ଛକ, କାହ୍ନୁ ସାଗର ପୋଖରୀ ନିକଟରେ ରାସ୍ତା କଡରୁ ପାଣି ବାହାରି ନୂଆ ପିଚୁ ନଷ୍ଟ କରୁଛି। ମୋଚିସାହି ପ୍ରବେଶ ରାସ୍ତାରେ ପିଚୁ ରାସ୍ତାରୁ ପାଣି ଝରୁଛି। ଶ୍ରୀରାମନଗରର ଘାସିସାହିଠାରେ ୨ଟି ସ୍ଥାନରେ ଅନୁରୂପ ଭାବେ ପାଣି ବାହାରି କଂକ୍ରିଟ ରାସ୍ତା ନଷ୍ଟ କରୁଛି।

ଏ ସମ୍ପର୍କରେ ଖୋର୍ଦ୍ଧା ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଡି. ଶ୍ୱେତପଦ୍ମା ଷଡଙ୍ଗୀ କୁହନ୍ତି, ସହରର ବିଭିନ୍ନ ରାସ୍ତା ଖୋଳାଯାଇଥିବାରୁ ନରାଜରୁ ଆସୁଥିବା ପାନୀୟ ଜଳ ଲିକେଜ୍ ହେଉଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଫୋନ୍‌ରେ ଅବଗତ କରାଇଛି। ଏହାର ପ୍ରତିକାର ନେଇ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ସୁସ୍ଥ ପରିବେଶ ପାଇଁ ସାମାଜିକ ସଚେତନତା

ସାମାଜିକ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବୋଲଗଡ଼/ବେଗୁନିଆ, ୭।୨(ଡି.ଏନ.ଏ.)

ସୁସ୍ଥ ପରିବେଶ ପାଇଁ ଏକ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ବୋଲଗଡ଼ ବ୍ଲକ ଗେଡିଆପଲ୍ଲୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। ବୃକ୍ଷରୋପଣଠାରୁ ଆରମ୍ଭ କରି ପଲିଥିନମୁକ୍ତ ଉତ୍ତମ ପରିବେଶ ଗଠନ ନିମନ୍ତେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜିକ ସଚେତନତା କରାଯାଇଛି । ବିଦ୍ୟାଳୟର ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ତଥା ପରିବେଶବିତ୍ ସୁଦର୍ଶନ ଦାସ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ବସନ୍ତ କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ବାହୁବଳେନ୍ଦ୍ର ପ୍ରମୁଖ ସ୍ୱଚ୍ଛତା ଓ ଉତ୍ତମ ଚରିତ୍ର ନିର୍ମାଣ ଗଠନ ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରିଥିଲେ। ଏନ୍‌ସିସି ଅଧିକାରୀ ତଥା ଶିକ୍ଷକ ଦିବାକର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ ।

ଆନ୍ଦୋଳନକୁ ସ୍ଥଗିତ ରଖିଲା ପୋଲିସ ସଂଘ

ଖୋର୍ଦ୍ଧା ଅଫିସ,୭।୨

ଦରମା ବୃଦ୍ଧି, ଠିକା ନିଯୁକ୍ତି ଉଚ୍ଛେଦ, ସମସ୍ତ ପ୍ରକାରର ଭତ୍ତା, ଗ୍ରେଡ ପେ ବୃଦ୍ଧି, ସ୍ୱାସ୍ଥ୍ୟବୀମା ସୁବିଧା ଦାବି ନେଇ ଖୋର୍ଦ୍ଧା ହାବିଲଦାର ଓ କନେଷ୍ଟବଳ ସଂଘ ପକ୍ଷରୁ ଆରକ୍ଷୀମାନେ କଳା ବ୍ୟାଜ୍ ପରିଧାନ କରି ଦାବି ପୂରଣ ନିମନ୍ତେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଗୁରୁବାର କରିଥିଲେ। ଆନ୍ଦୋଳନ ଚାଲୁ ସମୟରେ ଓଡ଼ିଶା ପୋଲିସ ହାବିଲଦାର ଓ କନେଷ୍ଟବଳ ମହାସଂଘ, ପୋଲିସ ମହାନିର୍ଦ୍ଦେଶକ ଓଡ଼ିଶାଙ୍କ ସହିତ ଆଲୋଚନା କରି ଆନ୍ଦୋଳନକୁ ପ୍ରତ୍ୟାହୃତ କରିବା ପାଇଁ କହିଥିଲେ। ଏଣୁ ରାଜ୍ୟ ସଂଘର ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ ବୋଲି ଖୋର୍ଦ୍ଧା ଶାଖା ସଂଘ ସଭାପତି ଶିଶିର କୁମାର ମହାନ୍ତି, ସମ୍ପାଦକ ବସନ୍ତ କରଣ କହିଛନ୍ତି।

ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ପ୍ରଧାନ ଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପାଠ କରୁଛନ୍ତି।

ବୋଲଗଡ଼,୭।୨(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ କୁମୁଦିନୀ ପାଞ୍ଚଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟର ୨୪ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ସାଧାରଣ ସଭାରେ ଐତିହାସିକ ତଥା ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ ପୌରୋହିତ୍ୟ କରିଥିଲେ। ଶିକ୍ଷକ ବିଜୟ କୁମାର ତ୍ରିପାଠୀ ମୁଖ୍ୟଅତିଥି ଓ ଅଧ୍ୟାପକ ରଙ୍କନିଧି ବଳିୟାରସିଂହ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ କାଳୀଚରଣ ଜୟସିଂହ, ଶିକ୍ଷାବିତ୍ ସୁମନ୍ତ ଛୋଟରାୟ, ଜୟକୃଷ୍ଣ ଫତେସିଂହ, ଖବରଦାତା ପାଣ୍ଡବ ସାହୁ, ଶିକ୍ଷକ ପଦ୍ମନାଭ ଖଟାଇ ଓ କୁମୁଦିନୀ ଜୟସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ତେବେ ବିଦ୍ୟାଳୟଟି ଅନେକ ସୁବିଧା, ସୁଯୋଗ ଓ ଅନୁଦାନରୁ ବଞ୍ଚିତ ହୋଇଥିବାରୁ ଏହାର ସମାଧାନ ପାଇଁ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅନସୂୟା ଗଡ଼ବାଡ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ ଓ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ରାତ୍ର ଜଗୁଆଳଙ୍କ ଅସ୍ୱାଭାବିକ ମୃତ୍ୟୁ

ଖୋର୍ଦ୍ଧା ଅଫିସ,୭।୨

ଖୋର୍ଦ୍ଧା ଜିଲା ବାଣପୁର ଉପକୋଷାଗାର (ସବ୍ ଟ୍ରେଜେରୀ)ର ରାତ୍ର ଜଗୁଆଳଙ୍କ ଗୁରବାର ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ନୟାଗଡ ଜିଲା ଦଶପଲ୍ଲା ଅଞ୍ଚଳର ରବିନାରାୟଣ ନାୟକ (୪୨)। ଦଶପଲ୍ଲାରେ ପରିବାରର ସଦସ୍ୟମାନେ ରହୁଥିବାବେଳେ ଟ୍ରେଜେରୀ ନିକଟରେ ରବିନାରାୟଣ ଏକାକି ରହୁଥିଲେ। ଗୁରବାର ସକାଳେ ଟ୍ରେଜେରୀ ସମ୍ମୁଖ ରାସ୍ତାରେ ରବିନାରାୟଣଙ୍କ ମୃତଦେହ ପଡିଥିବା ଦେଖି ଟ୍ରେଜେରୀର କ୍ୟାସିୟର ବାସୁଦେବ ପାଳ ବାଣପୁର ଥାନାରେ ଜଣାଇଥିଲେ। ଖବରପାଇ ବାଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ୍ କରିବା ସହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ଶହୀଦ ହେମନ୍ତଙ୍କ ଶ୍ରଦ୍ଧାଞ୍ଜଳି ସଭା

ବେଗୁନିଆ,୭।୨(ଡି.ଏନ୍.ଏ.)

ଗତ ସାଧାରଣତନ୍ତ୍ର ଦିବସ ଅବସରରେ ରାଷ୍ଟ୍ର ପାଇଁ ବଳିଦାନ ଦେଇଥିବା ଭାରତୀୟ ସେନାର ଓଡ଼ିଆ ଯବାନ ହେମନ୍ତ କୁମାର ପଣ୍ଡାଙ୍କ ପାଇଁ ଗୁରୁବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ଥିବା ଦଧିବାମନ ଦେବଙ୍କ ଆମ୍ରକାନନ ପରିସରରେ ଅବସରପ୍ରାପ୍ତ ସେନା ଅଧିକାରୀ ବସନ୍ତ କୁମାର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧାର ଅତିରିକ୍ତ ଏସ୍‌ପି ପ୍ରମୋଦ ସାମନ୍ତରାୟ ଯୋଗଦେଇଥିଲେ । ମୁଖ୍ୟ ବକ୍ତାଭାବେ ଡ. ଅମରେନ୍ଦ୍ରନାଥ ମହାପାତ୍ର, ସମ୍ମାନିତ ଅତିଥିଭାବେ ବାଲୁଗାଁ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ଏବଂ ପ୍ରାଧ୍ୟାପକ ରବୀନ୍ଦ୍ରନାଥ ପାଣିଗ୍ରାହୀ ଉପସ୍ଥିତ ଥିଲେ। ମିହିର ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଆଇନଜୀବୀ, ଶିକ୍ଷାବିତ୍, ପଣ୍ଡିତ ସଜ୍ଜନମାନେ ଉପସ୍ଥିତ ଥିଲେ । ହେମନ୍ତଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ଭାଗବତ ଚର୍ଚ୍ଚା ଓ ଗୀତା ପାଠ କରାଯାଇଥିଲା। ଦେଶ ପାଇଁ ଅନେକ ବ୍ୟକ୍ତି ଶହୀଦ ହୋଇଛନ୍ତି ହେଲେ ହେମନ୍ତ ହେଉଛନ୍ତି ଅନନ୍ୟ । ସାଧାରଣତନ୍ତ୍ର ଦିବସ ଅବସରରେ ଶତ୍ରୁଙ୍କ ସହିତ ଲଢି ଦେଶ ପାଇଁ ଏକ କୀର୍ତ୍ତି ରଖିବା ସହ ବେଗୁନିଆ ମାଟି ପାଇଁ ବୀରତ୍ୱର ଗାଥା ରଖି ଗଲେ ଲାନ୍ସ ନାୟକ ହେମନ୍ତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସୂଚନା ଥାଉ କି, ଏହି ଥାନା ଅଧୀନ ଅଠରାଙ୍ଗ ଗ୍ରାମର ଅବସରପ୍ରାପ୍ତ ସୁବେଦାର ମେଜର ପବିତ୍ର ପଣ୍ଡାଙ୍କ ଏକମାତ୍ର ପୁଅ ହେମନ୍ତ ୨୦୧୫ ଜାନୁୟାରୀ ୫ରେ ଭାରତୀୟ ସେନାରେ ଯୋଗ ଦେଇଥିଲେ। ୧୨୦ ଗାର୍ଡ, ୪୬ ରାଷ୍ଟ୍ରୀୟ ରାଇଫଲ ବାଟାଲିୟନର (ପ୍ୟାରେଣ୍ଟ ୟୁନିଟ) ମେକାନାଇଜ ଗାର୍ଡ ଲାନ୍ସ ନାଏକ ଗନର ଭାବେ ହେମନ୍ତ ପରିଚିତ ଥିଲେ । ମାତ୍ର ଘଟଣା ଘଟିବା ଦିନ ଅପରାହ୍ନ ପ୍ରାୟ ୩ଟା ୩୩ମି. ବେଳକୁ ଶ୍ରୀନଗରର ବାରମୁଲା ବର୍ଡରରେ ଅପରେଶନ ସର୍ଚ୍ଚ ଚାଲିଥିଲା । ବିପକ୍ଷରୁ ଆତଙ୍କବାଦୀଙ୍କ ଗୁଳି ବର୍ଷଣ ହୋଇଥିଲା। ଗୋଟିଏ ଗୁଳି ଆସି ତାଙ

କି ବ୍ୟକ୍ତି, କି ରାଷ୍ଟ୍ର ପ୍ରତ୍ୟେକ ନିଜ ଗୋଡ଼ରେ ଠିଆ ହେବା ନିମନ୍ତେ ଶିକ୍ଷା ଲାଭ କରିବା ଉଚିତ।

- ସ୍ୱାମୀ ବିବେକାନନ୍ଦ

ସଂକ୍ଷେପରେ

ଅଗ୍ନିକାଣ୍ଡ: ୯ବଖରା ଜଳିଗଲା

ନିମାପଡ଼ା,୭।୨(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ବାହାରେଣା ପଞ୍ଚାୟତର ବାହାରେଣା ଗ୍ରାମରେ ଗୁରୁବାର ଆକସ୍ମିକ ଅଗ୍ନିକାଣ୍ଡ ଘଟି ମନୋଜ ଗୋଛାୟତଙ୍କ ୩ବଖରା ଘର ସହ ସମସ୍ତ ଆସବାବପତ୍ର ପୋଡିଯାଇଛି। ଖବରପାଇ ନିମାପଡ଼ା ଓ ଗୋପ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଫାୟାର ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ କହିଛନ୍ତି। ସେହିପରି ବୁଧବାର ବିଳମ୍ବିତ ରାତିରେ ସ୍ଥାନୀୟ ଥାନା ଅନ୍ତର୍ଗତ ଅଲଣ୍ଡା ମଣିଜଙ୍ଗପାଟଣା ଗ୍ରାମରେ ଅଗ୍ନିକାଣ୍ଡ ଘଟି ଶିବଚରଣ ସ୍ୱାଇଁଙ୍କ ୩ବଖରା ଓ ତାରେଣିସେନ ସ୍ୱାଇଁଙ୍କ ୩ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ ହୋଇଯାଇଥିବା ଶିବଚରଣ ଓ ତାରେଣୀ ସେନ କହିଛନ୍ତି। ଅନ୍ୟପକ୍ଷରେ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟି ସ୍ଥାନୀୟ ଥାନା ଅନ୍ତର୍ଗତ କେରାଣ୍ଡିଆବିନ୍ଦା ଗ୍ରାମର କାଙ୍ଗାଳି ପ୍ରଧାନଙ୍କ ୩ଟି ଧାନଗଦା ପୋଡି ପାଉଁଶ ହୋଇଯାଇଛି। ଖବରପାଇ ନିମାପଡ଼ା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଏହି ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ବିପନ୍ନ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

ଜିଲା କଂଗ୍ରେସ କମିଟି ଓବିସିର ନୂଆ କର୍ମକର୍ତ୍ତା

ପୁରୀ ଅଫିସ,୭।୨: ପୁରୀ ଜିଲା କଂଗ୍ରେସ କମିଟି ଓବିସି ବିଭାଗର ଉପାଧ୍ୟକ୍ଷ ଭାବେ ଦୁର୍ଯ୍ୟୋଧନ ଜେନା ମନୋନୀତ ହୋଇଛନ୍ତି। ସେହିପରି କଣାସ ବ୍ଲକର ଓବିସି ବିଭାଗ ସଭାପତି ଭାବେ ଦୁର୍ଗାପ୍ରସାଦ ମହାରଥୀ ଏବଂ ସତ୍ୟବାଦୀ ବ୍ଲକ ସଭାପତି ଭାବେ ଅଭୟ କୁମାର ସେନାପତି ମନୋନୀତ ହୋଇଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଓବିସି ବିଭାଗ ପକ୍ଷରୁ ଏମାନଙ୍କୁ ମନୋନୀତ କରାଯାଇଥିବା ପୁରୀ ଜିଲା କଂଗ୍ରେସ କମିଟି ଓବିସି ବିଭାଗ ଅଧ୍ୟକ୍ଷ ପଞ୍ଚାନନ ମହାପାତ୍ର ଜଣାଇଛନ୍ତି।

ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

ବଲଙ୍ଗା,୭।୨(ଡି.ଏନ୍.ଏ.): ସରକାରୀ ନୋଡାଲ୍ ଉଚ୍ଚ ବିଦ୍ୟାଳୟ ବଲଙ୍ଗା ଖେଳ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ଲଙ୍କେଶ୍ୱରୀ ଫୁଟବଲ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲରେ ଜଗା ୟୁନାଇଟେଡ୍ ଭୁବନେଶ୍ୱର ୧-୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଆବାସିକ ମହାବିଦ୍ୟାଳୟର ସଭାପତି ଚିନ୍ତାମଣୀ ବରାଳ, ଶ୍ରୀକର ପ୍ରଧାନ ଅତିଥି ରୂପେ ଯୋଗଦେଇ ଥିଲେ। ଡ. ଗଙ୍ଗାଧର ସାହୁ, ରାଜୁ ମହାନ୍ତି, ଅମିତ ନାୟକ, ମା' ଲଙ୍କେଶ୍ୱରୀ ଫୁଟ୍‌ବଲ୍ କ୍ଲବର ଶରତ ବିଶ୍ୱାଳ, ତୋଫାନ ପ୍ରଧାନ, ପ୍ରଦୀପ୍ତ ଘଡେଇ ପ୍ରମୁଖ ପରିଚାଳନା କରିଥିଲେ।

ଆକ୍ୱାରିୟମ୍ ଜମିରେ କମ୍ୟୁନିଟି ସେଣ୍ଟର

ପୁରୀ ଅଫିସ, ୭।୨:

ଆକ୍ୱାରିୟମ୍ ପାଇଁ ଚିହ୍ନଟ ଜମିରେ ନିର୍ମାଣ ହୋଇଥିବା କମ୍ୟୁନିଟି ସେଣ୍ଟର ।

- ପ୍ରସ୍ତାବିତ ଜମିକୁ ନେଇ ଟଣାଓଟରା
- ଆରମ୍ଭ ହୋଇପାରୁନି କାମ
- ଦୁଇ ସଂସ୍ଥାକୁ ଚିଠି ଲେଖିଲା ପର୍ଯ୍ୟଟନ ବିଭାଗ

ଆକ୍ୱାରିୟମ୍ ପାଇଁ ଜମି ଚିହ୍ନଟ ହୋଇ ଶିଳାନ୍ୟାସ ହୋଇଥିଲା। ଇତିମଧ୍ୟରେ ୬ ବର୍ଷ ପୂରିଗଲାଣି। ଆକ୍ୱାରିୟମ୍ ତ ତିଆରି ହୋଇପାରିନି କିନ୍ତୁ ଏହି ଜମିରେ ତିଆରି ହୋଇଛି କମ୍ୟୁନିଟି ସେଣ୍ଟର। କେବଳ କମ୍ୟୁନିଟି ସେଣ୍ଟର ନୁହେଁ, ପୁରୀ ପୌରସଂସ୍ଥାର କଲ୍ୟାଣମଣ୍ଡପ ତିଆରି କରାଯାଇଥିବା ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ କହିଛନ୍ତି। ଏହାକୁ ଅସ୍ୱୀକାର କରିଛନ୍ତି ପୌରସଂସ୍ଥା ନିର୍ବାହୀ ଅଧିକାରୀ। ପ୍ରସ୍ତାବିତ ଆକ୍ୱାରିୟମ୍ ଜମିକୁ ନେଇ ଟଣାଓଟରା ଚାଲିଛି। ପର୍ଯ୍ୟଟନ ବିଭାଗ ଏ ନେଇ ପୌରସଂସ୍ଥା ଏବଂ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ଚିଠି ଲେଖିଥିବା ଜଣାପଡିଛି।

ପର୍ଯ୍ୟଟନ କ୍ଷେତ୍ର ପୁରୀର ଭିତ୍ତିଭୂମିକୁ ଆଉ ପାଦେ ଆଗକୁ ନେବା ପାଇଁ ଏକ ଅତ୍ୟାଧୁନିକ ବୃହତ୍ ଜଳଜୀବ ଆବାସ (ଆକ୍ୱାରିୟମ୍)ର ପରିକଳ୍ପନା କରାଯାଇଥିଲା। ଅର୍ବାନ ହାଟ ସମ୍ମୁଖ ପ୍ରାୟ ୨.୪୦୪ ଏକର ଜମିରେ ଏହା ସ୍ଥାପନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ପ୍ରାଥମିକ ଭାବେ ୫ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଏଥିରେ ଉଭୟ ମଧୁର ଏବଂ ଲୁଣିପାଣିରେ ରହୁଥିବା ବହୁ ଜୀବଙ୍କ ସମେତ ବିଭିନ୍ନ ପ୍ରକାର ସାମୁଦ୍ରିକ ମାଛ, କଙ୍କଡ଼ା, ସାପ, ସାମୁଦ୍ରିକ ଗୁଳ୍ମ ଓ ପ୍ରବାଳ ରହିବେ। ରାଜ୍ୟର ପାରାଦୀପ ଏବଂ ନନ୍ଦନକାନନରେ ଛୋଟ ଛୋଟ ଆକ୍ୱାରିୟମ୍ ଥିବାବେଳେ ପ୍ରସ୍ତାବିତ ଆକ୍ୱାରିୟମ୍ ବହୁତ ବଡ଼ ହେବା ପାଇଁ ଯୋଜନା କରାଯାଇଥିଲା। ଏହାର ଡିଜାଇନ୍ ଓ ସବିଶେଷ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ ସରିଥିବା ବେଳେ ଇଡ୍‌କୋକୁ ଏହାର ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ୨୦୧୩ ଜାନୁୟାରୀ ୨୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶିଳାନ୍ୟାସ କରିଥିଲେ। ସମସ୍ତଙ୍କ ଆଶା ଥିଲା, ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ଏହି ପର୍ଯ୍ୟଟନଭିତ୍ତିକ ପ୍ରକଳ୍ପ ଖୁବ୍‌ଶୀଘ୍ର ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ହେଲେ ସମୟ ଗଡ଼ିଲା ସିନା, ଆକ୍ୱାରିୟମ୍ ତିଆରି ହୋଇପାରିଲା ନାହିଁ। କ'ଣ ପାଇଁ କାମ ଅଟକିଛି, କାହିଁକି ଆକ୍ୱାରିୟମ୍ ତିଆରି ହୋଇପାରୁନି ସେନେଇ ପର୍ଯ୍ୟଟନ ବିଭାଗ ପକ୍ଷରୁ ଭୁବନେଶ୍ୱରଠାରେ ଏକାଧିକ ଥର ବୈଠକ ବସିଛି। ବହୁବାର ଆଲୋଚନା ପରେ ଗତ ଜାନୁୟାରୀ ୨୦ରେ ଇଡ୍‌କୋ ଆକ୍ୱାରିୟମ୍ କାମ ଆରମ୍ଭ କରିବାକୁ ଆସିଥିବା ବେଳେ ପ୍ରସ୍ତାବିତ ଜମିରେ ଅନ୍ୟ ପ୍ରକଳ୍ପ ଦେଖି ଫେରିଯାଇଥିବା ଜଣାପଡିଛି।

ଏ ସମ୍ପର୍କରେ ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା କହିଛନ୍ତି, ପୁରୀର ଆକ୍ୱାରିୟମ ପ୍ରକଳ୍ପ ପାଇଁ ଏଭଳି ବିବାଦ ନିଶ୍ଚିତ ଖରାପ କଥା। ବେଆଇନ ଭାବେ ପୌରସଂସ୍ଥା ଏହି ଜମି ଉପରେ କଲ୍ୟାଣମଣ୍ଡପ ତିଆରି କରିଥିବାରୁ ଆକ୍ୱାରିୟମ୍ ପ୍ରକଳ୍ପର ଭାଗ୍ୟ ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ଏହି ଜାଗା ଖାଲି କରିବାକୁ ପୌରସଂସ୍ଥାକୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି। ଏ ବାବଦରେ ଆଉ ଏକ ବିକଳ୍ପ ଚିନ୍ତା କରାଯାଉଛି। ଏହି କୋଠା ଆକ୍ୱାରିୟମ୍ ପ୍ରକଳ୍ପର କୌଣସି କାମରେ ଯଦି ବ୍ୟବହୃତ ହୋଇପାରିବ ତାହା ଉପରେ ମଧ୍ୟ ବିଚାରବିମର୍ଶ ଚାଲିଛି। ସେହିପରି ନିର୍ମାଣାଧୀନ କମ୍ୟୁନିଟି ହଲ୍ କାମ ବନ୍ଦ ରଖିବାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ଚିଠି ଲେଖାଯାଇଛି ବୋଲି ସହକାରୀ ନିର୍ଦ୍ଦେଶକ ଜେନା କହିଛନ୍ତି।ଏ ସଂକ୍ରାନ୍ତରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇଙ୍କୁ ପଚାରିବାରୁ ପୌରସଂସ୍ଥା ପକ୍ଷରୁ ଆକ୍ୱାରିୟମ୍ ଜମିରେ କୌଣସି ନିର୍ମାଣ କରାଯାଇନାହିଁ। ପର୍ଯ୍ୟଟନ ବିଭାଗର କୌଣସି ଚିଠି ମଧ୍ୟ ପାଇନାହୁଁ ବୋଲି ସେ କହିଛନ୍ତି। ସେହିପରି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି କହିଛନ୍ତି, ପର୍ଯ୍ୟଟନ ବିଭାଗର ଚିଠି ପାଇନାହିଁ। ଚିଠି ପାଇବା ପରେ ତର୍ଜମା କରାଯାଇ ଯାହାକିଛି ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

ଶ୍ରୀମନ୍ଦିରରେ ଲ୍ୟୁଟନାଣ୍ଟ ଜେନେରାଲ ଅଭୟ କ୍ରିଷ୍ଣା

ପୁରୀ ଅଫିସ, ୭।୨:

ଲ୍ୟୁଟନାଣ୍ଟ ଜେନେରାଲ ଅଭୟ କ୍ରିଷ୍ଣା ଗୁରୁବାର ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ମଧ୍ୟାହ୍ନ ପ୍ରାୟ ୧୨ଟା ୨୦ରେ କଡ଼ା ସୁରକ୍ଷା ମଧ୍ୟରେ ଆସି ସେ ସିଂହଦ୍ୱାରରେ ପହଞ୍ଚିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଅଧିକାରୀ ସୁଦୀପ୍ ଚାଟାର୍ଜୀ ତାଙ୍କୁ ସ୍ୱାଗତ କରି ମନ୍ଦିରକୁ ନେଇଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଢା ପରିସର ବିଭିନ୍ନ ମନ୍ଦିର ବୁଲି ଦର୍ଶନ କରିଥିଲେ। ସିଂହଦ୍ୱାରଠାରେ ସେ ଗଣମାଧ୍ୟମକୁ କହିଥିଲେ ଯେ, ମହାପ୍ରଭୁଙ୍କୁ ଭଲ ଭାବେ ଦର୍ଶନ କରିବାର ସୌଭାଗ୍ୟ ପାଇଥିବାରୁ ମୋତେ ବହୁତ ଖୁସି ଲାଗୁଛି।

ଶ୍ରୀମନ୍ଦିରରୁ ଶ୍ରୀଜୀଉଙ୍କ ଦର୍ଶନ ସାରି ଲ୍ୟୁଟନାଣ୍ଟ ଜେନେରାଲ ଅଭୟ କ୍ରିଷ୍ଣା ଫେରୁଛନ୍ତି ।

- ବକେୟା ଦରମା ଦାବି

ମେଡିକାଲ ଠିକା କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

ପୁରୀ ଅଫିସ, ୭।୨:

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଠିକା କର୍ମଚାରୀ ସଂଘ ପକ୍ଷରୁ ୧୦ ମାସର ବକେୟା ଦରମା ପ୍ରଦାନ ଦାବିରେ ଗୁରୁବାରଠାରୁ କଳାବ୍ୟାଜ୍ ପରିଧାନ କରାଯାଇଛି। ଆସନ୍ତା ୧୫ ଦିନ ଧରି ସମସ୍ତ କର୍ମଚାରୀ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି ହୋଇଛି। ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ସମସ୍ତ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସଂଘ ସଭାପତି ଆଇନଜୀବୀ ଶରତ ଚନ୍ଦ୍ର ରାୟଗୁରୁ କହିଛନ୍ତି, ଜିଲା ସ୍ୱାସ୍ଥ୍ୟ ସମିତିର ଅନୁମୋଦନ କ୍ରମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ପଦବୀରେ ୪୪ ଠିକା କର୍ମଚାରୀ କାର୍ଯ୍ୟ କରୁଛନ୍ତି। ୧୦ ମାସ ହେଲା ସେମାନେ ବିନା ଦରମାରେ ଦିବାରାତ୍ର ମେଡିକାଲରେ କାମ କରୁଛନ୍ତି। ଶ୍ରମିକଙ୍କ ଲାଗି ସରକାର ସର୍ବନିମ୍ନ ମଜୁରି ୨୫୦ଟଙ୍କା ସ୍ଥିର କରିଛନ୍ତି। କିନ୍ତୁ ପୁରୀ ମେଡିକାଲରେ କାର୍ଯ୍ୟରତ ଠିକା କର୍ମଚାରୀମାନଙ୍କୁ ଦୈନିକ ୧୫୦ଟଙ୍କା ପ୍ରଦାନ କରାଯାଉଛି। ଚାକିରି ଦିନଠାରୁ କୌଣସି କର୍ମଚାରୀଙ୍କ ଇଏସ୍‌ଆଇ ଓ ଇପିଏଫ୍ ଲାଗୁ କରାଯାଇନାହିଁ। ପ୍ରତ୍ୟେକ ମାସ ୧ରୁ ୧୦ତାରିଖ ମଧ୍ୟରେ ଦରମା ପ୍ରଦାନ କରିବାକୁ ସଂଘ ସଭାପତି ରାୟଗୁରୁ ଦାବି କରିଛନ୍ତି। ସଂଘ ସମ୍ପାଦକ ଅନିଲ ମୁଦୁଲିଙ୍କ ସମେତ ମେଡିକାଲରେ କାର୍ଯ୍ୟରତ ସମସ୍ତ ଠିକା କର୍ମଚାରୀ ଏଥିରେ ସାମିଲ ହୋଇଥିଲେ।

ମେଡିକାଲ ଠିକା କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ପୁରୀ-ବ୍ରହ୍ମଗିରି ରାସ୍ତା ପାର୍ଶ୍ୱ ଏକ ଧାନ ଜମିରେ ଗୁରୁବାର ବହୁ ସଂଖ୍ୟାରେ ବଗ ଖାଦ୍ୟସଂଗ୍ରହ କରୁଛନ୍ତି ।

କୋଣାର୍କରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ

କୋଣାର୍କ, ୭।୨(ଡି.ଏନ୍.ଏ.)

କୋଣାର୍କ ଥାନା ଓ ବସନ୍ତମଞ୍ଜରୀ ପାଠାଗାରର ମିଳିତ ଆନୁକୂଲ୍ୟରେ ଗୁରୁବାର ୩୦ତମ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ସରକାରୀ ଉଚ୍ଚ ବିଦ୍ୟାଳୟଠାରୁ ଆରମ୍ଭ କରି ବସଷ୍ଟାଣ୍ଡ, ଟୁରିଷ୍ଟ ମାର୍କେଟ, ସୂର୍ଯ୍ୟମନ୍ଦିର, ମେଡିକାଲ ଛକ ଦେଇ ବିଦ୍ୟାଳୟ ପରିସରରେ ପହଞ୍ଚି ଥିଲେ। ଏହି କାର୍ଯ୍ୟକ୍ରମକୁ କୋଣାର୍କ ବନାଞ୍ଚଳ ଅଧିକାରୀ ଆଦିତ୍ୟ ନାରାୟଣ ମିଶ୍ର ଉଦ୍‌ଘାଟନ କରିଥିଲେ। ବସନ୍ତ ମଞ୍ଜରୀ ପାଠାଗାରର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆମପୋଲିସ ସମିତିର ସଭାପତି ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, କୋଣାର୍କଥାନାର ଭାରପ୍ରାପ୍ତ ଅଧିକାରୀ ସଞ୍ଜୀବ କୁମାର ପ୍ରଧାନ, ପଦ୍ମଚରଣ ବେଉରା, ଖବରଦାତା ଭାଗୀରଥି ସ୍ୱାଇଁ, ସମ୍ପାଦକ ମନୋରଞ୍ଜନ ପଣ୍ଡା, ସଂଗ୍ରାମ କେଶରୀ ମହାପାତ୍ର, ଅଧ୍ୟାପକ ବିନୟ ଭୂଷଣ ମହାନ୍ତି ପ୍ରମୁଖ ସଡକ ସୁରକ୍ଷା ଓ ଟ୍ରାଫିକ ନିୟମ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୋଣାର୍କ କଲେଜର ଏନସିସି, ସରକାରୀ ଉଚ୍ଚ ବିଦ୍ୟାଳୟ, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାଳୟ ନୂଆଗାଁର ପ୍ରାୟ ୨୦୦ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମାନସ କୁମାର ମୁଦୁଲି, ଅଭୟ ମଲ୍ଲ, ଶୁକାନ୍ତ ପ୍ରଧାନ, କୃଷ୍ଣଚନ୍ଦ୍ର ଲେଙ୍କା ପ୍ରମୁଖ ପରିଚାଳନା କରଥିଲେ।

୧୨୦ ବୋତଲ ଚୋରାମଦ ଜବତ: ୪ ଗିରଫ

ନିମାପଡ଼ା,୭।୨(ଡି.ଏନ୍.ଏ.):

ନିମାପଡ଼ା ଅବକାରୀ ବିଭାଗ ଓ ପୁରୀ ଅବକାରୀ ମୋବାଇଲ ସ୍କ୍ୱାଡ ଗୁରୁବାର ନିମାପଡ଼ା, ଗୋପ, କୋଣାର୍କ, କାକଟପୁର, ଅସ୍ତରଙ୍ଗ, ନୟାହାଟ ଆଦି ଥାନା ଅଞ୍ଚଳରେ ଚଢାଉ କରି ଚୋରା ମଦ ବିକ୍ରି କରୁଥିବା ଅଭିଯୋଗରେ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗୋପ ଥାନା ଅନ୍ତର୍ଗତ ବେରୁନିଆ ଗ୍ରାମର ଆକାଶ ବେହେରା, ଗୋପର ସୁଶାନ୍ତ ସ୍ୱାଇଁ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୁମାଳ ଗ୍ରାମର ନୃସିଂହଚରଣ ସାହୁ, କାକଟପୁର ଥାନା ଅନ୍ତର୍ଗତ ପଥରପଦା ଗ୍ରାମର ରବୀନ୍ଦ୍ର ମହାରଣା। ଏମାନଙ୍କ ପାଖରୁ ୧୨୦ବୋତଲ ଚୋରା ଦେଶୀ ଓ ବିଦେଶୀ ମଦ ଜବତ ହୋଇଛି। ଜବତ ହୋଇଥିବା ଚୋରା ମଦର ଆନୁମାନିକ ମୂଲ୍ୟ ପ୍ରାୟ ୧୦ହଜାର ଟଙ୍କା ହେବ ବୋଲି ଜଣାପଡିଛି। ଏ ନେଇ ୪ ଚୋରା ମଦ ବ୍ୟବସାୟୀଙ୍କ ବିରୋଧରେ ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ଦୁଇଟି ମାମଲା (ନଂ.୪୯/୧୯, ୫୦/୧୯) ରୁଜୁ ହୋଇଛି। ପୁରୀ ଅବକାରୀ ମୋବାଇଲ ବିଭାଗ ପକ୍ଷରୁ ଦୁଇଟି ମାମଲା (ନଂ. ୧୪୧/୧୯, ୧୪୨/୧୯)ରୁଜୁ ହୋଇଛି। ଇନ୍ସପେକ୍ଟର ଲକ୍ଷ୍ମଣ ଷଡଙ୍ଗୀ, ଏଏସଆଇ ସୁଶାନ୍ତ ମହାପାତ୍ର, ନିମାପଡ଼ା ଅବକାରୀ ଅଧୀକ୍ଷକ ବନ୍ଦନା ପଟ୍ଟନାୟକ, ପ୍ରଦୀପ୍ତ ପଣ୍ଡା, ଏସ୍.କେ.ଓ୍ୱାରିସ ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ ।

ଅଗ୍ନିକାଣ୍ଡରେ ଜଳିଗଲା ୨୦ପରିବାରର ୨୨ବଖରା

କଣାସ, ୭।୨(ସ୍ୱ.ପ୍ର.)

ଅଗ୍ନିକାଣ୍ଡରେ ଭସ୍ମୀଭୂତ ହୋଇଥିବା ଘର ।

କଣାସ ବ୍ଲକ ଅନ୍ତର୍ଗତ ସାହୁପଡା ଗ୍ରାମପଞ୍ଚାୟତର ବାଲିପଡା ଗ୍ରାମରେ ବୁଧବାର ମଧ୍ୟରାତ୍ରରେ ଅଗ୍ନିକାଣ୍ଡ ଘଟି ୨୦ଟି ପରିବାରର ୨୨ବଖରା ସମେତ ଘରର ସମସ୍ତ ଆସବାବପତ୍ର ପୋଡିପାଉଁଶ ହୋଇଯାଇଛି। ଖବରପାଇ କଣାସରୁ ଦମକଳ ବାହିନୀ ଯାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

ଖବରନେବାରେ ଜଣାପଡିଛି ଆକସ୍ମିକ ଅଗ୍ନିକାଣ୍ଡଘଟି ଗ୍ରାମର ପ୍ରତିମା ପାଇକରାୟ, ରଙ୍କନିଧି ଛୋଟରାୟ, କେଳୁ ଛୋଟରାୟ, ଦିବାକର ଛୋଟରାୟ, ନରହରି ଛୋଟରାୟ, କାମିନୀ ଛୋଟରାୟ, ଶଙ୍ଖଲତା ସାମନ୍ତସିଂହାର, ସୁନନ୍ଦା ସାମନ୍ତସିଂହାର, ଶାନ୍ତିଲତା ସାମନ୍ତସିଂହାର, ରଜନୀକାନ୍ତ ସାମନ୍ତସିଂହାର, ସୁବାସ ପାଇକରାୟ, ରାଜଶ୍ରୀ ପାଇକରାୟ, ସୁଷମା ପାଇକରାୟ, ସୁକାନ୍ତି ଦେଈ, ଗୀତାଞ୍ଜଳି ଛୋଟରାୟ, କମଳା ପାଇକରାୟ, ଲକ୍ଷ୍ମଣ ପାଇକରାୟ, କୌଶଲ୍ୟା ଛୋଟରାୟ, ମାନସୀ ସାମନ୍ତରାୟ, ନିରାକାର ପାଇକରାୟ ପ୍ରମୁଖଙ୍କ ବାସଗୃହ ସମେତ ଘରର ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଖବରପାଇ ଅଗ୍ନିବିପନ୍ନଙ୍କ ପାଖରେ କଣାସ ତହସିଲଦାର ଅନିତା ପଣ୍ଡା, ବିଡିଓ ପ୍ରତିଭା ସାହୁ ପହଞ୍ଚି ପଲିଥିନ ପ୍ରଦାନ କରିଛନ୍ତି। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଓ ସତ୍ୟବାଦୀର ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂହ ଅଗ୍ନିବିପନ୍ନଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ ସେମାନଙ୍କୁ ଶୁଖିଲାଖାଦ୍ୟ, ଲୁଗାପଟା ପ୍ରଦାନ କରିଥିଲେ। ସ୍ଥାନୀୟ ସରପଞ୍ଚ ଗୋଲାପ ମାର୍ଥା ଗୁରୁବାର ରନ୍ଧାଖାଦ୍ୟ ପ୍ରଦାନ କରିଛନ୍ତି। ଅଗ୍ନିବିପନ୍ନମାନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ପାରା ଗୁଳିକାଣ୍ଡ ଭିଡିଓ ଭାଇରାଲ

ପୁରୀ ଅଫିସ,୭।୨:

ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଭିଡିଓର ଏକ ଦୃଶ୍ୟ ।

- ଫେଡ୍‌କୋ ଅଧିକାରୀଙ୍କ ଜେରାକୁ ନେଇ ଚର୍ଚ୍ଚା
- ନାମ ଗୋପନ ରଖିବ

ପେଟଟା ଭୋକରେ ବ୍ୟାକୁଳ ହେଉଥିବା ବେଳେ କେହି ଜ୍ଞାନ ଚର୍ଚ୍ଚା କରିପାରିବେ ନାହିଁ।
– ଜର୍ଜ ଇଲିଅଟ

ସଂକ୍ଷେପରେ

ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ବିଭିନ୍ନ ବିଭାଗକୁ ଚିଠି ଲେଖିଲା ବୋର୍ଡ

ପୁରୁଣା ଭୁବନେଶ୍ୱର, ୭।୨ (ଡି.ଏନ୍.ଏ.): ଆସନ୍ତା ମାର୍ଚ୍ଚ ୪ରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ଉତ୍ସବ ଅନୁଷ୍ଠିତ ହେବ। ଏକ ମାସରୁ କମ୍ ଦିନ ଥିବା ବେଳେ ଏ ପର୍ଯ୍ୟନ୍ତ ମନ୍ଦିର ଓ ମନ୍ଦିର ବାହାର କାର୍ଯ୍ୟ ଅସଜଡା ରହିଛି। ତେଣୁ ମନ୍ଦିର ଭିତରେ ଓ ବାହାରେ ବାରିକେଡ କାର୍ଯ୍ୟ ସାରିବାକୁ ଶ୍ରୀଲିଙ୍ଗରାଜ ଟ୍ରଷ୍ଟ ବୋର୍ଡ ପକ୍ଷରୁ କେନ୍ଦ୍ରୀୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଚିଠି ପଠାଯାଇଛି। ପ୍ରଥମଥର ପାଇଁ ମନ୍ଦିର ଦକ୍ଷିଣ ଦ୍ୱାର ପାର୍ଶ୍ୱକୁ ବସାଯିବାକୁ ଥିବା ୧୦ଲକ୍ଷ ଟଙ୍କାର ବର୍ଜ୍ୟବସ୍ତୁ ପରିଚାଳନା ମେଶିନ ୱାଟର କେୟାର ସିଷ୍ଟମ କମ୍ପାନୀକୁ ଚିଠି ହୋଇଛି। ଏହି କମ୍ପାନୀ ମନ୍ଦିର କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେବା। ଶିବରାତ୍ରି ପୂର୍ବରୁ ଏହି ମେଶିନ ଲାଗିପାରିଲେ ଭକ୍ତମାନେ ବ୍ୟବହାର କରୁଥିବା ପୂଜା ଉପକରଣ ଜୈବସାରରେ ପରିଣତ ହୋଇପାରିବ। ସେହିପରି ବିଭିନ୍ନ ବିଭାଗ ଦ୍ୱାରା ବନ୍ଦ ରହିଥିବା କାର୍ଯ୍ୟ ସମ୍ପନ୍ନ ପାଇଁ ଚିଠି କରାଯାଇଥିବା ଜଣାପଡିଛି।

ଆନ୍ଦୋଳନ ସ୍ଥଗିତ ରଖିଲା ଗୃହରକ୍ଷୀ ସଂଘ

ଭୁବନେଶ୍ୱର, ୭।୨ (ବ୍ୟୁରୋ): ୪ଦଫା ଦାବି ନେଇ ଓଡ଼ିଶା ଗୃହରକ୍ଷୀ ସମାଜ କଲ୍ୟାଣ ସଂଘ ପକ୍ଷରୁ ଆସନ୍ତା ୮ ତାରିଖରେ କାର୍ଯ୍ୟବନ୍ଦ ଆନ୍ଦୋଳନର ଡାକରା ଦିଆଯାଇଥିଲା। ହେଲେ ଏହା ପୂର୍ବରୁ ଭୁବନେଶ୍ୱର ଡିସିପିଙ୍କ ସହ ସଂଘର ସଭାପତି ଶରତଚନ୍ଦ୍ର ମିଶ୍ର ଓ ଅନ୍ୟମାନେ ଆଲୋଚନା କରିଥିଲେ। ସଂଘର ଦାବି ପୂରଣ ପାଇଁ ଡିସିପି ୪ଦିନ ସମୟ ନେଇଛନ୍ତି। ଏହି ୪ ଦିନ ମଧ୍ୟରେ ଗୃହରକ୍ଷୀଙ୍କ ଦାବିଗୁଡିକ ଉପରେ ପର୍ଯ୍ୟାଲୋଚନା କରିବା ପରେ ନିଷ୍ପତ୍ତି ନେବେ। ଯଦି ଡିସିପି ସଂଘର ଦାବି ପୂରଣ ନ କରନ୍ତି ତେବେ ସଂଘ ପୂର୍ବଭଳି କାର୍ଯ୍ୟବନ୍ଦ ଆନ୍ଦୋଳନ କରିବ। ରାଜ୍ୟରେ ଥିବା ୧୭ହଜାର ୭୬୫ ଗୃହରକ୍ଷୀ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହେବେ ବୋଲି ସଂଘର ସଭାପତି କହିଛନ୍ତି। ଟ୍ରାଫିକ, ପିସିଆର, ରେସିଡେନ୍ସ ଡ୍ୟୁଟି, ଭିଆଇପି ଡ୍ୟୁଟି, ଆନ୍ତର୍ଜାତିକ ଖେଳ ଭଳି କାର୍ଯ୍ୟରେ ହୋମ୍‌ଗାର୍ଡମାନେ ସାମିଲ ହେଉଛନ୍ତି। କିନ୍ତୁ ସେମାନଙ୍କ କାର୍ଯ୍ୟ ଅନୁଯାୟୀ ଉପଯୁକ୍ତ ପାରିଶ୍ରମିକ ମିଳୁନାହିଁ। ଏ ବିଷୟରେ ସରକାରଙ୍କୁ ଏବଂ ଉପରିସ୍ଥ ଅଧିକାରୀଙ୍କୁ ସଂଘ ମାଧ୍ୟମରେ ଆଲୋଚନା କରାଯାଇଥିଲା। ଆଲୋଚନାରେ ସରକାର ସେମାନଙ୍କ ଦାବିପୂରଣ ପାଇଁ ପ୍ରତିଶ୍ରୁତି ଦେଇ ପରେ ଅଧିକାରୀମାନେ ଭୁଲି ଯାଉଛନ୍ତି ବୋଲି ସଂଘ ଅଭିଯୋଗ କରିଛି।

ଅବହେଳିତ ଅବସ୍ଥାରେ ୧୦୧ ବର୍ଷର ସ୍କୁଲ

ଗୋପ, ୭।୨ (ଡି.ଏନ୍.ଏ.)

■ଭାଙ୍ଗିଗଲାଣି ଶ୍ରେଣୀଗୃହ ■ବିଦ୍ୟାଳୟରେ ନାହିଁ ଶୌଚାଳୟ

ଗୁଣାତ୍ମକ ଶିକ୍ଷାର ବିକାଶ ଲାଗି ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଥିବାବେଳେ ଗ୍ରାମାଞ୍ଚଳର ପିଲାମାନଙ୍କୁ ପାଠପଢ଼ା ପ୍ରତି ଆକୃଷ୍ଟ କରିବା ଲାଗି ସରକାର ମଧ୍ୟାହ୍ନ ଭୋଜନ ଠାରୁ ଆରମ୍ଭ କରି ଛାତ୍ରୀଛାତ୍ରମାନଙ୍କୁ ପୋଷାକ ପତ୍ର, ସାଇକେଲ ସହିତ ପାଠ୍ୟ ଉପକରଣ ମାନ ଯୋଗାଇ ଦେଉଛନ୍ତି। ସରକାରଙ୍କ ସକଳ ଚେଷ୍ଟା ସତ୍ତ୍ୱେ ଯୋଜନାଗୁଡ଼ିକ ଅନେକ ସ୍କୁଲରେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଗୋପ ବ୍ଲକ ଅଧୀନ ବଡ଼ତରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗଡ଼ରୂପାସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୦୦ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ବି ବର୍ତ୍ତମାନ ଏହା ଶୋଚନୀୟ ହୋଇ ପଡ଼ିରହିଛି। ପ୍ରକାଶ ଯେ, ଏହି ସ୍କୁଲଟି ୧୯୧୮ମସିହାରେ ସ୍ଥାପିତ ହୋଇଥିବା ବେଳେ ଏହି ସ୍କୁଲରୁ ପାଠପଢ଼ିଥିବା ବହୁ ଛାତ୍ରୀଛାତ୍ର ରାଜ୍ୟ ଓ ରାଜ୍ୟ ବାହାରେ ବରିଷ୍ଠ ପଦ ପଦବୀରେ ନିଯୁକ୍ତି ପାଇଛନ୍ତି। ୨୦୧୨-୧୩ରୁ ଏହି ସ୍କୁଲକୁ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ୩ଲକ୍ଷ ଟଙ୍କା ଗୃହ ନିର୍ମାଣ ଲାଗି ଆସିଥିଲେ ମଧ୍ୟ ଜମିବାଡ଼ି ବିବାଦକୁ ନେଇ ଗୃହ ନିର୍ମାଣ ହୋଇପାରୁ ନ ଥିବା ସ୍କୁଲର ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ପତି କହିଛନ୍ତି। ଫଳରେ ଶ୍ରେଣୀଗୃହଗୁଡ଼ିକ ଭାଙ୍ଗିରୁଜି ଗଲାଣି। ପ୍ରଥମ ଶ୍ରେଣୀରେ ୨, ଦ୍ୱିତୀୟ ଶ୍ରେଣୀରେ ୧୪, ତୃତୀୟ ଶ୍ରେଣୀରେ ୧୦, ଚତୁର୍ଥରେ ୧୧, ପଞ୍ଚମରେ ୧୦, ଷଷ୍ଠରେ ୨୪ ଓ ସପ୍ତମ ଶ୍ରେଣୀରେ ୨୮ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏହି ଛାତ୍ରୀଛାତ୍ରମାନଙ୍କ ଲାଗି ବିଦ୍ୟାଳୟରେ ସୌଚାଳୟଟିଏ ନ ଥିବାବେଳେ ଆବଶ୍ୟକକ ଶିକ୍ଷୟିତ୍ରୀ ଶିକ୍ଷକ ନାହାନ୍ତି। ଅପରପକ୍ଷରେ ଏହି ୧୦୧ବର୍ଷର ସ୍କୁଲଟି ନାଗପୁର-ଜୁଣେଇ ରାସ୍ତା କଡ଼ରେ ଥିବାବେଳେ ଏହାର ପାଚେରି ନ ଥିବାରୁ କେତେବେଳେ ଯେ ଅଘଟଣ ଘଟିବ ତାହା କହିହେବ ନାହିଁ। ସ୍କୁଲର ପ୍ରଧାନଶିକ୍ଷକ ପତି କେବଳ ଜମିଜମା ଓ ଶିକ୍ଷା ବିଭାଗ ଉପରେ ଦୋଷ ଦେଉଥିବା ଭଳି ଅଭିଯୋଗ ଗ୍ରାମବାସୀଙ୍କ ପକ୍ଷରୁ ଜଣାପଡ଼ିଛି। ଏପରି ଅଭିଯୋଗ ସମ୍ପର୍କରେ ଗୋପ ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ରଙ୍କୁ ପଚାରିବାରେ ଏହି ଅଭିଯୋଗକୁ ଗୁରୁତର ସହ ନେଇ ଶିକ୍ଷା ବ୍ୟବସ୍ଥାଠୁ ଆରମ୍ଭ କରି ଆଉ ସମସ୍ତ ଅଭିଯୋଗ ଉପରେ ଦୃଷ୍ଟି ଦେବି ବୋଲି କହିଛନ୍ତି।

ଗୋପ ହାଟରେ ମନୋଜ ଶାଗ ବିକୁଛନ୍ତି।

ଚାଷକରି ପଢୁଛନ୍ତି ମନୋଜ

ଗୋପ, ୭।୨ (ଡି.ଏନ୍.ଏ.)

ବୟସ ମାତ୍ର ୧୯। ଏହି ବୟସର ପିଲାମାନେ ଖେଳକୁଦରେ ସମୟ ବିତାଉଥିବାବେଳେ ସେ କିନ୍ତୁ ଚାଷ କରି ସେଥିରୁ ଉପାର୍ଜିତ ଅର୍ଥରେ ପାଠ ପଢୁଛନ୍ତି। ଚାଷରୁ ଯାହା କିଛି ଉପାର୍ଜନ ହେଉଛି ସେଥିରେ ପରିବାରଲୋକଙ୍କ କଥା ବୁଝିବା ସହ ନିଜର ପାଠପଢ଼ା ଖର୍ଚ୍ଚ ମଧ୍ୟ ତୁଲାଉଛନ୍ତି ଗୋପ ବ୍ଲକ ଅଧୀନ ଗଣେଶ୍ୱରପୁର ନାଥସାହି ଗ୍ରାମର ମନୋଜ ନାଥ। ବାପା ମୁକୁନ୍ଦ ନାଥ ଜଣେ କବାଡ଼ିଆ ଭାବରେ ଦୀର୍ଘ ବର୍ଷ ଧରି ପରିବାର ଭରଣପୋଷଣ କରୁଥିବାବେଳେ ବାପାଙ୍କ ଅର୍ଥ ଉପରେ ନିର୍ଭର ନ କରି ନିଜ ବାଡ଼ିରେ ନିଜ ପରିଶ୍ରମରେ ଯାହା କିଛି ମିଳିବ ତାକୁ ନେଇ ପାଠପଢ଼ା ସହ ମୋ ଭବିଷ୍ୟତ ଗଢ଼ିବି ବୋଲି କୁହନ୍ତି ମନୋଜ।

୨୦୧୬ରେ ମନୋଜ ମାଟ୍ରିକ୍ ପାସ୍ କରିବା ପରେ କଲେଜରେ ପଢ଼ିବା ପାଇଁ ବାପାଙ୍କ ପାଖରେ ଆବଶ୍ୟକ ଅର୍ଥ ନ ଥିବାରୁ ସେ କଲେଜକୁ ଯାଇପାରି ନ ଥିଲେ। ତାଙ୍କର ସାଙ୍ଗ ସାଥୀ କଲେଜ ଯିବା ବେଳେ ମନୋଜଙ୍କ ପାଠପଢ଼ା ପ୍ରତି ଆଗ୍ରହ ଥିଲେ ମଧ୍ୟ ସେ ପଢ଼ି ପାରି ନ ଥିଲେ। ପରେ ନିଜର ପଢ଼ା ଖର୍ଚ୍ଚ ତୁଲାଇବା ପାଇଁ ନିଜେ ଚାଷ କରିବାକୁ ମନସ୍ଥ କରିଥିଲେ। ସାଙ୍ଗ ସାଥୀଙ୍କ ଠାରୁ ଟଙ୍କା ଧାର କରି ବିନ୍, ଝୁଡ଼ଙ୍ଗ, ବିଭିନ୍ନ ପ୍ରକାରର ସାଗ, ଭେଣ୍ଡି ସହିତ କଖାରୁ ଆଦି ପରିବା ଚାଷ ଆରମ୍ଭ କରିଥିଲେ। ପରିବାପତ୍ରକୁ ଗୋପ ବଜାରରେ ବିକ୍ରୟ କରି ସେହି ଅର୍ଥରେ ଗଣେଶ୍ୱରପୁର ସ୍ଥିତ ମୁକ୍ତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଇଟିଆଇରେ ନାମ ଲେଖାଇଥିଲେ। ବାପା, ବୋଉ ଓ ଗୋଟିଏ ଭଉଣୀକୁ ନେଇ ତାଙ୍କର ପରିବାର। ପରିବା ଚାଷରୁ ୭ହଜାର ଟଙ୍କା ନିଜ ବ୍ୟାଙ୍କ ଜମାଖାତାରେ ରଖିଛନ୍ତି। ଚାଷକୁ ଆପଣେଇ ନିଶ୍ଚିତ ଭାବରେ ମୋର ଭବଷ୍ୟିତ ଓ ଲକ୍ଷ୍ୟକୁ ପୂରଣ କରିବି ବୋଲି ମନୋଜ କହିଛନ୍ତି।

ରେଲୱେ ଷ୍ଟେଶନରେ ସିସିଟିଭି ଲଗାଇବାକୁ ଦାବି

ସାକ୍ଷୀଗୋପାଳ, ୭।୨ (ଡି.ଏନ୍.ଏ.)

ଚଳନ୍ତା ଟ୍ରେନରେ ଯାତ୍ରୀମାନେ ଲୁଟର ଶିକାର ହେଉଛନ୍ତି। ବିଶେଷକରି ମହିଳାମାନଙ୍କୁ ଠାରୁ ଲୁଟିନେଇ ଲୁଟେରାମାନେ ଖସି ପଳାଇବାକୁ ସକ୍ଷମ ହେଉଛନ୍ତି। ଟ୍ରେନ ବଗିରେ ଯାତ୍ରୀମାନଙ୍କ ଗତିବିଧିକୁ ଲକ୍ଷ୍ୟକରି ଲୁଟେରାମାନେ ଚତୁରତାର ସହିତ ଠିକ ଷ୍ଟେଶନରୁ ଟ୍ରେନ ଛାଡିବା ପରେ ସୁନାଚେନ, ଭ୍ୟାନିଟ୍ ଓ ମୋବାଇଲ ଫୋନ ଝାମ୍ପିନେବା ପରେ ଟ୍ରେନ ତଳକୁ ଡେଇଁ ପଳାଇଯାଉଥିବା ଜଣାପଡିଛି। ଡେଲାଙ୍ଗ ବିଶ୍ୱନାଥ ପାହାଡକୁ ବୁଲିବାକୁ ଯାଇଥିବା ପୁରୀ ବାଲିସାହିର ସ୍ୱାମୀସ୍ତ୍ରୀ ଦୁହେଁ ବୁଧବାର ସନ୍ଧ୍ୟାରେ ଗୁଣୁପୁର ପାସେଞ୍ଜର ଟ୍ରେନରେ ପୁରୀ ଫେରିବା ସମୟରେ ସାକ୍ଷୀଗୋପାଳ ରେଲୱେ ଷ୍ଟେଶନରେ ଲୁଟ୍‌ର ଶିକାର ହୋଇଛନ୍ତି। ମହିଳା ଜଣକ ଧରିଥିବା ଭ୍ୟାନିଟ ବ୍ୟାଗକୁ ହଠାତ ଜଣେ ଯୁବକ ଝାମ୍ପିନେଇ ଚଳନ୍ତା ଟ୍ରେନରୁ ତଳକୁ ଡେଇଁ ପ୍ଲାଟଫର୍ମରେ ଦୌଡିଦୌଡି ପଳାଇଥିଲେ। ଭ୍ୟାନିଟରେ ତାଙ୍କର ଗୋଟିଏ ଆଣ୍ଡ୍ରଏଡ ମୋବାଇଲ, କିଛିଟଙ୍କା ଓ କସ୍‌ମେଟିକ ସାମଗ୍ରୀ ରହିଥିଲା ବୋଲି ସେ କହିଛନ୍ତି। ସେହିପରି ଗତ ୪ ମାସତଳେ ପୁରୀରୁ ଉତ୍କଳ ଏକ୍ସପ୍ରେସ ଟ୍ରେନରେ ଦୁଇଜଣ ମା' ପୁଅ ଆସିବା ସମୟରେ ମା'ଙ୍କ ବେକରୁ ସୁନାଚେନ ଟାଣିନେଇ ଲୁଟେରା ଟ୍ରେନରୁ ଡେଇଁ ପଳାଉଥିବା ବେଳେ ଟ୍ରେନରେ ବସି ମୋବାଇଲ ଅପରେଟ କରୁଥିବା ଅନ୍ୟଜଣେ ଯୁବତୀଙ୍କ ଠାରୁ ଅନୁରୂପ ଭାବେ ମୋବାଇଲ ଛଡାଇ ନେଇଥିଲେ। ଏ ନେଇ ରେଲୱେ ପୋଲିସ ନିକଟରେ ଅଭିଯୋଗ କରାଯାଇଥିଲା। ଲୁଟେରାମାନଙ୍କୁ ଧରିବାକୁ ଟ୍ରେନରେ ସାଦା ପୋଷାକରେ ପୋଲିସ ମୁତୟନ କରାଯାଇ ପାଟ୍ରୋଲିଂ କରାଯାଉଛି ବୋଲି ସାକ୍ଷୀଗୋପାଳ ରେଲୱେ ଫାଣ୍ଡି ଅଧିକାରୀ ପ୍ରସନ୍ନ କୁମାର ପାତ୍ର କହିଛନ୍ତି। ନିଛାଟିଆ ରହୁଥିବା ସାକ୍ଷୀଗୋପାଳ ରେଳଷ୍ଟେଶନରେ ଚାଲିଥିବା ଅବାଧ ଲୁଟ ଓ ଆପତ୍ତିଜନକ କାର୍ଯ୍ୟକଳାପକୁ ରୋକିବା ନିମନ୍ତେ ଷ୍ଟେଶନରେ ସିସିଟିଭି କ୍ୟାମେରା ଲଗାଇବାକୁ ସ୍ଥାନୀୟ ନାଗରିକ ମଞ୍ଚ ପକ୍ଷରୁ ଲିଙ୍ଗରାଜ ସାହୁ ରେଳ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି।

ସାକ୍ଷୀଗୋପାଳ ରେଲ୍‌ୱେ ଷ୍ଟେଶନ।

ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣା, ୪ଗିରଫ

୫ ମୋବାଇଲ, ୩ ସୁନାଚେନ୍ ଜବତ

ବାଲିଅନ୍ତା,୭।୨ଡି.ଏନ୍.ଏ.)

ବାଲିଅନ୍ତା ଥାନା ପ୍ରତାପରୁଦ୍ରପୁରର ଜଣେ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ହୋଇଥିବା ଘଟଣାରେ ପୋଲିସ ଗୁରୁବାର ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ସଦର ଥାନା ଅଧୀନ କଳାପଡାର ଶୁଭାଂଶୁ ପରିଡା, ବାଲିଅନ୍ତା ଥାନା ଭିଙ୍ଗାରପୁର ଧୀରେନ୍ଦ୍ର ଜେନା, କଟକ ଲାଲବାଗ ଥାନାର ସାହାବାଜ ବଜାରର ମାନସ କୁମାର ଚନ୍ଦ୍ର। ଏମାନଙ୍କଠାରୁ ପୋଲିସ ୫ଟି ମୋବାଇଲ ଫୋନ, ୩ଟି ସୁନାଚେନ, ୧ଟି ସୁନାଲକେଟ, ନଗଦ ୧୩ହଜାର ୩୦୦ଟଙ୍କା ଓ ୪ଟି ବାଇକ୍ ଜବତ କରିଛି। ସୂଚନାଯୋଗ୍ୟ, ଫେବୃୟାରୀ ୨ତାରିଖରେ ନୂଆସାହି ଅଞ୍ଚଳର ଫାଇନାନ୍ସ କର୍ମଚାରୀ ପ୍ରକାଶ ଚନ୍ଦ୍ର ସ୍ୱାଇଁ ଟଙ୍କା ଆଦାୟ କରି ଗ୍ରାମକୁ ଫେରୁଥିବାବେଳେ ୨ଅଭିଯୁକ୍ତ ତାଙ୍କୁ ମାଡ଼ମାରି ୬୬ହଜାର ଟଙ୍କା ଲୁଟି ନେଇଯାଇଥିଲେ। ଏନେଇ ପ୍ରକାଶ ବାଲିଅନ୍ତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩୩/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ପୋଲିସ ବୁଧବାର ରାତିରେ ନହରକଣ୍ଟାର ଏକ ଭଡାଘରେ ଚଢ଼ାଉ କରି ଲୁଟରେ ସମ୍ପୃକ୍ତ ୨ଅଭିଯୁକ୍ତ ସମେତ ତାଙ୍କର ୨ସହଯୋଗୀଙ୍କୁ ଗିରଫ କରିଥିଲା। ଲୁଟ୍ ଟଙ୍କାକୁ ଅଭିଯୁକ୍ତମାନେ ଭାଗ ବାଣ୍ଟି ଖର୍ଚ୍ଚ କରିଦେଇଥିବାବେଳେ କେବଳ ଲୁଟ ବ୍ୟବହୃତ କଟୁରି, କାତି ଓ ସ୍ଟୁଡାଇଭରକୁ ଜବତ କରିଛି। ଏହି ଗ୍ୟାଙ୍ଗର ଶୁଭାଂଶୁ ମୁଖ୍ୟ ଥିବାବେଳେ ଏମାନଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଥିବା ବାଲିଅନ୍ତା ଥାନା ଆଇଆଇସି ମନୋଜ ସ୍ୱାଇଁ କହିଛନ୍ତି। ଏହି ଗ୍ୟାଙ୍ଗର ଆହୁରି ୨ଅଭିଯୁକ୍ତ ଫେରାର ଥିବା ଜଣାପଡିଛି।

■୫ଠରୁ ୩ ହସ୍ତଶିଳ୍ପ ଶିଳ୍ପୀଙ୍କୁ ମିଳୁଛି କଳାକାର ଭତ୍ତା

କାରିଗର ଭତ୍ତା ପାଇଁ ଦାବି କଲା ଓଡ଼ିଶା ଶିଳ୍ପୀ ମହାସଂଘ

ଭୁବନେଶ୍ୱର,୭।୨ (ବ୍ୟୁରୋ)

ପିଠା ଶିବିରରେ ରାଜ୍ୟର କଳାକାରଙ୍କୁ ଏକକାଳୀନ ଦୁଇମାସର ପେନ୍‌ସନ ୨୪୦୦ ଟଙ୍କା ମିଳିଛି। ହେଲେ ବାରମ୍ବାର ଦାବି ସତ୍ତ୍ୱେ ସାମାଜିକ ସୁରକ୍ଷା ଯୋଜନାରେ ରାଜ୍ୟର କାରିଗରଙ୍କୁ ଏହି ସୁବିଧା ମିଳୁନି। ଅନ୍ୟପକ୍ଷରେ କଳାକାରଙ୍କ ତାଲିକାରେ ପଟଚିତ୍ର, ତାଳପତ୍ର ଓ ପଥର ଖୋଦେଇ କାରିଗରଙ୍କୁ ରାଜ୍ୟ ସଂସ୍କୃତି ବିଭାଗ ସାମିଲ କରି ମାସିକ ୧୨୦୦ ଟଙ୍କା ଭତ୍ତା ପ୍ରଦାନ କରିଛି। ଏହାଦ୍ୱାରା ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୫୦ ପ୍ରକାର ହସ୍ତଶିଳ୍ପ ମଧ୍ୟରୁ ବଳକା ହସ୍ତଶିଳ୍ପ କାରିଗର ଏହି ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ରାଜ୍ୟର ସମସ୍ତ ହସ୍ତକଳା ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନରେ ଆସୁଥିବା ବେଳେ ମାତ୍ର ୩ ବିଭାଗର ଶିଳ୍ପୀଙ୍କୁ ମାସିକ ଆର୍ଥିକ ସହାୟତା ମିଳୁଥିବାରୁ ବାଦ ପଡ଼ିଥିବା ହସ୍ତଶିଳ୍ପୀଙ୍କ ଅସନ୍ତୋଷ ପ୍ରକାଶ ପାଇଛି।

ରାଜ୍ୟର ଶହେରୁ ଊର୍ଦ୍ଧ୍ୱ ବିଶିଷ୍ଟ ଶିଳ୍ପୀଙ୍କୁ ଶିଳ୍ପୀଗୁରୁ, ଜାତୀୟ ପୁରସ୍କାର, ରାଜ୍ୟ ପୁରସ୍କାର ଓ ଲଳିତ କଳା ଏକାଡେମୀ ପୁରସ୍କାର ମିଳିଥିବା ବେଳେ ହସ୍ତତନ୍ତ କ୍ଷେତ୍ରରେ ସନ୍ଥ କବୀର ଭଳି ଜାତୀୟ ପୁରସ୍କାର ପାଇଥିବା ୩୦ରୁ ଊର୍ଦ୍ଧ୍ୱ ବୁଣାକାର ରହିଛନ୍ତି। ରାଜ୍ୟରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ କାରିଗର ରହିଛନ୍ତି, ଯେଉଁମାନଙ୍କୁ ଆଜି ରାଜ୍ୟ ସରକାର ଭୁଲିଯାଇଥିବା ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ବରିଷ୍ଠ ଶିଳ୍ପୀ ଭାସ୍କର ମହାରଣା କହିଛନ୍ତି। କଳାକାରଙ୍କ ଭଳି ୪୦ବର୍ଷର ମହିଳା ଏବଂ ୫୦ବର୍ଷର ପୁରୁଷ ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ମାସିକ ୧୫୦୦ ଟଙ୍କା ସହାୟତା ପ୍ରଦାନ କରିବାକୁ ମହାସଂଘ ଦାବି କରିଛି।

ବିପର୍ଯ୍ୟୟ ପ୍ରଶମନ ତାଲିମ ଶିବିର ଉଦ୍‌ଯାପିତ

କଣାସ, ୭।୨ (ସ୍ୱ.ପ୍ର.)

କଣାସ ବ୍ଲକରେ ବୁଧବାର ଓ ଗୁରୁବାର ଦୁଇ ଦିନ ଧରି ଚାଲିଥିବା ବିପର୍ଯ୍ୟୟ ପ୍ରଶମନ ଓ ଅନ୍ତର୍ନିବେଶୀ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ସମ୍ପର୍କୀୟ ପଞ୍ଚାୟତ ପ୍ରତିନିଧିଙ୍କ ଦକ୍ଷତା ବିକାଶ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। କଣାସ ବ୍ଲକ ନିକଟବର୍ତ୍ତୀ କଣାସ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱେଚ୍ଛାସେବୀ ସଂଗଠନ ସୋଲାର ଓ କଣାସ ପଞ୍ଚାୟତସମିତି ସହଯୋଗରେ ଅକ୍ସଫୋମା ଇଣ୍ଡିଆ ସହାୟତାରେ ଏହି ଶିବିର ଅୟୋଜିତ ହୋଇଥିଲା। ପଞ୍ଚାୟତସମିତି ଅଧ୍ୟକ୍ଷ ରମେଶ ଚନ୍ଦ୍ର ସେଠୀ ଓ ବିଡିଓ ପ୍ରତିଭା ସାହୁ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ସୋଲାରର ସଂଯୋଜକ ଚିତ୍ତରଞ୍ଜନ ପରିଡା ସ୍ୱାଗତ ଭାଷଣ ଦେଇଥିଲେ। ସୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାସ ଯୋଗଦେଇ ତାଲିମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସୂଚନାଦେବା ସହ ଏହି ତାଲିମର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ସେଠୀ ବିକାଶ ଯୋଜନାରେ ବିପର୍ଯ୍ୟୟ ପ୍ରଶମନକୁ ଗୁରୁତ୍ୱ ଦେବାସହ ତାଲିମ ଶିବିର ଆୟୋଜନ କରିଥିବା ସୋଲାର ଅନୁଷ୍ଠାନକୁ ସାଧୁବାଦ ଜଣାଇଥିଲେ। ବିଡିଓ ସାହୁ କଣାସ ଭଳି ବନ୍ୟା ପ୍ଲାବିତ ଅଞ୍ଚଳରେ ଏହି ତାଲିମଙ୍କର ଜରୁରୀ ଆବଶ୍ୟକତା ଥିବା ସୂଚନାଦେବାସହ ବ୍ଲକ ପ୍ରଶାସନ ସମସ୍ତ ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବ୍ଲକ ଅତିରିକ୍ତ ବିଡିଓ ମଙ୍ଗଳସିଂ ହେମ୍ବ୍ରମ୍ ପଲ୍ଲିସଭା ଓ ଗ୍ରାମସଭାରେ ପଞ୍ଚାୟତ ପ୍ରତିନିଧିଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତାପ ଚନ୍ଦ୍ର ନାୟକ, ଆକାଉଣ୍ଟ୍ସ ଅଧିକାରୀ ଯୋଗଦେଇ ପଞ୍ଚାୟତର ଆର୍ଥିକ ପରିଚାଳନା ଓ ଅର୍ଥକମିଶନ ବିଷୟରେ ରେକର୍ଡପତ୍ର ସମ୍ବନ୍ଧୀୟ ତାଲିମ ପ୍ରଦାନ କରିଥିଲେ। ଏହି ତାଲିମ ଶିବିରରେ ୫୦ଜଣ ଗ୍ରାମପଞ୍ଚାୟତ ଅଧିକାରୀ ଯୋଗଦେଇଥିଲେ। ଉଭୟ କାର୍ଯ୍ୟକ୍ରମକୁ ସୋଲାର ଅନୁଷ୍ଠାନର କର୍ମଚାରୀ ପ୍ରେମାନନ୍ଦ ସାମନ୍ତରାୟ, ଶଶିଭୂଷଣ ବିଶ୍ୱାଳ, ବିଜୟଲକ୍ଷ୍ମୀ ସାହୁ ପରିଚାଳନା କରିଥିଲେ।